ମେହେର ଆଲୋକ

ଅଭ୍ୟୁଦୟ ସାହିତ୍ୟ ସମାଜ

http://oaob.nitrkl.ac.in

ଅଭ୍ୟୁଦୟ ସାହିତ୍ୟ ସମାଜର ବିଶିଷ୍ଟ ଅବଦାନ

ମେଦେହର ଆଲୋକ

(ଗଙ୍ଗାଧର ଶତବାର୍ଷିକୀ ଜୟନ୍ତୀ ଉପଲକ୍ଷେ)

—ସମ୍ପାଦନା—

ଅଧ୍ୟାପକ ଶ୍ରୀ ପଠାଣି ପଟ୍ଟନାୟକ ଏମ୍. ଏ.

ଅଧ୍ୟାପକ ଶ୍ରୀ ଭୋଳାନାଥ ରାଉତ ଏମ୍. ଏ.

ଅଭ୍ୟୁଦୟ ସାହିତ୍ୟ ସମାଜ

ବାହୁସା ପାଟଣା, କଟକ—୧

http://oaob.nitrkl.ac.in

ପ୍ରଥମ ମୁଦ୍ରଣ—୧୯୭୩

ପ୍ରକାଶ କାଳ—୫, ଅଗଷ୍ଟ, ୧୯୭୩—ଶ୍ରାବଣପୂର୍ଣ୍ଣିମା

ପ୍ରକାଶକ—ଅଭ୍ୟୁଦୟ ସାହିତ୍ୟ ସମାଜ
ବକ୍ସିବଜାର, କଟକ—୧

ପ୍ରାପ୍ତିସ୍ଥାନ—ପ୍ରଗତି ପବ୍ଲିଶର୍ସ
ବାଙ୍କା ବଜାର
କଟକ—୨

ମୁଦ୍ରଣ—ତ୍ରିବେଣୀ ପ୍ରେସ୍
ମୁଛାହାଟ, କଟକ—୧

ମୂଲ୍ୟ—ତିନଟଙ୍କା ମାତ୍ର

http://oaob.nitrkl.ac.in

ଭକ୍ତ—ଅର୍ଘ୍ୟ

ଆଧୁନିକ ଓଡ଼ିଆ ସାହିତ୍ୟରେ ଗଙ୍ଗାଧର ଚିରସ୍ମରଣୀୟ । ଅମର କବିଙ୍କର ଶତବାର୍ଷିକୀ ଉତ୍ସବ ପାଳନ ତାହାର ଏକ ଉଜ୍ଜ୍ୱଳ ସ୍ୱାକ୍ଷର । ତତ୍‌କାଳୀନ କୌଣସି ଓଡ଼ିଆ କବିଙ୍କ ଭାଗ୍ୟରେ ଜାତିଠାରୁ ଏପରି ପୂଜାଗ୍ରହଣ କରିବାର ସୌଭାଗ୍ୟ ଘଟି ନଥିଲା । ଗଙ୍ଗାଧରଙ୍କ ପୂଜା କରି ଓଡ଼ିଆ ସମାଜ ଆତ୍ମ ସଚେତନ ହୋଇଥିବାର ପ୍ରମାଣ ମିଳିଲା । ପୂଜ୍ୟପୂଜାରେ ମାନ୍ୟବ୍ୟକ୍ତିଙ୍କର ସମ୍ମାନ ବୃଦ୍ଧି ହୁଏ ନାହିଁ, ଜାତି ଆପେ ଆପେ ସମ୍ମାନିତ ହୁଏ; ଶତବାର୍ଷିକୀ ଉତ୍ସବକୁ ଦୀର୍ଘ ଏକବର୍ଷ କାଳ ଓଡ଼ିଶାର ସବୁଶ୍ରେଣୀର ଜନସାଧାରଣ ଯେପରି ନିର୍ମଳ ଚିତ୍ତରେ ଅପୂର୍ବ ଉତ୍ସାହର ସହିତ ପ୍ରତିପାଳନ କରିଆସିଅଛନ୍ତି, ସେହିପରି ଉଦାହରଣ ଅତୀତରେ ଦୁର୍ଲଭ କହିଲେ ଚଳେ । ଏହା ଫଳରେ ଜାତୀୟ ଜୀବନର ସାଂସ୍କୃତିକ ଅଭ୍ୟୁଦୟ ସୂଚନା ଲକ୍ଷ୍ୟ କରିବାର କଥା । ଆତ୍ମ ବିଶ୍ୱାସ ଏବଂ ଆତ୍ମସମ୍ମାନ ସଚେତନ ଜାତି କେବଳ ସାଂସ୍କୃତିକ ପ୍ରବାହ ମଧ୍ୟରେ ପ୍ରଗତିର ମୁକ୍ତାରେଣୁ ସଂଗ୍ରହ କରିପାରେ ।

ଗଙ୍ଗାଧର ଜଣେ କ୍ଷଣଜନ୍ମା ଯୁଗପୁରୁଷ । ସେହି ବୀରପୁରୁଷଙ୍କର ସାହିତ୍ୟିକ କୃତିର ସମ୍ୟକ ଆଲୋଚନା କରି ଅଭ୍ୟୁଦୟ ସାହିତ୍ୟ ସମାଜ ଗୌରବାନ୍ୱିତ ହୋଇଅଛି । ଗଙ୍ଗାଜଳରେ ଗଙ୍ଗାଦେବୀଙ୍କୁ ତର୍ପଣ କଲପରି 'ମେହେର-ଆଲୋକ'ର ପ୍ରକାଶରେ ମେହେର କବିଙ୍କର ଅର୍ଚ୍ଚନା ଅତ୍ୟନ୍ତ ସଙ୍ଗତ ମନେହୁଏ । ଯେଉଁ ଲେଖକ ବନ୍ଧୁଗଣ ଏହି ଭକ୍ତ-ଅର୍ଘ୍ୟ ଆୟୋଜନ କରିବାରେ ସହଯୋଗ କରି ଅଛନ୍ତି, ସେମାନେ ସାହିତ୍ୟ ସମାଜର ଧନ୍ୟବାଦର ପାତ୍ର । ଏହି

http://oaob.nitrkl.ac.in

ସୁଯୋଗରେ ଭାରତର କେନ୍ଦ୍ର ମନ୍ତ୍ରୀମଣ୍ଡଳର ଅନ୍ୟତମ ସଭ୍ୟ ଶ୍ରୀଯୁକ୍ତ ନିତ୍ୟାନନ୍ଦ କାନୁନଗୋ, ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଶ୍ରୀ ଭବାନୀ ପଟ୍ଟନାୟକ ଏମ୍ ପି ଏବଂ ଅଧ୍ୟାପକ ଦେବେନ୍ଦ୍ର ମହାନ୍ତିଙ୍କୁ ଆମ୍ଭେମାନେ ଅତ୍ୟନ୍ତ ଶ୍ରଦ୍ଧାର ସହିତ ସ୍ମରଣ କରୁଛୁ । ସେମାନଙ୍କର ସାହାଯ୍ୟ ସହାନୁଭୂତି ବ୍ୟତିରେକେ ଏହି ଆଲୋଚନା ଗ୍ରନ୍ଥ ଏତେ ଶୀଘ୍ର ଆଲୋକକୁ ଆସିବା ସମ୍ଭବ ହୋଇନଥାନ୍ତା ।

ସତ୍ୟ, ଶିବ, ସୁନ୍ଦରର ଜୟ ହେଉ ।

ଶ୍ରୀ ପଠାଣି ପଟ୍ଟନାୟକ

ସଭାପତି—ଅଭ୍ୟୁଦୟ ସାହିତ୍ୟ ସମାଜ

୫ । ୮ । ୬୩

http://oaob.nitrkl.ac.in

ସୂଚୀ

ବିଷୟ ପୃଷ୍ଠା

୧ । ଗଙ୍ଗାଧର ସାହିତ୍ୟର ଐତିହାସିକ ପୃଷ୍ଠଭୂମି,
ଶ୍ରୀ ଭୋଲାନାଥ ରାଉତ, ଏମ୍. ଏ. ୧

୨ । ସଂସ୍କୃତ ସାହିତ୍ୟର ପରିବେଶରେ କବି ଗଙ୍ଗାଧର,
ଶ୍ରୀ ନଗେନ୍ଦ୍ରନାଥ ପ୍ରଧାନ, ଏମ୍. ଏ. ୨୬

୩ । ରାଧାନାଥ ଓ ଗଙ୍ଗାଧର,
ଶ୍ରୀ ଚିନ୍ତାମଣି ବେହେରା, ଏମ୍. ଏ. ୬୪

୪ । ଓଡ଼ିଆ ସାହିତ୍ୟରୁ ଗଙ୍ଗାଧରଙ୍କ ପ୍ରେରଣା,
ଶ୍ରୀ ନବକିଶୋର ମୂର୍ତ୍ତି, ଏମ୍. ଏ. ୮୨

୫ । ମେହେରଙ୍କ ସାହିତ୍ୟରେ ସ୍ୱାଭାବିକତା,
ଶ୍ରୀ ରବୀନ୍ଦ୍ରକୁମାର ପ୍ରହରାଜ, ଏମ୍. ଏ. ୯୪

୬ । ସାହିତ୍ୟିକ ଗଙ୍ଗାଧର, ଶ୍ରୀ ପୂର୍ଣ୍ଣଚନ୍ଦ୍ର କର, ଏମ୍. ଏ. ୧୦୪

୭ । ଗଙ୍ଗାଧରଙ୍କ ଗଦ୍ୟ ଓ ପଦ୍ୟ ସାହିତ୍ୟ,
ଶ୍ରୀ ବ୍ରହ୍ମାନନ୍ଦ ସିଂହ, ଏମ୍. ଏ. ୧୧୯

୮ । ରୀତିକବି ଗଙ୍ଗାଧର, ଶ୍ରୀ ବ୍ରହ୍ମାନନ୍ଦ ଦାସ, ଏମ୍. ଏ. ୧୩୬

http://oaob.nitrkl.ac.in

ସୁଯୋଗରେ ଭାରତର କେନ୍ଦ୍ର ମନ୍ତ୍ରୀମଣ୍ଡଳର ଅନ୍ୟତମ ସଭ୍ୟ ଶ୍ରୀଯୁକ୍ତ ନିତ୍ୟାନନ୍ଦ କାନୁନଗୋ, ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଶ୍ରୀ ଭବାନୀ ପଟ୍ଟନାୟକ ଏମ୍ ପି, ଏବଂ ଅଧ୍ୟାପକ ଦେବେନ୍ଦ୍ର ମହାନ୍ତିଙ୍କୁ ଆମ୍ଭେମାନେ ଅତ୍ୟନ୍ତ ଶ୍ରଦ୍ଧାର ସହିତ ସ୍ମରଣ କରୁଛୁ । ସେମାନଙ୍କର ସାହାଯ୍ୟ ସହାନୁଭୂତି ବ୍ୟତିରେକେ ଏହି ଆଲୋଚନା ଗ୍ରନ୍ଥ ଏତେ ଶୀଘ୍ର ଆଲୋକକୁ ଆସିବା ସମ୍ଭବ ହୋଇନଥାନ୍ତା ।

ସତ୍ୟ, ଶିବ, ସୁନ୍ଦରର ଜୟ ହେଉ ।

ଶ୍ରୀ ପଠାଣି ପଟ୍ଟନାୟକ

ସଭାପତି—ଅଭ୍ୟୁଦୟ ସାହିତ୍ୟ ସମାଜ

୫ । ୮ । ୬୩

http://oaob.nitrkl.ac.in

ଗଙ୍ଗାଧର ସାହିତ୍ୟର ଐତିହାସିକ ପୃଷ୍ଠଭୂମି

ଶ୍ରୀ ଭୋଳାନାଥ ରାଉତ

ଗଙ୍ଗାଧରଙ୍କ ଆବିର୍ଭାବ ସମୟରେ ସାହିତ୍ୟିକ ପାଣିପାଗ ଓ ଇଂରେଜୀଶିକ୍ଷାର ପ୍ରସାର:—

ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶାର ଜାତୀୟ ଜୀବନ ଇଂରେଜମାନଙ୍କ ଆକ୍ରମଣ, ଦେଶବ୍ୟାପି ବିଦ୍ରୋହ, ସର୍ବୋପରି ଦୈବୀଦୁର୍ବିପାକ ଦ୍ୱାରା ବିକଳାଙ୍ଗ ତଥା ଅସ୍ଥିସାର ଶୂନ୍ୟ ହୋଇପଡିଥିଲା । ଇଂରେଜ ଶାସନର ପ୍ରାରମ୍ଭରେ ଏହିଭଳି ଏକ ଝଡ଼ଝଞ୍ଜାରେ ଯେତେବେଳେ ଓଡ଼ିଶାର ଜନସାଧାରଣ ଅସ୍ଥିର ଏବଂ ବିଚଳିତ ସେତେବେଳେ ଶାସକଗୋଷ୍ଠୀ ସାହିତ୍ୟ, ସଂସ୍କୃତିପ୍ରତି ବା ଆକୃଷ୍ଟ ହୁଅନ୍ତେ କିପରି ? ଇଂରେଜମାନେ ଭାରତ ଆକ୍ରମଣ କରି କେବଳ ଯେ ସୁଦୃଢ଼ ଶାସନ ପାଇଁ ଯତ୍ନ କରିଥିଲେ ତାହାନୁହେଁ, ନିଜର ଶିକ୍ଷା, ସଂସ୍କୃତି ତଥା କୃଷ୍ଟିର ପ୍ରସାର ପାଇଁ ବ୍ୟଗ୍ର ହୋଇଥିଲେ । ତା ନ ହୋଇଥିଲେ ଦେଶସାରା ସିପାହୀ ବିଦ୍ରୋହରେ ଶାସକ ଗୋଷ୍ଠୀର ମାନସିକ ସ୍ଥିରତା ନ ଥିବାବେଳେ ୧୮୫୭ରେ କଲିକତା, ବମ୍ବେ ଓ ମାନ୍ଦ୍ରାଜରେ ବିଶ୍ୱବିଦ୍ୟାଳୟ ସ୍ଥାପିତ ବା ହୋଇଥାନ୍ତା କିପରି ? ଅଳ୍ପେ ବହୁତେ ପାଶ୍ଚାତ୍ୟ ଶିକ୍ଷା ସଂସ୍କୃତିଦ୍ୱାରା ଅନ୍ୟ ପ୍ରଦେଶର ଲୋକେ ପ୍ରଭାବିତ ହେଲାବେଳେ ଓଡ଼ିଶାର ଜାତୀୟ ଜୀବନକୁ ଏ ବିଜାତୀୟ ଭାବଧାରା ଶୀଘ୍ର ସ୍ପର୍ଶ କରି ପାରି ନଥିଲା । ଓଡ଼ିଶାରେ ଇଂରେଜ ଶାସନ ପର୍ଯ୍ୟନ୍ତ କୌଣସି ବିଦେଶୀ ଶାସକ ନିଜର ସଂସ୍କୃତି ଓ ସଭ୍ୟତା ଯୋଗ,

http://oaob.nitrkl.ac.in

ଯବର ଦସ୍ତି ଏ ଦେଶରେ ପ୍ରଚଳନ କରିବାକୁ ସଫଳ ହୋଇ ନ ଥିଲେ । ବଙ୍ଗ ଓ ପୂ ଶିକ୍ଷାପ୍ରାପ୍ତ ଲୋକେ ଏଥିତ ପରାଙ୍ମୁଖ ଥିଲେ ଯେ ଫଳତଃ ୧୮୭୦ ପର୍ଯ୍ୟନ୍ତ ଓଡ଼ିଶାରେ ଇଂରେଜୀ ଶିକ୍ଷା ବିସ୍ତାର ଅଣନୁରୂପ ଫଳ ଦେଖାଇ ପାରି ନ ଥିଲା । ୧୮୨୨ ସାଲରୁ ମିସନାରୀ ମାନଙ୍କ ଦ୍ୱାରା ଆଧୁନିକ ଶିକ୍ଷାର ମୂଳଦୁଆ ସ୍ଥାପନ କରା ହୋଇଥିଲା ଶୁଦ୍ଧା ୧୮୪୪ ସାଲ ପର୍ଯ୍ୟନ୍ତ ସରକାର ବ୍ୟାପକ ଉଦ୍ୟମ କରି ପାରି ନ ଥିଲେ ।

୧୮୪୫ ରେ ଲର୍ଡହାର୍ଡିଞ୍ଜଙ୍କ ଅନୁମୋଦନକ୍ରମେ ଏବଂ ସରକାରଙ୍କ ଆଦେଶ ଦ୍ୱାରା ୮ଟି ସ୍କୁଲ ପ୍ରତିଷ୍ଠିତ ହୋଇଥିଲା । ଏହା ପରରୁ ଅବଶ୍ୟ କମ୍ପାନୀ ସରକାରର ପୁରୀ ଇଂରାଜୀ ସ୍କୁଲ ଏବଂ ମିସନାରୀ ମାନଙ୍କ ଦ୍ୱାରା ପ୍ରତିଷ୍ଠିତ କଟକ ଇଂରାଜୀ ସ୍କୁଲକୁ ସରକାରୀ ପରି-ଚାଳନାରେ ରଖିଥିଲେ । ଏପରିକି ୧୮୪୮ ସାଲ ତା ୨୯ ରିଖରେ ଓଡ଼ିଶାର କମିଶନର ଗୋଲ୍ଡସବରୀ ଓଡ଼ିଶାର ଶିକ୍ଷା ପ୍ରସାର ସମ୍ପର୍କରେ ଯେଉଁ ମନ୍ତବ୍ୟଟି ପ୍ରକାଶ କରିଥିଲେ ତହିଁରୁ ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ଏଠାରେ କିପରି ଘଟିଥିଲା ତାହା ସ୍ପଷ୍ଟ ଅନୁମାନ କରିହୁଏ । ସେ ତାଙ୍କ ମନ୍ତବ୍ୟରେ ଦୁଃଖ ପ୍ରକାଶ କରି କହିଥିଲେ ଯେ ଆଧୁନିକ ଶିକ୍ଷାର ମୂଲ୍ୟ ଅବଧାରଣରେ ଲୋକ-ମାନଙ୍କର ଅକ୍ଷମତାଯୋଗୁ ଲୋକଙ୍କର ସରକାରୀ କାର୍ଯ୍ୟ ପ୍ରାପ୍ତିର ସୌଭାଗ୍ୟ ସହଜରେ ମିଳି ପାରିବ ନାହିଁ । ଠିକ୍ ଗୋଲ୍ଡସବରୀଙ୍କ ପରି ୧୮୭୧-୭୨ ସାଲରେ ବଙ୍ଗଳା ଦକ୍ଷିଣ-ପଶ୍ଚିମ ବିଭାଗର-ସ୍କୁଲ ଇନସପେକ୍ଟର ଡ଼କ୍ଟର ଇରୋର ଓଡ଼ିଶାର ଶିକ୍ଷା ସମ୍ପର୍କରେ ନିମ୍ନଲିଖିତ ମତଟି ଗୋଟିଏ ମନ୍ତବ୍ୟ ପ୍ରଦାନ କରିଥିଲେ ।

http://oaob.nitrkl.ac.in

"It is to be regretted that no new educational operations can be carried out, for Orissa is at a great disadvantage compared with other districts" etc.

ଅବଶ୍ୟ ପରେ ପରେ ଏହି ଶିକ୍ଷା ଦ୍ୱାରା ଏକ ମଧ୍ୟବିତ୍ତ ଗୋଷ୍ଠୀ ସୃଷ୍ଟି ହେଲେ ଏବଂ ଶିକ୍ଷାର ପ୍ରସାର କ୍ରମଶଃ ବୃଦ୍ଧି ପ୍ରାପ୍ତ ହେଲା । ଓଡ଼ିଶାର ଜନସାଧାରଣଙ୍କର ଇଂରେଜୀ ଶିକ୍ଷା ପ୍ରତି ବିଶେଷ ଆଗ୍ରହ ନ ଥିଲା ବେଳେ ତତ୍କାଳୀନ ଇଂରେଜ ସରକାରଙ୍କ ବଙ୍ଗାଳୀ କର୍ମଚାରୀ ଗୋଷ୍ଠୀ ସରକାରଙ୍କୁ ଓଡ଼ିଶାରେ ଶିକ୍ଷାପ୍ରସାର ପାଇଁ ଅର୍ଥବ୍ୟୟ କରିବାକୁ ଉତ୍ସାହିତ କରି ନ ଥିଲେ । କିନ୍ତୁ "୧୮୭୦ ସାଲ ପରେ ଶାସକଗୋଷ୍ଠୀଙ୍କ ଶାସନ ନୀତି ବଦଳି ଯିବାରୁ ଓଡ଼ିଶାରେ ବହୁସଂଖ୍ୟାରେ ବିଦ୍ୟାଳୟ ସ୍ଥାପିତ ହେଲା"। ୧୮୭୦ ବେଳକୁ ସମଗ୍ର ଦେଶରେ ଏଫ୍,ଏ ଶ୍ରେଣୀ, ଲ କ୍ଲାସ, ଗୁରୁଟ୍ରେନିଂ କ୍ଲାସ, ୩ଟି ହାଇସ୍କୁଲ, ୧୭ଟି ମଧ୍ୟଇଂରାଜୀ ସ୍କୁଲ, ୧୧୩ଟି ଭର୍ଣ୍ଣାକୁଲାର ସ୍କୁଲ ଥିବା ବେଳେ ୧୮୯୪ ବେଳକୁ ଏହାର ଏକ ସନ୍ତୋଷଜନକ ପରିସ୍ଥିତି ସୃଷ୍ଟି ହୋଇ ପାରିଥିଲା । ଶିକ୍ଷା ସାହିତ୍ୟ ସୃଷ୍ଟିର ଏକ ପ୍ରଧାନ ସହାୟକ ହୋଇ ଥିବାରୁ ଏ ସମୟ ମଧ୍ୟରେ ସାହିତ୍ୟର ବିକାଶ କିମ୍ବା ପ୍ରସାର ସମ୍ଭବ ହୋଇ ପାରି ନ ଥିଲା । ପାଶ୍ଚାତ୍ୟ ସାହିତ୍ୟର ଛାଞ୍ଚରେ ନିଜ ସାହିତ୍ୟ ରଚନା କରିବାକୁ ତତ୍କାଳୀନ ସାହିତ୍ୟିକ ଗୋଷ୍ଠୀ ସକ୍ଷମ ହୋଇପାରି ନ ଥିଲେ । ଅନ୍ୟପକ୍ଷରେ ମଧ୍ୟଯୁଗୀୟ କାବ୍ୟ ସାହିତ୍ୟର ପରମ୍ପରାକୁ ରକ୍ଷା କରି ସାହିତ୍ୟ ଚର୍ଚ୍ଚା କରିବାକୁ ପୃଷ୍ଠପୋଷକତାର ଅଭାବ

http://oaob.nitrkl.ac.in

ଅନୁଭୂତ ହେଲା, ଏବଂ ନିଜର ଶକ୍ତିଂଅପ୍ତ କର ମୌଳିକ ସାହିତ୍ୟ ସୃଷ୍ଟି କରିବାକୁ ପରିବେଶ ମଧ୍ୟ ଅତ୍ୟନ୍ତ ଅନୁକୂଳ ନ ଥିଲା ।

ପାଠ୍ୟ ପୁସ୍ତକ ରଚନା ଓ ବଙ୍ଗାଳୀ ଓଡ଼ିଆ ସଂଘର୍ଷ:—

ଇଂରେଜ ରାଜତ୍ୱର ପ୍ରଥମ ପର୍ଯ୍ୟାୟରେ ବଙ୍ଗାଳୀ କର୍ମଚାରୀ ମାନଙ୍କ ସାହାଯ୍ୟରେ ଓଡ଼ିଶା ପ୍ରଦେଶ ଶାସନ କରା ଯାଉଥିଲା । ଏହି ବଙ୍ଗାଳୀ କର୍ମଚାରୀ ମାନେ ଓଡ଼ିଶାରେ ସରକାରୀ କାଗଜପତ୍ରରେ ବଙ୍ଗଳାଭାଷା ପ୍ରବର୍ତ୍ତନ କରିବାର ଉଦ୍ୟମ କରିଥିଲେ । ସେତେବେଳେ ସ୍କୁଲ କଲେଜ ସବୁଠାରେ ବସ୍ତୁତଃ ବଙ୍ଗାଳୀ ଶିକ୍ଷକ ଶିକ୍ଷକତା କରୁଥିଲେ । ଏପରିକି ୧୯୧୨ ପର୍ଯ୍ୟନ୍ତ ଅଧିକାଂଶ ଶିକ୍ଷାନୁଷ୍ଠାନରେ ବଙ୍ଗାଳୀ ଶିକ୍ଷକଙ୍କ ସଂଖ୍ୟା ଗରିଷ୍ଠତା ପରିଦୃଷ୍ଟ ହେଉଥିଲା । ଓଡ଼ିଆ ମାନଙ୍କୁ ବଙ୍ଗଳା ଜରିଆରେ ଓଡ଼ିଆ ଶିଖିବାକୁ ପଡ଼ୁଥିଲା । କଚେରୀ ଭାଷା ବଙ୍ଗଳା କରିବା ପାଇଁ ସେତେବେଳକାର ବଙ୍ଗାଳୀକର୍ମଚାରୀମାନେ ମଧ୍ୟ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ଆନ୍ଦୋଳନ କରିଥିଲେ । ତତ୍‌କାଳୀନ ଶିକ୍ଷାନୁଷ୍ଠାନରେ ଯେଉଁ ପାଠ୍ୟ ପୁସ୍ତକ ଗୁଡ଼ିକ ପ୍ରଚଳନ ହେଉଥିଲା, ସେ ଗୁଡ଼ିକ ସହିତ ପୁରାତନ ପାଠ୍ୟପୁସ୍ତକର କୌଣସି ସମ୍ପର୍କ ନଥିଲା । ଏପରିକି ଚାଟଶାଳୀ ମାନଙ୍କରେ ଯେଉଁ ପଦ୍ୟ ସାହିତ୍ୟ କେଶବ କୋଇଲି, ଗୋପୀଭାଷା, ମଥୁରାମଙ୍ଗଳ ପ୍ରଭୃତି ପଢ଼ା ହେଉଥିଲା ତାହାକୁ ବର୍ଜନ କରାଗଲା । ତେଣୁ ଯେଉଁମାନେ ଏହି ଶିକ୍ଷାନୁଷ୍ଠାନ ଗୁଡ଼ିକରୁ ଅଧ୍ୟୟନ କରି ଫେରୁଥିଲେ ସେମାନେ ଜାତୀୟସାହିତ୍ୟ ଏବଂ ସଂସ୍କୃତି ଠାରୁ

http://oaob.nitrkl.ac.in

ଦୂଇନରେ ରହି ଯାଉଥିଲେ । ଯେତେବେଳେ ଯେଉଁ ସାହିତ୍ୟ ପଢ଼ା ଯାଉଥିଲା ତାହା ମୁଖ୍ୟତଃ ଅନୁବାଦ ସାହିତ୍ୟ ଥିଲା ! ମିସନାରୀ ମାନେ ପ୍ରଥମେ ବଙ୍ଗଳା ପଢି ପରେ ଓଡ଼ିଆ ପଢିଥିବାରୁ ଏବଂ ଓଡ଼ିଆଭାଷାରେ ସମ୍ୟକ ଜ୍ଞାନ ଲାଭ କରି ନଥିବାରୁ, ପ୍ରଥମେ ବଙ୍ଗଳାରେ ପାଠ୍ୟ ପୁସ୍ତକ ରଚନା କରି ପରେ ବଙ୍ଗଳା ପୁସ୍ତକ ଗୁଡିକ ଓଡ଼ିଆରେ ଅନୁବାଦ କରିବାଦ୍ୱାରା ତାହା ଏକ କିମ୍ଭୂତ କିମାକାର ରୂପ ଧାରଣ କଲା, ଯାହାରେ ବିଶୁଦ୍ଧ ଓଡ଼ିଆ ରୂପ ଦେଖିବାକୁ ମିଳିଲା ନାହିଁ । ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ କହି ଓଡିଶା ସ୍କୁଲମାନଙ୍କରେ ଓଡ଼ିଆ ଭାଷାର ବିଲୋପ ପାଇଁ ଯେଉଁ ଆନ୍ଦୋଳନ ହୋଇଥିଲା ବଙ୍ଗଳା ଗ୍ଲେଷ୍ଟେଲାଟ ସାହେବ ୧୮୬୯ ସାଲରେ (ନଭେମ୍ବର ମାସ ତା ୮ ରିଖ) ତାଙ୍କର ଏକ ଆଦେଶ ନାମାରେ ତାର ଏକ ସମାଧାନ କରି ଦେଇଥିଲେ । କିନ୍ତୁ ୧୮୭୦ ସାଲ୍ ଆଦ୍ୟ ଭାଗରେ ତତ୍କାଳୀନ ବାଲେଶ୍ୱର ହାଇସ୍କୁଲର ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା 'ଏହାର ପୂର୍ଣ୍ଣପ୍ରକାଶ ହୋଇଥିଲା । "ଓଡିଆ ସ୍ୱତନ୍ତ୍ର ଭାଷା ନୁହେଁ" ନାମକ ଏକ କ୍ଷୁଦ୍ର ପୁସ୍ତିକା ସେ ପ୍ରକାଶ କରି ପୁନର୍ବାର ଅପଚେଷ୍ଟା କରିଥିଲେ । ଏହା ଅବଶ୍ୟ ବ୍ୟର୍ଥତାରେ ପରିଣତ ହେଲା ଏବଂ ତତ୍କାଳୀନ ଶାସକଗୋଷ୍ଠୀ ତଥା ଜନସାଧାରଣଙ୍କର ଉଦ୍ୟମ ଫଳରେ ଓଡିଆ ଅନୁଷ୍ଠାନ ମାନଙ୍କରେ ଓଡ଼ିଆ ଭାଷା ପ୍ରଚଳନ ବଳବତ୍ତର ରହିଲା । ରାମଶଙ୍କର ୨ୟ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୟରୁ ଅର୍ଥାତ ୧୮୫୭ ଖ୍ରୀଷ୍ଟାବ୍ଦରୁ ଏହି ଆନ୍ଦୋଳନ ବିରୁଦ୍ଧରେ ପ୍ରତିକ୍ରିୟା ଦେଖାଯାଇଥିଲେ ସୁଦ୍ଧା ଖ୍ରୀଷ୍ଟିୟାନ

http://oaob.nitrkl.ac.in

ଘ ଦ୍ରୀଡ଼ବଲ୍ଲଭ, ହଲ, ବିଚ୍ଛନ୍ଦଚରଣ ପଟ୍ଟନାୟକ, ଗୌରୀଶଙ୍କର ରାୟ, ନନ୍ଦକିଶୋର ଦାସ, ପ୍ୟାରୀମୋହନ ଆଚାର୍ଯ୍ୟ, ଗୋବିନ୍ଦଚନ୍ଦ୍ର-ପଟ୍ଟନାୟକ ଓ ଫକୀରମୋହନ ସେନାପତି ପ୍ରମୁଖଙ୍କ ଅଦମ୍ୟ ପ୍ରଚେଷ୍ଟା ଫଳରେ ବଙ୍ଗାଳୀ ମାନଙ୍କ ଉଦ୍ୟମ ପଣ୍ଡ ହେଲା ଏବଂ ସେହିସମୟରୁ ପ୍ରାଚୀନ ଓଡ଼ିଆ ସାହିତ୍ୟର ଅନେକ ଗ୍ରନ୍ଥ ପ୍ରକାଶିତ ହେଲା ।

୧୮୭୦-୧୮୯୪ ମଧ୍ୟରେ ଆଧୁନିକ ପାଠ୍ୟପୁସ୍ତକ ରଚନା କରିବାରେ ବହୁ ଓଡ଼ିଆ ଲୋକ ଆଗ୍ରହୀ ହେଲେ । ସମସ୍ତ ଓଡ଼ିଶା ଗୋଟିଏ ଶାସନାଧୀନରେ ନ ଥିବାରୁ ଏକ ପ୍ରକାର ପାଠ୍ୟ ପୁସ୍ତକ ପ୍ରଚଳନ ଦେଶସାରା ହୋଇ ପାରୁନଥିଲା । ସମ୍ବଲପୁର ମଧ୍ୟପ୍ରଦେଶରେ ରହିଥିବାରୁ ସେଠାରେ ସ୍ୱତନ୍ତ୍ର ପାଠ୍ୟ ପୁସ୍ତକ ପ୍ରଚଳନ ହେଉଥିଲା । ବିଶେଷତଃ ସେଠାରେ ଡେପୁଟି ଇନସ୍‌ପେକ୍ଟର ବିଚ୍ଛନ୍ଦଚରଣ ପଟ୍ଟନାୟକ ଯେଉଁ ପାଠ୍ୟପୁସ୍ତକ ଗୁଡ଼ିକ ରଚନା କରିଥିଲେ ସେଗୁଡ଼ିକ ମୁଖ୍ୟତଃ ବଙ୍ଗଳା ପାଠ୍ୟ ପୁସ୍ତକର ଅନୁବାଦ ଥିଲା ଏବଂ ସେହି ଗୁଡ଼ିକ ଶିକ୍ଷାନୁଷ୍ଠାନରେ ଚଳୁଥିଲା । କିନ୍ତୁ ଓଡ଼ିଶାରେ ପ୍ରଚଳିତ ପାଠ୍ୟପୁସ୍ତକ ଗୁଡ଼ିକ ଅନୁବାଦ ନ ହୋଇ ପ୍ରାୟତଃ ମୌଳିକ ରଚନା ଥିଲା ନଚେତ୍ ଇଂରାଜୀ ବା ବଙ୍ଗଳା ପାଠ୍ୟ ପୁସ୍ତକ ଆଶ୍ରୟରେ ରଚିତ ହୋଇଥିଲା ।

ପାଠ୍ୟ ପୁସ୍ତକ ବ୍ୟତୀତ ଏ ଯୁଗରେ (୧୮୭୦-୯୪) କେତେକାଂଶରେ ସାହିତ୍ୟ ମଧ୍ୟ ବିକାଶଲାଭ କରିଥିଲା । ମଧ୍ୟ ଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟର ସୃଷ୍ଟି ଆଦର୍ଶ ସମ୍ପୂର୍ଣ୍ଣ ରୂପେ ସଂସ୍କୃତ ସାହିତ୍ୟ ଦ୍ୱାରା ପ୍ରଭାବିତ ହୋଇଥିଲା । କିନ୍ତୁ

http://oaob.nitrkl.ac.in

ଏଦେଶରେ ଇଂରେଜଶାସନର ପ୍ରତିଷ୍ଠା ତଥା ଇଂରେଜୀ ଶିକ୍ଷାର ବିସ୍ତାର ସଙ୍ଗେସଙ୍ଗେ ତତ୍କାଳୀନ ଶିକ୍ଷିତ ସମାଜ ପାଶ୍ଚାତ୍ୟ ଆଦର୍ଶକୁ ସ୍ୱାଗତ କରିଥିଲେ । ମଧ୍ୟଯୁଗୀୟ ସାହିତ୍ୟର ସୃଷ୍ଟି ଆଦର୍ଶକୁ ସେମାନେ ମାନିନେବାକୁ ଆଉ ପ୍ରସ୍ତୁତ ହୋଇ ପାରିଲେ ନାହିଁ । ପାଶ୍ଚାତ୍ୟ ସାହିତ୍ୟ କିମ୍ବା ସେହି ସାହିତ୍ୟର ପ୍ରଭାବରେ ଗଢ଼ି ଉଠିଥିବା ବଙ୍ଗଳା ସାହିତ୍ୟ ଏଯୁଗର ଲେଖକମାନଙ୍କର ଆଗ୍ରହସ୍ଥଳ ହେଲା, ଯାହାର ସୃଷ୍ଟି ଆଦର୍ଶ, ଶୈଳିକ ବିକାଶ, ଆଙ୍ଗିକ ବିଭବ ଏବଂ ଆତ୍ମିକ ରସ ସମ୍ପଦ ମଧ୍ୟଯୁଗୀୟ କାବ୍ୟ ସାହିତ୍ୟ ଠାରୁ ପୃଥକ ଥିଲା । ଏହି ଆଧୁନିକ ସାହିତ୍ୟର ଅଭ୍ୟୁଦୟ ୧୮୬୬-୭୨ ମଧ୍ୟରେ ଘଟିଥିଲା ଏବଂ ଏହାର ଶ୍ରେଷ୍ଠ ପ୍ରବର୍ତ୍ତକ ରୂପେ ରାଧାନାଥ ହିଁ ଉଲ୍ଲେଖନର ଯୋଗ୍ୟ । ଏହି ସାହିତ୍ୟର ପ୍ରଚାର ଦିଗରେ ଉତ୍କଳ ଦର୍ପଣ (୧୮୭୩-୭୪) ଉତ୍କଳ ମଧୁପ (୧୮୭୮-୮୦) ଉତ୍କଳ ଦୀପିକା (ଗୌରୀଶଙ୍କର) ଉତ୍କଳ ପୁତ୍ର (ଫକୀରମୋହନ) ସମ୍ବାଦ ବାହିକା (୧୮୬୮) ଓ ଓଡ଼ିଆ ନବ ସମ୍ବାଦ ମାସିକ ତଥା ସାପ୍ତାହିକ ପତ୍ରିକା ଗୁଡ଼ିକ ବିଶେଷ ସାହାଯ୍ୟ କରିଥିଲେ । ରାଧାନାଥଙ୍କର ମେଘଦୂତ ଅନୁବାଦ (୧୮୭୮) ଇତାଲୀୟ ଯୁବା ଗଳ୍ପ, ବିବିଧ ପ୍ରବନ୍ଧ ଓ ମଧୁସୂଦନଙ୍କ କେତୋଟି କ୍ଷୁଦ୍ରକବିତା ଓ ପ୍ରବନ୍ଧ ଉତ୍କଳଦର୍ପଣ ପ୍ରକାଶ କରି ଆଧୁନିକ ସାହିତ୍ୟର ମୂଳଭିତ୍ତି ପ୍ରଥମେ ପ୍ରତିଷ୍ଠା କରିଥିଲା ।

ରାମଶଙ୍କରଙ୍କର ଅସମ୍ପୂର୍ଣ୍ଣ ପ୍ରେମତରଙ୍ଗ ଓ ସୌଦାମିନୀ, (ଗୋଲ୍ଡ଼ସ୍ମିଥଙ୍କ ହରମିଟ ପୁସ୍ତକର ଅବଲମ୍ବନରେ) ମଧୁବାବୁଙ୍କର ଜୀବନଚିନ୍ତା ଓ କବିତା ଓ ଉପେନ୍ଦ୍ର ସାହିତ୍ୟ ବି

http://oaob.nitrkl.ac.in

ସମାଲୋଚନା ଉତ୍କଳ ମଧୁପରେ ପ୍ରକାଶ ପାଇ ଆଧୁନିକ ସାହିତ୍ୟ ସୃଷ୍ଟିକୁ ଏକ ସୁସ୍ଥିର ମୂଳଭିତ୍ତିଉପରେ ପ୍ରତିଷ୍ଠା କରିଥିଲା । ଏତଦ୍‌ବ୍ୟତୀତ ଆଧୁନିକ କବିତା ସମ୍ବଳିତ "କବିତାବଳୀ" ୧୮୭୬ ରେ ମଧ୍ୟ ପ୍ରକାଶିତ ହୋଇଥିଲା । ୧୮୮୦ ରୁ ୧୮୯୪ ମଧ୍ୟରେ ଔପନ୍ୟାସିକ ଓ ନାଟ୍ୟକାର ରାମଶଙ୍କର ଔପନ୍ୟାସିକ ଉମେଶଚନ୍ଦ୍ର ସରକାର, ନାଟ୍ୟକାର ଜଗନ୍‌ମୋହନ, ଗୀତିକାର ମଧୁସୂଦନ, ସାଧୁଚରଣ ରାୟ, ରେବାରାୟ, ଚନ୍ଦ୍ରମୋହନ, ମହାରଣା, ଚତୁର୍ଭୁଜ ପଟ୍ଟନାୟକ ଓ ବ୍ୟାସକବି ଫକୀର ମୋହନ ପ୍ରଭୃତି ସାହିତ୍ୟର ବିଭିନ୍ନ ବିଭାଗରେ (ନାଟକ, ଉପନ୍ୟାସ, କବିତା କାବ୍ୟ, ସମାଲୋଚନା ସାହିତ୍ୟ ଓ ଭ୍ରମଣ ସାହିତ୍ୟ) ପାରଦର୍ଶିତା ଲାଭ କରିଥିଲେ ।

ଉଦ୍‌ନୃନ୍ନ—ବିଜୁଳି ବିବାଦ:-

ଭାଷା ଆନ୍ଦୋଳନରେ ବଙ୍ଗାଳୀ ମାନଙ୍କ ସହିତ ସଂଘର୍ଷରେ ଜଡ଼ିତ ହୋଇ ଯେଉଁ କେତେଜଣ ଆଧୁନିକ ଶିକ୍ଷାବିତ୍ ମାତୃଭୂମିର ଉନ୍ନତି କଲେ ସଚେଷ୍ଟ ଥିଲେ, ପ୍ରାଚୀନ ଏବଂ ଆଧୁନିକ ସାହିତ୍ୟର ସୃଷ୍ଟି ଆଦର୍ଶ ସମ୍ପର୍କରେ ସେମାନଙ୍କ ମଧ୍ୟରେ ମତଭେଦ ଦେଖାଦେଇ ଥିଲା । ୧୮୭୧ ମସିହା ଡିସେମ୍ବର ୪ ତାରିଖ ଦିନ ସାର୍‌ଜର୍ଜ କାମ୍ପବେଲ୍ ବଙ୍ଗଳା ଓ ଓଡ଼ିଶାରେ ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ଥିଲା-ବେଳେ ରାଜନୈତିକ କାରଣରୁ ଉର୍ଦ୍ଦୁ ଭାଷା ଲୋପ କରିବା ପାଇଁ ଏକ ଆଦେଶ ଘୋଷଣା କରି କହିଥିଲେ "ବିଜାତୀୟ ଭାଷା ବାଦ ଦେଲେ (ଅବଶ୍ୟ ଇଂରେଜ ଭାଷା ନିଶ୍ଚିଗଲେ କ୍ଷତି ନାହିଁ")

http://oaob.nitrkl.ac.in

ଦାନ୍ତରେ ଯେଉଁ ଭାଷା ଲୋକେ ବୁଝି ପାରବେ ତାହାହିଁ ପ୍ରକୃତ ଶୁଦ୍ଧଭାଷା ଓ ସେହିଭାଷାରେ ଲିଖିତ ସାହିତ୍ୟ ଏକା ଶୁଦ୍ଧ ସାହିତ୍ୟ" । ଉତ୍କଳ ଦୀପିକା ୧୮୭୧ ମସିହା ତା ୨୦ ରଖ ଡ଼ିସେମ୍ବର ସଂଖ୍ୟାରେ କାମ୍ପବେଲଙ୍କର ଏହି ଅଦେଶର ତୀବ୍ର ସମାଲୋଚନା କରିଥିଲା । ନବଜ୍ଞାନରେ ଦୀକ୍ଷିତ, ଆଧୁନିକ ଶିକ୍ଷାଲୋକରେ ଉଦ୍ଭାସିତ, ନୂତନ ଦର୍ଶନରେ ଅନୁପ୍ରାଣିତ ଓ ପାଶ୍ଚାତ୍ୟ ସାହିତ୍ୟଦର୍ଶନରେ ବିକଶିତ ପଡ଼ୋଶୀ ବଙ୍ଗୀୟ ସାହିତ୍ୟ ରାଧାନାଥଙ୍କର ପ୍ରେରଣାଭୂମି ଥିଲା । ତା ସତ୍ତ୍ୱେ ପାଶ୍ଚାତ୍ୟ ସାହିତ୍ୟ ଅଧ୍ୟୟନରେ ସେ ବିଶେଷ ଦକ୍ଷତା ହାସଲ କରିଥିଲେ । ତେଣୁ ତାଙ୍କର ସାହିତ୍ୟ ମଧ୍ୟଯୁଗୀୟ ସାହିତ୍ୟର ରସ ଓ ପ୍ରକାଶଠାରୁ ସ୍ୱତନ୍ତ୍ର ହୋଇଉଠିଲା । ଯାହାଫଳରେ ୧୮୭୨-୯୨ ମଧ୍ୟରେ ଆଧୁନିକ ଓଡ଼ିଆ ସାହିତ୍ୟର ଅଭ୍ୟୁଦୟ ଘଟିଥିଲା ।

ଯେତେବେଳେ ପ୍ରାଚୀନପନ୍ଥୀମାନେ ରାଧାନାଥୀୟ ସାହିତ୍ୟକୁ ବିଜାତୀୟ ବୋଲି ଆଖ୍ୟାତ କରି ତାର ବିରୁଦ୍ଧରେ ମସୀଯୁଦ୍ଧ ଚଳାଇଲେ, ନୂତନତାର ପୃଷ୍ଠପୋଷକ ଏବଂ ରାଧାନାଥଙ୍କର, ଭକ୍ତଗଣ ପ୍ରାଚୀନପନ୍ଥୀମାନଙ୍କୁ ସମାଲୋଚନା କରିବାକୁ ପଶ୍ଚାତପଦ ହେଲେ ନାହିଁ । ପାଠ୍ୟପୁସ୍ତକକୁ କେନ୍ଦ୍ର କରି ୧୮୮୦ ସାଲରୁ ପରୋକ୍ଷଭାବେ ରାଧାନାଥଙ୍କ ବିରୁଦ୍ଧରେ କେତେଜଣ ସମାଲୋଚନା ଆରମ୍ଭ କରିଥିବାବେଳେ ପ୍ରତ୍ୟକ୍ଷ-ଭାବେ ୧୮୮୬ ପରେ ରାଧାନାଥ ସାହିତ୍ୟକୁ କେନ୍ଦ୍ରକରି ଆଲୋଚନା ଆରମ୍ଭ ହୋଇଯାଇଥିଲା । ରାଧାନାଥଙ୍କ ବିରୁଦ୍ଧରେ ଯେ କେବଳ ଏ ପ୍ରକାର ସମାଲୋଚନା ହେଉଥିଲା ତାହାନୁହେଁ ୧୮୭୧ ସାଲ ଠାରୁ ଉପେନ୍ଦ୍ର ସାହିତ୍ୟ ଅଶ୍ଳୀଳ, ନଗ୍ନ,

http://oaob.nitrkl.ac.in

ବାଉସ୍ତବୋଲ୍ କେହି କେହି ମତ ପୋଷଣ କରି ତୀବ୍ର ନିନ୍ଦା କରୁଥିଲେ ।

ଏହି ଦୁଇ ମତବାଦ ଅଧିକ ତୀବ୍ରତର ହେଲା ଚିଲିକାପ୍ରଭା (୧୮୯୧) ର ପ୍ରକାଶ ପରେ ପରେ । ୧୮୯୧ରେ "କବି ଉପେନ୍ଦ୍ର ଭଞ୍ଜ" ଶିରୋନାମାରେ ଲାଲାରାମନାରାୟଣ ଯେଉଁ ପ୍ରବନ୍ଧରଚନା କଲେ ସେହି ପ୍ରବନ୍ଧଟି ଇନ୍ଧନ ଇନ୍ଦ୍ରଧନୁ-ବିଜୁଳି (୧୮୯୩-୯୪)ର ଯଜ୍ଞ ବେଦୀଉପରେ ଲେଲିହାନ ରୂପ ପ୍ରଦାନ କଲା । ପ୍ରାଚୀନ ଓ ନବୀନ ଭିତ୍ତିଭୂମି ଉପରେ ଗଢିଉଠିଥିବା ଦୁଇଟି ମାସିକ ପତ୍ରିକା ବିଜୁଳି ଓ ଇନ୍ଦ୍ରଧନୁ ପରସ୍ପରକୁ ଉତ୍କଟ ସମାଲୋଚନା କରିବାକୁ ଲାଗିଲେ । ଏହି ବିବାଦ ପତ୍ରିକାର ବ୍ୟକ୍ତିଗତ ସ୍ୱାର୍ଥଦୃଷ୍ଟିରୁ ନ ହୋଇ ଅଧୁନିକ ଓ ପ୍ରାଚୀନ ରୁଚି ସଂଘର୍ଷର ପୀଠସ୍ଥଳୀ ହୋଇପଡ଼ିଲା । ନାନାଦି କୁତ୍ସାରଟନାରେ ମଧ୍ୟ ତତ୍କାଳୀନ ସାଂସ୍କୃତିକ ବାୟୁମଣ୍ଡଳ ବିଷାକ୍ତ ତଥା କଳୁଷିତ ହୋଇପଡ଼ିଥିଲା ।

ଏହି ଘନଘଟା ମଧ୍ୟରେ ପରବର୍ତ୍ତୀ ଯୁଗରେ ଯେଉଁ ସାହିତ୍ୟ ସୃଷ୍ଟି ହେଲା, ହୁଏତ ତାହା ପ୍ରାଚୀନ କିମ୍ବା ସମ୍ପୂର୍ଣ୍ଣ ନୂତନ ରୂପେ ଠିଆ ନ ହୋଇ ଏକ ସମନ୍ୱୟ ସାହିତ୍ୟରୂପେ ଦେଖା-ଦେଇଥିଲା । 'ଗୋଲକଧନ୍ଦା'ର ଲେଖକ ଗୋପାଳବଲ୍ଲଭ ଦାସ ରାଧାନାଥ ସାହିତ୍ୟର ତୀବ୍ର ନିନ୍ଦାବାଦ କରିଥିଲେ ସୁଦ୍ଧା ଏବଂ ଭୀମାଭୂୟାଁର ନାୟିକା ରାଜଜେମାକୁ ନନ୍ଦକେଶ୍ୱରୀର ପ୍ରତି-ଛାୟା ରୂପେ ଗଢିଥିଲେ ମଧ୍ୟ ଭୀମାଭୂୟାଁର ଶୈଳିକ ଗୌରବ ଅଧୁନିକତାର ଅନୁସରଣ କରିଛି । ପ୍ରଣୟବଲ୍ଲରୀ, ତପସ୍ୱିନୀ, ଇନ୍ଦୁମତୀ, ସୀତାବନବାସ, ଶର୍ମିଷ୍ଠା, କୀଚକବଧ, କୃଷ୍ଣକୁମାରୀ

http://oaob.nitrkl.ac.in

ପ୍ରଭୃତି କାବ୍ୟ ଓ କନକ ଲତା ଉପନ୍ୟାସ ଅଧ୍ୟୟନ କଲେ ଯେପରି ମନେହୁଏ ଏଗୁଡ଼ିକ ରାଧାନାଥ ସାହିତ୍ୟର ଘୋର ପ୍ରତିକ୍ରିୟାର ଫଳ" । ସୀତା ବନବାସ, ଶର୍ମିଷ୍ଠା ପ୍ରଶସ୍ତି ବଲ୍ଲରୀ ଓ ତପସ୍ୱିନୀ ପ୍ରାଚୀନ ସାହିତ୍ୟର ପରମ୍ପରାରେ କେମେଣ୍ଡରେ ପରିଣତ ହୋଇଥିଲେ ସୁଦ୍ଧା ରାଧାନାଥଙ୍କର ଟ୍ରାଜିକର ସ୍ୱର ଏହି କାବ୍ୟ ମାନଙ୍କର ଅନ୍ତରାତ୍ମାରେ କରୁଣ ଝଙ୍କାରରେ ଝଂକୃତ ହୋଇଉଠିଛି ।

ଠିକ୍ ସେହିପରି ରାଧାନାଥ ସାହିତ୍ୟର ସପକ୍ଷବାଦୀ ମାନେ ମଧ୍ୟ ରାଧାନାଥ ସାହିତ୍ୟର ବିଜାତୀୟ ପ୍ରେମ, ଜାତୀୟତା ବିରୋଧୀ ଚିନ୍ତାଗୁଡ଼ିକରେ ମୌନ ପ୍ରତିବାଦ କରିଛନ୍ତି ।

ଇଂରେଜ ଶାସନ ପଦ୍ଧତି ଓ ଓଡ଼ିଆଙ୍କ ଅସୁବିଧା

ଇଂରେଜମାନେ ୧୮୧୮ ସାଲସୁଦ୍ଧା ସମସ୍ତ ଓଡ଼ିଆ ଭାଷା ଅଞ୍ଚଳ ଅଧିକାର କରି ସାରିଥିଲେ ବି ୧୯୩୬ ସାଲ ପର୍ଯ୍ୟନ୍ତ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଓ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ଏକ ଶାସନାଧୀନରେ ରଖାଯାଇ ନଥିଲା । ଇଂରେଜଙ୍କ ପ୍ରାଦେଶିକ ସରକାରମାନେ ସୁଶାସନ ପାଇଁ ଯେଉଁ ବ୍ୟବସ୍ଥା ମାନ କଲେ ସେ ସବୁ ପ୍ରଦେଶର ସଂଖ୍ୟାଗରିଷ୍ଠ ଲୋକଙ୍କ ସୁବିଧା ଦେଖି କଲେ । ଆଧୁନିକ ଶିକ୍ଷାର ବିସ୍ତାର, ରାସ୍ତାଘାଟର ସୁବିଧା, ଶାସନ ବ୍ୟବସ୍ଥାଆଦି ଦିଗରେ ଓଡ଼ିଶା ଅଞ୍ଚଳ ମାନ ଅନ୍ୟମାନଙ୍କ ଠାରୁ ପଛରେ ପଡ଼ିଗଲା ।

ଶାସନ କ୍ଷେତ୍ରରେ ଦେଶବାସୀଙ୍କ ସହଯୋଗ ଇଂରେଜ

http://oaob.nitrkl.ac.in

ମାନେ ଯେତେବେଳେ ଅନୁଭବ କଲେ ସେତେବେଳେ ଓଡ଼ିଆମାନଙ୍କର ସହଯୋଗ ଇଂରେଜ ମାନଙ୍କର ଦରକାର ପଡ଼ିଲା ନାହିଁ । କାରଣ ଓଡ଼ିଶା ପ୍ରଦେଶ ବିଚ୍ଛିନ୍ନ ହୋଇ ତିନୋଟି ପ୍ରଦେଶ ସହିତ ରହିଥିବାରୁ ବଙ୍ଗାଳୀ, ତେଲଗୁ, ହିନ୍ଦୁସ୍ଥାନୀ ଲୋକଙ୍କ ସାହାଯ୍ୟରେ ସେମାନେ ସେମାନଙ୍କର ଶାସନ ଚଳାଇନେଲେ, ସେଥିରେ ଇଂରେଜ ଶାସନ ଜରିଆରେ ଓଡ଼ିଶା ସ୍ୱାର୍ଥର ବହୁତ ବ୍ୟାଘାତ ଘଟିଲା ।

ଭାରତୀୟ ରାଜନୈତିକ ଆନ୍ଦୋଳନ ଏବଂ ଓଡ଼ିଶାର ଅବଦାନ

୧୮୫୭ର ସଶସ୍ତ୍ର ବିଦ୍ରୋହ ଦ୍ୱାରା ଇଂରେଜ ମାନଙ୍କୁ ବହିଷ୍କାର କରି ସ୍ୱାଧୀନତା ଲାଭ କରିବାରେ ଯେତେବେଳେ ଭାରତର ଜନତା ବିଫଳ ହେଲେ ବଳପ୍ରୟୋଗ କରି ଇଂରେଜ ମାନଙ୍କୁ ଏ ଦେଶରୁ ହଟାଇବା ଦୁଃସାଧ୍ୟ ଜାଣିପାରି ଦୂରଦର୍ଶୀ ରାଜା ରାମ ମୋହନ ରାୟ ଇତ୍ୟାଦି ଭିନ୍ନ ପନ୍ଥା ଗ୍ରହଣ କଲେ, ଇଂରେଜ ବିରୁଦ୍ଧ ମନୋଭାବ ତ୍ୟାଗ କରି ସମାଜ ସଂସ୍କାର ଆରମ୍ଭ କରିବାକୁ ସେମାନେ ବାଧ୍ୟ ହେଲେ । ଏହି ସଂସ୍କାରକମାନେ ଦେଶରେ ଇଂରେଜଶିକ୍ଷା ବିସ୍ତାରରେ ମଧ୍ୟ ପ୍ରବର୍ତ୍ତିକଥିଲେ । ଇଂରେଜ ଶିକ୍ଷା ବିସ୍ତାର ସଙ୍ଗେ ସଙ୍ଗେ ଇଂଲଣ୍ଡର ଗଣତନ୍ତ୍ର ପ୍ରତିଷ୍ଠାର ଇତିହାସ ଏ ଦେଶର ଲୋକ ମଧ୍ୟ ଜାଣିଲେ । ଏସବୁ ଇତିହାସ ନବ୍ୟ ଶିକ୍ଷିତ ଭାରତୀୟ ମାନଙ୍କ ଠାରେ ବିଶେଷ ଭାବେ ପ୍ରଭାବ ବିସ୍ତାର କରିଥିଲା । ଯାହାଫଳରେ ଭାରତବାସୀଙ୍କର ଶାସନାଧିକାର ପାଇଁ ବୈଧାନିକ ଆନ୍ଦୋଳନ ରୂପପାଇଲା ଖ୍ରୀ ୧୮୮୫ରେ ଭାରତୀୟ ଜାତୀୟ ମହାସଭା ବା ଇଣ୍ଡିଆନ ନେସନାଲ କଂଗ୍ରେସର ପ୍ରତିଷ୍ଠାରେ । ତତ୍କାଳୀନ ପ୍ରଧାନ ଜମିଦାର ବାବୁ ଭଗବାନଚନ୍ଦ୍ର ଦାସ, ସ୍ୱନାମଧନ୍ୟ ସାହିତ୍ୟିକ ଓ ରାଜନୀତିଜ୍ଞ ଫକୀରମୋହନ

http://oaob.nitrkl.ac.in

ସେନାପତି" ଓ ଭକ୍ତକବି ମଧୁସୂଦନ ରାଓ ପ୍ରମୁଖ ରାମ ମୋହନ ରାୟଙ୍କ ପ୍ରବର୍ତ୍ତିତ ବ୍ରାହ୍ମଧର୍ମ ଗ୍ରହଣକରି ସମାଜ ସଂସ୍କାର-ରେ ବ୍ରତୀ ହୋଇଥିଲେ । ଏପରିକି ମୟୂରଭଞ୍ଜର ମହାରାଜା-ରାମଚନ୍ଦ୍ର ଭଞ୍ଜ କେଶବଚନ୍ଦ୍ରଙ୍କ କନ୍ୟାର ପାଣିଗ୍ରହଣ କରିଥିଲେ । କୌଣସି ଏକ ସ୍ୱତନ୍ତ୍ର ସଂସ୍ଥା ନ ଥିବାରୁ ବାଲେଶ୍ୱର-ରେ ନେସନାଲ ସୋସାଇଟି ଗଢ଼ାଯାଇଥିଲା । ଏଥିରେ ବୈକୁଣ୍ଠନାଥ ଦେ, ଦୈତାରୀପ୍ରସାଦ ଦାସ, ହରିଶ୍ଚନ୍ଦ୍ର ସରକାର ପ୍ରଭୃତି କାର୍ଯ୍ୟ କରୁଥିଲେ ।

କଟକରେ ମଧୁସୂଦନ ଦାସ, ଗୌରୀଶଙ୍କର ରାୟ, ରାମଶଙ୍କର ରାୟ, ପ୍ୟାରିମୋହନ ଆଚାର୍ଯ୍ୟ, ଗଞ୍ଜାମର ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ, ହରିହର ପଣ୍ଡା, ବଳରାମ ମହାରଣା, ଶ୍ୟାମସୁନ୍ଦର ରାଜଗୁରୁ, ନରସିଂହ ଦାସ, ବିଶ୍ୱନାଥ ମିଶ୍ର ଏବଂ ନୀଳମଣି ବିଦ୍ୟାରତ୍ନ ଓ ସମ୍ବଲପୁରରେ ପ୍ରଧାନ ଦେଶସେବୀ ବ୍ରଜମୋହନ ପଟ୍ଟନାୟକ, ମଦନ ମୋହନ ମିଶ୍ର, ବଳଭଦ୍ର ସୁଆର, ଶ୍ରୀବିହାରୀ ଦାସ ମହନ୍ତ, ଓ ଶ୍ରୀ ଶ୍ରୀପତି ମିଶ୍ର ଇତ୍ୟାଦି ଓଡ଼ିଶାରେ ଶିକ୍ଷା ବିସ୍ତାର, ଆଗନ୍ତୁକ ବଙ୍ଗାଳୀ ମାନଙ୍କଠାରୁ ଓଡ଼ିଶାର ସ୍ୱାର୍ଥରକ୍ଷ ଓ ଇଂରେଜ ଶାସନ ନିକଟରେ ଦେଶବାସୀଙ୍କ ଅଭିଯୋଗ ଜଣାଇବା ପାଇଁ ବ୍ରତୀ ହୋଇଥିଲେ ।

ଭାଷା ସୂତ୍ରରେ ଦେଶ ମିଶ୍ରଣଲାଗି ୧୯୦୨ରେ ଆନ୍ଦୋଳନ ଆରମ୍ଭ ହୋଇ ୧୯୦୪ରେ ଓଡ଼ିଶାର ରାଜନୀତି 'ଉତ୍କଳ ସମ୍ମିଳନୀ' ରେ କେନ୍ଦ୍ରୀଭୂତ ହୋଇ ରହିଲା । ଏହି ବର୍ଷ ପ୍ରାକୃତିକ ଓଡ଼ିଶାର ପ୍ରତିନିଧିମାନଙ୍କୁ ନେଇ ଗଞ୍ଜାମର ବ୍ରହ୍ମପୁରଠାରେ ଏକ ଜାତୀୟ

http://oaob.nitrkl.ac.in

ସମ୍ମିଳନୀ ବସିଥିଲା । ୧୯୦୩ରେ ମଧୁସୂଦନ ଦାସ କଟକରେ ଉତ୍କଳ ସମ୍ମିଳନୀ ସ୍ଥାପନ କଲେ ଏବଂ ପ୍ରଥମ ଅଧିବେଶନରେ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ସଭାପତିତ୍ୱ କରିଥିଲେ । ଏହାର ଉଦ୍ଦେଶ୍ୟ ଥିଲା ପ୍ରତିବେଶୀମାନଙ୍କ ଗ୍ରାସରୁ ଓଡ଼ିଶାକୁ ରକ୍ଷା କରିବା । ଉତ୍କଳ ସମ୍ମିଳନୀରେ ଦେଶୀୟ ଶିଳ୍ପର ପୁନରୁଦ୍ଧାର ପାଇଁ ପ୍ରସ୍ତାବମାନ ମଧ୍ୟ ଗୃହୀତ ହେଉଥିଲା ଏବଂ ମଧୁସୂଦନ ଦାସ ନିଜେ ସମ୍ମିଳନୀରେ ହାତକଟା ସୂତାରେ ତନ୍ତ ବୁଣା ଧୋତି ପିନ୍ଧି ଯୋଗ ଦେଉଥିଲେ । ଏହି ଜାତୀୟ ଆନ୍ଦୋଳନର ମୂଳପୀଠରେ ୧୯୨୦ ମସିହା ସିଂହଭୂମି ଜିଲ୍ଲା ଚକ୍ରଧରପୁର ଅଧିବେଶନରେ ପୂର୍ଣ୍ଣଚ୍ଛେଦ ପଡ଼ିଲା । କଂଗ୍ରେସର ସ୍ୱରାଜ୍ୟପ୍ରାପ୍ତି ଉତ୍କଳ ସମ୍ମିଳନୀର ଲକ୍ଷ୍ୟ ହେଲା ଏବଂ ପରେ ପରେ ଭାରତୀୟ ରାଜନୈତିକ ଆନ୍ଦୋଳନରେ ଓଡ଼ିଶା ନିମଗ୍ନ ହୋଇଗଲା ।

ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ଲାଗି ପ୍ରଚେଷ୍ଟା :—

ଇଂରେଜୀ ଶିକ୍ଷାର ବିସ୍ତାର ପରେ ଅନେକ ଆଧୁନିକ ଶିକ୍ଷାବିତ୍ ପାଶ୍ଚାତ୍ୟ ସାହିତ୍ୟ ତଥା ପାଶ୍ଚାତ୍ୟ ଭାଷା ପ୍ରତି ବିଶେଷ ଭାବେ ଆକୃଷ୍ଟ ହୋଇ ପଡ଼ିଥିଲେ । ୧୮୭୦ ମସିହା ବେଳକୁ ବଙ୍ଗାଳୀ ମାନଙ୍କ ବିରୁଦ୍ଧରେ ଆନ୍ଦୋଳନ କେତେକାଂଶରେ ସଫଳୀକୃତ ହୋଇ ଥିଲେ ସୁଦ୍ଧା ପଶ୍ଚିମୀ ବାତ୍ୟାରେ ଆଧୁନିକ ଶିକ୍ଷିତ ମାନେ ଏତେ ପ୍ରଭାବିତ ହୋଇ ପଡ଼ିଥିଲେ ଯେ ମାତୃଭାଷା ପ୍ରତି ସେମାନଙ୍କର ଅନୁରକ୍ତି ନଥିଲା । ପ୍ରାଚୀନ ସାହିତ୍ୟ ଅଧ୍ୟୟନ କିଂବା ଆଲୋଚନା କରିବା ଏକ ଗର୍ହିତ କାର୍ଯ୍ୟ ବୋଲି ସେମାନେ ମନେ କରୁଥିଲେ

http://oaob.nitrkl.ac.in

ଏ ପ୍ରକାର ଭାବଧାରା ୧୯୦୩ ବେଳକୁ ବିଶେଷ ଭାବେ ଗ୍ରାସ କରୁଥିଲା । ପ୍ରାଚୀନ ସାହିତ୍ୟର ପ୍ରଚାର ଏବଂ ପ୍ରଗୁଦ୍ଧ ଦିଗରେ ଉଦ୍ଦୀପନା ସୃଷ୍ଟି କରିବା ପାଇଁ ଉତ୍କଳ ଭାଷୋଦ୍ଧାରିଣୀ ସଭାରେ ପ୍ରଦତ୍ତ ଏକ ବକ୍ତୃତାରେ ରଙ୍ଗଲାଲ ବନ୍ଦୋପାଧ୍ୟାୟ ପ୍ରସ୍ତାବ ଦେଇଥିଲେ ଏବଂ ଯେଉଁ ବକ୍ତୃତାଟି ୧୯ । ୫ । ୧୮୬୭ ତାରିଖରେ ଉତ୍କଳ ଦୀପିକାରେ ପ୍ରକାଶିତ ହୋଇଥିଲା । ପର୍ଯ୍ୟାୟକ୍ରମେ ଫକୀର ମୋହନ, ରାଧାନାଥ, ଅଭିରାମ ଭଞ୍ଜ ପ୍ରମୁଖ ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରଚାର ଲାଗି ତତ୍‌କାଳୀନ ସାହିତ୍ୟିକ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ , କଟକ ଆଲୋଚନା ସଭାର ଭିନ୍ନ ଭିନ୍ନ ଅଧିବେଶନରେ ପ୍ରସ୍ତାବ ମାନ ଦେଇଥିଲେ । ରାଧାନାଥ ପ୍ରାଚୀନ ଓଡ଼ିଆ ସାହିତ୍ୟ ଓ ଭାଷାର ଉନ୍ନତି କଲେ କିପରି ବ୍ୟସ୍ତ ଥିଲେ ତାହା, ତାଙ୍କର ପ୍ରଦତ୍ତ ଗୋଟିଏ ବକ୍ତୃତାରୁ ସହଜରେ ଅନୁମାନ କରିହୁଏ ।

"ପ୍ରାଚୀନ ଉତ୍କଳ ସାହିତ୍ୟ ଯେଉଁ ପରିମାଣରେ ଆମ୍ଭମାନଙ୍କର ଆଲୋଚନା କରିବାର ଉଚିତ ଅମ୍ଭେମାନେ ତାହାର ଶତାଂଶ କରିନାହୁଁ । ଅନ୍ତଃତ ଏ ବିଷୟରେ ମୁଁ ମୋହର ନିଜର ତ୍ରୁଟି ଉତ୍ତମ ରୂପେ ଉପଲବ୍ଧି କରୁଅଛି । ଏହି ପ୍ରଦେଶରେ ବଙ୍ଗୀୟ ସାହିତ୍ୟ ପ୍ରଚୁର ହୋଇ ପ୍ରଭୂତ ଶ୍ରେୟଃ ଏହିତ ପ୍ରଭୂତ ଅନିଷ୍ଟ ମଧ୍ୟ ସାଧିତ ହୋଇଅଛି" । ଏହା ୧୩୧୧ ସାଲ ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ଅଧିବେଶନରେ ପଠିତ ହୋଇଥିଲା । ରାଧାନାଥଙ୍କ ପର ଅଭିରାମ ଭଞ୍ଜ ତତ୍‌କାଳୀନ ଶିକ୍ଷିତ ଯୁବକ ମାନଙ୍କ କାର୍ଯ୍ୟ କଳାପରେ କ୍ଷୁବ୍ଧ ହୋଇ ୧୩୧୧ ସାଲ ଉତ୍କଳ ସାହିତ୍ୟର ୭ମ ଭାଗ ଫାଲଗୁନ ସଂଖ୍ୟାରେ ଏକ ବକ୍ତୃତା ପ୍ରକାଶ

http://oaob.nitrkl.ac.in

କରିଥିଲେ । "ଅବମିଶ୍ର, ବିଶୁଦ୍ଧ ଉତ୍କଳ ଭାଷାରେ ରଚିତ ପ୍ରାଚୀନ ଗ୍ରନ୍ଥ ଗୁଡ଼ିକର ଅତ୍ୟଳ୍ପ ପ୍ରଚାର ଓ ପାଠର ଅଭାବ, ଶିକ୍ଷିତ ଯୁବକ ମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରାଚୀନ ସାହିତ୍ୟ ବିଷୟରେ ଅନଭିଜ୍ଞ" ଥିବାର ବିଷୟ ଏହି ପ୍ରବନ୍ଧରେ ଉଲ୍ଲେଖ କରାଯାଇଥିଲା । ପୁନଶ୍ଚ ତତ୍‌କାଳୀନ ଅନେକ ଯୁବକ ଉପେନ୍ଦ୍ର ଭଞ୍ଜ ଓ ସାମନ୍ତ ସିଂହାର ଜଣେ ଜଣେ କବି ଥିଲେ ବୋଲି ଏତିକି ମାତ୍ର ଜାଣିଥିବାରୁ ସେ ଦୁଃଖ ପ୍ରକାଶ କରି ଲେଖିଥିଲେ ଯେ "ଏମନ୍ତ ଅବସ୍ଥାରେ ଭାଷାର ବିଶୁଦ୍ଧତା କିପରି ରକ୍ଷା ହେବ" ।

ଓଡ଼ିଶାରେ ଅନ୍ୟତମ କୃତି ସନ୍ତାନ ବ୍ୟାରିଷ୍ଟର ଫକୀର ମୋହନ କଟକ ଆଲୋଚନା ସଭାର ୪ର୍ଥ ବାର୍ଷିକ ଅଧିବେଶନରେ ବକ୍ତୃତା ଦେଇ କହିଥିଲେ ଯେ "ଶିକ୍ଷିତ ଲୋକମାନେ ମାତୃଭାଷା ପ୍ରତି ଅନୁରାଗ ପୋଷଣ ନକରିବାରୁ ଅନ୍ୟାନ୍ୟ ଭାଷାର ସାହିତ୍ୟ ଯେପରି ଅଗ୍ରଗାମୀ ହୋଇପାରିଛି ଉତ୍କଳ ସାହିତ୍ୟ ସେପରି ହୋଇ ପାରିନାହିଁ" । ଏହି ଉଦ୍ଦେଶ୍ୟରେ ତାଙ୍କର ବକ୍ତୃତାରେ ସେ କହିଥିଲେ "ଯେଉଁ ଜାତିର ଭାଷା ଅବନତ ନିଶ୍ଚୟ ସେ ଜାତି ଜାଗ୍ରତ ହୋଇ ନାହାନ୍ତି । ସେମାନଙ୍କର ଉଦ୍ୟମ ଶୀଳତା ଅଭାବ ପୁଣି ସେ ଜାତି ଆତ୍ମନିର୍ଭର କରିବାକୁ ସକ୍ଷମ ନୁହଁନ୍ତି ।

\+ \+ \+ \+

ଯେ ପର୍ଯ୍ୟନ୍ତ ମାତୃଭାଷା ଉନ୍ନତି ଲାଭ କରିନାହିଁ ପ୍ରକୃତ ସାହିତ୍ୟ ରସାସ୍ୱାଦନରୁ ବଞ୍ଚିତ" ।

ସେତେବେଳେ ଯେ କେବଳ ପ୍ରାଚୀନ ସାହିତ୍ୟଚର୍ଚ୍ଚାର ଅଭାବ ଥିଲା ତା ନୁହେଁ । ପରନ୍ତୁ ଉଚ୍ଚଧରଣର ପାଠକ ମଧ୍ୟ ସୃଷ୍ଟି ହୋଇ ପାରିନଥିଲେ । ଯେତେଖଣ୍ଡ ସମ୍ବାଦପତ୍ର ଓ ମାସିକ

http://oaob.nitrkl.ac.in

ପତ୍ରିକା (ଉତ୍କଳ ଦୀପିକା, ଉତ୍କଳପ୍ରଭା, ଉତ୍କଳ ସାହିତ୍ୟ) ପ୍ରକାଶ ପାଉଥିଲା ତାହାର ଗ୍ରାହକ ସଂଖ୍ୟା ଅତ୍ୟନ୍ତ ଊଣା ଥିଲା । ଖଣ୍ଡେ ନୂତନ ଓଡ଼ିଆ ପୁସ୍ତକ ପ୍ରକାଶିତ ହେଲେ କିଣିବାତ ଦୂରର କଥା "ଓଡ଼ିଆ କାଗଜରେ କ'ଣ ଅଛି ଯେ ଟଙ୍କା ଦେଇ କିଣିବୁ" ବୋଲି ତତ୍କାଳୀନ କେତେ ପାଶ୍ଚାତ୍ୟ ଶିକ୍ଷିତ ଯୁବକ ଭାବୁଥିଲେ । ଏହିପ୍ରକାର ମନୋଭାବର ପରିବର୍ତ୍ତନ ପାଇଁ ଫକୀର ମୋହନ, ଅଭିରାମ ଭଞ୍ଜ ଓ ବିଶ୍ୱନାଥ କର ପ୍ରମୁଖ ବିଭିନ୍ନ ପ୍ରକାର ଉପାୟ ମାନ ଅବଲମ୍ବନ କରି ନାନାଭାବରେ ଆନ୍ଦୋଳନ କରୁଥିଲେ ।

ଶତାବ୍ଦୀର ପ୍ରାଣସ୍ପନ୍ଦନରେ ଗଙ୍ଗାଧର:—

ଗଙ୍ଗାଧରଙ୍କ ଜନ୍ମ ସମୟକୁ ଏ ଦେଶରେ ଇଂରେଜ ଭାଷାର ଅଳ୍ପ ବହୁତେ ପ୍ରଚାର ଏବଂ ପ୍ରସାର ଆରମ୍ଭ ହୋଇ-ଗଲାଣି । "ଏ ପ୍ରକାର ଆଧୁନିକ ଶିକ୍ଷା ଓ ଶିକ୍ଷାୟତନ ହେଉଛନ୍ତି ଆଧୁନିକ ସାହିତ୍ୟର ଯଥାର୍ଥ ପ୍ରସୂତି କେନ୍ଦ୍ର । ଏହି ଶିକ୍ଷାକେନ୍ଦ୍ରରେ ଶିକ୍ଷିତ, ନୂତନ ଚିନ୍ତାଧାରାରେ ଦୀକ୍ଷିତ ଓ ବିଦେଶୀ ସାହିତ୍ୟା-ଦର୍ଶରେ ଅନୁପ୍ରାଣିତ ଏକ ଶିକ୍ଷିତ ମଧ୍ୟବିତ୍ତ ଶ୍ରେଣୀହିଁ ସମୟ କ୍ରମେ ଆଧୁନିକ ସାହିତ୍ୟ ସୃଷ୍ଟି କରିବାକୁ ସମର୍ଥ ହୋଇଥିଲା" । କିନ୍ତୁ ଗଙ୍ଗାଧର ଏ ପ୍ରକାର ଶିକ୍ଷାରୁ ବଞ୍ଚିତ ହୋଇଥିଲେ । ସାତ-ବର୍ଷରୁ ୨୦ ବର୍ଷ ପର୍ଯ୍ୟନ୍ତ ସେ ଯେଉଁ ବିଦ୍ୟାର୍ଜ୍ଜନ କରିଥିଲେ ତାହାର ପରିସର ଅତ୍ୟନ୍ତ ସୀମିତ ଥିଲା । ତେରବର୍ଷ ପର୍ଯ୍ୟନ୍ତ ଗ୍ରାମ ଚାଟଶାଳୀରେ ସେ ଯେଉଁ ସାହିତ୍ୟ ପୁସ୍ତକ ଗୁଡ଼ିକ ଅଧ୍ୟୟନ କରିଥିଲେ ସେଥିମଧ୍ୟରେ ନାମରତ୍ନଗୀତା, ଭାଗବତ ଓ ମଥୁରାମଙ୍ଗଳ

http://oaob.nitrkl.ac.in

ଇତ୍ୟାଦି ପ୍ରଧାନ ଥିଲା । ଗୃହଶିକ୍ଷା ଲାଭ ଦୃଷ୍ଟିରୁ ତ ଏ ଶିକ୍ଷା ନ୍ୟୂନ ଥିଲା ତା ସଙ୍ଗେ ସଙ୍ଗେ ସରକାରୀ ସ୍କୁଲକୁ ଯିବାପାଇଁ ବାଧ୍ୟତା-ମୂଳକ ନିୟମ ଥିବାରୁ ୧୮୭୫ ମସିହାରେ ଗଙ୍ଗାଧର ଆଧୁନିକ ସ୍କୁଲରେ ମୂଳରୁ ପଢିବାକୁ ଲାଗିଲେ । ୧୮୮୨ ମସିହା ପର୍ଯ୍ୟନ୍ତ ଏହି ସ୍କୁଲରେ ଅଧ୍ୟୟନ କରି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଲାଭ କରିଥିଲେ । ସମ୍ବଲପୁର ମଧ୍ୟପ୍ରଦେଶର ଅନ୍ତର୍ଗତ ଥିବାରୁ ସେ-ଠାରେ ଯେଉଁ ପାଠ୍ୟ ପୁସ୍ତକ ଗୁଡିକ ଚଳୁଥିଲା ତାହାମୁଖ୍ୟତଃ ବଙ୍ଗଳା ପାଠ୍ୟ ପୁସ୍ତକର ଅନୁବାଦ ମାତ୍ର ଥିଲା । ଏପରିକି ପାଠ୍ୟ ପୁସ୍ତକ ମଧ୍ୟରେ ସ୍ୱତନ୍ତ୍ର କବିତା ପୁସ୍ତକ ମଧ୍ୟ ନଥିଲା । ୭।୮ ବର୍ଷ ଧରି ମେହେରେ ଯେଉଁ ଆଧୁନିକ ପୁସ୍ତକ ଅଧ୍ୟୟନ କରିଥିଲେ ତାହା ଉଚ୍ଚକୋଟିର ନଥିଲା, ନୂତନ ଆଦର୍ଶରେ ଦୀକ୍ଷିତ ଯୁଗୋପଯୋଗୀ ଆଧୁନିକ ସାହିତ୍ୟ ଯେଉଁ ପାଠ୍ୟ ପୁସ୍ତକକୁ ଆଶ୍ରୟକରି ପରବର୍ତ୍ତୀ କାଳରେ ରଚିତ ହୋଇଥିଲା, ସେ ପାଠ୍ୟପୁସ୍ତକ ସ୍କୁଲ ଜୀବନରେ ମେହେରଙ୍କ ଦୃଷ୍ଟିପଥାରୂଢ଼ ହୋଇପାରି ନ ଥିଲା । ଯାହା ଫଳରେକି ୨୦ ବର୍ଷ ବୟସରେ ଗଙ୍ଗାଧର ୫ମ ଶ୍ରେଣୀରୁ ବିଦ୍ୟା ଶେଷ କରି କୌଣସି ଦରଦର୍ଶନ ନ ପାଇଥିବାବେଳେ ସେହିସମୟରେ ରାଧାନାଥ [୧୮୪୮] ଓ ମଧୁସୂଦନ [୧୮୫୩] ବଙ୍ଗଳା କବିତା-ବଳୀ [୧୮୬୮] ପ୍ରକାଶ କରିବାକୁ ସକ୍ଷମ ହୋଇଥିଲେ । ତା ଛଡ଼ା ଉତ୍କଳ ଦର୍ପଣ ମାସିକପତ୍ରିକାରେ ଏହି ଦୁଇଜଣଙ୍କର ଉଚ୍ଚକୋଟୀର ପ୍ରବନ୍ଧ ଓ କବିତା ମଧ୍ୟ ପ୍ରକାଶିତ ହେଉଥିଲା ।

ଏ ପ୍ରକାର ପରିସ୍ଥିତି ପାଇଁ ହୁଏତ ଗଙ୍ଗାଧରଙ୍କ ପରିବେଶକୁ ପୂର୍ଣ୍ଣତଃ ଦାୟୀ କରିବାକୁ ହୋଇଥାଏ । ଗଙ୍ଗାଧରଙ୍କ ଆର୍ଥିକ ପରିସ୍ଥିତି ଏତେ ଶୋଚନୀୟ ଥିଲାଯେ ୧୮୭୫ ରୁ ୧୮୮୭

http://oaob.nitrkl.ac.in

ମଧ୍ୟରେ ବାଧ୍ୟତାମୂଳକ ଭାବରେ ଶିକ୍ଷା କରିସୁଦ୍ଧା ପୂର୍ଣ୍ଣଭାବେ ସେ ଅଧ୍ୟୟନରେ ସମୟ ଦେଇପାରୁ ନଥିଲେ । ଫଳରେ ୨ୟ -ଶ୍ରେଣୀରୁ ଆରମ୍ଭ କରି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଗୃହାଦିର ବେଳାଏଁ ଲେଖାଏଁ ରହି ପିତାଙ୍କୁ ବୟନ କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ଅବହେଳିତ ଓଡ଼ିଶା ପ୍ରଦେଶର ଉପେକ୍ଷିତ ସମ୍ବଲପୁରରେ ଜନ୍ମଗ୍ରହଣ କରି, ସ୍ୱଳ୍ପ ଶିକ୍ଷା ପ୍ରାପ୍ତ ହୋଇ ଉପଯୁକ୍ତ ଆଧୁନିକ ପାଠ୍ୟପୁସ୍ତକର ଅଭାବରେ ଜୀବନ ଅତିବାହିତ କରି ଗଙ୍ଗାଧରଙ୍କ ଅମଳିନ କବିପ୍ରତିଭା ଯେପରି ଭାବେ ସ୍ୱତଃ ବିକଶିତ ହୋଇଛି ତାହା ଭାବିଲେ ବିସ୍ମିତ ହେବାକୁ ହୁଏ ।

ପାରମ୍ପରିକ ସାହିତ୍ୟାଦର୍ଶରେ ଗଙ୍ଗାଧର:—

ଆଧୁନିକ ଶିକ୍ଷା ଆଧୁନିକ ସାହିତ୍ୟସୃଷ୍ଟି କରିବାକୁ ବହୁପରିମାଣରେ ଖୋରାକ ଯୋଗାଇ ଥିବାରୁ ଯେଉଁମାନେ ଆଧୁନିକ ଶିକ୍ଷାରୁ ବଞ୍ଚିତହୋଇ ସେହି ସମୟରେ ସାହିତ୍ୟ ସାଧନାରେ ବ୍ରତୀ ହୋଇଛନ୍ତି ସେମାନେ ହୁଏତ ନିଜଦେଶର କିମ୍ବା ପଡ଼ୋଶୀ ପ୍ରଦେଶର ଆଧୁନିକ ସାହିତ୍ୟାଦର୍ଶ ଦ୍ୱାରା ପ୍ରଭାବିତ ହୋଇଅଛନ୍ତି । ଗଙ୍ଗାଧର ଆଧୁନିକ ଯୁଗର ଉଚ୍ଚଶିକ୍ଷାରୁ ବଞ୍ଚିତ ହେବା ପରେ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟର ଅଧ୍ୟୟନରେ ନିଜର ରସପିପାସା ଚରିତାର୍ଥ କରିଥିଲେ । ଏହାବ୍ୟତୀତ ଆଧୁନିକ ବଙ୍ଗଳା ସାହିତ୍ୟ, ବଙ୍ଗଳା ଏବଂ ଓଡ଼ିଆରେ ଅନୁଦିତ ସଂସ୍କୃତ ସାହିତ୍ୟ, ଏବଂ ଆଧୁନିକ ଓଡ଼ିଆ ସାହିତ୍ୟ ଗଙ୍ଗାଧର ସାହିତ୍ୟ ବିକାଶର ପୃଷ୍ଠଭୂମି ରୂପେ ଦେଖା ଦେଇଥିଲା । ସର୍ବୋପରି ଗଙ୍ଗାଧର ବିଶେଷଭାବେ ରାଧାନାଥଙ୍କ ସାହିତ୍ୟ

http://oaob.nitrkl.ac.in

ଦ୍ୱାରା ପ୍ରଭାବିତ ହୋଇଥିଲେ । ପ୍ରତ୍ୟକ୍ଷଭାବେ ଇଂରେଜୀ ଶିକ୍ଷା ଏବଂ ସାହିତ୍ୟର ଅଧ୍ୟୟନରୁ ବଞ୍ଚିତ ହୋଇ ସଂସ୍କୃତ ସାହିତ୍ୟକୁ ମୂଳପିଣ୍ଡ କରି ମଧ୍ୟଯୁଗୀୟ କାବ୍ୟିକ ପରମ୍ପରାକୁ ଆଧୁନିକ ରୁଚି ସମ୍ମତ କରି ଗଙ୍ଗାଧର ନିଜର କାବ୍ୟ ଗୁଡିକ ରଚନା କରିବାକୁ ବାଧ୍ୟ ହୋଇଥିଲେ ।

ଗଙ୍ଗାଧର ପ୍ରାଚୀନ ଓଡ଼ିଆ କବିମାନଙ୍କ ଦ୍ୱାରା କିପରି ପ୍ରଭାବିତ ହୋଇଥିଲେ ତାଙ୍କ ଆତ୍ମଜୀବନୀରୁ ସ୍ପଷ୍ଟ ପ୍ରତିଭାତ ହୁଏ । କବି ଆତ୍ମଜୀବନୀରେ ଲେଖିଛନ୍ତି ସ୍କୁଲ ଛାଡ଼ିଲାରୁ ଲାବଣ୍ୟବତୀ, ସୁଭଦ୍ରା ପରିଣୟ, ରସିକହାରାବଳୀ ଓ ବୈଦେହିଶ ବିଳାସର କେତେକାଂଶ ସାଧାରଣ ଭାବେ ଦେଖିଥିଲି । ସେହିପରି ରସକଲ୍ଲୋଳ ମଧ୍ୟ ଦେଖିଲି । ପ୍ରଥମେ ଛୋଟ ଛୋଟ କେତେକ କବିତା ପଦ୍ୟବନ୍ଧରୀରେ ଲେଖିଥିଲି । ତନ୍ମଧ୍ୟରେ 'ରସରତ୍ନାକର' ବଡ଼ ।"

ଏହି ରସରତ୍ନାକର ହିଁ ବାସ୍ତବିକ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ପରମ୍ପରାର ଦାୟାଦ, । ବାଣାସୁରର କନ୍ୟା ଊଷା ଓ କୃଷ୍ଣ ପୁତ୍ର ଅନିରୁଦ୍ଧର ପରିଣୟ ବ୍ୟାପାର ରସରତ୍ନାକରର ଉପଜୀବ୍ୟ ବିଷୟ । ପୁରାଣଯୁଗର ଊଷା 'ଅନିରୁଦ୍ଧ' ଊଷାଭିଳାଷ' କାବ୍ୟରେ ଯେଉଁ ରୂପ ନେଇ ଆସିଛନ୍ତି ରାଧାନାଥ ସୃଷ୍ଟିର ଊଷା, ଅନିରୁଦ୍ଧ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବରେ ଅନ୍ୟ ଏକ ରୂପ ନେଇ ଆସିବା ସ୍ୱାଭାବିକ କଥା । କିନ୍ତୁ ଗଙ୍ଗାଧର ଙ୍କ ସୃଷ୍ଟି ମାନସ ଊଷାଭିଳାସଠାରୁ ଭିନ୍ନ ହେଲେହେଁ ପ୍ରାଚୀନ ରୀତିରେ ଯେ ପରିବର୍ଦ୍ଧିତ ଏଥିରେ ସନ୍ଦେହନାହିଁ । ଭଂଜଙ୍କର କଳା-

http://oaob.nitrkl.ac.in

କୌତୁକ, ଦୀନକୃଷ୍ଣଙ୍କର ରସକଲ୍ଲୋଳ ପରି ଗଙ୍ଗାଧରଙ୍କର ରସରତ୍ନାକର 'ଆଦ୍ୟ ପ୍ରାନ୍ତ' ର କାର ନିୟମରେ ରଚିତ । ଅକ୍ଷର ସଂଯୋଜନା, କ୍ଲିଷ୍ଟ ଓ ଦୁର୍ବୋଧ ଶବ୍ଦ ପ୍ରୟୋଗ, ଗତାନୁଗତିକ ରୂପବର୍ଣ୍ଣନା ଦ୍ୱାରା ରସରତ୍ନାକର ଭଂଜଙ୍କ ଦ୍ୱାରା ପ୍ରଭାବିତ ।

ଅହଲ୍ୟା ସ୍ତବ ରାମାୟଣର ଏକ ଉପାଖ୍ୟାନ । ଦେବରାଜ ଇନ୍ଦ୍ର ଦୈହିକ ଲାଳସାରେ ଗୌତମଙ୍କ ସ୍ତ୍ରୀ ଅହଲ୍ୟାଙ୍କୁ ଉପଭୋଗ କରିବାରୁ ଗୌତମ ଦେବରାଜ ଇନ୍ଦ୍ର ତଥା ଅହଲ୍ୟାଙ୍କୁ ଅଭିଶାପ ଦାନ କରିଥିଲେ । ଏହି ଅଭିଶାପରେ ଅହଲ୍ୟା ପ୍ରସ୍ତରୀଭୂତା ହେବା ସଂଗେ ସଂଗେ ଦେବରାଜଙ୍କର ଶରୀରରେ ସହସ୍ର ଯୋନି ହୋଇଥିଲା । ମହର୍ଷି ବିଶ୍ୱାମିତ୍ରଙ୍କ ସହିତ ରାମଚନ୍ଦ୍ର ମିଥିଳା ଯାତ୍ରା କରୁଥିବା ବେଳେ ତାଙ୍କର ପାଦସ୍ପର୍ଶରେ ଅହଲ୍ୟା ତାଙ୍କର ନିଜରୂପ ଫେରି ପାଇଥିଲେ । ଅହଲ୍ୟା ରାମଚନ୍ଦ୍ରଙ୍କୁ ଭଗବାନଙ୍କ ଅବତାର ଜାଣିପାରି ପ୍ରାର୍ଥନା କରିଥିଲେ । ଏହି କ୍ଷୁଦ୍ର ରଚନାଟି ସଂସ୍କୃତ ଶାର୍ଦ୍ଦୂଳ ବିକ୍ରୀଡ଼ିତ ଛନ୍ଦରେ ପ୍ରଥମେ ଲେଖାଯାଇଥିଲା । ତଦାନୀନ୍ତନ ବଡ଼ପାଲ ଯୁବରାଜଙ୍କ ଗୃହଶିକ୍ଷକ ସୂର୍ଯ୍ୟକୁମାର ମିଶ୍ର ଏହା ପାଠ କରି ଆଧୁନିକ କବି ରାଧାନାଥଙ୍କ ନିକଟକୁ ଏହି କ୍ଷୁଦ୍ର ପୁସ୍ତକ ପଠାଇବାକୁ ଗଙ୍ଗାଧରଙ୍କୁ ଅନୁରୋଧ କରିଥିଲେ । ଶେଷରେ ଏହାହିଁ ହୋଇଥିଲା । ଯାହାଫଳରେ ସଂସ୍କୃତ-ଶାର୍ଦ୍ଦୂଳ ବିକ୍ରୀଡ଼ିତ ଛନ୍ଦ ପରିବର୍ତ୍ତେ ବଙ୍ଗଳାଶ୍ରୀ ବୃତ୍ତରେ ଉକ୍ତ ପୁସ୍ତକ ରଚନା କରିବାକୁ ରାଧାନାଥ ଗଙ୍ଗାଧରଙ୍କୁ ଲେଖିଥିଲେ ଏବଂ ତାହାହିଁ ହେଲା । ଅହଲ୍ୟାସ୍ତବ ରଚନା ପରେ ଗଙ୍ଗାଧର ରାଧାନାଥଙ୍କର ଜଣେ ପଛଶିଷ୍ୟ ହୋଇପଡ଼ିଥିଲେ

http://oaob.nitrkl.ac.in

୧୮୯୨ରୁ ୧୯୦୩ ପର୍ଯ୍ୟନ୍ତ ରାଧାନାଥ ଅପ୍ରତିଦ୍ୱନ୍ଦ୍ୱୀ କବି ହିସାବରେ ଓଡ଼ିଆ ସାହିତ୍ୟରେ ଆସନ ଦୃଢୀଭୂତ କରିଥାନ୍ତି । ଏହି ସମୟରେ ପ୍ରକାଶିତ ହେଲା ଗଙ୍ଗାଧରଙ୍କ ଇନ୍ଦୁମତୀ, ଉତ୍କଳ ଲକ୍ଷ୍ମୀ ଓ କୀଚକ ବଧ । ଇନ୍ଦୁମତୀର କଥାବସ୍ତୁ ରଘୁବଂଶରୁ ସଂଗୃହୀତ, କିନ୍ତୁ ଏହାର ଭାବ ଆଧୁନିକ ଗ୍ରନ୍ଥରେ ପରିବେଷଣ କରାଯିବା ସଙ୍ଗେସଙ୍ଗେ ଭାଷା ଆଧୁନିକ ହୋଇଅଛି । ଏହି କାବ୍ୟ ରଚନାରେ ଗଙ୍ଗାଧର ଯେ ରାଧାନାଥଙ୍କ ଭାଷା, ପ୍ରକୃତି ଦର୍ଶନ ତଥା ଆଧୁନିକ ପରିପ୍ରେକ୍ଷୀ ଦ୍ୱାରା ପ୍ରଭାବିତ ଏଥିରେ ସନ୍ଦେହ ନାହିଁ ।

ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା ମାଧ୍ୟମରେ ଉତ୍କଳଲକ୍ଷ୍ମୀଙ୍କର ବନ୍ଦନା ତଥା ଗଙ୍ଗାଧରଙ୍କର ବଳିଷ୍ଠ ଦେଶାତ୍ମବୋଧର ପରିଚୟ ମିଳିଥାଏ ।

ଜନ୍ମିତୋ ଉତ୍କଳ   ଲକ୍ଷ୍ମୀ ଏକମାତ୍ର
    ନନ୍ଦସି ତୁ ବସୁଧାରେ
ପ୍ରାକୃତିକ ଶୋଭା   ରାଶି ରହିଛନ୍ତି
    ତୋ ଅଙ୍ଗରେ ଏକାଧାରେ ।   ପ୍ରସଙ୍ଗରୁ

ଗଙ୍ଗାଧର କିପ୍ରକାର ଜାତୀୟବାଦୀ ଥିଲେ ତାହାର ସ୍ପଷ୍ଟ ସୂଚନା ମିଳିଥାଏ । ଉତ୍କଳଲକ୍ଷ୍ମୀ ରଚନାରେ ଗଙ୍ଗାଧର ବହୁଭାବରେ ଜାତୀୟବାଦୀ କବି ରାଧାନାଥଙ୍କ ଦ୍ୱାରା ପ୍ରଭାବିତ ହୋଇଅଛନ୍ତି, ତଥାପି ତତ୍କାଳୀନ ପରିବେଶ କବି ମନରେ ଯେ ରେଖାପାତ କରିଥିବ ଏଥିରେ ସନ୍ଦେହ ନାହିଁ । ସମ୍ବଲପୁର ଯୁବରାଜ ସାଇଙ୍କ ନେତୃତ୍ୱରେ ୧୮୬୨ ମସିହା ବେଳକୁ ଗତି

http://oaob.nitrkl.ac.in

ଉଠୁଥିବା ବିଦ୍ରୋହ ଅଧିକାଂଶ ଭାବରେ ଉତ୍କଳ ଲକ୍ଷ୍ମୀ ରଚନାରେ ହୁଏତ ସାହାଯ୍ୟ କରିଥିବ, ତାଛଡ଼ା ୧୯୦୨ଠାରୁ ଲାଗିରହିଥିବା ଭାଷାସ୍ୱରେ ବିଦେଶମିଶ୍ରଣ ଏବଂ ଓଡ଼ିଆ ବଙ୍ଗାଳୀ ବିବାଦ ଗଙ୍ଗାଧରଙ୍କ ମାନସ ସନ୍ତାନ ଉତ୍କଳଲକ୍ଷ୍ମୀର ଅନ୍ୟ ଏକ ପୃଷ୍ଠଭୂମି ।

"କୀଚକ ବଧ" ମହାଭାରତର ଗୋଟିଏ କୌତୁକାବହ ଏବଂ ଶିକ୍ଷାପ୍ରଦ ଆଖ୍ୟାନ । ଏହି ପ୍ରାଚୀନ କାହାଣୀକୁ କବି ଗଙ୍ଗାଧରଙ୍କର ରସମୟୀ ଲେଖନୀ ସମ୍ପୂର୍ଣ୍ଣ ନୂତନ ମୂର୍ତ୍ତିରେ ++ ଉପସ୍ଥାପିତ କରିଅଛି" । ଗଙ୍ଗାଧର ଏଭଳି ଏକ ବିଷୟ ବସ୍ତୁ ରଚନା କରିବା ପୂର୍ବରୁ ସଂସ୍କୃତ ଅନୁଦିତ ମହାଭାରତ ପାଠ କରିବା ସଙ୍ଗେ ସଙ୍ଗେ ସାରଳାମହାଭାରତ ନିଶ୍ଚୟ ପାଠ କରିଥିବେ, ମହାଭାରତରୁ ବିଷୟ ବସ୍ତୁ ସଂଗ୍ରହ କରିଥିଲେ ସୁଦ୍ଧା ରାଧାନାଥଙ୍କ ଚନ୍ଦ୍ରଭାଗା କାବ୍ୟରୁ, ପ୍ରଭାବରୁ ସେ ବଞ୍ଚିତ ନୁହନ୍ତି । ପାଶ୍ଚାତ୍ୟ ସାହିତ୍ୟର ରୋମାଣ୍ଟିକ ବାତ୍ୟା ଓଡ଼ିଆ ସାହିତ୍ୟରେ ପ୍ରଥମ କରି ସ୍ପର୍ଶ କଲା ରାଧାନାଥଙ୍କୁ, ଏହି ଭାବଧାରା ଦ୍ୱାରା ଗଙ୍ଗାଧର ସମେତ ସେ ଯୁଗର ଅନେକ କବି ପ୍ରଭାବିତ ହୋଇଛନ୍ତି । ପଦ୍ମିନୀ ରଚନାର ମୂଳରେ ଏହି ଭାବଧାରାହିଁ ନିହିତ । ନିଜ ଦେଶର ଇତିହାସ କିମ୍ବା ପୁରାଣରୁ ବିଷୟବସ୍ତୁ ସଂଗ୍ରହ କରି ତତ୍‌କାଳୀନ ବୀରପୁରୁଷ ବା ନାରୀ ମାନଙ୍କର ଗୌରବ ଗାନ କରିବା ହେଲା **Romantic** କବିମାନଙ୍କର ଅନ୍ୟ ଏକ ଲକ୍ଷଣ । ରାଧାନାଥଙ୍କ ଅଧିକାଂଶ କାବ୍ୟ ର ପ୍ରାଣହିଁ ହେଉଛି ଏହି ଭାବଧାରା, ଯାହାର ଅନୁସରଣ କରିବାକୁ ଗଙ୍ଗାଧର ପାଶ୍ଚାତ୍‌ପଦ ହୋଇନାହାନ୍ତି ।

http://oaob.nitrkl.ac.in

'ପ୍ରଣୟୀ ବଲ୍ଲରୀ' ରଚନାରେ ଗଙ୍ଗାଧରଙ୍କର ସୃଷ୍ଟି ଆଦର୍ଶ କାଳିଦାସଙ୍କ 'ଅଭିଜ୍ଞାନ ଶକୁନ୍ତଳମ୍' ଥିଲେ ସୁଦ୍ଧା ରାଧାନାଥଙ୍କ ଶୈଳୀ ତଥା ଅମ୍ଭିକ ଚେସଂପଦ ଠାରେ ସେ ଅନେକ ପରିମାଣରେ ଋଣୀ । ଇନ୍ଦ୍ରଧନୁ ବିଜୁଳି ବିବାଦ ପରେ ପରେ ଗଙ୍ଗାଧରସାହିତ୍ୟ ରାଧାନାଥସାହିତ୍ୟ ର ମୌନ ପ୍ରତିବାଦ ଭଳି ପ୍ରତୀୟମାନ ହେଲେ ସୁଦ୍ଧା ରାଧାନାଥ ସାହିତ୍ୟର **Tragic** ସ୍ୱର ପ୍ରଣୟୀ ବଲ୍ଲରୀରେ ଦେଖାଦେଇଥାଏ । ଠିକ୍ ସେହିପରି ତପସ୍ୱିନୀର କବି ରଘୁବଂଶ, ଉତ୍ତରରାମଚରିତ ଏବଂ ସଂସ୍କୃତ ରାମାୟଣ ତଥ ଓଡ଼ିଆରାମାୟଣ (ବଳରାମ ଦାସ) କୁ ଦୃଷ୍ଟି ସମକ୍ଷରେ ରଖି 'ତପସ୍ୱିନୀ' ରଚନା କରିଥିଲେ ସୁଦ୍ଧା ରାଧନାଥଙ୍କ ସାହିତ୍ୟାଦର୍ଶ ଦ୍ୱାରା ସେ ପ୍ରଭାବିତ ହୋଇଛନ୍ତି ।

'ଭାରତ ଭାବନା ରେ' କବିଙ୍କର ଭାବନା ବୋଧ ଉତ୍କଳରୁ ଭାରତକୁ ଅଗ୍ରଗତି କରିଅଛି । ତତ୍‌କାଳୀନ ଭାରତୀୟ ରାଜନୈତିକ ଆନ୍ଦୋଳନ "ଭାରତ ଭାବନା" ଭଳି ଦେଶାତ୍ମବୋଧ କବିତା ରଚନା କରିବାକୁ କବିଙ୍କୁ ମାନସିକ ଖୋରାକ ଯୋଗାଇ ଅଛି । ଗଙ୍ଗାଧରଙ୍କର ଅନ୍ୟାନ୍ୟ କ୍ଷୁଦ୍ର କବିତା ଏବଂ ବିବିଧ ରଚନା ଗୁଡିକ ଅଧିକାଂଶ ଭାବରେ ତତ୍‌କାଳୀନ ସାମାଜିକ ପରିସ୍ଥିତିର ଭିତ୍ତିଭୂମି ଉପରେ ଗଢି ଉଠିଛି ।

ଉପସଂହାରः—

ଗଙ୍ଗାଧରଙ୍କ ଆବିର୍ଭାବ ସମୟ ଓଡ଼ିଆ ସାହିତ୍ୟ ଇତିହାସ ରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଅଧ୍ୟାୟ । ପାଶ୍ଚାତ୍ୟ ସାହିତ୍ୟ ତଥା ଶିକ୍ଷାର ପ୍ରସାରରେ ଏ ଯୁଗ ଏକ ନୂତନ ବାଟ୍ଟା ଓଡ଼ିଆ ସାହିତ୍ୟରେ

http://oaob.nitrkl.ac.in

ଆନୟନ କରିବାରେ ସକ୍ଷମ ହୋଇ ପାରିଥିଲା, କିନ୍ତୁ ଏପ୍ରକାର ବାର୍ତ୍ତାର ପ୍ରତ୍ୟକ୍ଷ ପ୍ରଭାବ ଗଙ୍ଗାଧରଙ୍କୁ ପ୍ରଭାବିତ କରିପାରି ନାହିଁ କାରଣ ଆଧୁନିକ ତଥା ଇଂରେଜି ଶିକ୍ଷାରୁ ଗଙ୍ଗାଧର ବଞ୍ଚିତ ହୋଇ ଥିଲେ । ଏହାପାଇଁ ତାଙ୍କର ଦାରିଦ୍ର୍ୟ ଓ ବୈଚିତ୍ର୍ୟଶୂନ୍ୟ ଜୀବନ ଦାୟୀ, ଯାହା ଯାଇଁକି ଗୀତିକବିତା, କ୍ଷୁଦ୍ର ଗଳ୍ପ, ଉପନ୍ୟାସ, ନାଟକ, ସମାଲୋଚନା ଓ ଭ୍ରମଣ ସାହିତ୍ୟର ବହୁଳ ପ୍ରସାର ଯୁଗରେ ସେ ରାଧାନାଥଙ୍କ ପ୍ରବର୍ତ୍ତିତ କାବ୍ୟପରମ୍ପରାର ଅନୁସରଣ କରିବାକୁ ବାଧ୍ୟ ହୋଇଅଛନ୍ତି । କିନ୍ତୁ ଜୀବନର ପ୍ରତିକୂଳ ବାତାବରଣ ସହିତ ସଂଘର୍ଷ କରି ନିଜର ସ୍ୱଭାବ ସୁଲଭ କବି ପ୍ରତିଭା ବଳରେ ସେ ଯେଉଁ ଅମୂଲ୍ୟ ସମ୍ପଦ ଓଡ଼ିଆ ସାହିତ୍ୟକୁ ଦାନ କରିଗଲେ ଚିରଦିନ ଏ ଜାତିର ସେ ନମସ୍ୟ ହୋଇ ରହିବେ ।

ଉକ୍ତ ପ୍ରବନ୍ଧ ରଚନାରେ ନିମ୍ନଲିଖିତ ପୁସ୍ତକ ଗୁଡ଼ିକର ସାହାଯ୍ୟ ନିଆ ଯାଇଛି ।

୧ । ଓଡ଼ିଶା ଇତିହାସ—ଡକ୍ଟର ହରେକୃଷ୍ଣ ମହତାବ ।

୨ । ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା ରାଧାନାଥ:—ଅଧ୍ୟାପକ ଡକ୍ଟର ନଟବର ସାମନ୍ତରାୟ ।

୩ । ଅଭିଭାଷଣ—ଅଧ୍ୟାପକ ବଂଶୀଧର ମହାନ୍ତି ।

୪ । ଗଙ୍ଗାଧର ସାହିତ୍ୟ ସମୀକ୍ଷା:—ଅଧ୍ୟାପକ ଡକ୍ଟର ନଟବର ସାମନ୍ତରାୟ ।

http://oaob.nitrkl.ac.in

ସଂସ୍କୃତ ସାହିତ୍ୟର ପରିବେଶରେ କବି ଗଙ୍ଗାଧର

ନଗେନ୍ଦ୍ରନାଥ ପ୍ରଧାନ

ଅତୀତର ପୃଷ୍ଠଭୂମି ଉପରେ ବର୍ତ୍ତମାନର ସ୍ଥିତି । ବର୍ତ୍ତମାନର ଓଡ଼ିଆ ସାହିତ୍ୟ ଅତୀତର ବହୁ ସାଧକ-ସ୍ରଷ୍ଟାଙ୍କ ଅମର ଅବଦାନରେ ପରିପୁଷ୍ଟ । ଗଙ୍ଗାଧରଙ୍କ କାବ୍ୟ କବିତାର ସୃଷ୍ଟି ପାଇଁ ତାଙ୍କର ପୂର୍ବବର୍ତ୍ତୀ ବହୁ କବିଙ୍କର ସୃଷ୍ଟି ସମ୍ପଦ ବହୁ ଭାବରେ ଦାୟୀ । ଓଡ଼ିଆ ସାହିତ୍ୟର ବହୁ ପ୍ରାଚୀନ କବିଙ୍କ ଦ୍ୱାରା ସେ କାବ୍ୟର ଉଭୟ ଆଙ୍ଗିକ ଓ ଆନ୍ତଃବିଭବ ଦୃଷ୍ଟିରୁ ପ୍ରଭାବିତ । ତାହାବ୍ୟତୀତ ତାଙ୍କର ଦୂରଦ୍ରସାରୀ ଦୃଷ୍ଟି କେବଳ ଓଡ଼ିଆ ସାହିତ୍ୟ ମଧ୍ୟରେ ପରିସୀମିତ ନଥିଲା । ଭାରତର ପ୍ରାଚୀନ କାବ୍ୟ ବିଭବ ପରିପୂର୍ଣ୍ଣ ଭାଷାଜନନୀ ସଂସ୍କୃତ ଭାଷାରେ ଗଂଗାଧରଙ୍କର ଗଭୀର ପାଣ୍ଡିତ୍ୟ ଥିବାର ଅନୁମାନ । ସେ ଅବଶ୍ୟ ଇଂରେଜୀ ପ୍ରଭୃତି ପାଶ୍ଚାତ୍ୟ ଭାଷାମାନଙ୍କରେ ବିଶେଷ ପ୍ରବେଶର ସୁଯୋଗରୁ ବଞ୍ଚିତ ହୋଇଥିଲେ । କିନ୍ତୁ ଚାଟଶାଳୀରୁ ଆରମ୍ଭ କରି ସମଗ୍ର ଜୀବନକାଳ ମଧ୍ୟରେ ସେ ସଂସ୍କୃତ ସାହିତ୍ୟ ପଠନରୁ ଅବ୍ୟାହତି ପାଇ ନଥିଲେ । ଏହି ହେତୁରୁ ତାଙ୍କର ସମସାମୟିକ ପ୍ରଖ୍ୟାତ ନାମା ଆଧୁନିକ କବିମାନଙ୍କ ମଧ୍ୟରୁ କବିବର ରାଧାନାଥ ଓ ଭକ୍ତକବି ମଧୁସୂଦନ ଉଭୟ ସଂସ୍କୃତ ଓ ଇଂରେଜୀ ପ୍ରଭୃତି ପାଶ୍ଚାତ୍ୟ ସାହିତ୍ୟମାନଙ୍କରୁ ବିଷୟବସ୍ତୁ ଓ ଶୈଳୀର ଆହରଣ କରି କାବ୍ୟ କବିତା ରଚନା କରୁଥିବା ବେଳେ ଗଙ୍ଗାଧର ମେହେର ସଂସ୍କୃତ ଶାର୍ଦ୍ଦୂଳ ବିକ୍ରୀଡ଼ିତ ଛନ୍ଦରେ 'ଅହଲ୍ୟା ସ୍ତବ' ରଚନା କରୁଥିଲେ ।

ସଂସ୍କୃତ ସାହିତ୍ୟର ସେହି ଛନ୍ଦ ପ୍ରୟୋଗକୁ ଉତ୍କଳର ମାୟାଧର ମାନସିଂହ ଖୁବ୍ ପସନ୍ଦ କରିଥିଲେ ମଧ୍ୟ ଗଂଗାଧରଙ୍କ

http://oaob.nitrkl.ac.in

ସମୟରେ ଆଧୁନିକତା ପ୍ରତି ଅତ୍ୟଧିକ ମୋହ ହେତୁ ବୋଧହୁଏ ବଙ୍ଗୀୟ ସାହିତ୍ୟିକ ସୂର୍ଯ୍ୟକୁମାର ମିତ୍ର ଗଙ୍ଗାଧରଙ୍କୁ ବଙ୍ଗଳାଶ୍ରୀ' ବୃତ୍ତରେ କାବ୍ୟ କବିତା ରଚନା କରିବାକୁ ନିର୍ଦ୍ଦେଶ ଦେଇଥିଲେ (ଗଙ୍ଗାଧର ଗ୍ରନ୍ଥାବଳୀ-ଜୀବନୀ ଅଧ୍ୟାୟ ଦ୍ରଷ୍ଟବ୍ୟ) ।

ସଂସ୍କୃତ ସାହିତ୍ୟର କାଳିଦାସ ଓ ଭବଭୂତି ପ୍ରଭୃତିଙ୍କର ଗ୍ରନ୍ଥମାନ ତାଙ୍କୁ ଖୁବ୍ ଆକୃଷ୍ଟ କରି ଅଛି ଓ ସେ ସବୁକୁ ଅନୁକରଣ କରି ଗଙ୍ଗାଧର କାବ୍ୟମାନ ପ୍ରଣୟନ କରିଅଛନ୍ତି । ତାହା ବ୍ୟତୀତ ସଂସ୍କୃତ ମହାଭାରତ, ରାମାୟଣର କାହାଣୀ ଓ ସଂସ୍କୃତ ଉପମା ଓ ରୂପକ ପ୍ରଭୃତି ଅଳଙ୍କାର ମାନ ବହୁଳ ଭାବରେ ଗ୍ରହଣ କରି ସେଗୁଡ଼ିକ ସାହାଯ୍ୟରେ ତାଙ୍କର କାବ୍ୟସଂସାରକୁ ସମୃଦ୍ଧ କରି ପାରିଛନ୍ତି ।

ଗଙ୍ଗାଧର ଥିଲେ ପ୍ରାଚ୍ୟ ସଂସ୍କୃତି ଓ ଐତିହ୍ୟର ନିଷ୍ଠାପର ଉପାସକ ଜାତୀୟ ବୋଧ ଦ୍ୱାରା ଉଦବୋଧିତ ହୋଇ ସେ ଭାରତୀୟ ଚରିତ୍ରମାନଙ୍କୁ ନେଇ ନୂତନ କାବ୍ୟସଂସାର ନିର୍ମାଣ କରିଛନ୍ତି । ଏହି କାବ୍ୟ ସଂସାର ମଧ୍ୟରେ ସଂସ୍କୃତ ସାହିତ୍ୟର କେତେ ଉପାଦାନ କି ଆକାରରେ ଗୃହୀତ ହୋଇଛି ତାହାହିଁ ଏଠାରେ ଫେଡ଼ି ଦେଖିବାର କଥା ।

ଆଚାର୍ଯ୍ୟ ଦଣ୍ଡୀ, ବାମନ, ଭାମହ, ବିଶ୍ୱନାଥ ଓ ଜଗନ୍ନାଥ ପଣ୍ଡିତ ପ୍ରଭୃତି ଯେଉଁସବୁ ସାହିତ୍ୟରଥୀମାନେ ଅଳଙ୍କାରଶାସ୍ତ୍ର ମାନ ରଚନା କରି ସଂସ୍କୃତ କାବ୍ୟ କବିତାର ରୂପରେଖ ସଂବନ୍ଧରେ ନିର୍ଦ୍ଦେଶ ଦେଇ ଯାଇଅଛନ୍ତି ତାହା ଗଙ୍ଗାଧରଙ୍କ ପୂର୍ଣ୍ଣଭାବରେ ନିୟନ୍ତ୍ରିତ କରିଅଛି । ତେଣୁ ସେ ଗ୍ରନ୍ଥାରମ୍ଭରେ ମଙ୍ଗଳା ଚରଣ,

http://oaob.nitrkl.ac.in

ଇଷ୍ଟ ଦେବତା ଓ ସାଧୁପୁରୁଷଙ୍କୁ ସ୍ତୁତି ତଥା ଖଳ ନିନ୍ଦା କରିବା ସଙ୍ଗେ ସଙ୍ଗେ କାବ୍ୟର ପ୍ରଧାନ ଧର୍ମ ଲୋକରଞ୍ଜକତା ପ୍ରତି ସଚେତନ ରହି ଗୁରୁତ୍ୱ ଆରୋପ କରିଛନ୍ତି । ଦଣ୍ଡୀଙ୍କର କାବ୍ୟ ବିଷୟ ବସ୍ତୁ ସମ୍ବନ୍ଧୀୟ ନିର୍ଦ୍ଦେଶ;

"ଇତିହାସ କଥୋଦ୍ଭୂତମିତରଦ୍‌ବା ସଦାଶ୍ରୟଂ
ଚତୁର୍ବର୍ଗ ଫଳୋପେତଂ ଚତୁରୋଦାତ୍ତ ନାୟକଂ," ଅନୁସାରେ

ଗଂଗାଧର 'ଇନ୍ଦୁମତୀ' ଓ 'ତପସ୍ୱିନୀ'ର ବିଷୟ ବସ୍ତୁକୁ ରାମାୟଣ, 'କୀଚକ ବଧ' ଓ ପ୍ରଣୟ ବଲ୍ଲରୀ'କୁ ମହାଭାରତର ପ୍ରଖ୍ୟାତ ଆଖ୍ୟାୟିକା ଭିତ୍ତିରେ ଗ୍ରହଣ କରିଅଛନ୍ତି । ସେହିପରି ମଧ୍ୟ 'ପଦ୍ମିନୀ' ଓ 'ଉତ୍କଳ ଲକ୍ଷ୍ମୀ'ର ବିଷୟ ବସ୍ତୁକୁ କବି ମେହେର ଭାରତ ବର୍ଷର ଇତିହାସରୁ ସଂଗ୍ରହ କରି ଅଛନ୍ତି ।

ସଂସ୍କୃତ କାବ୍ୟାଦର୍ଶରେ ନିଷ୍ଠାପର ଅନୁରକ୍ତ କବିଗଙ୍ଗାଧର ତାଙ୍କର ସକଳ କାବ୍ୟର ପରିସମାପ୍ତିକୁ ମିଳନାତ୍ମକ କରି ଦେଇଛନ୍ତି । କବିଙ୍କର ଏହି ଆଦର୍ଶଧର୍ମୀ ପରିକଳ୍ପନା ବହୁସ୍ଥଳରେ କଳାଗତ ସୌନ୍ଦର୍ଯ୍ୟକୁ କ୍ଷୁଣ୍ଣ କରୁଥିଲେ ହେଁ ମେହେର ଯେ ସ୍ୱୀୟ ଜାତୀୟ ପରଂପରା ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିଅଛନ୍ତି ଏଥିରେ ସନ୍ଦେହ ନାହିଁ । 'ଇନ୍ଦୁମତୀ' କାବ୍ୟକୁ ଗଙ୍ଗାଧର ରଘୁବଂଶର 'ଅଜବିଳାପ' ଅନୁସରଣରେ ରଚନା କରି ମଧ୍ୟ ଉତ୍ତୁଙ୍ଗ କବିତ୍ୱର ପରିଚୟ ଦେଇଥିଲେ । ତେଣୁ ଏଠାରେ ଦେଖିବାର କଥା ଯେ ମେହେର ସଂସ୍କୃତ କାବ୍ୟ ଭିତ୍ତିରେ ଏହା ରଚନା କରି ମଧ୍ୟ କିପରି କାବ୍ୟିକ ସୌନ୍ଦର୍ଯ୍ୟକୁ ଅକ୍ଷୁଣ୍ଣ ରଖି ପାରିଅଛନ୍ତି । କାଳିଦାସଙ୍କର କେତେକ ଅନାବଶ୍ୟକୀୟ ବର୍ଣ୍ଣନାକୁ ମେହେର ପରିତ୍ୟାଗ କରି

http://oaob.nitrkl.ac.in

କାବ୍ୟର ପରିଣତି ଦିଗରେ ଧାବିତ ହୋଇଥିବା ଭଳି ମନେହୁଏ । ତେଣୁ ସମସ୍ତ ଶ୍ଳୋକର ଭାବ ପ୍ରାୟ ଗଙ୍ଗାଧର 'ଇନ୍ଦୁମତୀ'ରେ ପ୍ରଦାନ କରି ନାହାନ୍ତି । ମେହେରଙ୍କର ଏହି କାବ୍ୟ କବି ଜୀବନର ପ୍ରାରମ୍ଭିକ ଅବସ୍ଥାରେ ଲେଖା ହୋଇ ଥିବାରୁ ବୋଧହୁଏ କାଳିଦାସଙ୍କର ଚରିତ୍ରମାନଙ୍କର ମନସ୍ତାତ୍ତ୍ୱିକ ବିଶ୍ଳେଷଣର ନୈପୁଣ୍ୟ ମେହେରଙ୍କ କାବ୍ୟରେ ପରିଲକ୍ଷିତ ହୋଇ ନଥାଏ । ତଥାପି ସଂସ୍କୃତ କାବ୍ୟରୁ ଅସ୍ଥି କଙ୍କାଳ ନେଇ କବିତ୍ୱର ସଂଜୀବନୀ ଦେଇ ଯେ ଏକ ମନୋଜ୍ଞ କାବ୍ୟରୂପେ ଠିଆ କରାଇବାରେ ମେହେରଙ୍କର ବୈଶିଷ୍ଟ୍ୟ ଅଛି ଏକଥା ଅସ୍ୱୀକାର କରାଯାଇ ନପାରେ ।

ଅଜ ଓ ଇନ୍ଦୁମତୀଙ୍କର ବିବାହକୁ ବର୍ଣ୍ଣନାକରି କାଳିଦାସ ଲେଖିଛନ୍ତି—

"ତୌ ସ୍ନାତକୈର୍ବନ୍ଧୁମତା ଚରାଜ୍ଞା ପୁରନ୍ଧ୍ରିଭିଶ୍ଚ କ୍ରମଶଃ ପ୍ରଯୁକ୍ତମ୍ । କନ୍ୟାକୁମାରୌ କନକାସନ ସ୍ଥାବାଦ୍ରାକ୍ଷତା ରୋପଣମନ୍ୱଭୂତାମ୍ । ର.ବଂ. ୭।୨୮ ମେହେର ଲେଖିଛନ୍ତି—

ସ୍ନାତକ ମଣ୍ଡଳ ଭୋଜରାଜନୃପ ରାଜପ୍ରିୟ ବନ୍ଧୁଗଣ ।
ବରବଧୂଶିରେ ହରିଦ୍ରାରଞ୍ଜିତ ତଣ୍ଡୁଳକଳେ ବର୍ଷଣ ।
ତାପରେ ତଣ୍ଡୁଳ ବରଷଣ କଲେ ରମଣୀ ମଣ୍ଡଳ ଆସି ।

ସମର ବର୍ଣ୍ଣନା କାଳରେ କାଳିଦାସ ଲେଖିଛନ୍ତି—

"ପତ୍ତିଃ ପଦାତିଂ ରଥୀନଂ ରଥେ ଶସ୍ତ୍ରରଙ୍ଗସାଦୀ ତୁରଗାଧିରୂଢ଼ମ୍ ।
ଯନ୍ତା ଗଜସ୍ୟାଭ୍ୟପତତ୍ ଗଜସ୍ଥଂ ତୁଲ୍ୟ ପ୍ରତିଦ୍ୱନ୍ଦୀ ବଭୂବ ଯୁଦ୍ଧମ୍ ॥ ୭।୨

http://oaob.nitrkl.ac.in

ମେଦ୍ଦେରଙ୍କ କାବ୍ୟରେ ଏହାର ଅନୁରୂପ ବର୍ଣ୍ଣନା ଦେଖିବାକୁ ମିଳେ । ଯଥା—

"କହୁଁ କହୁଁ ବେନଦଳେ ଲାଗିଗଲା ଅତି ଭୟଙ୍କର ରଣ ।
ରଥୀ ସଂଗେ ରଥୀ ପଦାତି ପଦାତି ଆଧୋରଣେ ଆଧୋରଣ ।
ସାଦିବର ସଂଗେ ସାଦି ଏ ଯୁଝିଲେ କରେଧରି କରବାଳ ।
ସମର କ୍ଷେତ୍ରକୁ ତମିରେ ଆବୃତ କରିଦେଲେ ଶରମାଳ ॥"

ଦିବ୍ୟମାଳା ଯେତେବେଳେ ସ୍ୱର୍ଗରୁ ଖସି ଆସିଲା; ତାର ପତନରେ ଇନ୍ଦୁମତୀର ମୃତ୍ୟୁ ସମ୍ବନ୍ଧରେ କାଳିଦାସ ଲେଖିଛନ୍ତି—

"କ୍ଷଣଂ ମାତ୍ର ସଖୀଂ ସୁଜାତୟୋ ସ୍ତନୟୋ ସ୍ତାମବଲୋକ୍ୟ ବିହ୍ୱଳା ।
ନିମିମୀଲ ନରୋତ୍ତମ ପ୍ରିୟା ହୃତଚନ୍ଦ୍ରା ତମସେବ କୌମୁଦୀ ॥ ୮।୩୭"

ମେଦ୍ଦେର ଲେଖିଛନ୍ତି—

"ସେ ଦିବ୍ୟ କୁସୁମ ହାରଦରଶନ ମାତ୍ରେ ଇନ୍ଦୁମତୀଙ୍କର
ପ୍ରାଣ ବିହଙ୍ଗମ ଉଡ଼ିଗଲା ତନୁ ପଡ଼ିଲା ଧରା ଉପର ॥"

ଇନ୍ଦୁମତୀଙ୍କର ବିୟୋଗରେ ପ୍ରଣୟୀ ଅଜ ଯେଉଁ କରୁଣ ସ୍ୱରରେ ମର୍ମଭେଦୀ ବିଳାପ କରିଥିଲେ ତାହା କାଳିଦାସଙ୍କର କାବ୍ୟରେ ପ୍ରକାଶ ପାଇଅଛି ।

"କୃତବତ୍ୟସି ନାବଧୀରଣାମ ପରାଦ୍ଧେଽପି ଯଦା ଚିରଂମୟି ।
କଥମେକ-ପଦେ ନିରାଗସଂ ଜନମାଭାଷ୍ୟମିମଂ ନମନ୍ୟସେ ॥ ୮।୪୮

"ଅଥବା ମୃଦୁବସ୍ତୁ ହିଂସିତୁଂ ମୃଦୁନୈ ବା ଲଭତେ ପ୍ରଜାନ୍ତକଃ ।
ହିମସେକ ବିପତ୍ତିରତ୍ର ମେ ନଳିନୀ ପୂର୍ବ ନିଦର୍ଶନଂମତା ॥ ୮।୪୫

ସେହିପରି ଲେଖିଛନ୍ତି—

"କେତେ ଅପରାଧ କଲି ସଖୀ.ହନେ ଦେଖିନାହିଁ ତୋର ମାନ
ହନେ ତୋ ମୁଖରୁ କର୍କଶ ବଚନ ଶୁଣିନାହିଁ ମୋର କାନ ।
କଲ ନାଦ ବୀଣା ଗର୍ବ ଖର୍ବକର ବଚନ ନକହି ପଦେ ।
ଗଲୁ ନିମଜ୍ଜାଇ ଦେଇ ଶୋକମୟ ଦୁସ୍ତର ଘୋର ବିପଦେ ।"

\+ \+ \+ \+

"ଜଳରୁ ଜନମି ପଦ୍ମିନୀ ସୁନ୍ଦରୀ ଥରେ ଚନ୍ଦ୍ରଠାଏ ବାସ ।
ସମୟରେ ପୁଣି ସେହିଜଳ କଣା ପଦ୍ମିନୀକୁ କରେ ଗ୍ରାସ ॥"

ଅନ୍ୟତ୍ର କାଳିଦାସ ଲେଖିଛନ୍ତି—

"କ୍ରଥ କୈଶିକ ବଂଶ ସମ୍ଭବ ତବ ଭୂତ୍ୱା ମହିଷୀ ଚିରାୟୁସା
ଉପଲବ୍ଧବତୀ ଦିବଶ୍ଚୁତମ୍ ବିବଶା ଶାପ ନିବୃତ୍ତ କାରଣମ୍
ର.ବଂ.୮।୮୨ ।

ବିକଶିଲା କ୍ରଥ କଉଶିକ ବଂଶ ସରେ ବାଳା କୁମୁଦିନୀ
ଭୁବନ ଚନ୍ଦ୍ରମା ହେତୁ ହୋଇଥିଲା ତୁମ୍ଭ ଚିତ୍ତ-ବିନୋଦିନୀ ।

ମଗଧ ରାଜକୁମାରଙ୍କ ସଂବନ୍ଧରେ କାଳିଦାସ ଲେଖିଥିଲେ—

"କ୍ରିୟା ପ୍ରବନ୍ଧାଦୟ ମଧ୍ୱରାଣାଂ ମଜସ୍ର ମାହୂତଃ ସହସ୍ରନେତ୍ର ।
ଶଚ୍ୟାଶ୍ଚିରଂ ପାଣ୍ଡୁ କପୋଲ ଲମ୍ବାନ ମନ୍ଦାର ଶୂନ୍ୟା
ନଳକାଂଶ୍ଚକାର ॥"

http://oaob.nitrkl.ac.in

ମେହେରଙ୍କ ବର୍ଣ୍ଣନାରେ—

"ଗୃହାଳେ ସୁନ୍ଦର ! ଘୁରତେ ମଗଧ ପତି ଜଗଦେକ ଇନ୍ଦୁ !
ମହୀ ମହିଳାର ଲଲାଟ ମଣ୍ଡିତ ସୁରମ୍ୟ ସିନ୍ଦୂର ବିନ୍ଦୁ !
ପରଜାବତ୍ସଳ ଦେବପରାୟଣରୂପ ଅତି ଅଭିରାମ ।
ପ୍ରବଳ ପ୍ରତାପୀ ପରବଳ ତାପୀ ସ୍ୱାର୍ଥପରଂ ତପ ନାମ ॥"

ସଂସ୍କୃତ ଭାଷାରେ କାଳିଦାସଙ୍କର ଗ୍ରନ୍ଥର ମୂଲ୍ୟ ଯେପରି ଅତୁଳ, ସେହିପରି ଅନୁସୃତ ଗ୍ରନ୍ଥ ହିସାବରେ 'ଇନ୍ଦୁମତୀ'ରେ ମୂଳ ଗ୍ରନ୍ଥର ସାମଗ୍ରିକ ସୌନ୍ଦର୍ଯ୍ୟ ସୁରକ୍ଷିତ ହୋଇ ପାରି ନଥିଲେ ମଧ୍ୟ ଓଡ଼ିଆ ଭାଷାରେ 'ଇନ୍ଦୁମତୀ'ର ଏକ କରୁଣ ରସାଶ୍ରିତ ମାଧୁର୍ଯ୍ୟ ବ୍ୟଞ୍ଜକ କାବ୍ୟିକ ରୂପଶ୍ରୀ ଅନବଦ୍ୟ ବିଭବ ନେଇ ଦେଖା ଦେଇଛି ।

କବି ଗଙ୍ଗାଧରଙ୍କର 'ପ୍ରଣୟ ବଲ୍ଲରୀ' ଓଡ଼ିଆ ସାହିତ୍ୟରେ ଏକ ଅନବଦ୍ୟ ସୃଷ୍ଟି । 'ପ୍ରଣୟ ବଲ୍ଲରୀ'ରେ ଗଙ୍ଗାଧରଙ୍କର ଯେଉଁସବୁ ବର୍ଣ୍ଣନା ମୂଳକ ପଂକ୍ତି ପାଠକର ଚିତ୍ତ ଆକର୍ଷଣ କରେ ତହିଁରୁ କଣ୍ୱ ମୁନିଙ୍କ ଆଶ୍ରମ, ରାଜୋଦ୍ୟାନରେ ଦୁଷ୍ମନ୍ତଙ୍କର ବସନ୍ତ ବିହାର, ନୀଳାଚଳର ସାଗର ଉପତ୍ୟକା, ଗୃଧ୍ରକୂଟ ପର୍ବତ ପ୍ରଭୃତିର ବିବରଣୀ ମେହେରଙ୍କର ଏକାନ୍ତ ନିଜସ୍ୱ । ଏହାବ୍ୟତୀତ ମେହେରଙ୍କର କାବ୍ୟିକ ବୈଶିଷ୍ଟ୍ୟ ସହଜରେ ଅବଧାରଣା କରିହୁଏ ନାୟକ ନାୟିକା ଓ ଧୀବର ପ୍ରଭୃତି ଚରିତ୍ର ମାନଙ୍କର ମନୋଗତଭାବର ବିଶ୍ଳେଷଣରୁ ।

ଦୁଷ୍ମନ୍ତ ଶକୁନ୍ତଳାଙ୍କର ପ୍ରଣୟ କାହାଣୀ ବର୍ଣ୍ଣିତ ଅଛି ମହାଭାରତରେ । ଏଥିରେ ବ୍ୟାସଦେବ କେବଳ ଗୋଟିଏ ସରଳ ରୈଖିକ ଗତିରେ ଗଳ୍ପଟିର ଚିତ୍ର ପ୍ରଦାନ କରି ଅଛନ୍ତି । କିନ୍ତୁ

http://oaob.nitrkl.ac.in

ମହାକବି କାଳିଦାସ ଏହି କଥାବସ୍ତୁକୁ ଅବଲମ୍ବନ କରି ଯେଉଁ ବିଶ୍ୱ-ବିଖ୍ୟାତ "ଅଭିଜ୍ଞାନ ଶକୁନ୍ତଳଂ" ରଚନା କରିଗଲେ, ତହିଁରେ ନିହିତ ଅଛି କାଳିଦାସଙ୍କର ଯଥାର୍ଥ ବ୍ୟାସ-ଦାୟାଦର ଗୌରବ, ଓଡ଼ିଆ ସାହିତ୍ୟରେ ଗଙ୍ଗାଧର ଉକ୍ତ ନାଟକକୁ ସମ୍ମୁଖରେ ରଖି 'ପ୍ରଣୟ ବଲ୍ଲରୀ' ରଚନା କରିବାରେ କେତେଦୂର ସଫଳ ହୋଇ ପାରି ଅଛନ୍ତି ତାହା ବିଚାର କରି ଦେଖିବାର କଥା । ବ୍ୟାସ-ଦେବଙ୍କ ମହାଭାରତରେ କେବଳ ଦୁଷ୍ମନ୍ତ, ଶକୁନ୍ତଳା ଓ ପୁତ୍ର ଭରତଙ୍କ ବ୍ୟତୀତ ଅନ୍ୟ କୌଣସି ପ୍ରଧାନ ଚରିତ୍ର ଦୃଷ୍ଟିରେ ପଡ଼ି ନଥାନ୍ତି କିନ୍ତୁ କାଳିଦାସ ଏହି ଗଳ୍ପରେ ବୈଚିତ୍ର୍ୟ ସୃଷ୍ଟି କରିବା ପାଇଁ ଏବଂ ଦ୍ୱନ୍ଦ୍ୱର ସମାବେଶ କରି ନାଟକୀୟ ସୌନ୍ଦର୍ଯ୍ୟ ପ୍ରତିଷ୍ଠା କରିବା ପାଇଁ ଦୁର୍ବାସା ଚରିତ୍ରର ସୃଷ୍ଟି କଲେ ଓ ସେହି ହେତୁରୁ ତାଙ୍କୁ ଧୀବର, ଶାର୍ଙ୍ଗରବ, ଗୌତମୀ, କଶ୍ୟପାଶ୍ରମ ପ୍ରଭୃତିଙ୍କୁ ରଙ୍ଗଭୂମିକୁ ଆନୟନ କରିବାକୁ ପଡ଼ିଅଛି । ଗଙ୍ଗାଧର ଶକୁନ୍ତଳା ନାଟକର ସମସ୍ତ ଚରିତ୍ରଙ୍କୁ ଅକ୍ଷୁଣ୍ଣ ରଖି ଗୋଟିଏ ନୂତନ ଘଟଣା ଏବଂ କେତେଗୋଟି ଗୌଣ ଚରିତ୍ରଙ୍କୁ କାବ୍ୟ ମଧ୍ୟରେ ସ୍ଥାନ ଦେଇ ଅଛନ୍ତି । ଏହି ଘଟଣାଟି ହେଉଛି ଦେବକନ୍ୟା ଓ ଋଷିକନ୍ୟାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଏବଂ ସେହି ହେତୁରୁ କାବ୍ୟ ଭିତରେ ନୀଳାଚଳ ଧାମର ଉଲ୍ଲେଖ । 'ପ୍ରଣୟ ବଲ୍ଲରୀକୁ' ଶକୁନ୍ତଳା ନାଟକର ଏକ ଆକ୍ଷରିକ ଅନୁବାଦ ବୋଲି କେହି କେହି ଧାରଣା କରିଥାନ୍ତି, କିନ୍ତୁ ଗୋଟିଏ ନାଟକର ବିଷୟବସ୍ତୁକୁ ଗଙ୍ଗାଧର କିପରି କାବ୍ୟ ସୌନ୍ଦର୍ଯ୍ୟରେ ସୁସଜ୍ଜିତ କରି ପାରିଅଛନ୍ତି, ତାହା ଏଠାରେ କେତେକ ପଂକ୍ତିରୁ ସହଜରେ ଅନୁମିତ ହୋଇ ପାରିବ ।

ଶକୁନ୍ତଳା ନାଟକର ୧ମ ଅଙ୍କର ୧ମ ଦୃଶ୍ୟରେ ରାଜା ଦୁଷ୍ମନ୍ତ ଶରପ୍ରହାର କରିବା ପାଇଁ ମୃଗର ଅନୁଧାବନ କରନ୍ତେ ନେପଥ୍ୟରୁ ଶୁଣାଗଲା—

http://oaob.nitrkl.ac.in

"ଭୋ ଭୋ ରାଜନ୍ ! ଆଶ୍ରମମୃଗୋଽୟଂ ନ ହନ୍ତବ୍ୟୋ, ନ ହନ୍ତବ୍ୟାଃ ।" ରାଜା ଅଶ୍ୱ ଓ ରଥ ଅଟକାଉନ୍ତେ ତାପସ ଶିଷ୍ୟ ପ୍ରବେଶ କରି କହିଲେ;

"ରାଜନ୍, ଆଶ୍ରମମୃଗୋଽୟଂ ନହନ୍ତବ୍ୟୋ ନହନ୍ତବ୍ୟଃ
ନ ଖଳୁ ନ ଖଳୁ ବାଣଃ ସନ୍ନିପାତ୍ୟୋଽୟମସ୍ମିନ୍ ।
ମୃଦୁନି ମୃଗଶରୀରେ ତୂଳରାଶାବିବାଗ୍ନିଃ
କ୍ୱବତ ହରିଣକାନାଂ ଜୀବିତଞ୍ଚାତିଲୋଳଂ
କ୍ୱ ଚ ନିଶିତନିପାତା ବଜ୍ରସାରାଃ ଶରାସ୍ତେ ।
ତତ୍ ସାଧୁକୃତସନ୍ଧାନଂ ପ୍ରତିସଂହର ସାୟକଂ
ଆର୍ତ୍ତତ୍ରାଣାୟ ବଃ ଶସ୍ତ୍ରଂ ନ ପ୍ରହର୍ତ୍ତୁମନାଗସି ।

ମେଘେର ପ୍ରାରମ୍ଭରୁ ନାଟକର କଥାବସ୍ତୁକୁ ଅତି ଚମତ୍କାର-ଭାବେ ଉଲ୍ଲେଖ କରି ନାଟକର ଏହି ପଂକ୍ତିର ଅନୁସରଣରେ ଲେଖିଛନ୍ତି; ଯେତେବେଳେ

ସମକ୍ଷରେ ମୃଗ ଦେଖି ବସାଇଲେ
ଧନୁର୍ଗୁଣେ ରାଜା ଶର,
"ମାରନା, ମାରନା, ଆଶ୍ରମ ମୃଗଏ"
ଏକାଳେ ହେଲା ଏ ଶବ୍ଦ,
ଶବ୍ଦ ଲକ୍ଷ୍ୟ କରି ତପସ୍ୱୀ ଯୁଗଳ
ଦେଖି ରାଜା ହେଲେ ସ୍ତବ୍ଧ ।

ଏହାପରେ ତପସ୍ୱୀ ଯୁଗଳ ଆଶୀର୍ବାଦ ଜଣାଇ,

ବୋଇଲେ, ଭୋ ନୃପ, ଆଶ୍ରମ ମୃଗଏ
ବଧ୍ୟ ନୁହେଁ ଘୁମୁଙ୍କର,

http://oaob.nitrkl.ac.in

ତୂଳାକୁଡ଼େ ବହ୍ନି   ପ୍ରାପ୍ୟେ ମୃଦୁ-ମୃଗ
ଶରୀରେ ନ ଛୁଡ଼ ଶର ।

କାହିଁ ବଜ୍ରସାର   ଶର ତୁମ୍ଭ କାହିଁ   କୃଷ୍ଣସାର କ୍ଷୀଣ ପ୍ରାଣ,
ନୁହେଁ ତୁମ୍ଭ ଶର   ଦୁର୍ବଳ ମାରଣେ   କରଇ ଆରତ ତ୍ରାଣ ।
ବିନୟେ ନମିଲେ   ମୁନିଙ୍କି ନୃପତି   ସାୟକ ପ୍ରତିସଂହରି,
ସହର୍ଷେ ଋଷିଏ   ପ୍ରଶଂସିଲେ ସାଧୁ   ସାଧୁ ହେ ନୃପକେଶରୀ !
ସାଧୁ ପୁରୁବଂଶ   ଅବତଂସ କଲ   କୁଳ ଅନୁରୂପ କାମ
ଲଭ ପୁତ୍ରରତ୍ନ   ଶୂର ଚକ୍ରବର୍ତ୍ତୀ   ନିଖିଳ ସଦ୍‌ଗୁଣଧାମ ।

ଏହିକଥା କାଳିଦାସଙ୍କର ନାଟକରେ ଅଛି,

ସଦୃଶମେତତ୍ ପୁରୁବଂଶପ୍ରଦୀପସ୍ୟ ଭବତଃ
ଜନ୍ମଯସ୍ୟ ପୁରୋର୍ବଂଶେ ଯୁକ୍ତରୂପମିଦଂ ତଃ
ପୁତ୍ରମେକଂ ଗୁଣୋପେତଂ ଚକ୍ରବର୍ତ୍ତିନମାପ୍ନୁହି ॥

ଏହାପରେ ତାପସ ରାଜାଙ୍କୁ ଆତିଥ୍ୟ ପ୍ରଦାନ କରି ଅଭିନନ୍ଦନ କଲେ ଆଶ୍ରମକୁ ଏବଂ କହିଲେ ଯେ କଣ୍ୱମୁନି ତାଙ୍କର ଦୁହିତାଙ୍କୁ ଏଠାରେ ଅତିଥିସତ୍କାର ନିମିତ୍ତ ଦାୟିତ୍ୱ ଦେଇ ତପସ୍ତରଣ ପାଇଁ ତୀର୍ଥଗମନ କରି ଅଛନ୍ତି, ସେ (ଶକୁନ୍ତଳା) ତୁମ୍ଭର ଆତିଥ୍ୟ କରିବ ।

କିନ୍ତୁ ମହାଭାରତରେ ଏହି ନାଟକୀୟ ଭଙ୍ଗୀ ପରିବର୍ତ୍ତେ ଉପାଖ୍ୟାନଟି ଅତି ସିଧାସଳଖ ଆରମ୍ଭ ହୋଇଅଛି । ରାଜା ମୃଗୟା ନିମିତ୍ତ ଶତ ଶତ ହସ୍ତି-ନାଗ-ସେନାପରିବୃତ ହୋଇ ଗହନ ବନାନୀ ଭିତରେ ପ୍ରବେଶ କରି ଗୋଟିଏ ସୁନ୍ଦର ଆଶ୍ରମ ଦେଖିଥିଲେ । ସେହି

http://oaob.nitrkl.ac.in

ଗହନ ବନର ମନୋଜ୍ଞ ବର୍ଣ୍ଣନା କେବଳ ମହାଭାରତ ଭଳି ମହାକାବ୍ୟରେ ହିଁ ସମ୍ଭବ । ଆଶ୍ରମର ମନୋରମ ଦୃଶ୍ୟସମ୍ପଦକୁ ବର୍ଣ୍ଣନା କରି ବ୍ୟାସଦେବ ଲେଖିଛନ୍ତି—

"ଆଶ୍ରମପ୍ରବରଂ ରମ୍ୟଂ ଦଦର୍ଶ ଚ ମନୋରମଂ
ନାନାବୃକ୍ଷସମାକୀର୍ଣ୍ଣଂ ସମ୍ପ୍ରଜ୍ୱଳିତପାବକମ୍ ।
ସଚକ୍ରବାକପୁଳିନାଂ ପୁଷ୍ପଫେନପ୍ରବାହିନୀଂ;
ସକିନ୍ନରଗଣାବାସାଂ ବାନରର୍କ୍ଷନିଷେବିତାମ୍ ।
ତସ୍ୟାସ୍ତୀରେ ଭଗବତଃ କାଶ୍ୟପସ୍ୟ ମହାତ୍ମନଃ;
ଦୃଷ୍ଟ୍ୱାଶ୍ରମପଦଂ ପୁଣ୍ୟଂ ମହର୍ଷିଗଣସେବିତମ୍ ।
ଚକାରାଭିପ୍ରବେଶାୟ ମତିଂ ସ ନୃପତିସ୍ତଦା ।"

ତାହାପରେ ରାଜା ରଥଗଜାଶ୍ୱାଦିଙ୍କୁ ସେନାନୀବୃନ୍ଦଙ୍କ ଦାୟିତ୍ୱରେ ଦେଇ ଆଶ୍ରମ ମଧ୍ୟରେ ପ୍ରବେଶ କଲେ । ଏହି ଆଶ୍ରମ—

ଅଲଂକୃତଂ ଦୀପବତ୍ୟା ମାଲିନ୍ୟା ରମ୍ୟତୀରୟା
ନରନାରାୟଣସ୍ଥାନଂ ଗଙ୍ଗୟେବୋପଶୋଭିତମ୍ ।
ତଦ୍‌ବନଂ ନନ୍ଦନପ୍ରଖ୍ୟଂ ପ୍ରବିଶ୍ୟ ମନୁଜେଶ୍ୱରଃ
କ୍ଷୁତ୍ ପିପାସେ ଜହୌ ସଦ୍ୟୋ ହର୍ଷଂ ଚୈବାପ ପୁଷ୍କଳମ୍ ।

ରାଜା ଏହି ଆଶ୍ରମକୁ ମୁନିଶୂନ୍ୟ ଦେଖି, 'ଏଠାରେ କିଏ ଅଛ' ବୋଲି ଅତି ଉଚ୍ଚସ୍ୱରରେ ଡାକ ଦେଲେ ଓ ସେହି ଡାକ ଶୁଣି ଆଶ୍ରମ ଭିତରୁ ଲକ୍ଷ୍ମୀସଦୃଶା ଅଥଚ ତାପସୀବେଶଧାରିଣୀ ଏକ କନ୍ୟା ବାହାରି ଆସିଲା ଏବଂ ସେହି ଅସିତେକ୍ଷଣା ରାଜାଙ୍କୁ 'ସ୍ୱାଗତମ୍' ବୋଲି ସମ୍ଭାଷଣ କରି ପାଦ୍ୟାର୍ଘ୍ୟାଦି ଦାନରେ ସତ୍କାର କରିଥିଲା ।

http://oaob.nitrkl.ac.in

ତାହାପରେ ସେହି ମଧୁରଭାଷିଣୀ ଅନବଦ୍ୟାଙ୍ଗୀ କନ୍ୟା ରାଜାଙ୍କର କୁଶଳ ଜିଜ୍ଞାସା କରିଥିଲେ ଏବଂ ଏହିଠାରୁ ରାଜାଙ୍କର ଓ ଶକୁନ୍ତଳାଙ୍କର ସକଳ କଥୋପକଥନ ଏକାନ୍ତରେ ସଂପନ୍ନ ହୋଇଅଛି । ଏକ ଦିଗରେ ଶୌର୍ଯ୍ୟଶାଳୀ କ୍ଷତ୍ରିୟ ତରୁଣ ରାଜା ଦୁଷ୍ମନ୍ତ ଏବଂ ଅନ୍ୟ ଦିଗରେ କଣ୍ୱପ୍ରତିପାଳିତା ମେନକାବିଶ୍ୱାମିତ୍ରଙ୍କର ଅନିନ୍ଦ୍ୟସୁନ୍ଦରୀ ଦୁହିତା ତରୁଣୀ ଶକୁନ୍ତଳା ଓ ସର୍ବୋପରି କାମୋଦ୍ଦୀପକ ଆଶ୍ରମପ୍ରକୃତିର ନିଭୃତ ପରିବେଶରେ ପରସ୍ପରର ଆଳାପ ଉଭୟଙ୍କ ମଧ୍ୟରେ ଗାନ୍ଧର୍ବବିବାହର ଲାଳସା ସଂଜାତ କରିବା ପାଇଁ ଏକାନ୍ତ ଅନୁକୂଳ । ତେଣୁ ମହାକବି ଅନ୍ୟ କୌଣସି ବ୍ୟକ୍ତିର ଅପେକ୍ଷା ନ ରଖି ରାଜାଙ୍କ ମୁଖରେ କୁହାଇ ଛନ୍ତି—

ସୁବ୍ୟକ୍ତଂ ରାଜପୁତ୍ରି ! ତ୍ୱଂ ଯଥା କଲ୍ୟାଣି ! ଭାଷସେ,
ଭାର୍ଯ୍ୟା ମେ ଭବ ସୁଶ୍ରୋଣି ! ବ୍ରୂହି କିଂ କରବାଣି ତେ ।

ଶକୁନ୍ତଳାଗତ ପ୍ରାଣ ମହାରାଜା ଦୁଷ୍ମନ୍ତ ପ୍ରଣୟିନୀ ପ୍ରତି ଆସକ୍ତ ହୋଇ ସ୍ୱର୍ଣ୍ଣମାଳା, ପାଟବସ୍ତ୍ର, କୁଣ୍ଡଳାଦି ମଣିରତ୍ନନିର୍ମିତ ଆଭରଣ ଓ ସମଗ୍ର ରାଜ୍ୟ ପ୍ରଭୃତି ସେହି ମୁହୂର୍ତ୍ତରୁ ଶକୁନ୍ତଳାଙ୍କର ବୋଲି ସ୍ୱୀକାର କରି ଅଛନ୍ତି ଓ ଏହିକଥାରେ ଶକୁନ୍ତଳା ରାଜାଙ୍କ ପ୍ରତି ଏକାନ୍ତ ପ୍ରଣୟାସକ୍ତ ହୋଇ ମଧ୍ୟ ହଠାତ୍ ରାଜାଙ୍କ କଥାରେ ସମ୍ମତି ନ ଜଣାଇ ପିତା କଣ୍ୱଙ୍କ ଆଗମନକୁ ଅପେକ୍ଷା ରଖି କହିଛନ୍ତି;

"ଫଳାହାରୀ ଗତୋ ରାଜନ୍ ପିତା ମେ ଇତ ଆଶ୍ରମାତ୍,
ମୁହୂର୍ତ୍ତଂ ସଂପ୍ରତୀକ୍ଷସ୍ୱ ସ ମାଂ ତୁଭ୍ୟଂ ପ୍ରଦାସ୍ୟତି" ।

ରାଜାଙ୍କ ପ୍ରଲୋଭନରେ ଯଦି ଶକୁନ୍ତଳା ଏକାବେଳକେ ସମ୍ମତି ଜଣାଇ ଦେଇଥାନ୍ତା ତେବେ ସେ ହୋଇଥାନ୍ତା ଲମ୍ପଟା,କାମାସକ୍ତା ଓ

http://oaob.nitrkl.ac.in

ଏକାନ୍ତ ଦୁର୍ବଳା, କିନ୍ତୁ ପିତାଙ୍କ ଆଗମନକୁ ଅପେକ୍ଷା ରଖି ସେ ଯେଉଁ କାଳକ୍ଷେପଣ କରିଛୁ ତାହାର ଦ୍ୱାରା ତାର ଚରିତ୍ର ପୂର୍ଣ୍ଣତା ସମ୍ପାଦନ ଦିଗକୁ ହିଁ ଗତି କରିଛି । କିନ୍ତୁ ରାଜା ଦୁଷ୍ମନ୍ତ ଶକୁନ୍ତଳାଙ୍କୁ ବ୍ୟକ୍ତି-ସ୍ୱାତନ୍ତ୍ର୍ୟର ପ୍ରାଧାନ୍ୟ ଦେଖାଇ କହିଛନ୍ତି ଯେ—

ଆତ୍ମନୋ ବନ୍ଧୁରାତ୍ମୈବ ଗତିରାତ୍ମୈବ ଚାତ୍ମନଃ
ଆତ୍ମନୈବାତ୍ମନୋ ଦାନଂ କର୍ତ୍ତୁମର୍ହସି ଧର୍ମତଃ ।
ଗାନ୍ଧର୍ବେଣ ବିବାହେନ ଭାର୍ଯ୍ୟା ଭବିତୁମର୍ହସି ।

ରାଜାଙ୍କର ଏହି ଉକ୍ତିରେ ଶକୁନ୍ତଳା ଆଉ କଣ୍ୱଙ୍କ ଉପସ୍ଥିତି ପର୍ଯ୍ୟନ୍ତ ସଂଯମ ରକ୍ଷା କରି ପାରିନାହିଁ ଏବଂ ସେ କେବଳ ଧର୍ମର ନାମମାତ୍ର ଶୁଣି କେବଳ ଭବିଷ୍ୟତ ପୁତ୍ରର ଯୌବରାଜ୍ୟ ଦାବୀକରି ରାଜାଙ୍କ ସହିତ ପ୍ରଣୟସୂତ୍ରରେ ହୋଇଅଛି । କଥାବସ୍ତୁର ଏହି ଅଂଶ ପର୍ଯ୍ୟନ୍ତ କାଳିଦାସ ଯେଉଁ କୌଶଳ ଅବଲମ୍ବନ କରି ନାଟକୀୟ ସୌନ୍ଦର୍ଯ୍ୟ ସଂପାଦନ କରିଅଛନ୍ତି ତାହା ଅନନ୍ୟସାଧାରଣ ଏବଂ ସେହି ନାଟକକୁ ଅନୁସରଣ କରିହିଁ ପ୍ରଣୟବଳ୍ଲରୀର ବିଷୟବସ୍ତୁ ଗତି କରି ଚାଲିଅଛି । ବ୍ୟାସଦେବଙ୍କ ମହାଭାରତର ଏହି ଦୁଷ୍ମନ୍ତ ଶକୁନ୍ତଳା ଉପାଖ୍ୟାନ ମୁଖ୍ୟ କଥାବସ୍ତୁ ନୁହନ୍ତି, ଏକ ଆଖ୍ୟାୟିକା ମାତ୍ର । କିନ୍ତୁ କାଳିଦାସ ଯେତେବେଳେ ଏହି କଥାବସ୍ତୁକୁ ନାଟକର ଗୌରବ ଦେବାକୁ ଗଲେ, ସେତେବେଳେ ସେ ପରିବେଶ ଓ ଚରିତ୍ରକୁ ଅଭିନବ ଗତିଦାନ କରିବା ସ୍ୱାଭାବିକ । କେବଳ ଦେଖିବାର କଥା ଶକୁନ୍ତଳାକୁ, କାଳିଦାସଙ୍କର ଦୁଷ୍ମନ୍ତ ମୃଗବଧରୁ ନିବୃତ୍ତ ହୋଇ ଆଶ୍ରମର ଶୋଭା ଦେଖି ଦେଖି ଗଲାବେଳେ, ତପସ୍ୟାସ୍ଥଳୀର ସାର୍ଥକତା ପ୍ରତିପାଦନ କରିଅଛନ୍ତି । ରାଜା ଆଶ୍ରମର ଉପକଣ୍ଠରେ କାହାକୁ ନ ଦେଖି ସାରଥିଙ୍କୁ କହିଲେ—

http://oaob.nitrkl.ac.in

"କଂନ ପଶ୍ୟସି ଭବାନ୍? ଇହଂଚ
ନୀବାରାଃ ଶୁକଗର୍ଭକୋଟରମୁଖଭ୍ରଷ୍ଟାସ୍ତରୁଣା ମଧଃ,
ପ୍ରସ୍ନିଗ୍ଧାଃ କ୍ୱଚିଦିଙ୍ଗୁଦୀଫଳଭିଦଃ ସୂଚ୍ୟନ୍ତ ଏବୋପଳାଃ
ବିଶ୍ୱାସୋପଗମାଦଭିନ୍ନଗତୟଃ ଶବ୍ଦଂ ସହନ୍ତେ ମୃଗାସ୍,
ତୋୟାଧାରପଥାଶ୍ଚ ବଲ୍କଳଶିଖାନିଷ୍ୟନ୍ଦରେଖାଙ୍କିତାଃ

ଏହାପରେ ରଥରେ ଯାଇ ଆଶ୍ରମର ଫାଟକ ପାଖରେ ଅବରୋହଣ କଲାବେଳେ ରାଜାଙ୍କର ବାହୁସ୍ଫୁରଣ ହେଲା ଓ ସେ କହିଲେ—

"ଶାନ୍ତମିଦଂ ଆଶ୍ରମପଦଂ ସ୍ଫୁରତି ଚ ବାହୁଃ କୁତଃ
ଫଳମିହାସ୍ୟ,
ଅଥବା ଭବିତବ୍ୟାନାଂ ଦ୍ୱାରାଣି ଭବନ୍ତି ସର୍ବତ୍ର ।"

ଏହି ପଂକ୍ତିଗୁଡ଼ିକର ଅନୁସରଣରେ ଗଙ୍ଗାଧର ଲେଖିଛନ୍ତି—

ତପୋବନ ମଧ୍ୟେ ଉପଗତ ହୋଇ ଦେଖିଲେ ସକୌତୂହଳେ,
ଶୁକ ମୁଖ ଭ୍ରଷ୍ଟ ତୃଣଧାନ୍ୟ ମାନ୍ୟ ପଡ଼ିଛି ପାଦପତଳେ ।
ବୋଧ ହେଲା ବ୍ୟାଧ ଭୟୁ ଶୁକଗଣ ଛାଡ଼ି ଦୂରବସ୍ଥରଣେ,
ସୁଖେ ରହି ବନ ଶୋଭାକୁ ବଢାନ୍ତି ମରକତ ଅଙ୍ଗଘନେ ।
ପଡ଼ି କେଉଁ ଠାରେ ଇଙ୍ଗୁଦୀ ନିର୍ଯ୍ୟାସ ସ୍ନିଗ୍ଧଶିଳାଖଣ୍ଡ ଚୟ,
ଦେଉଛନ୍ତି ଋଷି ହସ୍ତରେ ଇଙ୍ଗୁଦୀ ବିଦାରଣ ପରିଚୟ ।
ଇତ୍ୟାଦି ।

ରାଜାଙ୍କର ବାହୁସ୍ଫୁରଣ କଥାକୁ ଗଙ୍ଗାଧର କାବ୍ୟରେ ସ୍ଥାନ ନ ଦେଇ ରାଜାଙ୍କର ମନୋଗତ ସକଳ ଭାବକୁ ଅତି ଚମତ୍କାର ଠାଣିରେ ପ୍ରକାଶ କରିଅଛନ୍ତି ଏବଂ ଏହାପରେ ରାଜା ଆଶ୍ରମପଥରେ

http://oaob.nitrkl.ac.in

ଧୀରେ ଧୀରେ ଗୁଳୁ ଗୁଳୁ ତାଙ୍କର କର୍ଣ୍ଣଗୋଚର ହେଲା ରମଣୀ-ରମଣୀୟ କଣ୍ଠଧ୍ୱନି। ପାଦପରେ ଜଳଦାନନିରତା ମୁନିକନ୍ୟାଙ୍କୁ ଦେଖି ରାଜା କହିଲେ—

ଅହୋ ! ମଧୁରମାସାଂ ଦର୍ଶନମ୍;
ଶୁଦ୍ଧାନ୍ତ ଦୁର୍ଲ୍ଲଭମିଦଂ ବପୁରାଶ୍ରମବାସିନୋ ଯଦି ଜନସ୍ୟ ।
ଦୂରୀକୃତାଃ ଖଳୁ ଗୁଣୈ ରୁଦ୍ୟାନଲତା ବନଲତାଭିଃ ।
ଯାବଦିମାଂ ଛାୟାମାଶ୍ରିତ୍ୟ ପ୍ରତିପାଲୟାମି ।

ସହକାରତରୁ ସହିତ ବନଜ୍ୟୋତ୍ସ୍ନା ନାମରେ ଶକୁନ୍ତଳା ଅଭିହିତ କରିଥିବା ନବମାଳିକାର ବିବାହ କରାଇବା ପାଇଁ ଅନୁସୂୟା ପ୍ରସ୍ତାବ ଦେବାରୁ ଶକୁନ୍ତଳା କହିଲା—

"ହଲା, ରମଣୀଏ କ୍‌ଖୁକାଲେ ଇମସ୍ସ ଲଦାପାଅବ ମିହୁଣରସ ବଇଅରେ ସଂବୁତ୍ତୋ, ଣବ କୁସମା ଜୋବଣା ବଣ ଜୋସିଣୀ, ବଦ୍ଧ ବଲ୍ଲବଦାଏ ଉବହୋଅ କ୍‌ଖମୋ ସହଆରୋ, [ହଲା ! ରମଣୀୟେ ଖଳୁକାଲେ ଅସ୍ୟ ଲତାପାଦପ ମିଥୁନସ୍ୟ ବ୍ୟତିକାରଃ ସଂବୃତ୍ତଃ । ନବକୁସୁମଯୌବନା ବନଜ୍ୟୋତ୍ସ୍ନା ବଦ୍ଧ ପଲ୍ଲବତୟା ଉପଭୋଗକ୍ଷମଃ ସହକାରଃ] ।

ଏଥିଭିତରେ ପରିବେଶ ଓ ସଖୀମାନଙ୍କର ମଧୁର ଆଳାପକୁ ନାଟକ ଅପେକ୍ଷା ଅଧିକ ମଧୁର ଓ ସରସ କରିସାରି ମେହେର ଲେଖିଛନ୍ତି ।

ପ୍ରିୟମ୍ୱଦା ତହିଁ ବୋଇଲା, ସଙ୍ଗାତ,
ହୋଇଛି ଶୁଭସମୟ,
ସହକାର ସଙ୍ଗେ ବନତୋଷିଣୀର
କରିଦିଅ ପରିଣୟ ।"

http://oaob.nitrkl.ac.in

ତାପସୀ କନ୍ୟା ଓ ଶକୁନ୍ତଳାଙ୍କର ମଧୁର ଆଳାପ ଶୁଣି ରାଜାଙ୍କର ମନରେ ଯେଉଁ କୌତୂହଳ ଆସିଛି ତାହା ନିପୁଣଭାବେ ମେହେର ପ୍ରକାଶ କରିପାରିଛନ୍ତି ତାଙ୍କର କାବ୍ୟରେ । ନାଟକରେ ଯେତେବେଳେ ଦୁଷ୍ଟ ମକ୍ଷିକାର ଦାଉରୁ ରକ୍ଷାକରିବା ପାଇଁ ଶକୁନ୍ତଳା ସଖୀମାନଙ୍କୁ ଉଚ୍ଚସ୍ୱରରେ ନିବେଦନକଲେ ସେତେବେଳେ ସଖୀଦ୍ୱୟ କହିଲେ ।

"କାବଅ ପରିତ୍ରାଦୁଂ, ଦୁସ୍ସନ୍ଦଂ ଅକ୍‌କନ୍ଦ, ରାଅ ରକ୍‌ଖିଦବ୍ୟାଂ ତବୋବଣା ଇଂଣାମ ।"

ମେହେରଙ୍କର ଭାଷାରେ;

"ଜାଣି ନ ଜାଣିଲପରି ପ୍ରିୟମ୍ୱଦା କହିଲି
କରି ବ୍ୟଞ୍ଜନା,
ପୁରୁରାଜ୍ୟେ ପୁଣି ତପୋବନ ମଧ୍ୟେ
ମଧୁବ୍ରତର ଗଞ୍ଜନା ।
ସଜନୀକି ଆମ୍ଭ ମାଆଳୀ ମଣିଛି
ଆଳୀଏ ଥାଉଁ ଗହଣେ,
କେଉଁ ଦୁର୍ଜ୍ଜନ ସେ ଦୁଷ୍ମନ୍ତ-ପ୍ରତାପ
ପଡ଼ି ନାହିଁ କି ତା କର୍ଣ୍ଣେ ?"

ନାଟକରେ ରାଜା ସ୍ୱଗତରେ କହିଛନ୍ତି, "ରାଜାଭବ ସ୍ୱଭିଜ୍ଞାତୋ ଭବେତ୍, ଭବତୁ ଏବଂ ତାବଦ୍‌ଭିଧାସ୍ୟେ ।"

ପ୍ରଣୟ ବଲ୍ଲରୀରେ ରାଜା ନିଭୃତରୁ ତାପସୀ କନ୍ୟାଙ୍କ ମଧ୍ୟରେ ବେନପତ୍ରର ମଧ୍ୟବର୍ତ୍ତୀ ପ୍ରସୂନ ସଦୃଶ ଶୋଭମାୟା ଶକୁନ୍ତଳାଙ୍କର ରୂପମାଧୁରୀ ରାଜାଙ୍କର ହୃଦରାଜ୍ୟକୁ ଅଧିକାର କରନ୍ତେ, ରାଜଅନ୍ତଃପୁରର ସକଳ ରୂପସୀଙ୍କ ରୂପବିଭବ ବିସ୍ମୃତିରେ ଲୀନହେଲା ଓ

http://oaob.nitrkl.ac.in

ହଙ୍ଗି ହେଲା ବନ ବଲ୍କଳ ଉଦ୍ୟାନ
ଲତିକାର ଅଭିମାନ,
ଗୋଲାପ କଣ୍ଟକ ବନବାସୀ ହୋଇ
ବାସଙ୍ଗ କ ତା ସମାନ ?

ରାଜାଙ୍କର ମନଭିତରେ ଯେଉଁ ଆନନ୍ଦ ଓ ବିସ୍ମୟ ଉପଗତ ହୋଇଥିଲା ତାହାକୁ କବି ଗଙ୍ଗାଧର ସ୍ୱକୀୟ କଳ୍ପନା ବଳରେ ପ୍ରକାଶକରି ଲେଖିଛନ୍ତି;

"ସୁନ୍ଦରୀ ଦର୍ଶନ ଶୁଭ ଅବସର
ପାଇ ଅବଲମ୍ବେ ମନ,
ଆନନ୍ଦ ବିସ୍ମୟ ଯୁଗ ଯୁଗ ଛତ
କରିନେଲା ଆଲିଙ୍ଗନ ।"

କାଳିଦାସଙ୍କ ନାଟକରେ, ରାଜା ଶକୁନ୍ତଳାଙ୍କ ବଲ୍‌କଳ ବେଶଭୂଷା ଓ କମନୀୟ ସୌନ୍ଦର୍ଯ୍ୟଦେଖି କହିଅଛନ୍ତି;

"କାମମନୁରୂପମସ୍ୟା ନପୁଷୋ ବଲ୍‌କଲଂ,
ନ ପୁନରଲଂକାର ଶ୍ରିୟଂ ନ ପୁଷ୍ୟତି,
ସରସୀଜମନୁବଦ୍ଧଂ ଶୈବଲେନାପି ରମ୍ୟଂ
ମଳିନମପି ହିମାଂଶୋର୍ଲକ୍ଷ୍ମ ଲକ୍ଷ୍ମୀଂ ତନୋତି,
ଇୟମଧିକ ମନୋଜ୍ଞା ବଲ୍‌କଲେନାପି ତନ୍ୱୀ
କମିବହି ମଧୁରାଣାଂ ମଣ୍ଡନଂନନା କୃତୀନାମ୍ ।"

ମେଢେର ଲେଖିଛନ୍ତି; ମୃଦୁମନୋହର କଳେବର ବଲ୍‌କଲା ଛାଦିତ ହେଲେ ମଧ୍ୟ,

http://oaob.nitrkl.ac.in

"ବିସ୍ତାରିତ ହୋଇ ପଡ଼ୁଛି ତଥାପି
ଲଳନା ଲାବଣ୍ୟ ପ୍ରଭା ।
ଯଥା ଶିବକଣ୍ଠ ଚନ୍ଦ୍ରିକା, ଶୈବାଳ-
ବେଷ୍ଟିତ-ପଦ୍ମିନୀ ଅବା,
କଳଙ୍କିହିଁ ଥାଇ କଳାକାର-କୋଳେ
କରଇ ନେତ୍ର ରଞ୍ଜନ ।
ସ୍ୱଭାବ ସୁନ୍ଦର ଅଙ୍ଗକୁ ଜଗତେ
ନହୁଏ କିସ ମଣ୍ଡନ ?"

ଏହାପରେ ଗଙ୍ଗାଧର କେବଳ ରାଜାଙ୍କର ମନୋଗତ ଭାବନାରାଜିକୁ ଚିତ୍ରଣ କରିଚାଲିଛନ୍ତି ଦକ୍ଷ ମନସ୍ତତ୍ତ୍ୱଜ୍ଞ ଓ କୁଶଳୀ ଶିଳ୍ପୀର ସାମର୍ଥ୍ୟ ନେଇ । କାଳିଦାସଙ୍କର ନାଟକରେ କିନ୍ତୁ ଏହାପରେ ଶକୁନ୍ତଳା କହିଛି । "କହଂ ଇଦୋବି ମଂ ଅଣୁସରଦି; (କଥମିତୋଃ ପିମାମନୁସରତି)"

ଏହି ଦୁଇପଂକ୍ତିକୁ କବି ମେହେର କାବ୍ୟଭିତରୁ ପୁନରୁକ୍ତି ଦୂରକରି ସୁନ୍ଦର କରିବାନିମନ୍ତେ ପରିତ୍ୟାଗକଲେ ଓ ତାହାପରେ ରାଜା କହିଛନ୍ତି;

କଃ ପୌରବେ ବସୁମତୀଂ ଶାସତି ଶାସିତାରି ଦୁର୍ବିନୀତାନାମ୍ ।
ଅୟମାଚରତ୍ୟବିନୟଂ ମୁଗ୍ଧାସୁ ତପସ୍ୱୀ କନ୍ୟାସୁ ॥

ପ୍ରଣୟ ବଲ୍ଲରୀରେ—

"ପାଇ ଅବସର ନୃପତି ସତ୍ୱର
ଯାଇ ଶକୁନ୍ତଳା ପାଶ,

http://oaob.nitrkl.ac.in

ବୋଇଲେ କ ହେଲ   କି ହେଲ ସୁଶୀଳେ
କେଉଁ ଖଳଦଏ ତ୍ରାସ ?
ଭୟ ନାହିଁ ଭୟ ନାହିଁ   ସ୍ୱରୁଶୀଳେ
ପୌରବ ଭୂପତ୍ତି ଥିଲେ,
ଅବଳା ଅରକ୍ଷ   ଉପଦ୍ରବ କେହି
କାହିଁକି ସମ୍ଭବ ହେଲେ ?"

ଏହି ସମୟରେ ଅନୁସୂୟା ବାହାରିଆସି କହିଲେ;

"ଅଜ୍ଜଣ କ୍ଖୁ କିଂ ବି ଅଚ୍ଚାହିଦଂ । ଇଅଂ ଣୋ ପିଅସହୀ ମହୁ ଅରେଣ ଅହିହୁଅମାନା କାଦରୀଭୂଦା, (ଆର୍ଯ୍ୟ ନଖଲୁ କମପି ଅତ୍ୟାହିତମ୍, ଅୟମାବୟୋବ ପ୍ରିୟସଖୀ ମଧୁକରେଣ ଅଭିଭୂୟମାନା କାତରୀ ଭୂତା)" ଏବଂ ଶକୁନ୍ତଳାଙ୍କୁ ଦେଖାଇଦେଲେ, ଏହି ସମୟକୁ ମେନ୍ଦେରଙ୍କର ଶକୁନ୍ତଳା ଲଜ୍ଜା ଜର୍ଜରିତା ଅଥଚ ଦୁଷ୍ମନ୍ତଙ୍କର ତାରୁଣ୍ୟ ମୁଗ୍‌ଧାହୋଇ ଶରୀରର ବ୍ୟସ୍ତ ବଲ୍‌କଳକୁ ସଜାଡ଼ି ଅଧୋବଦନାହୋଇ ରହିଲେଣି ଏବଂ ସଖୀଦ୍ୱୟ—

"ସତେ କି ଦୁଷ୍ମନ୍ତ ?   ବୋଲି ଭାବି ମନେ
ମନେ ହେଲେ ଆଚମ୍ବିତ,
ମଧୁରେ ବୋଇଲେ   ତପୋବନେ ଆମ୍ଭ
ନାହିଁ ଅନ୍ୟକିଛି ଡର,
କରୁଥିଲି ଆମ୍ଭ   ପ୍ରିୟ ସଖୀପ୍ରତି
ଉପଦ୍ରବ ମଧୁକର ।"

ରାଜାଙ୍କର ଆତିଥ୍ୟ କରାଇବା ନମିତ୍ତ ଶକୁନ୍ତଳା ଇଙ୍ଗିତ ଦିଅନ୍ତେ, ରାଜା କହିଲେ, "ଭବତୀନାଂ ସୁନୃତୟୈବ ଗିରାକୃତ ମାତିଥ୍ୟମ୍ । ମେନ୍ଦେରଙ୍କ କାବ୍ୟରେ,

http://oaob.nitrkl.ac.in

"ଜାଣିବା ନୃପତି ବୋଇଲେ, ଅତିଥି
ହୋଇଅଛୁ ସୁସେବିତ ।
ମଧୁମୟ ପ୍ରିୟ ବ୍ୟବହାର ତୁମ୍ଭ
କରିଅଛି ଆପ୍ୟାୟିତ ।

ଏହାପରେ ରାଜାଙ୍କ କୁଶଳ ଜିଜ୍ଞାସାକଲେ ମୁନିକନ୍ୟା ଓ ରାଜା ପଚ୍ଚାରିବାରୁ ସେମାନେ କହିଲେ ଯେ କୌଶିକଙ୍କ ଉଗ୍ର ତପସ୍ୟା କାଳରେ ମେନକା ଅପ୍‌ସରା ତପଭଙ୍ଗ କରାଇ ସମ୍ଭୋଗ କରିଥିବାରୁ ଶକୁନ୍ତଳା ଜନ୍ମ ହୋଇଥିଲା । ତେଣୁ ରାଜା କହିଲେ; "ସର୍ବଥା ଅପ୍‌ସର ସମ୍ଭବୈଷା" ପୁଣି ଅନୁସୂୟାଙ୍କୁ ଉତ୍ତର ଦେଇ ରାଜା କହିଛନ୍ତି ।

"ମାନୁଷୀଷୁ କଥଂ ବା ସ୍ୟାଦସ୍ୟ ରୂପସ୍ୟ ସମ୍ଭବଃ
ନ ପ୍ରଭା ତରଳଂ ଜ୍ୟୋତିରୁଦେତି ବସୁଧାତଳାତ୍ ।"

ପ୍ରଣୟୀ ବଳ୍ଲଭରେ;

"ସେବାଣୀ-ବସନ୍ତେ ନୂଆଶାତରୁ
ହୋଇଗଲା କୁସୁମିତ,
ଭାବିଲେ ଉନ୍ନସେ ହେଉଥିଲା ଯାହା
ଅନଳ ଖଣ୍ଡ ପ୍ରଜ୍ଜ୍ୱଳିତ ।
ସ୍ୱର୍ଗୀୟ ଲତାର ନବକୁସୁମ ଏ
ସ୍ୱର୍ଗୀୟ ସୁଷମାନ୍ୱିତ,
ସ୍ୱର୍ଗୀୟ ସୌରଭ ସ୍ୱର୍ଗୀୟ ମାର୍ଦ୍ଦବ
ଅନାଘ୍ରାତ ଅଚୁମ୍ବିତ ।"

କଥା ବସ୍ତୁର ଏହି କାବ୍ୟକ ଗତି ଭିତରେ କବିଙ୍କର କଳ୍ପନା ବିଳାସ ହିଁ ସବୁଠୁଁ ବେଶୀ ଉପଭୋଗ୍ୟ ।

http://oaob.nitrkl.ac.in

ଦୁଷ୍ମନ୍ତ ଏବଂ ଶକୁନ୍ତଳାଙ୍କର ପ୍ରଣୟ ରଚନାର ସୁଯୋଗ ଦେବା ନିମିତ୍ତ ଅନୁସୂୟା ଓ ପ୍ରିୟମ୍ବଦା ମୃଗୀ ଓ ମୃଗଶିଶୁଙ୍କର ଯତ୍ନ ନେବାର ଛଳନା କରି ଚାଲି ଯାଇ ଅଛନ୍ତି । ନିଭୃତରେ ରହି ଦୁଷ୍ମନ୍ତ ଓ ଶକୁନ୍ତଳା ବିବିଧ କୌତୁକ ବିନୋଦରେ ପ୍ରଣୟ ରଚନାର ସୁଯୋଗ ନେଇଛନ୍ତି । ବ୍ୟାସଦେବଙ୍କର ଶକୁନ୍ତଳା ଯେତେବେଳେ ରାଜାଙ୍କୁ ବିବାହ କରିବା ପୂର୍ବରୁ କଣ୍ୱଙ୍କର ଅପେକ୍ଷା ରଖିଛି, ସେତେବେଳେ କାଳିଦାସଙ୍କର ଶକୁନ୍ତଳା ମଧ୍ୟ ସେହିପରି ମୁନିକନ୍ୟା ମାନଙ୍କୁ ଚାଲିଯିବାର ଦେଖି ବ୍ୟାକୁଳ ହୋଇ ଉଠିଛି । ମେହେରଙ୍କର ଶକୁନ୍ତଳା କାଳିଦାସଙ୍କର ଶକୁନ୍ତଳାର ଅନୁସରଣ କରିଥିବାରୁ କେବଳ କହିଛି "ମୁଁ ହେଲି ଯେ ଏକାକିନୀ" । ବ୍ୟାସଦେବଙ୍କ ଶକୁନ୍ତଳା ବୈଦିକ ଯୁଗର ସୃଷ୍ଟି ବାଦିନୀ-ସରଳା-ଅବଳା ରୂପେ ରାଜାଙ୍କୁ ଦୃଢ଼ ଉତ୍ତର ମାନ ଦେଇ ମଧ୍ୟ ଧର୍ମ ଓ ସତ୍ୟର ବଶବର୍ତ୍ତିତା ହେତୁ ଆତ୍ମ ସମର୍ପଣ କରି ଦେଇଅଛି । ଏଠାରେ ମେହେରଙ୍କର ଶକୁନ୍ତଳା ଚରିତ୍ରର ତ୍ରୁଟି କେତେ କେତେ ଉଲ୍ଲେଖ କରିଥାନ୍ତି ।

କିନ୍ତୁ ବିଚାରି ଦେଖିବାର କଥା ଯେ ମଙ୍ଗଳାକାଙ୍କ୍ଷୀ ଜନକ ଜନନୀ ସବୁ ବେଳେ କନ୍ୟାର ଭବିଷ୍ୟତ ମଙ୍ଗଳ ଦେଖି ବିବାହ ପ୍ରସ୍ତାବ ସ୍ଥିର କରିଥାନ୍ତି । ବିଶେଷତଃ ରାଜକୁଳମାନଙ୍କରେ ଜଣେ ରାଜାର ବହୁପତ୍ନୀ ଥିବା ହେତୁ ଓ କେବଳ ପ୍ରଥମ ବିବାହିତା ପତ୍ନୀର ସନ୍ତାନକୁ ଉତ୍ତରାଧିକାରିତ୍ୱ ପ୍ରଦାନ କରାଯିବାର ବ୍ୟବସ୍ଥା ଥିବା ହେତୁ ଅନ୍ୟ ମହିଷୀମାନେ ରାଜମାତା ସମ୍ମାନରୁ ବଞ୍ଚିତ ହୋଇଥାନ୍ତି । ତେଣୁ ରାଜମାତାର ଗୌରବ ପାଇବା ସବୁଠାରୁ ବଡ଼ ଗୌରବ ଏବଂ ସତ୍ୟସ୍ମରଣ କରି ଯେତେବେଳେ ଦୁଷ୍ମନ୍ତ ଶକୁନ୍ତଳାଙ୍କୁ ମହାଭାରତରେ ଭାବୀ ସନ୍ତାନର ଯୌବରାଜ ପ୍ରତିଶ୍ରୁତି

http://oaob.nitrkl.ac.in

ପ୍ରଦାନ କରି ଅଛନ୍ତି ସେତେବେଳେ ପିତା କଣ୍ୱ ଅଧିକ କ'ଣ ସୁଖ ଆଶାକରିଥାନ୍ତେ ? ଏଣୁ ଶକୁନ୍ତଳା ରାଜାଙ୍କ ପ୍ରତିଶ୍ରୁତିରେ ବିଶ୍ୱାସ ରଖି ଆତ୍ମସମର୍ପଣ କରିଅଛି ଏବଂ ଏହାପରି ମଧ୍ୟ ମେହେର କରି ଅଛନ୍ତି । ପିତା କଣ୍ୱଙ୍କର ଅଜ୍ଞାତରେ ଶକୁନ୍ତଳା ଯେହେତୁ ନିଜର ଗାର୍ହାଧରି ସ୍ୱେଚ୍ଛାଚାରିତା ବଶତଃ ରାଜାଙ୍କୁ ବିବାହ କରିଛି ତାହାରି ଫଳ ସଦୃଶ ପରେ ରାଜାଙ୍କର ନିର୍ଯ୍ୟାତନା ତାକୁ ଭୋଗ କରିବାକୁ ପଡ଼ିଅଛି । ଆଦିରସାତ୍ମକ କାବ୍ୟମାନଙ୍କରେ ବିରହର ସ୍ୱର ଯେତେ କରୁଣ ହୁଏ ମିଳନରେ ଆନନ୍ଦର ସେତିକି ପ୍ରଗାଢ଼ ହୁଏ ଓ ସେହି ପରିମାଣରେ ମଧ୍ୟ କାବ୍ୟଟି ରସସ୍ନିଗ୍ଧ ହୋଇ ଉପଭୋଗ୍ୟ ହୋଇ ଥାଏ । ତେଣୁ 'ମହାଭାରତ', ଅଭିଜ୍ଞାନ ଶକୁନ୍ତଳାମ୍, ଏବଂ 'ପ୍ରଣୟବଲ୍ଲରୀ' ଗ୍ରନ୍ଥମାନଙ୍କରେ ଯେଉଁ ପରିମାଣରେ ଶକୁନ୍ତଳାର ସ୍ୱେଚ୍ଛାଚାରିତା ଓ ସ୍ୱାର୍ଥପରତା ପ୍ରକାଶ ପାଇଛି, ସେହି ପରିମାଣରେ ସେଗୁଡ଼ିକରେ ଶକୁନ୍ତଳାର ବିରହ ଓ ଦୁଃଖ କରୁଣ ହୋଇ ଉଠିଛି ଏବଂ ଠିକ୍ ସେହି ପରିମାଣରେ ହିଁ ସେଗୁଡ଼ିକର ରସଘନତା ସମ୍ଭବ ହୋଇ ପାରିଅଛି । ସ୍ୱେଚ୍ଛାଚାରୀ ଆଚରଣ ହେତୁ ହିଁ ଶକୁନ୍ତଳାଙ୍କର ଭାଗ୍ୟରେ ଆସିଛି ଦାରୁଣ ନିପୀଡ଼ନ ଓ ସେ ପତିଙ୍କ ଦ୍ୱାରା ବ୍ୟଭିଚାରିଣୀ ମିଥ୍ୟା ବାଦିନୀ ରୂପେ ଅଭିଯୁକ୍ତା ହୋଇ ତିରସ୍କୃତା ହୋଇ ଅଛନ୍ତି । କାଳିଦାସଙ୍କର ନାଟକରେ ସେହି ଦୁରବସ୍ଥାର କାରଣ ସ୍ୱରୂପ ଆସିଛନ୍ତି କ୍ଷଣକୋପୀ ଦୁର୍ବାସା । ଯେତେ ବେଳେ ଶକୁନ୍ତଳା ମହାଭାରତରେ ଦୁଷ୍ମନ୍ତଙ୍କର ରାଜପୁରରେ ପ୍ରବେଶକରି ସ୍ୱୀୟ ପରିଚୟ ପ୍ରଦାନ କରିଛି ସେତେ ବେଳେ ପ୍ରଣୟ—ବିସ୍ମୃତ ରାଜା ତାଙ୍କର ସକଳ ଅନୁନୟ ବିନୟକୁ ପ୍ରତ୍ୟାଖ୍ୟାନ କଲାବେଳେ ରାଜା ଲେଖିଛନ୍ତି—

"ଧର୍ମାର୍ଥ କାମ ସମ୍ବନ୍ଧଂ ନ ସ୍ମରାମି ତ୍ୱୟା'ସହ,

http://oaob.nitrkl.ac.in

ଗଚ୍ଛ ବା ତିଷ୍ଠ ବା କାମଂ ଯଦ୍‌ବାଚ୍ଛିସି ତତ୍‌କୁରୁ ।"
(ମ· ଭାରତ)

ସତ୍ୟଭ୍ରଷ୍ଟ ରାଜାଙ୍କର ଏହି ହତାଶବାଣୀ ଶୁଣିବା ମାତ୍ରକେ, ଶକୁନ୍ତଳାର ଅପମାନିତା ଅବସ୍ଥା ବ୍ୟାସଦେବ ବର୍ଣ୍ଣନା କରି ଲେଖିଛନ୍ତି;—

"ସୈବ ମୁକ୍ତା ବରାରୋହା ବ୍ରୀଡ଼ିତେବ ତପସ୍ୱିନୀ
ନିବ ସଜ୍ଞେବ ଚ ଦୁଃଖେନ ତସ୍ଥୌ ସ୍ଥୂଣେବ ନିଶ୍ଚଳା ।"
ସଂରମ୍ଭା ମର୍ଷତା ମ୍ରାକ୍ଷୀ ସ୍ଫୁର ମାଣୌଷ୍ଠ ସଂପୁଟା ।"
ଇତ୍ୟାଦି ।

ତାହାପରେ ପୁଣି ଶକୁନ୍ତଳା ରାଜାଙ୍କର ସତ୍ୟଭ୍ରଷ୍ଟତାରେ ଅତିଶୟ କ୍ଷୁଣ୍ଣାହୋଇ କହିଛନ୍ତି;

"ଜାନନ୍ନପି ମହାରାଜ ! କସ୍ମାଦେବ ପ୍ରଭାଷସେ
ନ ଜାନାମୀତି ନିଃଶଙ୍କ ଯଥାନ୍ୟ ପ୍ରାକୃତୋ ଜନଃ ।"

ହେ ମହାରାଜ ! ତୁମ୍ଭେ ସବୁ ବିଷୟ ଜାଣି ମଧ୍ୟ ଇତର ଲୋକଭଳି ମୁଁ ଜାଣିନାହିଁ ବୋଲି ଶଙ୍କାହୀନ ଭାବରେ କାହିଁକି କହୁଅଛ ?

ଏଠାରେ ତୁମ୍ଭର ସତ ହୃଦୟ ଭଳି ଅସତ୍ୟ ହୃଦୟ ଜଣା ପଡ଼ିଲାଣି । ଏବେ ଆତ୍ମ ଅବମାନନା ନକରି ମଙ୍ଗଳକଥାକୁହ,

"ଯୋଽନ୍ୟଥା ସନ୍ତମାତ୍ମାନମନ୍ୟଥା ପ୍ରତିପଦ୍ୟତେ,
କିଂ ତେନ ନ କୃତଂ ପାପଂ ଚୌରେଣାତ୍ମାପ ହାରିଣା

http://oaob.nitrkl.ac.in

ଏକୋଽହଂମସ୍ମୀତିତ 'ମନ୍ୟସେ ତ୍ୱଂ ନତ୍ୱଂଛୟଂ ବେତ୍ସି ମୁନିଂ ପୁରାଣମ୍‌;
ଯୋ ବେଦିତା କର୍ମଣଃ ପାପକସ୍ୟ ତସ୍ୟାନ୍ତିକେ ତ୍ୱଂ ବୃଜିନଂ କରୋଷି ।

ଯଦି ମେ ଯାଚ ମାନାୟା ବଚନଂ ନକରିଷ୍ୟସି ,
ଦୁଷ୍ୟନ୍ତ ! ଶତଧା ମୂର୍ଦ୍ଧା ତତସ୍ତେଽଦ୍ୟ ସ୍ଫୁଟିଷ୍ୟତି ।"

ଦୁଷ୍ମନ୍ତଙ୍କୁ ଏହିପରି ଧିକ୍‌କାର କରି ସାରିବା ପରେ ଶକୁନ୍ତଳା ମୁଖରେ ବ୍ୟାସ ଦେବ ଯେଉଁସବୁ ଗମ୍ଭୀର ତତ୍ତ୍ୱ ସମ୍ବଳିତ ଉପଦେଶାତ୍ମକ ଉକ୍ତି ଦ୍ୱାରା ଦୁଷ୍ମନ୍ତଙ୍କୁ ସଚେତନ କରାଇଛନ୍ତି, ତାହା ରାଜଦରବାରରେ ଶକୁନ୍ତଳା ପକ୍ଷେ କେତେଦୂର ସମ୍ଭବ ହୋଇଥାଉ ନା କାହିଁକି ମହାକାବ୍ୟ ଭିତରେ ଗୋଟିଏ ଚରିତ୍ର ମୁଖରେ ଏହି ତତ୍ତ୍ୱ ଓ ବିଦ୍‌ବତାକୁ ପ୍ରସ୍ଫୁଟନ କରାଇବାର ପରମ ସୁଯୋଗକୁ ଯଥାଯଥ ଭାବେ ନିୟୋଜିତ କରିବାରେ ପିଞ୍ଛିତାର ପରିଚାୟକ ଅଟେ । ଗୃହସ୍ଥାଶ୍ରମରେ କାନ୍ତା ଓ ପୁତ୍ରଙ୍କର ମହନୀୟ ସ୍ଥାନ ଏବଂ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପ୍ରତିପାଦନ କରାଇବା ନିମିତ୍ତ ବ୍ୟାସ ଦେବ ଏହି ଦୀର୍ଘ ଆଲୋଚନାଟି ଶକୁନ୍ତଳା ମୁହଁରେ ଫୁଟାଇ ପାରିଛନ୍ତି । ମହାପୁରାଣ ହେତୁ ଏହି ଆଲୋଚନାର ପରିବେଶର ଔଚିତ୍ୟ ଓ କମନୀୟତାକୁ ସ୍ୱତନ୍ତ୍ର ଭାବେ ବିଚାର କରିବାର ଅବକାଶ ନାହିଁ । ତେଣୁ ଏହି ପ୍ରସଙ୍ଗରେ କାଳିଦାସ ଓ ମେହେର କିପରି ଓ କେତେଦୂର ବାସ୍ତବତା ଓ ସୌନ୍ଦର୍ଯ୍ୟ ଫୁଟାଇଛନ୍ତି, ତାହା ବିଚାରକର ଦେଖିବାର କଥା ।

ବ୍ୟାସଦେବଙ୍କର ବିଦୂଷୀ ସ୍ଥିତପ୍ରଜ୍ଞା ଅକପଟ ସରଳା ଶକୁନ୍ତଳାକୁ କବି କାଳିଦାସ ଅପୂର୍ବ ନାଟକୀୟ ପରିବେଶ ଭିତରେ ଗ୍ରହଣ କଲେ । ତେଣୁ ପ୍ରଣୟର ଅମୂଲ୍ୟ ସ୍ମାରିକାକୁ ଉପସ୍ଥାପନ କରାଇବାରେ ଅକ୍ଷମତା ପ୍ରକାଶ କରି ଉପସ୍ଥିତ ଆଗମନରୁ ନିଜକୁ

http://oaob.nitrkl.ac.in

ବଞ୍ଚାଇ ନେବାପାଇଁ ଅନ୍ତତର ଗୋଟିଏ ସ୍ମୃତିପଦ ଶକୁନ୍ତଳା ରାଜାଙ୍କର ଚିତ୍ତ ଆକର୍ଷଣ କଲେ । କିନ୍ତୁ ଯେଉଁଠି କାନ୍ତକାନ୍ତାଙ୍କର ମଧୁର ପ୍ରଣୟ ଓ ସମ୍ଭୋଗର ସୁଖ ସ୍ମୃତିକୁ ରାଜା ବିସ୍ମୃତ ହୋଇ ପାରିଛନ୍ତି, ସେତେବେଳେ ଅତି ଅପ୍ରଧାନ ଏକ ଘଟଣା ଅବା ରାଜା କାହୁଁ ମନେ ରଖନ୍ତେ ! ତେଣୁ ଶକୁନ୍ତଳାର ପ୍ରଚେଷ୍ଟା ହୋଇଛି ବ୍ୟର୍ଥ ଏବଂ ରାଜା କହିଛନ୍ତି;

ଏବମାଦିଭିରାତ୍ମ କାର୍ଯ୍ୟନିର୍ବର୍ତ୍ତିନୀନାଂ ମଧୁରାଭିରନୃତ ବାଗ୍ଭିରାକୃଷ୍ୟନ୍ତେ ବିଷୟିଣଃ [ଗର୍ହିତକର୍ମରତାମାନେ ଏହିଭଳି ଗୁଡ଼ିଏ ମଧୁର କଥା ଦ୍ୱାରା ବିଷୟୀମାନଙ୍କର ମନ ଆକର୍ଷଣ କରିଥାନ୍ତି]”

ଏହିପରି କହିବା ଦ୍ୱାରା ଶକୁନ୍ତଳାଙ୍କର ସତୀତ୍ୱ ପ୍ରତି ଅମର୍ଯ୍ୟାଦା ପ୍ରକାଶ ପାଇବାର ଦେଖି ଆଶ୍ରମକନ୍ୟା ବୃଦ୍ଧା ଗୌତମୀ ରାଜାଙ୍କୁ ପ୍ରତିବାଦ କଲେ । କିନ୍ତୁ ରାଜା ନିତାନ୍ତ ନିର୍ମମ ବାଣୀରେ କହିଛନ୍ତି—

ସ୍ତ୍ରୀଣାମଶିକ୍ଷିତପଟୁତ୍ୱମମାନୁଷୀଷୁ ସନ୍ଦୃଶ୍ୟତେ କିମୁତ ଯାଃ ପ୍ରତିବୋଧବତ୍ୟଃ । ପ୍ରାଗନ୍ତରିକ୍ଷ ଗମନାତ୍ ସ୍ୱମପତ୍ୟ ଜାତମ୍, ଅନ୍ୟୈର୍ଦ୍ୱିଜୈଃ ପରଭୃତା କିଲ ପୋଷୟନ୍ତି ।

ହେ ତାପସ ବୃଦ୍ଧେ ତାଲିମ ନପାଇ ମଧ୍ୟ ପୁରୁଷଙ୍କ ଅପେକ୍ଷା ସ୍ତ୍ରୀଙ୍କଠାରେ ପ୍ରବୀଣତା ଅଧିକ ଦେଖା ଯାଇଥାଏ । ସେ କଥା କ’ଣ କହିବା ? ସ୍ତ୍ରୀ କୋକିଲ ତା’ର ଶାବକକୁ ଅନ୍ୟମାନଙ୍କ ଦ୍ୱାରା ବଢ଼ାଇ ଆକାଶରେ ଉଡ଼ିବା ପୂର୍ବରୁ ପାଇଯାଇଥାଏ ।”

ପ୍ରିୟତମ ସ୍ୱାମୀଙ୍କର ଏଭଳି ଆଶାଙ୍କିତ ବାଣୀକୁ ସହ୍ୟକରି ନପାରି ଶକୁନ୍ତଳା ଦୃଢ଼ ପ୍ରତ୍ୟୁତ୍ତର ଦେଇ କହିଛି; “ଅଣାର୍ଯ୍ୟ,

http://oaob.nitrkl.ac.in

ଅତ୍ତଣୋହିଅ ଆଣ ମାଣେଣ ପେକ୍‌ଖସି, କୋ ଦାଣିଂ ଅଣୋ ଧମ୍ମକଞ୍ଚୁ ଅପ୍‌ପବେସିଣ, ତିଣ୍‌ଚ୍ଛଣ୍‌ଣା କୁବୋବମସ୍ ମଭୁଦ୍ୱେ ଅଣୁକଦିଂ ପଡ଼ିବଜ୍ଜିସଦ ।" ହେ ଅନାର୍ଯ୍ୟ ସ୍ୱୀୟ ହୃଦୟର ମାନରେ ବିଚାର ତୁମ୍ଭେ ଜଗତକୁ ବିଚାର କରୁଅଛ ? ଯେ କେହି ମଧ୍ୟ ତୁମ୍ଭଙ୍କୁ ତୃଣାଚ୍ଛାଦିତ-ମୁଖ କୂପରେ ଧର୍ମ କଞ୍ଚୁକ ପରିଧାନ କରିଥିବାର ଦେଖି ଅନୁସରଣ କରିବ ।"

ଶକୁନ୍ତଳାର ଏହି ଅଭିମାନ ଭରା ନିଷ୍ଠୁର ବାଣୀରେ ଦୁଷ୍ମନ୍ତ ସନ୍ଦିଗ୍ଧ ଚିତ୍ତରେ ଅଜ୍ଞାତ ସମ୍ବନ୍ଧରେ ବହୁ ଚିନ୍ତାକରି ମଧ୍ୟ ପୁଣି କହିଛନ୍ତି;—

ଆର୍ଯ୍ୟେ ! ପ୍ରଥିତଂ ଦୁଷ୍ମନ୍ତସ୍ୟ ଚରିତଂ ।
ପ୍ରଜାସ୍ୱପିଦଂ ନଦୃଶ୍ୟତେ ।"

କିନ୍ତୁ ପ୍ରିୟ ପ୍ରଣୟୀଙ୍କ ଦ୍ୱାରା ସଞ୍ଚ ଶକୁନ୍ତଳା ବ୍ୟଭିଚାରିଣୀ ବୋଲି ଅଭିହିତା ହୋଇ ଅନ୍ତିମ ଆଶା ପରିତ୍ୟାଗ କରି ଅଧୀରା ଭାବେ କହିଛନ୍ତି—

"ସୁଷ୍ଠୁ ଦାବ ଅତ୍ତ ସଚ୍ଛନ୍ଦଚାରିଣୀ କିମିମହି ଜା ଅହଂ ଇମସ୍ସ ପୁରୁବଂଶ ପଚ୍ଚଏଣ ମୁହ ମହୁଣୋ ହିଅ ଅବସସ୍ସ ଇତ୍ୟକ୍‌ଭସଂ ଉବଗଦା, [ଆସ୍ତୁ ତାହାହେଲେ ମୁଁ ଏବେ ବ୍ୟଭିଚାରିଣୀ ! ପୁରୁବଂଶରେ ବିଶ୍ୱାସ କରି ମୁଁ ଏହି ମଧୂ-ମୁଖ-ବିଷକୁମ୍ଭ ପୁରୁଷର ପିଶାଚକବଳରେ ପଡ଼ିଅଛି ।"

ଏହିପରି କ୍ରୋଧାନ୍ୱିତା ହୋଇ ଅନଳ ଉଦ୍‌ଗୀରଣ କରିବା ପରେ ଶକୁନ୍ତଳାର ଆଉ ଧୈର୍ଯ୍ୟ ନାହିଁ ଓ ବଳ ମଧ୍ୟ ନାହିଁ । ସେ ବିଳାପ କରିବାକୁ ଆରମ୍ଭ କରିଛନ୍ତି ।

http://oaob.nitrkl.ac.in

କାଳିଦାସଙ୍କର ନାଟକର ଏହି ଅଂଶକୁ ଗଙ୍ଗାଧର କାବ୍ୟରୂପ ଦେବାକୁ ଯାଇ କହିଛନ୍ତି; ଯେ ଯେତେବେଳେ ଶକୁନ୍ତଳା ପତିଗୃହର ସୁଖ ସ୍ୱପ୍ନରେ ବିଭୋର ହୋଇ ପର ଶେଷରେ ପ୍ରଣୟର ଅମୂଲ୍ୟ ସ୍ମୃତି ମୁଦ୍ରିକାର ଅଭାବରେ ରାଜୈଶ୍ୱର୍ଯ୍ୟ ଓ ପ୍ରିୟ ପ୍ରଣୟୀସହ ମିଳନ ସୌଭାଗ୍ୟରୁ ବଞ୍ଚିତା ହେଲା, ସେତେ ବେଳେ ତାକୁ—

"ଅନ୍ଧକାର ମୟ ଦିଶିଲା ଜଗତ
ସ୍ଫୁରି ନପାରିଲା ଭାଷା,
ରେଣୁ ପରିଣତ ହୋଇ ଉଡ଼ିଗଲା
ହିମାଳୟ ତୁଲ୍ୟ ଆଶା।"
ଜାଣି ନ ପାରିଲେ ଅପଧନେ ତାଙ୍କ
ଅଛି କିନା ଆଉ ପ୍ରାଣ,
କାହିଁ ଯିବେ ଅବା କେମନ୍ତେ ରହିବେ
ତହିଁକି ନ ହେଲା ଜ୍ଞାନ।
ଚଳ ପଡ଼ୁପଡ଼ୁ ଗଉତମୀ ଧରି
ବସିଗଲେ ଭୂମିତଳେ,
ପ୍ରାଣ ଅଛି କି ନାହିଁ ବୋଲି ମୁଖ
ଚାହିଁଲେ ଅତିବିକଳେ।"

ଶକୁନ୍ତଳା ଅଚେତା ହୋଇ ଯିବା ପରେ ଦୁଷ୍ମନ୍ତଙ୍କ ସହ ଯାହାକିଛି ତର୍କ ବିତର୍କ, କେବଳ ଶାର୍ଙ୍ଗରବହିଁ କରିଛନ୍ତି ଓ ଶକୁନ୍ତଳାକୁ ସେହି ରାଜ ଦରବାରରେ ପରିତ୍ୟାଗ କରି ଶାର୍ଙ୍ଗରବ ଗୌତମୀ ଓ ଶାରଦ୍ୱତ ପ୍ରସ୍ଥାନ କରିଛନ୍ତି।

କାଳିଦାସ ଏହିସ୍ଥଳରେ କହିଛନ୍ତି; ଯେ ତାପସକୁମାର ଓ ଗୌତମୀଙ୍କ ପ୍ରସ୍ଥାନ କାଳରେ ଶକୁନ୍ତଳାଙ୍କୁ ଶାର୍ଙ୍ଗରବ କହିଛି—

http://oaob.nitrkl.ac.in

"ଯଦି ଯଥା ବଦତି କ୍ଷିତିପସ୍ତଥା
ତ୍ୱମସି କିଂ ପିତୁରୁତ୍ କୁଳୟା ତ୍ୱୟା
ଅଥତୁ ବେତ୍ସି ଶୁଚିବ୍ରତମାତ୍ମନଃ
ପତିକୁଳେ ତବ ଦାସ୍ୟମପି କ୍ଷମମ୍ ।"

ଶକୁନ୍ତଳେ ! ଯଦି ପୃଥ୍ୱୀ ପତି ଦୁଷ୍ମନ୍ତ ଏପରି କହୁଛନ୍ତି ତେବେ ତୁତ ପରିବାର ବନ୍ଧନ ଛିନ୍ନ କରିଛୁ, ତୋ'ର ପିତା ତୋ ପ୍ରତି ଆଉ କ'ଣ କରି ପାରନ୍ତି ? ଯଦି ତୁ ଜାଣୁ ତୋ'ର ପ୍ରତିଜ୍ଞା ନିର୍ମଳ ତେବେ ପତିଗୃହରେ ବରଂ ଦାସୀତ୍ୱ କରିବା ଶ୍ରେୟ, ତୁ ଏଠିରହ ଏବଂ ଆମ୍ଭେ ଯାଉଛୁଁ । ଶାର୍ଙ୍ଗରବଙ୍କର ଏହି କଥାରେ ପିତୃ ଅନୁମତି ବ୍ୟତୀତ ଶକୁନ୍ତଳାର ଦୁଷ୍ମନ୍ତ ସହିତ ପ୍ରଣୟାସକ୍ତ ହେବା ଜନିତ ଅପରାଧ ସ୍ପଷ୍ଟ ବ୍ୟଞ୍ଜିତ ହୋଇ ଉଠୁଅଛି ।

କିନ୍ତୁ କବି ଗଙ୍ଗାଧରଙ୍କର ନଷ୍ଟଚେତା ଶକୁନ୍ତଳାଙ୍କୁ ଶାର୍ଙ୍ଗରବ କଟା ଘା'ରେ ଚୂନ ଲେପିବା ଭଳି ନିର୍ମମ ବାକ୍ୟ ପରିତ୍ୟାଗ କରି କେବଳ କହିଛନ୍ତି—

"ରହ ଶକୁନ୍ତଳା, ଧର୍ମ ଅନୁସରି
କର୍ମଫଳ କର ଭୋଗ,
ବୃଥା ଆମ୍ଭେ ଆଉ କରି ନ ପାରିବୁଁ
ଅପଧର୍ମ ଅନୁଯୋଗ ।"

ପତିଗୃହରେ ଏହି ଦାରୁଣ ଅଭିନୟ ସମ୍ପର୍କରେ ବ୍ୟାସଦେବ କାଳିଦାସ ଓ ଗଙ୍ଗାଧରଙ୍କର ଶକୁନ୍ତଳାଙ୍କୁ ତୁଳନା କରି ବିଭିନ୍ନ ସମାଲୋଚକ ବିବିଧମତ ପୋଷଣ କରିଥାନ୍ତି । କିନ୍ତୁ ଏଭଳି ତୁଳନାତ୍ମକ ବିଚାରରେ ଆଦୌ ଯଥାର୍ଥତା ଥିବାଭଳି ମନେହୁଏ

http://oaob.nitrkl.ac.in

ନାହିଁ । ତିନିଜଣ କବିଙ୍କ ଭିତରେ ସହସ୍ର ବର୍ଷର ବ୍ୟବଧାନ ଅଛି ଓ ସାଧାରଣତଃ କବିମାନେ ସମକାଳୀନ ମଣିଷର ଚରିତ୍ରକୁହିଁ ସ୍ୱୀୟ ସୃଷ୍ଟି ଚରିତ୍ର ଭିତରେ ଫୁଟାଇଥାନ୍ତି । ସେହି ହେତୁରୁ ବ୍ୟାସଦେବଙ୍କ ଶକୁନ୍ତଳା ବୈଦିକ ଯୁଗର ଗାର୍ଗୀ, ଯାଜ୍ଞବଲ୍କ୍ୟ ପ୍ରଭୃତିଙ୍କ ପରି ବିଦୁଷୀ, ସ୍ପଷ୍ଟବାଦିନୀ ଓ ଅକପଟ ସରଳା ମହିଳା । ତେଣୁ ତାଙ୍କ ମୁଖରେ ନିର୍ଭୀକ ଉତ୍ତର ଓ ସମାଜର ଗୃହସ୍ଥାଶ୍ରମରେ ପତି, ପତ୍ନୀ ଓ ପୁତ୍ରର ସ୍ଥାନ ନିରୂପଣ ନିମିତ୍ତ ତତ୍ତ୍ୱ ସମ୍ବଳିତ ଉପଦେଶ ଓ ତର୍କ ଶୋଭନୀୟ । ସେହିପରି କାଳିଦାସଙ୍କର ଯୁଗର ଅଭିମାନିନୀ ପ୍ରଣୟିନୀ ମୁଖରେ ଅନ୍ୟାୟ ବିଚାରର ପ୍ରତିବାଦ କରି ଶକୁନ୍ତଳା କ୍ରୋଧାନ୍ୱିତ ସ୍ୱରରେ ଅନଳ ବର୍ଷଣ କରିବା ଅସ୍ୱାଭାବିକ ନୁହେଁ । ପୁନଶ୍ଚ ଗଙ୍ଗାଧରଙ୍କର ଶକୁନ୍ତଳା ପ୍ରଥମଥର ପାଇଁ ପତିଗୃହର ଅଯାଚିତ ପ୍ରଭୁତ୍ୱ, ସମ୍ମାନ, ଐଶ୍ୱର୍ଯ୍ୟ ଓ ସୁଖସମ୍ଭୋଗର ସ୍ୱପ୍ନ ନେଇ ଯାଉଥିବା ବେଳେ ପତିଙ୍କର ନିଷ୍ଠୁର ଆଚରଣରେ ଅପମାନିତା, ପତ୍ନୀ ରୂପେ ଅସ୍ୱୀକୃତା ଓ କପଟାଚାରିଣୀ ଅସତୀ ରୂପେ ବର୍ଜିତା । ତେଣୁ ସେ ନିର୍ଲଜ୍ଜ ମୁଖରେ ଆଉ ପ୍ରତିବାଦ କରିବା ପର୍ଯ୍ୟନ୍ତ ଧୈର୍ଯ୍ୟ ନରଖି ହତଚେତା ହୋଇ ଭୂଲୁଣ୍ଠିତା ହେବା ମଧ୍ୟ ଏକାନ୍ତ ସ୍ୱାଭାବିକ । ଏହି ତିନି କବିଙ୍କର ଶକୁନ୍ତଳା ଭିତରେ ତିନିଗୋଟି ଯୁଗର ଓ ତିନିଗୋଟି ଜାତିର ମହିଳା ସମାଜର ପ୍ରତିକୃତି ରହିଛି । ଗୋଟିଏ ବୈଦିକ ଯୁଗର ସରଳ ସ୍ପଷ୍ଟବାଦୀ ଜାତିର, ଗୋଟିଏ ଧନରତ୍ନ ବିଭବ ପରିପୂର୍ଣ୍ଣ ଯୁଗର ଆତ୍ମାଭିମାନୀ ଜାତିର ଓ ଅନ୍ୟଟି ହେଉଛି ସହସ୍ରବର୍ଷ ବ୍ୟାପୀ ଶତ୍ରୁନିପୀଡ଼ନ ଓ ତାଦୈନ୍ୟଗ୍ରସ୍ତ ଯୁଗର ପରାଧୀନ ଦୁର୍ବଳ ଜାତିର । ଏଣୁ ଭାରତ ବର୍ଷରେ ଇତିହାସର ଉତ୍ଥାନ ପତନକୁ ପରିହାର କରି ଏହି ଚରିତ୍ରଗୁଡ଼ିକର ତ୍ରୁଟି ବିଚ୍ୟୁତିକୁ ଆକ୍ଷେପ କରିବା ଯଥାର୍ଥ ନୁହେଁ । ସର୍ବୋପରି ତିନିଗୋଟି ଗ୍ରନ୍ଥ ମଧ୍ୟରୁ

http://oaob.nitrkl.ac.in

ଗୋଟିଏ ମହାପୁରାଣ, ଗୋଟିଏ ନାଟକ ଓ ଅନ୍ୟଟି କାବ୍ୟ । ପ୍ରତ୍ୟେକର ସାମଗ୍ରିକ ସୌନ୍ଦର୍ଯ୍ୟ ପ୍ରତ୍ୟେକର ପରିସର ଭିତରେ ହିଁ ସୀମିତ । ଯୁଗ ଭେଦରେ ଯେପରି ଆଦର୍ଶ ଭିନ୍ନ, ସେହିପରି ମଧ୍ୟ ଚରିତ ସୃଷ୍ଟିର ଆଭିମୁଖ୍ୟ ଭିନ୍ନ । ତପସ୍ୱିନୀ କାବ୍ୟ ମେହେରଙ୍କର ସୁନ୍ଦରତମ କୃତି ବୋଲି ସ୍ୱୀକୃତ ହୋଇ ଆସିଛି । ଏହି କାବ୍ୟର ସୌନ୍ଦର୍ଯ୍ୟ କେବଳ ମେହେରଙ୍କ ସ୍ୱକୀୟ ପ୍ରତିଭା ଦ୍ୱାରା ଯେ ସମ୍ପାଦିତ ହୋଇ ଅଛି, ତାହାନୁହେଁ, ଏହାଭିତରେ ବାଲ୍ମିକୀ ରାମାୟଣ ଓ କାଳିଦାସଙ୍କ ରଘୁବଂଶର ଅବଦାନ ମଧ୍ୟ ରହିଛି । ଏଣୁ ଉକ୍ତ ଅବଦାନକୁ ଫେଡ଼ି ଅଲଗା କରି ଦେଲେ ମଧ୍ୟ, ମେହେରଙ୍କ ସ୍ୱୀକୀୟ ପ୍ରତିଭାର ଉଜ୍ଜଳ ଦୀପ୍ତି ଅକ୍ଷୁଣ୍ଣ ରହିପାରି ଥାଏ । ସତୀସୀତାଙ୍କର ଉତ୍ତର ଜୀବନକୁ ଭିତ୍ତିକରି ଏହି କାବ୍ୟର ପରିକଳ୍ପନା । ବାଲ୍ମିକୀ ରାମାୟଣର ଉତ୍ତରକାଣ୍ଡରୁ ଏହି ବିଷୟ ବସ୍ତୁ ଗୃହୀତ ହୋଇ ମଧ୍ୟ ଗଙ୍ଗାଧରଙ୍କ ଲେଖନୀ ସ୍ପର୍ଶ ପାଇ ଏହାକିପରି ଏକ ଅମୂଲ୍ୟ ପ୍ରକୃତି-କାବ୍ୟରେ ପରିଣତ ହୋଇ ପାରିଅଛି ତାହା ଅନ୍ୟତ୍ର ପ୍ରକାଶିତ ହୋଇଛି । ଏଠାରେ କେବଳ ସେହି ଗୃହୀତ ଅଂଶ ଗୁଡ଼ିକ ବିଷୟରେ ଆଲୋଚନା କରାଯାଇ ଅଛି ।

ବାଲ୍ମୀକୀ ରାମାୟଣର ଉତ୍ତରାକାଣ୍ଡ ୪୯ ସର୍ଗରେ ବାଲ୍ମୀକୀ ସୀତାଙ୍କୁ କହିଅଛନ୍ତି;

ଆଶ୍ରମସ୍ୟା ବିଦୂରେ ମେ ତାପସ୍ୟ ସ୍ତପସି ସ୍ଥିତାଃ
ତାସ୍ତ୍ୱାଂ ବତ୍ସେ ଯଥା ବତ୍ସଂ ପାଳୟିଷ୍ୟନ୍ତି ନିତ୍ୟଶଃ,
ଏହାରି ଅନୁସରଣରେ ଗଙ୍ଗାଧର ବାଲ୍ମିକୀ ମୁଖରେ,
''ମୋ ଆଶ୍ରମେ ତୋ'ର ନଥିବ କଉଣସି ଭାବନା,
ଜନମିବ ଯେଉଁ ସନ୍ତାନ ତା'ରପାଇଁ ଭାବନା ।''

http://oaob.nitrkl.ac.in

କହୁଥିବା ପରି ମନେହୁଏ । ମୂଳ ରାମାୟଣର ଉତ୍ତରାକାଣ୍ଡ ୬୬ ଅଧ୍ୟାୟରେ ଅଛି;

"ବ୍ୟତୀତା ବାର୍ଷିକୀ ରାତ୍ରିଃ ଶ୍ରାବଣୀ ଲଘୁ ବିକ୍ରମା ।"

ଏହାର ଭିତ୍ତିରେ ମେହେର ଲେଖିଛନ୍ତି,

"ଶ୍ରାବଣୀ ବାର୍ଷିକୀ ଶ୍ୟାମା ଷଡ୍‌ବର୍ଷା
ଶେଷ ହୋଇଗଲା ମୁହୂର୍ତ୍ତକ ପରି ।"

ପୁଣି ବାଲ୍ମୀକି ରାମାୟଣର ସେହି ଅଧ୍ୟାୟରେ ବାଲ୍ମୀକି ଆଶ୍ରମରେ ଲବକୁଶ ଙ୍କର ଜନ୍ମ ପ୍ରସଙ୍ଗରେ ଲେଖାଅଛି;

"କୁଶମୁଷ୍ଟିମୁପାଦାୟ ଲବଂ ଚୈବତୁ ସଦ୍ଵିଜଃ
ବାଲ୍ମୀକି ପ୍ରଦଦୌ ତାଭ୍ୟାଂ ରକ୍ଷାଂ ଭୂତ ବିନାଶିନୀମ୍
ଯସ୍ତୟୋଃ ପୂର୍ବଜୋ ଜାତଃ ସକୁଶୈର୍ମନ୍ତ୍ର ସଂସ୍କୃତୈଃ
ନିର୍ମାଜନୀୟସ୍ତୁ ତଦା କୁଶ ଇତ୍ୟସ୍ୟ ନାମତଃ
ଯଶ୍ଚାବରୋ ଭବେତ୍ତାଭ୍ୟାଂ ଲବେନ ସୁସମାହିତଃ

\+ \+ \+ \+

ଅକୁର୍ବଂଶ୍ଚ ତତୋରକ୍ଷାଂ ତୟୋର୍ବିଗତ କଲ୍ମଷା ।

ଗଙ୍ଗାଧର ଲେଖିଛନ୍ତି;

"କୁଶଗୁଚ୍ଛ ମୁନିବର ହସ୍ତେ ଘେନ,
ମନ୍ତ୍ରି ଅଗ୍ର ଅଧ କଲେ ଖଣ୍ଡ ବେନି,
ଅନୁକମ୍ପା କରେ କରି ସମର୍ପଣ,
ବୋଇଲେ ଶିଶୁଙ୍କୁ କର ସମାର୍ଜନ ।

http://oaob.nitrkl.ac.in

ଅଗ୍ରଜେ ପ୍ରୟୋଗ ଅଗ୍ରଭାଗ କରି,
ଅଧୋଭାଗେ ତନୁମାଜ୍ଜ ଅନୁଜର ।”

ମୁଣିବାଲ୍ମୀକିଙ୍କ ରାମାୟଣରେ ଅଛି—

“ଜଗାମତତ୍ର ଦୃଷ୍ଟ୍ୱାମ୍ବା ଦଦର୍ଶଚ କୁମାରକୌ ।
ଭୂତଘ୍ନୀ ଶୃଙ୍ଗରୋତ୍ଥଭ୍ୟାଂ ରକ୍ଷାଂ ରକ୍ଷୋ ବିନାଶିନୀମ୍ ।”

ତପସ୍ୱିମାନେ ମଧ୍ୟ ଏହି ଅନୁରୂପ ଚିନ୍ତନ ପରିଲକ୍ଷିତ ହୋଇଥାଏ, ଯଥା: —

“କଲେ ଅନୁକମ୍ପା ମୁନି ଆଜ୍ଞା ମତେ,
ଭୂତ ବିନାଶିନୀ ରକ୍ଷା ସେହି ମତେ ।”

ଏହାବ୍ୟତୀତ କାଳିଦାସଙ୍କର 'ରଘୁବଂଶ'ର ବହୁପଂକ୍ତିର ଅନୁସରଣରେ ମେହେର ଯେଉଁସବୁ ପଦରଚନା କରି ଯାଇଅଛନ୍ତି, ତାହା କିପରି ମଧୁର ଓ ଲଳିତ ଭାଷାଭଙ୍ଗିରେ ହୃଦୟଗ୍ରାହୀ ହୋଇ ପାରିଛି ଏଠାରେ ତୁଳନାତ୍ମକ ଭାବେ ପାଠକଲେ ସହଜରେ ଜଣାପଡିବ । ସୀତାଙ୍କର ନିର୍ବାସିତାଅବସ୍ଥାକୁ ବର୍ଣ୍ଣନା କରି କାଳିଦାସ ଲେଖିଛନ୍ତି;

“ନୃତ୍ୟଂ ମୟୂରାଃ କୁସୁମାନି ବୃକ୍ଷାଃ ଦର୍ଭାନୁ ପାତ୍ତାନ,
ବିଜହୁର୍ହରିଣ୍ୟଃ
ତସ୍ୟାଃ ପ୍ରପନ୍ନେ ସମଦୁଃଖ ଭାବମତ୍ୟନ୍ତ ମାସୀଦ୍ ରୁଦିତଂ
ବନେଽପି ।”

ମେହେର ଲେଖିଛନ୍ତି—

“ମୃଗଶିଶୁ ଜନନୀର ସ୍ତନ ମୁଖେ ଧରି
ନିଶ୍ଚଳେ ରହିଲେ କ୍ଷୀର ଶୋଷଣ ନ କରି

http://oaob.nitrkl.ac.in

ମୁଖଦର୍ଭ ମୁଖେଧରେ ମୃଗ ମୃଗୀ ମାନେ
ଗ୍ରୀବା ଭଙ୍ଗି ଉତ୍ସୁକେ ଶୋକଧ୍ୱନ ଧ୍ୟାନେ ।
ମୟୂର ମୟୂରୀ ଗଣ ଶାବକ ସହିତ,
ନଚିତ ପର୍ଯ୍ୟେ ହେଲେ ଗୃହଲ୍ୟ ରହିତ ।"

"କଲ୍ୟାଣ ବୁଦ୍ଧେରଥବା ତବାୟଂ ନକାମଚାରୋମୟି ଶଙ୍କନୀୟଃ,

ମମୈବ ଜନ୍ମାନ୍ତର ପାତକାନାଂ ବିପାକ ବିସ୍ଫୂର୍ଜ୍ଜଥୁର ପ୍ରସହ୍ୟ । ୧୪ । ୬୨ ।

ଉପସ୍ଥିତାଂ ପୂର୍ବମପାସ୍ୟ ଲକ୍ଷ୍ମୀଂ ବନଂ ମୟା ସାର୍ଦ୍ଧମସି ପ୍ରପନ୍ନଃ,

ତଦାସ୍ପଦଂ ପ୍ରାପ୍ୟ ତୟାତିରୋଷାତ୍ ସୋଢ଼ାସ୍ମି ନ
ତ୍ୱଦ୍‌ଭବନେ ବସନ୍ତୀ ୧୪।୬୩ ।"

ତପସ୍ୱିନୀରେ—

"ସହସା ଶୁଣିଲ ମୋର ଅପବାଦ କଥା
+ + +
ମୋ ଅର୍ଜ୍ଜନ ପାପ ମୋର ଦୁଃଖର କାରଣ
ସେହିପାପ ଏବେ ମୋର ହେଉଛି ସ୍ମରଣ ।
+ + +
ଅଯୋଧ୍ୟାର ରାଜଲକ୍ଷ୍ମୀ ପ୍ରୀରତିରେ ବଶ
ନହୋଇ ମୋ ସଙ୍ଗେ ଥିଲ ବହୁତ ଦିବସ ।
ଅସୂୟାରେ ରାଜଲକ୍ଷ୍ମୀ ଲୋଡ଼ୁଥିଲା ଦାଉ
ବହୁଦିନ ସମ୍ଭାଳି ନପାରିଲା ତା ଆଉ ।
ତା ଦୁଃଖରେ ସଙ୍ଗୀଥିଲେ ଯେଉଁ ପୁରଜନେ
ତାଙ୍କୁ ହେତୁ କରାଇଲା ମୋର ବିସର୍ଜ୍ଜନେ ।"

http://oaob.nitrkl.ac.in

ସୀତାଙ୍କର ବିଳାପ ଧ୍ୱନି ମଧ୍ୟରେ ସୀତା ନିଜକୁ ଧିକ୍କାର କରି ରଘୁକୁଳକୁ ପ୍ରଶଂସା କରୁଥିବା ବିଷୟ କାଳିଦାସଙ୍କ କୃତିରେ ବର୍ଣ୍ଣିତ ଅଛି,

"ରାଜର୍ଷିବଂଶସ୍ୟ ରବି ପ୍ରସୂତେରୁପସ୍ଥିତଃ ପଶ୍ୟତ କୀଦୃଶୋଽୟମ୍ ।
ମତ୍ତଃ ସଦାଚାରଶୁଚେଃ କଳଙ୍କଃ ପୟୋଦବାତାଦିବ ଦର୍ପଣସ୍ୟ ॥

ଯତ୍ର ସାବନ୍ତେ ର୍ଦୋପିତଂ ଭୂମି ପାଳୈର୍ଲୋକ ଶ୍ରେଷ୍ଠୈଃ
ସାଧୁ ଶୁଦ୍ଧଂ ଚରିତମ୍ ।

ମତ୍ସମ୍ବନ୍ଧାତ୍ କଶ୍ମଳା କିମ୍ବଦନ୍ତୀସ୍ୟାଚ୍ଚେଦସ୍ମିନ୍ ହନ୍ତଧିଙ୍ମାମଧନ୍ୟମ୍ ॥

ମହାକବିଙ୍କର ଚିନ୍ତାର ଅନୁରୂପ ଚିନ୍ତାସହିତ ସ୍ୱୀୟ କବିତ୍ୱକୁ ସମ୍ମିଶ୍ରିତ କରି ମେଢ଼େର ନିମ୍ନୋକ୍ତ ପଦମାନ ରଚନା କରି ଯାଇ ଅଛନ୍ତି—

"ବଂଶର ଜନକ ତୁମ୍ଭ ଏହି ଦିବାକର;
ଭୁବନ ମଙ୍ଗଳଦାନେ ସଦା ମୁକ୍ତକର
ଧିବଧାରୀ ସ୍ୱରୂପିଣୀ ଏହି ଭଗିରଥୀ ।
ତୁମ୍ଭର ବଂଶର ଟିଇ ବଢ଼ାଏ ଭାରତି ॥
ଯାହିଁ ଅନୁରୋଧେ ପ୍ରିୟା କଲ ମୋତେ ତ୍ୟାଗ ।
ଏ ତୁମ୍ଭର ଉପଯୁକ୍ତ କର୍ମ ମହାଭାଗ ॥
ଏହିଯାହିଁ ପତାକାରେ ପାପିମାର ଚିହ୍ନ;
ରହିଯିବ ଏହା କଲୁ ବିଷମ ବଚନ ।
"ଧିକ ମୋ-ଜୀବନ, ନାଥ ! ଏକା ମୋହ ଲାଗି,
ଅକଳଙ୍କ ଥାଇ ହେଲ ଅପଯଶ ଭାଗୀ ।"

http://oaob.nitrkl.ac.in

ପୁଣି ରଘୁବଂଶରେ ;—

"ତବୋରୁ କୀର୍ତ୍ତିଃ ଶ୍ୱଶୁରଃ ସଖା ମେ
ସତାଂ ଭବୋଚ୍ଛେଦ କରଃ ପିତାତେ,
ଧୁରି ସ୍ଥିତା ତ୍ୱଂ ପତି ଦେବତା ନାଂ

କିଂ ତନ୍ନ ଯେନାସି ମମାନୁ କମ୍ପ୍ୟା । ୧୪ । ୭୪ ଶ୍ଳୋକ

ତପସ୍ୱିନୀରେ—

"ଶ୍ୱଶୁରତୋ ମୋର ସୁହୃଦ, ସେହ୍ୱପର ତୋ ପିତା ,
ଅସଂକୋଚେ ରହ ଆଶ୍ରମେ ମଣି ସଂସାର ପିତା ।" ୨ୟ ସର୍ଗ

ରଘୁବଂଶରେ ଯାହା କୁହାଯାଇଛି ତାହାକୁ ଅବିକଳ ଉର୍ଜ୍ଜମା-ନକରି କେବଳ ସାରାଂଶକୁ ଗ୍ରହଣ କରି କବି ମେହେର ସ୍ଥାନେ ସ୍ଥାନେ ଭିନ୍ନ ଭାବରେ ପ୍ରକାଶ କରିଛନ୍ତି । ବାଲ୍ମୀକି ରଘୁବଂଶରେ ଏହି ଆଶ୍ୱାସନା ଦେବାବେଳେ କହିଛନ୍ତି,

ପୁଷ୍ପଂ ଫଳଂ ଗୃର୍ତ୍ତବମାହରନ୍ତ୍ୟୋ ବୀଜଞ୍ଚ ବାଲେୟ୍ୟ ମକୃଷ୍ଟରୋହି,
ବିନୋଦୟିଷ୍ୟନ୍ତି ନବାଭିସଙ୍ଗାମୁଦାର ବାଗ୍ଭେ ମୁନିକନ୍ୟା
ବାସ୍ତମ୍ । ୧୪ । ୭୭

'ତପସ୍ୱିନୀ' ୨ୟ ସର୍ଗରେ ଯେତେବେଳେ ସୀତା ବାଲ୍ମୀକି ଆଶ୍ରମରେ ପହଞ୍ଚିଯାଇଛନ୍ତି ଓ ମୁନିକନ୍ୟା କର୍ତ୍ତୃକ ପାଦ୍ୟାର୍ଘ୍ୟ ଏବଂ ଫଳମୂଳ ସହିତ ସତ୍‌କୃତା ହୋଇଛନ୍ତି, ସେତେବେଳେ ମେହେରଙ୍କ ସ୍ୱକାପୁ ସୃଷ୍ଟ ଚରିତ୍ର ଅନୁକମ୍ପା ନାମ୍ନୀ ବୃଦ୍ଧା ଆସି,

"ମମତା-ପ୍ରପାତ- ସେନେହ ସ୍ୱଚ୍ଛ ଉଜ୍ଜ୍ୱଳ ଜଳ ।
ଢଳାଇ ସତୀଙ୍କ ଚରଣ କରିଦେଲେ ଶୀତଳ ॥

http://oaob.nitrkl.ac.in

ରଘୁବଂଶରେ ପୁଣି ବାଲ୍ମୀକି ସୀତାଙ୍କୁ କହିଛନ୍ତି—

ତପୋ୍ୱାଧବ୍ଦୈରାଶ୍ରମ ବାଲ ବୃକ୍ଷାନ
ସଂବର୍ଦ୍ଧୟନ୍ତୀ ସ୍ୱବଲାନୁରୂପୈଃ
ଅଶଂସଯ୍ୟଂ ପ୍ରାକ୍ ତନୟୋ ପପତ୍ତେଃ
ସ୍ତନନ୍ଧୟ-ପ୍ରୀତି ମବାପ୍ସ୍ୟସି ତ୍ୱମ୍ । ୧୪ । ୭୮

ତପସ୍ୱିନୀର ୪ର୍ଥ ସର୍ଗରେ ସୀତା ତମସାରେ ଅବଗାହି ବାଲ୍ମୀକିଙ୍କୁ ପ୍ରଣାମ କଲେ, ସେତେବେଳେ ବାଲ୍ମୀକି କହିଛନ୍ତି ।

"ନନ୍ଦନୀ ! ତୁ ଏ ଆଶ୍ରମ ପାଦପଙ୍କୁ ସ୍ନେହ-ଭ୍ରମ
ପ୍ରୟୋଗେ ନନ୍ଦନୋପମ କର ଯତନ ।
ସେ ଭାବେ ତୋ ଅନୁଭବ ସ୍ୱଭାବେ ହେବ ସମ୍ଭବ
ତବେ କେମନ୍ତ ଦୁର୍ଲ୍ଲଭ ସୁତ-ରତନ ।"

ଭବଭୂତିଙ୍କର ଉତ୍ତର ରାମଚରିତ'ରେ ଅଷ୍ଟାବକ୍ର ଋଷିଙ୍କୁ ରାମଚନ୍ଦ୍ର କହିଥିବା ଗୋଟିଏ ଶ୍ଳୋକ—

ସ୍ନେହଂ ଦୟାଂ ତଥା ସୌଖ୍ୟଂ ଯଦିବା ଜାନକୀମପି,
ଆରାଧନାୟ ଲୋକସ୍ୟ ମୁଞ୍ଚତୋନାସ୍ତି ମେ ବ୍ୟଥା ।"
ର ଅବଲମ୍ବନରେ ମେଘେର ସୀତାଙ୍କ ମୁଖରେ ରାମଚନ୍ଦ୍ରଙ୍କ

ଉକ୍ତି କହିଛନ୍ତି—

"ପ୍ରକୃତି ରଞ୍ଜନେ ଯେବେ ହୁଏ ପ୍ରୟୋଜନ
କରିପାରେ ପ୍ରାଣ ସମା ସୀତା ବିସର୍ଜ୍ଜନ ।
ଅଷ୍ଟାବକ୍ର ମୁନିଆଗେ ଯାହା ଭାଷିଥିଲ
ସ୍ମରୁଥିବ ସେ ପ୍ରତିଜ୍ଞା ନକର ଶିଥିଲ ।"

http://oaob.nitrkl.ac.in

ଉତ୍ତର ରାମଚରିତ ଏକ ନାଟକ ଓ ତପସ୍ୱିନୀ ଏକ କାବ୍ୟ । ନାଟକରେ ବିଷୟ ବସ୍ତୁକୁ ମୁଖ୍ୟତଃ ମେହେର ଗ୍ରହଣ କରିନାହାନ୍ତି, ପୁନଶ୍ଚ ଯେଉଁସବୁ ଚରିତ୍ର ଆହରଣ କରିଛନ୍ତି ସେମାନଙ୍କ ମଧ୍ୟରୁ ପ୍ରାକୃତିକ ଚରିତ୍ରଗୁଡ଼ିକ ପ୍ରଧାନ କିନ୍ତୁ ନାଟକୀୟ ପରିବେଶକୁ କାବ୍ୟ ଭିତରେ ମେହେର ଆହୁରି କମନୀୟ କରି ପ୍ରକାଶ କରିପାଇଅଛନ୍ତି ।

କାଳିଦାସଙ୍କ ସୀତା ଓ ମେହେରଙ୍କ ସୀତା ଚରିତ୍ରରୁ ତୁଳନାକରି କେହି କେହି କାଳିଦାସଙ୍କ ସୀତାଙ୍କୁ ଅଧିକ ଜୀବନ୍ତ ବୋଲି ପ୍ରମାଣ କରିଥାନ୍ତି, କାରଣ ସୀତା କହିଛନ୍ତି—

"ବାଚ୍ୟସ୍ତ୍ୱୟା ମଦ୍‌ବଚନାତ୍ ସରାଜା ବହ୍ନୌ ବିଶୁଦ୍ଧାମପି ଯତ୍ ସମକ୍ଷମ୍
ମାଂ ଲୋକବାଦ ଶ୍ରବଣାଦହାସୀର ଶ୍ରୁତସ୍ୟ କିଂତତ୍ ସଦୃଶଂ କୁଳସ୍ୟ ।"

କିନ୍ତୁ ମେହେରଙ୍କ ସୀତାଙ୍କ ମୁଖରେ ଏପରି ବାକ୍ୟ କଦାପି ସ୍ଫୁରିନାହିଁ । ଏହି ସମ୍ବନ୍ଧରେ କେବଳ ଏତିକି କୁହାଯାଇପାରେ ଯେ ଉଭୟସ୍ଥଳର ସୀତାଙ୍କ ଭିତରେ କାଳଗତ ପ୍ରଭାବହିଁ ଜୀବନ୍ତରହିଛି, ତେଣୁ ମେହେରଙ୍କର ସୀତାଙ୍କର ବାଣୀ ଅମଣିଷର ବାଣୀ ନୁହେ ବୋଧେ ।

ମେହେରଙ୍କ କବି ମାନସର ପ୍ରେରଣଭୂମିଥିଲା ଏଦେଶର ପ୍ରାଚୀନସାହିତ୍ୟ, ସେହିହେତୁରୁ ତାଙ୍କ କାବ୍ୟମାନଙ୍କରେ ବହୁ ପଙ୍କ୍ତିଂଭିତରେ ପୂର୍ବସୂରୀମାନଙ୍କ ସ୍ୱରର ପ୍ରତିଧ୍ୱନି ରହିଛି । ପ୍ରାଞ୍ଜଳ ଛନ୍ଦ ରୁଚିସଂପନ୍ନ ବର୍ଣ୍ଣନା ପରିପାଟୀ, ରସୋତ୍ତୀର୍ଣ୍ଣତା ପାଇଁ ଯଥାର୍ଥ ପରିବେଶ ଓ ଅନୁକୂଳ ଭାଷା ତାଙ୍କୁ କାବ୍ୟର ପ୍ରତି ଛନ୍ଦରେ

http://oaob.nitrkl.ac.in

ଉପଭୋଗ୍ୟ ଏହାସହିତ ତାଙ୍କର ମନୋଜ୍ଞ କଳ୍ପନା ବିଳାସ କାବ୍ୟର ବିଷୟବସ୍ତୁକୁ ଉନ୍ନତତର କୋଟିକୁ ଉନ୍ନିତକରି କାବ୍ୟକ ସୌନ୍ଦର୍ଯ୍ୟ ସଂପାଦନ କରିଅଛି । ତେଣୁ ମେଦ୍ବେରଙ୍କର ଆଦୃତ ଅଂଶଗୁଡିକ ନୂତନ କଳାବିଭବରେ ବିଭୂଷିତ ହୋଇ ପାଠକ ପ୍ରାଣରେ ପୁଲକ ସୃଷ୍ଟି କରିଥାଏ ।

---

http://oaob.nitrkl.ac.in

ରାଧାନାଥ ଓ ଗଙ୍ଗାଧର

ଶ୍ରୀ ଚିନ୍ତାମଣି ବେହେରା

ରାଧାନାଥ ଓଡ଼ିଆ କାବ୍ୟସାହିତ୍ୟରେ ଏକ ନବଯୁଗର ସ୍ରଷ୍ଟା । ଆଧୁନିକ ଚିନ୍ତାଧାରା ଓ ଚେତନା ତାଙ୍କର ସୃଷ୍ଟିମଧ୍ୟରେ ପ୍ରଥମେ ଅଭିବ୍ୟକ୍ତି ଲାଭକରିଥିବାର ଆମେ ଲକ୍ଷକରୁଁ । ତାଙ୍କ ସୃଷ୍ଟିକଳ୍ପନାର ବହିଃରୂପ ବା ଫର୍ମ କାବ୍ୟାନୁସାରୀ ହେଲେ ମଧ୍ୟ ତାଙ୍କ ସୃଷ୍ଟିର ଅନ୍ତଃରୂପ ବା ଆତ୍ମା ଆଧୁନିକତାର ସ୍ୱର ଓ ଚେତନା ବହନ କରି ସ୍ପଷ୍ଟ ଓ ଜୀବନ୍ତ । ରାଧାନାଥଙ୍କ କାବ୍ୟସୃଷ୍ଟିର ବହିଃରୂପକୁ ତାଙ୍କର ସମକାଳୀନ ବହୁ ସ୍ରଷ୍ଟା ଅନୁସରଣ ବା ଅନୁକରଣ କରିବାକୁ ସ୍ୱାଭାବିକ ଭାବରେ ପ୍ରୟାସୀ ହୋଇଛନ୍ତି । ସ୍ଥଳବିଶେଷରେ ତାଙ୍କ ସୃଷ୍ଟିର ଅନ୍ତଃରୂପକୁ ମଧ୍ୟ କେତେକ ସ୍ରଷ୍ଟା ଅନୁସରଣ କରିବାକୁ ଆଗ୍ରହୀ ହୋଇଥିବାର ଆମେ ଲକ୍ଷ୍ୟ କରୁଁ । ମାତ୍ର ରାଧାନାଥଙ୍କର ବଳିଷ୍ଠ କାବ୍ୟାଦର୍ଶ ମାନବ ଜୀବନପ୍ରତି କବିପ୍ରାଣର ଅପୂର୍ବ ସଂବେଦନଶୀଳତା ଓ ଯାଦୁକରୀ ସୃଜନକୌଶଳର ଅଧିକାରୀ ହେବାରେ ତାଙ୍କର ସମସାମୟିକ ବା ପରବର୍ତ୍ତୀ କୌଣସି କାବ୍ୟଶିଳ୍ପୀ ଯୋଗ୍ୟ ଶିର୍ଷ୍ୟର ସୌଭାଗ୍ୟ ଅର୍ଜନ କରିନାହାନ୍ତି । ରାଧାନାଥ ଯୁଗର କବି ଗଙ୍ଗାଧର, ନନ୍ଦକିଶୋର ଓ ଚିନ୍ତାମଣି ମହାନ୍ତି ପ୍ରଭୃତି ବିଶିଷ୍ଟ ଶିଳ୍ପୀଗଣ ରାଧାନାଥଙ୍କ କାବ୍ୟସୃଷ୍ଟିର ଧାରା ଦ୍ୱାରା ପ୍ରଭାବିତ ।

ଏପ୍ରସଙ୍ଗରେ ପୁଣି ସ୍ମରଣୀୟ ଯେ ରାଧାନାଥଙ୍କ ଶିଳ୍ପାଦର୍ଶକୁ ଗଙ୍ଗାଧର ଓ ନନ୍ଦକିଶୋର ସମାଲୋଚନା କରି (ଗଙ୍ଗାଧରଙ୍କ 'ଉତ୍କଳଲକ୍ଷ୍ମୀ' ଓ 'ଉତ୍କଳଭାରତୀଙ୍କ ଭକ୍ତି' ଏବଂ ନନ୍ଦକିଶୋରଙ୍କର 'କବି ରାଧାନାଥ ଓ ଜାତୀୟ କବିତା' ଶିର୍ଷକ ଆଲୋଚନା ଦ୍ରଷ୍ଟବ୍ୟ)

http://oaob.nitrkl.ac.in

ନିଜ ନିଜର କାବ୍ୟସୃଷ୍ଟିରେ ଆଦର୍ଶବାଦୀ ଦୃଷ୍ଟିକୋଣର ପରିଚୟ ପ୍ରଦାନ କରିଛନ୍ତି । ମାତ୍ର ସେ ଆଦର୍ଶ ଏକପାକ୍ଷିକ । ଜୀବନର ଅନ୍ତଃନାଡ଼ୀ ସହିତ ସଂଲଗ୍ନ ବାସ୍ତବତାର ଭୂତଳ-ଜଠରରୁ ତାର ଜନ୍ମ ବା ବିକାଶ ନୁହେଁ । କିମ୍ବା କବି ଓ୍ୱାର୍ଡ୍ସଓ୍ୱାର୍ଥଙ୍କ 'True to the Kindred Points of Heaven and Home' ର ସ୍ୱଭାବପରି ସ୍ୱର୍ଗର ଅତ୍ୟୁଚ୍ଚ ଆଦର୍ଶ ସହିତ ମର୍ତ୍ତ୍ୟଜୀବନର ଆନନ୍ଦ-ବେଦନାର ସୁମଧୁର ସମନ୍ୱୟ ତାହା ନୁହେଁ । କବି ଗଙ୍ଗାଧର ରାଧାନାଥଙ୍କ ସାରସ୍ୱତ ଚେତନା, ଛନ୍ଦସୃଷ୍ଟି ଓ ଚିନ୍ତାଧାରା ଦ୍ୱାରା କିପରି ପ୍ରଭାବିତ ହୋଇଛନ୍ତି, ତାଆରି ଉପରେ କିଂଚିତ୍ ଆଲୋକପାତ କରିବାକୁ ଏହି ପ୍ରବନ୍ଧଟିର ଅବତାରଣା ।

ରାଧାନାଥ ଓ ଗଙ୍ଗାଧରଙ୍କ ମଧ୍ୟରେ ଯେଉଁ ଅନ୍ତରଙ୍ଗତା ଓ ଆତ୍ମୀୟତା ଥିଲା, ତାହା ଉଭୟଙ୍କ ମଧ୍ୟରେ ବିନିମୟ ହୋଇଥିବା ପତ୍ରାବଳୀ ମଧ୍ୟରେ ସ୍ପଷ୍ଟ । ରାଧନାଥଙ୍କ ଚରିତ୍ର ସୃଷ୍ଟିର ଆଦର୍ଶପ୍ରତି ସ୍ଥଳବିଶେଷରେ ଗଙ୍ଗାଧରଙ୍କ ମନରେ ଯେଉଁ ଗ୍ଲାନି ରହିଥିଲା, ତାହା 'ଉତ୍କଳଲକ୍ଷ୍ମୀ'ରେ ସେ ପ୍ରକାଶ କରିଛନ୍ତି । ତଥାପି ରାଧାନାଥଙ୍କୁ ସେ କିପରି ସମ୍ଭ୍ରାନ୍ତ ଓ ସଭକ୍ତ ଦୃଷ୍ଟିରେ ଦେଖୁଥିଲେ, ତାହା ସେଇ 'ଉତ୍କଳଲକ୍ଷ୍ମୀ'ର—

କାବ୍ୟହିଁ ଗଲେଣି କାବ୍ୟ ରଚିବାକୁ ରାଧାନାଥ ନାମ ବହି,
ତାହାଙ୍କ ଭରଣି ବଳେ ହେବ ଖ୍ୟାତ ଭାରତେ ଉତ୍କଳ ମହୀ ।

ପଦରୁ ସ୍ପଷ୍ଟ

କବି ରାଧାନାଥ ନିଜର ସ୍ୱଭାବସୁଲଭ ନମ୍ରତା ଓ ସୌଜନ୍ୟ ପ୍ରଦର୍ଶନ ଏହି ପଦଟିକୁ ପାଣ୍ଡୁଲିପିରୁ ବାଦ୍ ଦେବାକୁ ଅନୁରୋଧ କରିଥିଲେ ମଧ୍ୟ ଗଙ୍ଗାଧର ତାହା କରିନଥିଲେ ।

http://oaob.nitrkl.ac.in

ରାଧାନାଥଙ୍କ ପ୍ରତି କବି ଗଙ୍ଗାଧରଙ୍କର ଶ୍ରଦ୍ଧା ଓ ଭକ୍ତି କେତେ ନିବିଡ଼ ଓ ନିଷ୍କପଟ ଥିଲା, ଏହି ଘଟଣାରୁହିଁ ଆମେ ତାହା ଅନୁଭବ କରିପାରୁଁ ।

ରାଧାନାଥଙ୍କ କାବ୍ୟଜୀବନର ପରିଧି ୧୮୮୬ ଖ୍ରୀ:ଅ:ରୁ ୧୮୯୫ ଖ୍ରୀ:ଅ: ଏବଂ ଗଙ୍ଗାଧରଙ୍କ କାବ୍ୟଜୀବନର ପରିଧି ୧୮୯୨ ଖ୍ରୀ:ଅ:ରୁ ୧୯୨୨ ଖ୍ରୀ:ଅ: ପର୍ଯ୍ୟନ୍ତ । ଅବଶ୍ୟ ୧୮୯୨ ଖ୍ରୀ.ଅ. ପୂର୍ବରୁ ଗଙ୍ଗାଧର ଛୋଟ ଓ ବଡ଼ ଧରଣର କେତୋଟି କବିତା ଲେଖିଥିଲେ ଏବଂ ସେଗୁଡ଼ିକ ମଧ୍ୟରୁ 'ରସ ରତ୍ନାକର' ହିଁ ବଡ଼ ଓ କବିମନର ସର୍ବୋତ୍ତମ ବାର୍ତ୍ତାବହ । କବି ରାଧାନାଥଙ୍କର 'ଚିଲିକା' କାବ୍ୟର ଅନୁସରଣ ବା ଅନୁକରଣରେ ବହୁ ପ୍ରକୃତି ବର୍ଣ୍ଣନାତ୍ମକ କାବ୍ୟକବିତା ଓଡ଼ିଆ ସାହିତ୍ୟରେ ଆତ୍ମପ୍ରକାଶ କରିଛି । ଏ ପ୍ରସଂଗରେ ବାସୁଦେବ ସୁଢ଼ଳଦେବଙ୍କର 'ଋତୋପୃଳା' ଗଙ୍ଗାଧରଙ୍କର 'ବେଦବ୍ୟାସ', ଚନ୍ଦ୍ରମଣି ମହାନ୍ତିଙ୍କର 'ସାଲନ୍ଦ', 'ମେଘାସନ', 'ମହେନ୍ଦ୍ର' 'ଉଦ୍ୟାନଖଣ୍ଡ', 'ସିଂହବିଜ' ଓ 'ମହୋଦଧି' ପ୍ରଭୃତି କାବ୍ୟ, ମୃତ୍ୟୁଞ୍ଜୟ ରଥଙ୍କର 'ନୀରଜ', ବିରୂପାକ୍ଷ କରଙ୍କର 'ବୈତରଣୀ', ଗୋବିନ୍ଦ ମହାପାତ୍ରଙ୍କର 'ଧୂମାଚଳ', କାମପାଳ ମିଶ୍ରଙ୍କର 'ଅଂଶୁପା', ବଳଭଦ୍ର ବହିଦାରଙ୍କର 'ଋତୋପୃଳା', ଚନ୍ଦ୍ରମଣି ଦାସଙ୍କର 'ଧାମରା', କାନ୍ତକବି ଲକ୍ଷ୍ମୀକାନ୍ତଙ୍କର 'ବୈତରଣୀ ଏବଂ ସାଂପ୍ରତିକ କାଳର ଜୟକୃଷ୍ଣ ମିଶ୍ରଙ୍କର 'ମାଲ୍ୟଗିରି' ଓ 'ଅଂଶୁଟା' ଏବଂ କୁଞ୍ଜବିହାରୀ ଦାଶଙ୍କର 'ଉଡୁମା' ଓ 'ବାଖ୍ରା' ସ୍ମରଣୀୟ । କିନ୍ତୁ ଲକ୍ଷ୍ୟ କରିବାର କଥା, ପ୍ରକୃତିବର୍ଣ୍ଣନାତ୍ମକ କାବ୍ୟହିସାବରେ ସ୍ରଷ୍ଟା ରାଧାନାଥଙ୍କର 'ଚିଲିକା' ଓଡ଼ିଆ ସାହିତ୍ୟରେ ଯେଉଁ ଗୌରବ ଓ ପ୍ରତିଷ୍ଠାର ଅଧିକାରୀ ତାହା ଲାଭ କରିବାର ସୌଭାଗ୍ୟ ଅନ୍ୟ କୌଣସି କାବ୍ୟ ପାଇନାହିଁ । କବି ଗଙ୍ଗାଧରଙ୍କ 'ବେଦବ୍ୟାସ'

http://oaob.nitrkl.ac.in

ନେଇ ନାନା ରଙ୍ଗ ଧାରଣ କରି କେବଳ ଶିଳାସମଷ୍ଟିର ବର୍ଣ୍ଣନାମାତ୍ର ହୋଇରହିଛି, ତା ମଧ୍ୟରେ ସୃଷ୍ଟିମୂଳକ ସଂହତି ଓ ଚେତନା ଶକ୍ତିର ଅଭାବ ପରିଦୃଶ୍ୟ ।

ରାଧାନାଥଙ୍କ 'ତୁଳସୀସ୍ତବକ'ର ରଚନାଢଙ୍ଗର ସ୍ୱର ଗଙ୍ଗାଧର ନିଜର 'ମହିମା'ରେ ଅନୁସରଣ କରିଛନ୍ତି । 'ତୁଳସୀ ସ୍ତବକ'ରେ ରାଧ ନାଥ ଉପମା ସଂଯୋଜନ ମଧ୍ୟରେ ନୀତି ଓ ଆଦର୍ଶ ଯେପରି ପ୍ରକାଶ କରିଛନ୍ତି, ସେହିପ୍ରକାର ଢଙ୍ଗ 'ମହିମା'ରେ ଆମେ ଦେଖୁଁ । ଦୃଷ୍ଟାନ୍ତ ସ୍ୱରୂପ, 'ତୁଳସୀ' ସ୍ତବକ'ର

ଲଷ୍କଟ, ଘନ ଦେଖି ନାଚନ୍ତି କେକୀ,
ଭକତ ଯଥା ଭବମାୟା ଉପେକ୍ଷି;
ଉଚିତରେ ଅନାଥରେ ଜୀବନ ଧନ,
ଧନ୍ୟ, ଯେ ଦାତା ଜାଣେ ଯାଚକ-ମନ ।—

ପଦସହିତ ଗଙ୍ଗାଧରଙ୍କ

'ମହିମା'ର—

ପର ଉପକାର ପୁଣ୍ୟମଧ୍ୟ ବ୍ରତ ପାଳନ୍ତି ମହତ ଜନ,
ଉର୍ବୀ, ଦିବାକର ପରଉପକାରେ ଦିଅନ୍ତି ଶସ୍ୟକିରଣ ।—

ପଦ ତୁଳନୀୟ ।

ରାଧାନାଥଙ୍କ 'ଚନ୍ଦ୍ରଭାଗା'ର କାବ୍ୟଚେତନା ଗଙ୍ଗାଧର 'କୀଚକବଧ'ରେ ପ୍ରସଂଗକ୍ରମେ ଅନୁସରଣ କରିଛନ୍ତି । କବି ରାଧାନାଥ ଇଂରେଜୀ କବି ପୋପଙ୍କର "windsor" forest"ର ପଳାୟମାନା ପରୀ ଓ ଅନୁଧାବନରତ ପାନ୍ (Pan)ଚରିତ୍ରଦ୍ୱୟର ଚରିତ୍ରାନୁସାରେ 'ଚନ୍ଦ୍ରଭାଗା'ରେ ପଳାୟନରତ ଚନ୍ଦ୍ରଭାଗା ଓ ଅନୁଧାବନରତ ସୂର୍ଯ୍ୟ ଚରିତ୍ରର ପ୍ରଦାନ କରିଛନ୍ତି ।

http://oaob.nitrkl.ac.in

କାହିଁ ପଳାଉଛୁ ସୁନ୍ଦରି ! ହୋଇ ଏଡେ କାତର,
ଚରଣ କଙ୍କର ଜଳକୁ କପାଁ ଏଡ଼େ ତୋ ଡର ?

\+ \+ \+

ପଳାୟନେ ପୁଣି ସୁନ୍ଦରୀ ଦିଶେ ସୁନ୍ଦରତର
ଅସମ୍ଭାଳ-ବେଶ-ଭୂଷଣେ ଆହା, କି ମନୋହର !
ଶାଣ-ଶୀର୍ଣ୍ଣ ପ୍ରାୟେ ଅଙ୍ଗନା-ଅଙ୍ଗ ଗୃହୁଚଳନ,
ବସନ ଉଡ଼ାଇ ଦେଖାଏ ରଙ୍ଗେ ସିନ୍ଧୁ-ପବନ ।

\+ \+ \+

ହେମାଙ୍ଗ ହଳଦୀ ବସନ୍ତ ଦେଖି ଯେସନେ ସଞ୍ଚାଣ
ଅନ୍ତରୀକ୍ଷେ ଧାଏଁ ସଲଖେ କ୍ଷଣପ୍ରଭା ସମାନ ।

\+ \+ \+

ହଳଦୀ ବସନ୍ତ ଏକାନ୍ତ ପ୍ରାଣଭୟେ ଅସ୍ଥିର,
କ୍ଷଣେ ଧୃତ, କ୍ଷଣେ ମୁକତ ମଣେ ନିଜ ଶରୀର ।

'ଚନ୍ଦ୍ରଭାଗା'ର ଏଇ ଅଂଶଟି କାବ୍ୟରେ ଏକ ସୌନ୍ଦର୍ଯ୍ୟବିନ୍ଦୁ ଓ ସମସ୍ତଙ୍କର ଦୃଷ୍ଟିନନ୍ଦନ । ନାରୀର ରୂପସୌନ୍ଦର୍ଯ୍ୟ ଏକେତ ଆକର୍ଷଣୀୟ; ସେଥିରେ ପୁଣି ପୁରୁଷ ନିକଟରେ ପଳାୟମାନା ନାରୀର ରୂପବିଳାସ ଅଧିକତର ମନୋଜ୍ଞ ଓ ଆକର୍ଷଣୀୟ । ଓଡ଼ିଆ ସାହିତ୍ୟର ବହୁ କାବ୍ୟଶିଳ୍ପୀ 'ଚନ୍ଦ୍ରଭାଗା'ର ଏହି ଅଂଶଟିକୁ ଅନୁସରଣ ବା ଅନୁକରଣ କରିବା ପାଇଁ ଚେଷ୍ଟା କରିଛନ୍ତି । ଗଙ୍ଗାଧର ନିଜର 'କୀଚକବଧ'ରେ, ସଚ୍ଚିଦାନନ୍ଦ ତ୍ରିଭୁବନଦେବ ତାଙ୍କର 'ମାୟା ଶବରୀ'ରେ ଚିନ୍ତାମଣି ମହାନ୍ତି, ତାଙ୍କର 'ମୋହିନୀ' କାବ୍ୟରେ ଏହି ଚିତ୍ର ଦ୍ୱାରା ପ୍ରଭାବିତ । ଗଙ୍ଗାଧର ଲେଖିଛନ୍ତି—

http://oaob.nitrkl.ac.in

"ଦ୍ରୌପଦୀ ଦ୍ରୁତପଦେ ଧାଆଁନ୍ତି ଆଗ,
ମୃଗୀ ପଳାଏ ଯେସନ୍ତେ ଦେଖିଲେ ବାଘ ।
ପଛକୁ ଉଡେ ବାମା ଅଞ୍ଚଳ-ପଟ,
ମୁକ୍ତ କୁନ୍ତଳ ପୃଷ୍ଠେ ହୁଅଇ ବିଛି,
ଦୋଳଇ କଟି, ଦୋଳେ ବାହୁଯୁଗଳ,
ଚିକୁର ନାଚେ ଶୋଭି ଗଣ୍ଡମଣ୍ଡଳ;
ବଦ୍ଧ ଅଧର ଓଷ୍ଠ ରୁଦ୍ଧ ନିଶ୍ୱାସ;
ଉର ବସନ ନାଚେ ହୋଇ ଉଚ୍ଛ୍ୱାସ;......

ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଲେଖିଛନ୍ତି—

ଦାସଜନଠାରେ ନିର୍ଦ୍ଦୟ କିଆଁ କରୁ ନିଦାନା
ଆଜ ମୁଁ ହୋଇଛି ତୋହର ପଦ ପଙ୍କଜେ କଣା ।
\+ + +
ଦ୍ରୁତ ଚେଉକରି ଗୋଡାନ୍ତି ପଛେ ପଛେ ଶ୍ରୀଧର
ବନେ ବନେ ଦେବୀ ପଳାନ୍ତି ଘନେ ଚପଳା ପରି ।
\+ + +
ବ୍ୟସ୍ତ ହୋଇ ଦୋଳେ ତରମେ ଘନ କୃଷ୍ଣ କୁନ୍ତଳ
ତରଣୀ ତନୟା ତରଙ୍ଗ ପ୍ରାୟେ ଦିଶି ଚଞ୍ଚଳ ।

ଚନ୍ଦ୍ରାମଣି ମହାନ୍ତି ଲେଖିଛନ୍ତି—

ହରଙ୍କୁ ସନ୍ନିଧେ ଦେଖି ହରକଲେ
କପଟେ ଚଞ୍ଚଳ ଗତି,
ତହୁଁ ଉର୍ଦ୍ଧ୍ୱଶ୍ୱାସେ, ବାଳା ପଛେ ପଛେ
ଗୋଡ଼ାଇଲେ ପଶୁପତି ।

http://oaob.nitrkl.ac.in

ପ୍ରାଣ ଆତଙ୍କରେ ପଳାଏ ଯେସନ
ନିଷାଦଠାରୁ କୁରଙ୍ଗୀ,
ସଲଖ ତିର୍ଯ୍ୟକ ବଙ୍କିମ ଗତିରେ
ଆଚରି ବିବିଧ ଭଙ୍ଗୀ ।
କିଛି ଦୂର ଯାଇ ପଛକୁ ଲେଉଟି
ଅନାଏ ଅତି ଚଞ୍ଚଳେ ।
ବ୍ୟାଧକୁ ସନ୍ନିଧେ ନିରେଖି ସଭୟେ
ପୁଣି ଧାବଇ ପ୍ରବଳେ ।
ସେହିପରି ବାଳା ଅସମ୍ଭାଳ ବେଶେ
ଧାଉଁଛି ହୋଇ ଆକୁଳ
ଦ୍ରୁତଗତି ହେତୁ ଖସି ପଡୁଅଛି
ଖୋଷା-ଖୋଷା ସ୍ବର୍ଣ୍ଣଫୁଲ ।

ବର୍ତ୍ତମାନ ରାଧାନାଥଙ୍କ କାବ୍ୟର ବର୍ଣ୍ଣନାଭଙ୍ଗୀ, ଛନ୍ଦସୃଷ୍ଟି, ଉପମା-ସଂଯୋଜନ, ଚିନ୍ତା ଓ ଚେତନା ଦ୍ୱାରା ଗଙ୍ଗାଧର ଅନ୍ୟନ୍ତ କିପରି ପ୍ରଭାବିତ, ତାଆର କେତୋଟି ଦୃଷ୍ଟାନ୍ତ ଉଭୟଙ୍କ ସୃଷ୍ଟିମଧ୍ୟରୁ ଅବତାରଣା କରୁଛି । ପ୍ରଥମତଃ ବହୁ ସ୍ରଷ୍ଟା ଓ ସମୀକ୍ଷକଙ୍କ ଦ୍ୱାରା ନିନ୍ଦିତ ଓ ନନ୍ଦିତ ରାଧାନାଥଙ୍କ 'ପାର୍ବତୀ' କାବ୍ୟର ପ୍ରସଙ୍ଗ ଦେଖାଯାଉ ।

ରାଧାନାଥ ଲେଖିଛନ୍ତି:—

କେହି ରହିନାହିଁ ରହିବ ନାହିଁଟି ଭବ-ରଙ୍ଗଭୂମି-ତଳେ,
ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ ।
ସ୍ମୃତି-ଶରେ ଯାରନାମ ହୋଇଅଛି ଅମରକଣ୍ଠେ ଅଙ୍କିତ,
ପୁଣ୍ୟଶ୍ଳୋକ ବୀର ନରପତି ହେଲେ ତା ଦେହ-ଭୁଜଙ୍ଗେ କବଳିତ,

http://oaob.nitrkl.ac.in

କାହିଁଗଲେ ଇନ୍ଦ୍ରଦ୍ୟୁମ୍ନ ମହୀପତି ଉତ୍କଳ-ଗୌରବ-ରବି
ନୀଳାଚଳେ ସ୍ଥାପି ଏହି କୀର୍ତ୍ତି କଳି-କଳୁଷ-ପର୍ବତ-ପବି ?
କାଳଗର୍ଭେ ଭବେ ଲୀନ ହେଲେ କେତେ ମହୀପତି ମହାଯଶା,
ହୋଇଅଛି ଯାଙ୍କ ଜୀର୍ଣ୍ଣସୌଧ ଏବେ ବ୍ୟାଘ୍ର ଭଲ୍ଲୁକର ବସା !
ଶୈବାଳ ପାଷାଣ-ଭେଦରେ ସଉଧ ହୋଇଛି ନୀଳବରଣ,
କୂର୍ମ-ତନ୍ତୁ-ଜାଲ ହୋଇଅଛି ଏବେ ଗବାକ୍ଷର ଆସ୍ତରଣ ।
ସ୍ୱର୍ଣ୍ଣ ଧୂପାଳେକେ ଉଠୁଥିଲା ଯହିଁ ଅଗୁରୁଧୂପର ଘଟା
ତିମିରକୁ ତହିଁ ବାଜନ୍ତି ବଜନେ ପକ୍ଷବାତେ ଚମଚଟା !
ତୋଳିଲେ ଅତୁଳ ଦୁର୍ଗ ଯେଉଁ ବୀର ବରୁଣା-ତଟିନୀ ତୀରେ
ବରୁଣା-ତରଙ୍ଗେ ବୁଦ୍‌ବୁଦ୍ ପରାୟେ ମିଶିଗଲେ କାଳନୀରେ !

(ପାର୍ବଣୀ)

ଏ ପଦାବଳୀର ଅନୁସରଣରେ ଗଙ୍ଗାଧର ଲେଖିଛନ୍ତି—

ମର୍ତ୍ତ୍ୟ ମଣ୍ଡଳରେ ଜନମିଲେ ଜନେ ଅବଶ୍ୟ ଅଛି ମରଣ,
ସର୍ବଗ୍ରାସୀ କାଳ ପ୍ରତି ନିମେଷରେ କରୁଅଛି ଆୟୁ ହରଣ ।
ଥିଲେ କେତେ କେତେ ଅମିତ ତେଜସ୍ୱୀ ବସୁନ୍ଧରାପତିମାନେ,
ନାମମାତ୍ର ଅଛି ତନୁ ଯାଇଅଛି ଭୟଙ୍କର ଶମଶାନେ ।
ରବିବଂଶେ ଥିଲେ ନୃପତି-ମୁକୁଟମଣି ପୁରଞ୍ଜୟ ନାମେ
ନର ଲୋକ ଲଙ୍ଘି ବ୍ୟାପିଥିଲା ତାଙ୍କ କୀରତି ଅମର ଧାମେ ।
ସେହି ଯଶୋଧନ ବୀରଗଣାଗ୍ରଣୀ ଆଜ ଏ ମହୀରେ କାହିଁ ?
କାଳର ଅଜେୟ ପରାକ୍ରମକୁ ସେ ଲଙ୍ଘିତ ପାରିଲେ ନାହିଁ ।
ତୁମ୍ଭ ପିତାମହ ଦିଲୀପ ଭୂପତି ପିତା ରଘୁ ମହାରାଜ,
ଦୋର୍ଦ୍ଦଣ୍ଡକୁ ଯାର ମଘବା ଶଙ୍କର ସେହି ଅଛନ୍ତିକି ଆଜ ?

(ଇନ୍ଦୁମତୀ)

http://oaob.nitrkl.ac.in

ରାଧାନାଥଙ୍କ 'ପାର୍ବତୀ'ର—

ଋଷିକୁଲ୍ୟାଠାରୁ ସୁବର୍ଣ୍ଣ ରେଖା ଯାଏ ସର୍ବ ଜନପଦ
ନାନା ଉପାୟରେ ପୂଜୁଛନ୍ତି ଆଜ ବୀରଗଙ୍ଗେଶ୍ୱର ପଦ ।
ସୁବର୍ଣ୍ଣରେଖା-ଶୁଭ୍ର କୂଳ-କୋଳେ କରନ୍ତି ସ୍ୱର୍ଣ୍ଣସଞ୍ଚୟ
ହେବାପାଇଁ ରାଜ-ମଞ୍ଜୁକେଶୀଙ୍କର ପଦରେ ଶିଞ୍ଜା-ବଳୟ ।
ରାଜରାଣୀଙ୍କର କବରୀମଣ୍ଡନ ପାଇଁ ଖଣି ଅନ୍ଧକାରେ
ଖନକେ ଖୋଳନ୍ତି ମଣି ମହାନଦୀ-ବିଷମ-ଶିଳାଶଯ୍ୟାରେ ।
+ + +
ଭୁଜଙ୍ଗ ଯୋଗାଏ ଉଶୀର ବ୍ୟଜନ, କନକା ମୁକ୍ତା ପ୍ରବାଳ,
ମହୋଦଧି ବକ୍ଷେ ବହି ଦ୍ୱୀପାନ୍ତରୁ ଆଣନ୍ତି ଯା' ପୋତମାଳ ।
—ଶବାନୁସରଣରେ

ଗଙ୍ଗାଧର ଲେଖିଛନ୍ତି .—

ନୃପତିମଣ୍ଡଳ ନତଶିର ହୋଇ ପୂଜୁଛନ୍ତି ରଘୁପଦେ,
ରଘୁଙ୍କ ଭବନ ହୋଇଅଛି ପୂର୍ଣ୍ଣ ଦେବଦୁର୍ଲ୍ଲଭ ସମ୍ପଦେ ।
ବ୍ରହ୍ମାଦ୍ରି-ନର୍ଝର-ଧୌତ-ରମ୍ଭାବନ-ବିହାରୀ ବାରଣଗଣ
ସିନ୍ଦୂର ରଚିତ ମସ୍ତକେ ପ୍ରାଙ୍ଗଣେ କରୁଛନ୍ତି ବିଚରଣ ।
କଇଲାସଗିରି ଉପତ୍ୟକାରୁ ଚମରୀ ଶ୍ୱେତଚାମର
ଶୋଭା ସମ୍ପାଦଇ ଶିରେ ସଞ୍ଚାଳିତ ହୋଇ ମହାରାଜାଙ୍କର ।
ହିମଗିରି ଗୁହାକୁଞ୍ଜ ଯେଉଁ ମଣି ନାଶୁଥିଲେ ଅନ୍ଧକାର,
ପୁଞ୍ଜପୁଞ୍ଜ ହୋଇ ସଦା ଉଜ୍ଜ୍ୱଳିତ କରୁଛନ୍ତି ନୃପାଗାର ।
ମହୋଦଧି ତୁଙ୍ଗ ତରଙ୍ଗ କ୍ଷାଳିତ ଉଜ୍ଜ୍ୱଳ ମୁକ୍ତାପଟଳ
ମାଳମାଳହୋଇ ରାଜପୁରେ କେତେ ଝୁଲୁଛନ୍ତି ଝଲମଲ ।
(ଇନ୍ଦୁମତୀ)

http://oaob.nitrkl.ac.in

ରାଧାନାଥଙ୍କର—

ଭବିତବ୍ୟ ଯାହା ଅବଶ୍ୟ ଘଟିବ, କିଏ ତା' କରିବ ଆନ ?
କିଏ ଅବା ଏହି ଜ୍ୟୋତିଶ୍ଚକ୍ର ଗତି ରୋଧିବାକୁ ବଳବାନ ?
ସ୍ୱାର୍ଥ ଶତ୍ରୁ ବେନି ତରାଜୁ ତୁଳାର ବିରାଜେ ନଭୋମଣ୍ଡଳେ,
ଏହି ଦଣ୍ଡେ ଧାତା ତଉଳନ୍ତି ଅବା ନରଭାଗ୍ୟ ମହୀତଳେ ।
କାହା ଭାଗ୍ୟ ଗୁରୁ କାହା ଭାଗ୍ୟ ଲଘୁ ହେବ ଏ କାଳ ସମରେ
ଅଛି ଏକା ସେହି ବ୍ରହ୍ମାଣ୍ଡ-ଠାକୁର-ଅନନ୍ତ-ଜ୍ଞାନ-ଗୋଚରେ;
ସେହିପାଇଁ ସିନା ଶ୍ରୀହସ୍ତେ ରଖନ୍ତି ଅଜ୍ଞେୟ ଅଦୃଷ୍ଟ କଞ୍ଚି,
ଯା ଭେଦ ନପାଇ ଭାବଭାବ ବଣା ହୁଅନ୍ତି ଶିବ-ବିରଞ୍ଚି ।

ପଙ୍କ୍ତିଗୁଡ଼ିକର

ସ୍ରଷ୍ଟା ଗଙ୍ଗାଧରଙ୍କର—

ଭବେ ଭବିତବ୍ୟ ଅବଶ୍ୟ ଘଟଇ, ନହୁଏ କେବେ ଅନ୍ୟଥା,
ମୂଢଜନେ ସିନା ତହିଁ ପାଇଁ ବୃଥା ହୃଦେ ପୋଷୁଥାନ୍ତି ବ୍ୟଥା ।
ବିଧିବିଧାତବ୍ୟ ବିଷୟେ ନ ବୁଝି କ୍ଷୋଭ କରିବାର ମନେ
ପ୍ରାକୃତମାନବ ପରିଚୟେ ଉଚିତ ନୁହେ ଭବାଦୃଶ ଜନେ ।

\+ \+ \+ \+

କର୍ମଫଳ ଘେନି ଜନ୍ମ ଲଭୁଛନ୍ତି ଜୀବଗଣ ବସୁଧାରେ,
ଫଳ ଭୁଞ୍ଜି ସାରି ଯାଉଛନ୍ତି ପୁଣି କୃତକର୍ମ ଅନୁସାରେ ।
ଜୀବନପ୍ରଦୀପ ଜଳୁଥାଏ ଦେହେ ଆୟୁ ତୈଳ ଥିବାଯାଏ,
ଆୟୁତୈଳ ସବୁ ନିଃଶେଷିତ ହେଲେ ନିର୍ବାଣ ସେ ହୋଇଯାଏ ।
ଅଚିନ୍ତ୍ୟ ପୁରୁଷହସ୍ତେ ଅଛି ସେହି ତୈଳ ଦେବା ଅଧିକାର,
ଅପକ୍ଷପାତରେ ବଣ୍ଟନ କରନ୍ତି କର୍ମ ଦେଖି ସେ ଯାହାର ।

ପଙ୍କ୍ତି ଗୁଡ଼ିକ ମଧ୍ୟରେ ପ୍ରତିଫଳିତ ।

http://oaob.nitrkl.ac.in

ରାଧାନାଥଙ୍କର—

ଯହିଁ ଯା ଶୋଭାବ ସେହି ତା ବିଧାତା ଖଞ୍ଜିଛନ୍ତି ସେହିସ୍ଥାନେ,
ରସାଣିଛନ୍ତି ପୁଣ ଶୋକ ସେ ମୂରତି ମଧୁର-ସ୍ନିଗ୍ଧ-ରସାଣେ,
ମ୍ରିୟମାଣା ଆହା, ଅମ୍ବୁରାଶି ତଳେ କିମ୍ବା ବିମ୍ବାଧରା ରମା,
ଅଥବା ବହୁଳ ପକ୍ଷେ ପ୍ରାଚୀମୂଳେ ହିମାଂଶୁ-କଳା ଚରମା,
ବନେ ନିର୍ବାସିତା ସୀତା ଅବା ରାମ-ହୃଦୟ-ଜ୍ୟୋତ୍ସ୍ନା-ରୂପିଣୀ,
ହିମାଚଳେ କାମ-ବିୟୋଗ-ବିଧୁରା କିମ୍ବା କାମ-ସୀମନ୍ତିନୀ,
କାଳନ୍ଦୀ-ପୁଳିନେ ଶ୍ୟାମ-ବିରହିଣୀ ଅବା ବୃଷଭାନୁ-ସୁତା,
ଅବା ନବରମାକରୁଣା-ସମୁଦ୍ର-ମନ୍ଥନରୁ ସମୁଦ୍ଭୂତା,

+ + +

ନୀଳ-ପକ୍ଷ୍ମମାଳେ ଅଶ୍ରୁବିନ୍ଦୁ ଝଳେ, ସ୍ୱଚ୍ଛ ମୁକ୍ତାଫଳ ଜିଣି,
ହେବୁଁ ଅବତୀର୍ଣ୍ଣ ଭବତଳେ, ଆହା କରୁଣାଙ୍କ ଶରଣୀ ।

ପଂକ୍ତିଗୁଡ଼ିକର

ପ୍ରାଣସ୍ପନ୍ଦନ ଗଙ୍ଗାଧରଙ୍କ 'ତପସ୍ୱିନୀ'ରେ ଆମେ ଅନୁଭବ କରୁଁ ।

ସ୍ୱର୍ଗପୁରୁ କେଉଁ ଦେବୀ କି ସଦ୍ୟ ଶାପର ଫଳେ
ସଦେହରେ ଖସି ପଡ଼ୁଛି ଆସି ଅବନୀ ତଳେ ?
ଭ୍ରମୁ ଭ୍ରମୁ କିବା ଅଭ୍ରରେ ଅଭ୍ରମାତଙ୍ଗ ଚଢ଼ି
ପୁରନ୍ଦର-ପୁର ଶୋଭନୀ ପଡ଼ିଅଛନ୍ତି ଗଡ଼ି ?
କିଏ ବା ଭାବିଲା, ଜାହ୍ନବୀ ଅବା ମୂର୍ତ୍ତିମତୀକି
ଲୋତକ-କଲ୍ଲୋଳେ ଭସାଉଛନ୍ତି ବସୁମତୀକି ?
କିଅବା ପରାୟେ କରୁଣା କିବା ସ୍ୱର୍ଗରୁ ଗଳି
ପର ଦୁଃଖ-ତାପେ କ୍ରମଶଃ ଉବେ ଯାଉଛି ଗଳି ?

http://oaob.nitrkl.ac.in

ରାଧାନାଥଙ୍କ 'ପାର୍ବତୀ'ରେ ଅନ୍ନପୂର୍ଣ୍ଣାର ଚରିତ୍ର—

ବୋଇଲେ, "ସେକଥା କହିବାକୁ ଯେବେ ହୃଦ ହେଉଅଛି ଘାରି
ତୁମ୍ଭର ସେକଥା ଶୁଣିବାକୁ ମନ ବଳୁନାହିଁ ସୁକୁମାରି !"
ବୀଣା-ଜିଣା ସ୍ୱରେ କହେ ଜେମା, "ଆହା,
ଏ ସ୍ନେହ ପାଇବ କାହୁଁ ?
ତୁମ୍ଭଠାରେ ଦୁଃଖ ନ କହିବି, ତେବେ କହିବି କାହାକୁ ଆଉ ?
ଭବ-ମରୁ-ସ୍ଥଳେ ଦୟାମୟି ! ତୁମ୍ଭେ ଶୀତଳ-ବାରି-ନିର୍ଝର,
ତରଳ ହେବାକୁ ଜାଣେ ପର-ଦୁଃଖେ କୋମଳ ତୁମ୍ଭ ଅନ୍ତର,
ଦେଖ ଗୋ, ପ୍ରାବୃଟେ ତଟିନୀ ଯେସନେ ନପାରେ ବାରି ସମ୍ଭାଳି,
ଅସମ୍ଭାଳେ ହିଁ ପୂର ପ୍ରବାହକୁ ବେନି କୂଳେ ଦିଏ ଢାଳି,
ଦୁଃଖୀ ସେହିପରି, ହୃଦେ ଯେବେ ତା'ର ବଳିପଡ଼େ ହୃଦବ୍ୟଥା
ସମ-ଦୁଃଖୀ ଜନେ ହୃଦୟ ଫିଟାଇ କହେ ନିଜ ଦୁଃଖକଥା,
କରୁଣା ବହୁନେ ଦୁଃଖୀଙ୍କ ମୁଖର କରଇ ଆଦର କଏ ?
ତୋପରି କରୁଣାମୟୀ ଭବେ ସିନା କୋଟିରେ ମିଳେ
ଗୋଟିଏ ! —

ଏହି ପଂକ୍ତିଗୁଡ଼ିକର ଆଲୋକଚିତ୍ର 'ତପସ୍ୱିନୀ'ର—

ତା ଶୁଣି କହିଲା ସଖୀ, "ଥାଉ ସେହି କଥା,
ଚାପଲ୍ୟ ମୋ କ୍ଷମାକର, ବୃଥା ଦେଲି ବ୍ୟଥା ।"
ବୋଇଲେ ଜାନକୀ, "ସଖି ଆତ୍ମପରିଚୟ
ନ ଦେଇ ପରାଣ ମୋର ହେଉଛି ଅଥୟ ।
ଭରସା କରିଛି ମୋର ଅନ୍ତିମ ଜୀବନ
ତୁମ୍ଭ ସହକାରେ ଏଥି କରିବି ଯାପନ ।

http://oaob.nitrkl.ac.in

ନ କହିବ ନିଜ କଥା ଯଦି ତୁମ୍ଭ ପାଶ,
କରିବ କିରୂପେ ତୁମ୍ଭେ ମୋ ପ୍ରତି ବିଶ୍ୱାସ ?
କହିଦେଲେ ଲଘୁହେବ ମୋର ଦୁଃଖଭାର;
ବୁଝିବ ତହିଁରେ ତୁମ୍ଭେ କପଟ ସଂସାର ।—

ପଙ୍‌କ୍ତି ଗୁଡ଼ିକ ମଧ୍ୟରେ ସ୍ପଷ୍ଟ ।

ପୁଣି 'ପାର୍ବଣୀ'ର—

ସଦା ମନେ ଶୁଚି; ପାପେ ଅଭିରୁଚି କେବେହିନଥିଲା ତା'ର,
ମାନସ-ସରସୀ ବିହାରିଣୀ ହଂସୀ କେବେ କଲେଡ଼େ କାସାର !

ଓ

କି ଅଛି ଜଗତେ ସ୍ନେହମୟ ପିତା ସ୍ନେହସଙ୍ଗେ ହେବ ଲକ୍ଷ୍ୟ ?
ପିତୃସ୍ନେହ ସଙ୍ଗେ ତୁଳା ଲଭିବାକୁ କେବଳ ସିନ୍ଧୁସେ ଶକ୍ୟ ।—

ପଙ୍‌କ୍ତି ଗୁଡ଼ିକର

ସ୍ୱର ଓ ଶ୍ୱାସ ଗଙ୍ଗାଧରଙ୍କ—

ତହିଁରେ ଚଞ୍ଚଳା ବରବର୍ଣ୍ଣିନୀର ମାନସ ଭୁଲିଲା ନାହିଁ,
ମାନସର କେଳିଲାଳସୀ ମରାଳୀ କାସାରେ ରସିବ କାହିଁ ?

(ଇନ୍ଦୁମତୀ)

ଓ

'ଦୁହିତାର ଦୋଷ କ୍ଷମିବାକୁ ପିତା ତୁଲ୍ୟ ନାହିଁ ତ୍ରିଭୁବନେ'
(ପ୍ରଣୟବଲ୍ଲରୀ)—ପଙ୍‌କ୍ତିଗୁଡିକ ମଧ୍ୟରେ ଅନୁଭବ୍ୟ ।

କାଦମ୍ବରୀର ଚନ୍ଦ୍ରାନୁପ୍ରାଣିତ ରାଧାନାଥଙ୍କ 'ପାର୍ବଣୀ'ରେ ଅନ୍ନପୂର୍ଣ୍ଣାର ଉକ୍ତି—

http://oaob.nitrkl.ac.in

'ମାଣ ସ୍ନେହମୟ ପିତା ମୋର ପକ୍ଷେ ସ୍ନେହେ ହେଲେ ମାତା-ପିତା'—ର ପ୍ରଭାବ ଗଙ୍ଗାଧରଙ୍କ ପ୍ରଣୟବଲ୍ଲରୀରେ ଶକୁନ୍ତଳାର—

'ହାଳଚନ୍ତି ମୋତେ ତାତ-ପିତୃମାତ୍ରୁ ସ୍ନେହ କର ସମନ୍ୱୟ'-ଉକ୍ତି ମଧ୍ୟରେ ଦୃଷ୍ଟିଗୋଚର । 'ପାର୍ବତୀ' କାବ୍ୟର ଏ ସମସ୍ତ ଚିତ୍ର ଓ ବର୍ଣ୍ଣନା ଦ୍ୱାରା ଗଙ୍ଗାଧର ପ୍ରଭାବିତ ହୋଇଛନ୍ତି ସତ; କିନ୍ତୁ 'ପାର୍ବତୀ' କାବ୍ୟର ଅନ୍ତର୍ନିହିତ ବାସ୍ତବତା ଓ ଶିଳ୍ପଚେତନା କେବଳ ତାଙ୍କ ସୃଷ୍ଟି ମଧ୍ୟରେ ନୁହେଁ, ସମଗ୍ର ଓଡ଼ିଆ କାବ୍ୟସାହିତ୍ୟରେ ଦୁର୍ଲ୍ଲଭ ଓ ଅନନ୍ୟ ।

'ପାର୍ବତୀ' ବ୍ୟତୀତ ରାଧାନାଥଙ୍କ 'ଚନ୍ଦ୍ରଭାଗା' 'ନନ୍ଦିକେଶ୍ୱରୀ', 'ଚିଲିକା', 'ଯଯାତିକେଶରୀ' ଓ 'ଦରବାର'ର ପ୍ରଭାବ ମଧ୍ୟ ଗଙ୍ଗାଧର'ଙ୍କ ସୃଷ୍ଟିରେ ପ୍ରତିଫଳିତ ।

'ଚନ୍ଦ୍ରଭାଗା'ର—

'ଅର୍ଦ୍ଧେନ୍ଦୁ-ଲଲାଟେ ସିନ୍ଦୁରବିନ୍ଦୁ ରମଇ ଅାଖି,
ନୁହଇ ସିନ୍ଦୁର, ରହିଛି ସୂର ହୃଦୟ ଲଖି ।
—ଚିତ୍ର ସହ ଗଙ୍ଗାଧରଙ୍କ

ତପସ୍ୱିନୀ'ର—

'ଲଳିତ ଦିଶୁଛି ଲଲାଟେ ତାର ସିନ୍ଦୂର ବିନ୍ଦୁ,
ମୁଖକମଳକୁ ହୋଇଛି ଯେହ୍ନେ ପୂର୍ଣ୍ଣିମା ଇନ୍ଦୁ ।'
ଚିତ୍ରକଳ୍ପନା ତୁଳନୀୟ ।

http://oaob.nitrkl.ac.in

'ନନ୍ଦକେଶରୀ'ର—

କୁଆଁ ତାରା ତହିଁ ମଧ୍ୟେ ବିରାଜିତା
ପ୍ରୀତି କରନ୍ତି କି ସ୍ୱର୍ଗନଦୀ ଚିତ୍ତା ।—
ପଙ୍‌କ୍ତି ଦୁଇଟି

ଗଙ୍ଗାଧରଙ୍କ ବେଦବ୍ୟାସର—

ଉଭୟ ପାର୍ଶ୍ୱରେ ଶୁଭ୍ର ଫେନନଦୀ,
ବହନ୍ତି ଯେସନେ ଚିତ୍ରା ସ୍ୱର୍ଗନଦୀ—
ପଙ୍‌କ୍ତି ଦୁଇଟି ସହ ତୁଳନୀୟ ।

ରାଧାନାଥଙ୍କ 'ଚିଲିକା'ର ଶନ୍ଦୂଳହାରିଣୀ ରୁଦ୍ର ମୂର୍ତ୍ତିର ଚିତ୍ର-କଳ୍ପନା—

ବିଜୟ-ଉଲ୍ଲାସ-ମଦେ ବାହୁ ତଟି
ବାହୁଡ଼ିଲା ଯେବେ ସ୍ୱଦେଶେ ମରହଟି
ତା ଉଲ୍ଲାସ-ଗୀତ ତୋହର ପ୍ରତାପେ
ପରିଣତ ହେଲା ପଲକେ ବିଳାପେ !
ଉଦରଲେ ଯାଇ ଓଗାଳିଲୁ ବାଟ,
ଆକାଶ ପାତାଳ ଗୁଡ଼ିଲେ କୁହାଟ,

\+ \+ \+

ତୋ ଉର ଦର୍ପଣେ ସଘନେ ବିମ୍ବିତ
ହୋଇ ଚମକିଲା ଜୀମୂତେ ତଡ଼ିତ,
ଦେଖାଇଦେଲା ତୋ ସଂହାର-ମୂରତି,
ଦ୍ରୁକୁଟିର ସେହି କରାଳ-ଆରତି ,

http://oaob.nitrkl.ac.in

ଯା ଦେଖି ଆତଙ୍କେ ଦୈତ୍ୟ-ଆଖଣ୍ଡଳ
ବିଫଳ ମଣିଲା ନିଜ ଭୁଜବଳ ।—

ସମ୍ଭବତ ଗଙ୍ଗାଧରଙ୍କ 'ତପସ୍ୱିନୀ'ରେ ପ୍ରକୃତିର ପ୍ରଳୟଙ୍କରୀ ମୂର୍ତ୍ତିର ଚିତ୍ରକଳ୍ପନା ତୁଳନୀୟ ଓ ଉଭୟ ଚିତ୍ରମଧ୍ୟରେ ସମଧର୍ମିତା ବର୍ତ୍ତମାନ ।

କରିବାକୁ ନୃପତିର ସହିତ ସମର
ତୃଣରାଜ ଖଡ଼୍ଗକରେ ଗର୍ଜିଲା ପ୍ରଖର ।
+ + +
ବ୍ୟାହତ ହୃଦୟ ଜାଣି ଶତ୍ରୁର ବାଦଲ
ଦଉଡ଼ି ଆସିଲା କୋପେ ଯେନ ଦଳବଳ ।
ଚକ୍ଷୁ ଚମକାଇ କରି ଗମ୍ଭୀର ଗର୍ଜନ
ଦେଖାଇଲା ନୃପତିର ଉପରେ ତର୍ଜନ ।
+ + +
ସଖୀଙ୍କ ରୋଦନେ ଗତି ସ୍ତମ୍ଭିଲା ବାତର,
ଜଳସ୍ଥଳ ଯେନ ହେଲା ନିସର୍ଗ କାତର ।
ସ୍ତମ୍ଭିଗଲା ଜାହ୍ନବୀର ତରଙ୍ଗ-ଆବଳୀ
ବନ୍ଦ ହୋଇଗଲା ବନେ ବିହଂଗ କାକଳି ।
ନ ହଲିଲା ପାଦପର ଗୋଟିଏ ପତର,
ନ ଚଳିଲା ଲୀଳା-ଶୀଳା ବଲ୍ଲୀ-କଳେବର (ତପସ୍ୱିନୀ)

'ଚିଲିକା'ର—

ମୂର୍ତ୍ତିପରିଗ୍ରହ ଉଦେ କି ସାହସ ?
କିମ୍ବା ଶାନ୍ତଧର୍ମ କିମ୍ବା ବୀରରସ ?—

ପଙ୍କ୍ତି ଦୁଇଟି ସମ୍ଭବତ

http://oaob.nitrkl.ac.in

ଗଙ୍ଗାଧରଙ୍କ ଇନ୍ଦୁମତୀର—

ଶ୍ରୀମୁଖ-ମୁକୁରେ ଉତ୍ସାହ ମାନସ ହେଉଛି ପ୍ରତିବିମ୍ବିତ,
କ୍ଷତ୍ରିୟ ଧର୍ମ କି ବୀରରସ ଅବା ବିଗ୍ରହ ଧରି ଶୋଭିତ ।—

ପଙ୍କ୍ତି ଦୁଇଟି ତୁଳନୀୟ । ଏ ଉଭୟ ଚିତ୍ରସୃଷ୍ଟିର ମୂଳ ପ୍ରେରଣା 'ରଘୁବଂଶ'ରେ ନିହିତ ।

'ବ୍ୟୁଢ଼ୋରସ୍କୋ ବୃଷସ୍କନ୍ଧଃ ଶାଲପ୍ରାଂଶୁର୍ମହାଭୁଜଃ
ଆତ୍ମକର୍ମକ୍ଷମଂ ଦେହଂ କ୍ଷାତ୍ରୋଧର୍ମ ଇବାଶ୍ରିତଃ ॥ (୧ମସର୍ଗ)

'ଅଭିଜ୍ଞାନ ଶକୁନ୍ତଳ'ର 'ନ ପ୍ରଭାତରଲଂ ଜ୍ୟୋତିରୁଦେତି
ବସୁଧାତଳାତ୍'ର

କଳ୍ପନା ରାଧାନାଥଙ୍କ 'ଯଯାତି କେଶରୀ'ରେ ଆମେ ଲକ୍ଷ୍ୟ କରୁଁ ।

ପୁଣ୍ୟଭୂମି ନୋହିଥିଲେ କିଏ ବାଳା ଜନମିଥାନ୍ତା ଉତ୍କଳେ,
ତ୍ରିଦଶ-ସୁନ୍ଦରୀ ସୌଦାମିନୀ କେବେ ସ୍ଫୁରେ କି ବସୁଧାତଳେ ?

ଏହି କଳ୍ପନା ସହିତ ଗଂଗାଧରଙ୍କର—

ଭୂମିତଳେ ବଜ୍ର ନଥାଏ, ସହଜ ମାତ୍ର ତାହା ଜଳଧରେ,
ପ୍ରଜା-କର-ଦଣ୍ଡ ନହୁଏ ପ୍ରଚଣ୍ଡ, ପ୍ରଚଣ୍ଡ ନୃପତି କରେ ।—

ପଙ୍କ୍ତି ଦୁଇଟି ତୁଳନୀୟ । ମାତ୍ର ଗଂଗାଧର ରୂପ-କଳ୍ପନା ଗ୍ରହଣ କରିଥିଲେହେଁ ନିଜର ଲକ୍ଷ୍ୟସିଦ୍ଧି ପାଇଁ ସେଥିରେ ନବଚେତନା ସଂଚାର କରିଛନ୍ତି ।

ରାଧାନାଥଙ୍କର 'ଦରବାର'ର—

କେତେକେତେ ଭେଟି ଦେଉଅଛ ଭକ୍ତି;
ଦେଉଅଛ ଡାଲି ଭରି ମେବା ନାନା,

http://oaob.nitrkl.ac.in

କେତେଥର ଦେଇଅଛ ନାଚଖାନା,
ଦୁଃଖୀରଙ୍କୀ ତଣ୍ଟି ଚିପି ବାରମ୍ବାର
ଦାଉଦାପଣ କେତେ କରୁଛ ପ୍ରଚୁର !—

ପଙ୍‌କ୍ତି ଗୁଡ଼ିକର

ଭାବସଂପଦ ଗଗଂାଧରଙ୍କ 'ତାକୁ ମଧ୍ୟ ବୋଲଥାନ୍ତି ଧର୍ମଅବତାର' କବିତାଟିରେ ପରିଲକ୍ଷିତ ।

ଉପସଂହାରରେ କେବଳ ଏତିକ କହିଲେ ଯଥେଷ୍ଟ ହେବଯେ ରାଧାନାଥ-ପ୍ରତିଭା ପ୍ରତି ଗଙ୍ଗାଧର ବହୁଦିଗରୁ ଋଣୀ ହେଲେହେଁ ନିଜର ସ୍ୱଭାବସିଦ୍ଧ ସୃଜନଶୀଳତାର ସ୍ୱାକ୍ଷର ଓଡ଼ିଆ କାବ୍ୟସାହିତ୍ୟରେ ଅଙ୍କନ କରିଯାଇଛନ୍ତି । ସେ ସ୍ୱାକ୍ଷର ସମସ୍ତ ପ୍ରଭାବ ମଧ୍ୟରେ ମ୍ଳାନ ବା ଅବଲୁପ୍ତ ହେବାର ନୁହେଁ ।

---

http://oaob.nitrkl.ac.in

ଓଡ଼ିଆ ସାହିତ୍ୟରୁ ଗଙ୍ଗାଧରଙ୍କ ପ୍ରେରଣା

ଶ୍ରୀ ନବକିଶୋର ପୃଷ୍ଟି

ପୃଥିବୀର ପ୍ରତ୍ୟେକ ସୃଜନଶୀଳ ସାହିତ୍ୟ—ଇତିହାସର ପର୍ଯ୍ୟାଲୋଚନା କଲେ ଦେଖାଯାଏ ଯେ ପ୍ରତ୍ୟେକ ପ୍ରତିଭାବନ୍ତ କବି ସେମାନଙ୍କର ପୂର୍ବବର୍ତ୍ତୀ ଜାତୀୟ ସାହିତ୍ୟରୁ ଊଣା ଅଧିକେ ପ୍ରେରଣା ଲାଭକରି ସେମାନଙ୍କର ସାହିତ୍ୟ ସରଣୀ ପ୍ରସ୍ତୁତ କରିଥାନ୍ତି । ସାହିତ୍ୟ ସରଣୀର ପ୍ରସ୍ତୁତିକରଣପାଇଁ କବି କେବଳ ଯେ ନିଜ ଭାଷାର ସାହିତ୍ୟ ଉପରେ ନିର୍ଭର କରନ୍ତି ତାହା ନୁହେଁ, ପଡ଼ୋଶୀ ତଥା ବିଦେଶୀ ସାହିତ୍ୟ ସମ୍ପର୍କରେ ଆସି ସେଥିରେ ଥିବା ସମୁନ୍ନତ ଭାବରାଜିକୁ ଉଧାର ସୂତ୍ରେ ନିଜସାହିତ୍ୟରେ ପ୍ରବେଶ କରାଇ ନିଜ-ସାହିତ୍ୟ ଗନ୍ତାଘରର ସମୃଦ୍ଧି ସାଧନ କରି ଥାଆନ୍ତି । ପ୍ରତିଭାବାନ କବିର ହୃଦୟ ଫଟୋଗ୍ରାଫିକ୍ କାମେରା ସହିତ ତୁଳନୀୟ ହେଲେହେଁ ଏଥିରେ କେତେକ ବୈସାଦୃଶ୍ୟ ଦେଖାଯାଏ । କାମେରା ସମ୍ମୁଖରେ ଯେ କୌଣସି ଚିତ୍ର ପଡ଼ିଲେ ସେ ସଙ୍ଗେ ସଙ୍ଗେ ତାର ଅବିକଳ ରୂପଧାରଣ କରିଥାଏ । ଏ ଚିତ୍ର ଭଲ କି ମନ୍ଦ ସେ ବାଛବିଚାର କାମେରାର ନଥାଏ । ମାତ୍ର କବି ତାର ହୃଦୟ ନିକଷରେ ପରୀକ୍ଷାକରି କେବଳ ଉତ୍ତମ ତଥା ଉଦାର ଚିତ୍ର ପରିବେଷଣ କରିଥାଏ । କବିତା'ର ଭାବରାଜ୍ୟର ସୀମାବିସ୍ତାର ପାଇଁ ଅଧିଗତ ଅନ୍ୟ ସାହିତ୍ୟ ନିକଟରେ ଯେତେ ପରିମାଣରେ ଋଣୀ ନୁହେଁ ସେତେ ପରିମାଣରେ ଋଣୀ ତାର ମାତୃ-ସାହିତ୍ୟ ନିକଟରେ । ଶିଶୁସନ୍ତାନ ପ୍ରଥମକରି ଯେଉଁ ଭାଷା ମାତାଠାରୁ ଶୁଣିଲା ଏବଂ ମାତା ନିକଟରେ ପ୍ରଥମକରି ଯେଉଁ ଭାଷାରେ ଅଲଝଳ କରିବାକୁ ଶିଖିଲା ସେହି

http://oaob.nitrkl.ac.in

ଭାଷାର ସାହିତ୍ୟରେ ପରିଣତ ବୟସରେ ଭାଗବତ୍ପ୍ରିୟ ହୋଇ ଶ୍ରେଷ୍ଠ ପ୍ରେରଣା ଦାନ କରିବ ଏଥିରେ ସନ୍ଦେହ କଣ ଅଛି ।

ଗଙ୍ଗାଧର ଏହାର ବ୍ୟତିକ୍ରମ ନୁହନ୍ତି । ତାଙ୍କର କାବ୍ୟସାଧନାର ବିହାରଭୂମି ଥିଲା ପ୍ରାଚୀନ ତଥା ଆଧୁନିକ ଓଡ଼ିଆ ସାହିତ୍ୟ ଏବଂ ସଂସ୍କୃତ ସାହିତ୍ୟ । ବିଷୟବସ୍ତୁ ଦୃଷ୍ଟିରୁ ଏଠାରେ କେବଳ ଓଡ଼ିଆ ସାହିତ୍ୟ ଓ ତହିଁରୁ ଗଙ୍ଗାଧରଙ୍କ ପ୍ରେରଣା ସଂପର୍କରେ ଆଲୋଚନା କରିବାକୁ ହେବ । ଗଙ୍ଗାଧରଙ୍କ ସମଗ୍ରକୃତି ଆଲୋଚନା କରି ଦେଖିଲେ ଅନ୍ୟ ଏକ ସ୍ଥିର ନିଶ୍ଚିତ ସିଦ୍ଧାନ୍ତରେ ଉପନୀତ ହୋଇ ପାରିବା ଯେ ତାହା ଏକ ସମନ୍ୱୟବାଦୀ ସାହିତ୍ୟ । ଏ ସାହିତ୍ୟର ସୃଷ୍ଟି ଓ ବିକାଶର ବିଚାର ପାଇଁ ଆମକୁ ପ୍ରଥମେ ତତ୍କାଳୀନ ସାମାଜିକ ରାଜନୈତିକ ଓ ସାହିତ୍ୟିକ ଧାନ ଧାରଣା ଉପରେ ଧ୍ୟାନ ଦେବାକୁ ହେବ । ଦୀର୍ଘ ଦୁଇଶତବର୍ଷ କାବ୍ୟଯୁଗର ଅପ୍ରତିହତ ଶାସନ ଉପରେ କୁଠାରଘାତ କରି ତାଙ୍କର ସବଳ ଲେଖନୀ ଚାଳନାରେ କବିବର ରାଧାନାଥ ଯେତେବେଳେ ଏକ ନୂତନଯୁଗର ସୂତ୍ରପାତ କଲେ ତାହା ଥିଲା ଓଡ଼ିଆ ସାହିତ୍ୟର ଏକ ସନ୍ଧିକ୍ଷଣ । କେତେକ ପଣ୍ଡୋଣୀ ଏବଂ ବିଦେଶୀ ମାନଙ୍କ ଚକ୍ରାନ୍ତରେ ଓଡ଼ିଆ ଭାଷା ଓ ସାହିତ୍ୟ ଘୋର ଦୁର୍ଦ୍ଦିନର ସମ୍ମୁଖୀନ ହେବା ସମୟରେ କବିବର ଓଡ଼ିଆ ସାହିତ୍ୟକୁ ଭାରତୀୟ ସାହିତ୍ୟ ରାଜ୍ୟରେ ଏକ ସ୍ୱତନ୍ତ୍ର ଆସନରେ ଆସୀନ କରାଇ ଯେଉଁ ବୈପ୍ଳବିକ ସୂଚନା ଦେଇଥିଲେ ଇତିହାସରେ ତାର ପଟାନ୍ତର ନାହିଁ । ରାଧାନାଥ ଥିଲେ ଉଚ୍ଚ ଶିକ୍ଷାବିତ୍, ବହୁଦର୍ଶୀ, ପଣ୍ଡିତ ଓ ପ୍ରବଳ ପ୍ରଭାବଶାଳୀ ପ୍ରତିଭାବନ୍ତ କବି । ରାଧାନାଥଙ୍କ ପୂର୍ବରୁ କାବ୍ୟଯୁଗର କବିମାନେ ସଂସ୍କୃତ ସାହିତ୍ୟକୁ ଓଡ଼ିଆ ସାହିତ୍ୟର ଏକମାତ୍ର ଆଦର୍ଶ ବୋଲି

http://oaob.nitrkl.ac.in

ଗ୍ରହଣ କରୁଥିଲେ । ରାଧାନାଥ ପ୍ରଥମେ ପାଶ୍ଚାତ୍ୟ ସାହିତ୍ୟ-ସୁଧା ପାନ କରି ଏ ଦେଶର ସାହିତ୍ୟରସିକ ମାନଙ୍କୁ ସେ ସୁଧାପାନ କରାଇବା ପାଇଁ ସୁଦୃଢ଼ ପଦକ୍ଷେପ ନେଇଥିଲେ । ବିଶେଷତଃ ତାଙ୍କରି ସମୟରେ ସମୃଦ୍ଧ ଇଂରେଜୀ ସାହିତ୍ୟଦ୍ୱାରା ଓଡ଼ିଆ ସାହିତ୍ୟ ଯଥେଷ୍ଟ ପ୍ରଭାବିତ ହେବାରୁ ଓଡ଼ିଆ ସାହିତ୍ୟ ପ୍ରାଣରେ ନୂତନ ଉନ୍ମାଦନା ଖେଳିଗଲା ଏବଂ ସାହିତ୍ୟ ନୂଆ ରୂପରେ ପ୍ରକଟିତ ହେଲା । ଉତ୍କଳର ଲୋକ ପ୍ରଚଳିତ କିମ୍ବଦନ୍ତୀ, ଲୋକପ୍ରସିଦ୍ଧ ଐତିହାସିକ ଘଟଣା ଏବଂ ଲୋକପ୍ରିୟ ପ୍ରାକୃତିକ ବିଭବକୁ କବିବର ଅପୂର୍ବ ଦେଶପ୍ରାଣତାର ବଶବର୍ତ୍ତୀ ହୋଇ ସାହିତ୍ୟରେ ସ୍ଥାନ ଦେଲେ । ରାଧାନାଥ ଥିଲେ ସୁନ୍ଦରର ଉପାସକ ଏବଂ କଳାପାଇଁ କଳାର ସମର୍ଥକ । ତେଣୁ ସେ ଯେଉଁଠାରେ ସୁନ୍ଦରର ସନ୍ଧାନ ପାଇଛନ୍ତି ତାକୁ ଓଡ଼ିଶା ମାଟିରେ ବିକାଶ କରାଇବା ପାଇଁ ଚେଷ୍ଟା କରିଛନ୍ତି । ରୋମାଣ୍ଟିସିଜମ୍ ଚିନ୍ତାଧାରାରେ ପ୍ରଭାବିତ ହୋଇ ସୁନ୍ଦରର ରହସ୍ୟ ଉନ୍ମୋଚନ, ସତ୍ୟର ସ୍ୱରୂପ ଉଦ୍‌ଘାଟନ, ପ୍ରକୃତିପ୍ରତି ନୂତନ ଦୃଷ୍ଟିଭଙ୍ଗୀ ପ୍ରଦର୍ଶନ ଏବଂ ନୂତନ ଶୈଳୀର ପ୍ରବର୍ତ୍ତନ କରାଇ ସ୍ୱକୀୟ ପ୍ରତିଭାର ପରିଚୟ ଦେବା ସଙ୍ଗେ ସଙ୍ଗେ ଅତୀତର ପରମ୍ପରା ଉପରେ କୁଠାରାଘାତ କରିଗଲେ କବିବର ରାଧାନାଥ । ଓଡ଼ିଆ ଭାଷା ଓ ସାହିତ୍ୟର ସଙ୍କଟମୟ ପରିସ୍ଥିତିରେ ମୌଳିକ ସାହିତ୍ୟ ସୃଷ୍ଟି ପାଇଁ ଅବକାଶ ନପାଇ ସେ ପାଶ୍ଚାତ୍ୟ ସାହିତ୍ୟର ଅନୁସରଣରେ ଏ ଦେଶ ମାଟି ଉପରେ ତାଙ୍କର କାବ୍ୟ-ସୌଧ ନିର୍ମାଣ କରିଗଲେ । କବିବର ଯେତେବେଳେ ଅଭିନବ ଦୃଷ୍ଟିଭଙ୍ଗୀ ନେଇ ଓଡ଼ିଆ ସାହିତ୍ୟକୁ ନୂତନରୂପ ଦେବାକୁ ଗଲେ ଠିକ୍ ସେହି ସମୟରେ ତାଙ୍କୁ ଅଭିନନ୍ଦନ ଜଣାଇବା ତ ଦୂରର କଥା, ତାଙ୍କରି ମହାତ୍ମ୍ୟକୁ କ୍ଷୁର୍ଣ୍ଣ କରିବାପାଇଁ ଏବଂ ଭଞ୍ଜ ସାହିତ୍ୟର ଗୌରବ ଟୋନ ଟାଇଁ, କେତେକ

http://oaob.nitrkl.ac.in

ରକ୍ଷଣଶୀଳ ଲୋକ ୧୮୯୩ ମସିହା ଅଗଷ୍ଟ ମାସ ୧୭ ତାରିଖରେ ଇନ୍ଦ୍ରଧନୁ ପତ୍ରିକା ପ୍ରକାଶ କଲେ । ଏହାଥିଲା ରାଧାନାଥ ସାହିତ୍ୟ ବିରୁଦ୍ଧରେ ଏକ ଉନ୍ମୂଳ ବିକ୍ଷୋଭ ଓ ସଂଗଠନ । ତାର ପ୍ରତିବାଦ ସ୍ୱରୂପ ସେହିବର୍ଷ ସେପ୍ଟେମ୍ବର ମାସ ୧୭ ତାରିଖରେ ପ୍ରକାଶିତ ହେଲା ବିଜୁଳି । ଏ ସାହିତ୍ୟିକ ମସୀଯୁଦ୍ଧ ଏତେ ତୀବ୍ର ହୋଇପଡ଼ିଲା ଯେ ଶେଷରେ ବିବରର ଭଞ୍ଜସାହିତ୍ୟର ଉପାସକ ବୋଲି ପତ୍ର ଜରିଆରେ ଜନସାଧାରଣଙ୍କୁ ଜଣାଇଦେଲେ । ଖ୍ରୀ ୧୮୯୩ ରେ ସଂଗଠିତ ସାହିତ୍ୟିକ ଦ୍ୱନ୍ଦ୍ୱ ଯେ ନୂଆ ପୁରୁଣାର ଦ୍ୱନ୍ଦ୍ୱ ଏଥିରେ ସନ୍ଦେହ ନାହିଁ । ଏ ପ୍ରସଙ୍ଗରେ ଓଡ଼ିଆ ଜାତିର ଜାତୀୟ ଗୁଣ ଉପରେ ଧ୍ୟାନଦେଲେ ଜଣାଯାଏ ଯେ ଏ ଜାତି ଅତିମାତ୍ରାରେ ରକ୍ଷଣଶୀଳ । ଏବେ (ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ) ମଧ୍ୟ ଓଡ଼ିଆ ସାହିତ୍ୟ ରାଜ୍ୟରେ ପୁରାଣ, ଚଉତିଶା, ଓ ପ୍ରାଚୀନ ଧର୍ମକାବ୍ୟ ଲେଖକମାନଙ୍କର ଅଭାବ ନାହିଁ । ଏ ପୁସ୍ତକ ଗୁଡ଼ିକର କାଟତି ଯେ ପଲ୍ଲୀଅଞ୍ଚଳରେ ଯଥେଷ୍ଟ, ଏହାର ପ୍ରମାଣ ଦେବାକୁ ପଡ଼ିବ ନାହିଁ ।

ଏହିପରି ଆଧୁନିକତା ଓ ପ୍ରାଚୀନତାର ସଂଘର୍ଷମୟ ବାୟୁମଣ୍ଡଳ ଭିତରେ ଗଙ୍ଗାଧର ଲେଖନୀ ଚାଳନା କରିଥିଲେ । ସେଇଥିପାଇଁ ବୋଧହୁଏ ତାଙ୍କ ସାହିତ୍ୟ ଏକ ସମନ୍ୱୟବାଦ ପୀଠ ଉପରେ ଗଢ଼ି ଉଠିଛି । ଗଙ୍ଗାଧର ଥିଲେ ପ୍ରତିଭାବାନ ଦୂରଦର୍ଶୀ କବି । ରାଧନାଥ ସାହିତ୍ୟର ଏତାଦୃଶ ସମାଲୋଚନା ତାଙ୍କୁ ଯେ ଚେତାବନୀ ଶୁଣାଇ ସ୍ୱତନ୍ତ୍ର ସମନ୍ୱୟବାଦୀ ଆଦର୍ଶ ସାହିତ୍ୟ ସରଣୀ ପ୍ରସ୍ତୁତ କରିବାରେ ପ୍ରେରଣା ଦେଇଛି ଏଥିରେ ସନ୍ଦେହ ନାହିଁ । ଗଙ୍ଗାଧର ଥିଲେ ସ୍ୱଳ୍ପଶିକ୍ଷାପ୍ରାପ୍ତ ବ୍ୟକ୍ତି । ତାଙ୍କର ସାଧନାର କ୍ଷେତ୍ର ଥିଲା ଅତି ସୀମିତ । ମାତ୍ର ସୀମିତ ସାଧନା ଭିତରେ ସେ ଅସୀମ କୃତିତ୍ୱ

http://oaob.nitrkl.ac.in

ପ୍ରଦର୍ଶନ କରାଯାଇଛନ୍ତି । ଗଙ୍ଗାଧର ତାଙ୍କର ସଂକ୍ଷିପ୍ତ ଆତ୍ମଜୀବନୀ ଭିତରେ ପ୍ରକାଶ କରିଛନ୍ତି ଯେ ଚଟଶାଳୀର ପାଠକ୍ରମ ମଧ୍ୟରେ ସେ ବାଲ୍ୟକାଳରେ ନାମରତ୍ନ ଗୀତା, ଭାଗବତ ଇତ୍ୟାଦି ଓଡ଼ିଆ ସାହିତ୍ୟ ଅଧ୍ୟୟନ କରିଥିଲେ । ପ୍ରାଚୀନ ସାହିତ୍ୟ ପାଠ ଓ ଶ୍ରବଣରେ ବାଲ୍ୟକାଳରୁ କବିଙ୍କର ପ୍ରଗାଢ଼ ଶ୍ରଦ୍ଧା ଓ ପ୍ରୀତି ଥିବାର ଜଣାଯାଏ । ଏହା ସେ ତାଙ୍କର ଆତ୍ମଜୀବନୀରେ ନିମ୍ନମତେ ପ୍ରକାଶ କରିଛନ୍ତି-ଯଥା "ପ୍ରଥମେ ବ୍ରାଞ୍ଚ ସ୍କୁଲକୁ କିଛିଦିନ ନିୟମିତ ରୂପେ ଗଲି । ପରେ ମଧ୍ୟାହ୍ନ ସମୟରେ ପଡ଼ାରେ ବଳରାମଦାସଙ୍କର ରାମାୟଣପାଠ ହେଉଥିବାରୁ ତାହା ଶୁଣିବାର ଶ୍ରଦ୍ଧାରେ ଓ ଅବହେଳାରେ କିଛିଦିନ ଅନୁପସ୍ଥିତି ମଧ୍ୟ ହେଲି । ସ୍କୁଲ ଛାଡ଼ିବା ସଙ୍ଗେ ସଙ୍ଗେ ଗଙ୍ଗାଧର ବସ୍ତ୍ର ବୟନରେ ବ୍ୟସ୍ତ ରହି ସୁଦ୍ଧା ଅବସର ସମୟରେ ପ୍ରବଳ ଜ୍ଞାନପିପାସା ମେଣ୍ଟାଇବାପାଇଁ ଉପେନ୍ଦ୍ର ଭଞ୍ଜଙ୍କର ଲାବଣ୍ୟବତୀ, ସୁଭଦ୍ରାପରିଣୟ ରସିକହାରାବଳୀ ଓ ବୈଦେହୀଶ ବିଳାସ ଏବଂ ଦୀନକୃଷ୍ଣଙ୍କର ରସକଲ୍ଲୋଳକାବ୍ୟ' ଅଧ୍ୟୟନ କରିଥିଲେ ବୋଲି ଆତ୍ମଜୀବନୀରେ ଲେଖି ଯାଇଛନ୍ତି । ଓଡ଼ିଆ ସାହିତ୍ୟର ପ୍ରାଚୀନ କବିମାନଙ୍କର ଲେଖା ବିଶେଷତଃ କାବ୍ୟନୁଗୀସ୍ତୁ ଶୈଳୀ ତାଙ୍କୁ କାବ୍ୟସୌଧ ନିର୍ମାଣପାଇଁ କିପରି ପ୍ରେରଣା ଦେଇଥିଲା ତାହା ତାଙ୍କର ପ୍ରଥମକାଳୀନ ଅପ୍ରକାଶିତ କାବ୍ୟ 'ରସରତ୍ନାକର'ରୁ ଜଣାଯାଏ । କବି ନିଜର ସଂକ୍ଷିପ୍ତ ଆତ୍ମଜୀବନୀର ଶେଷାଂଶରେ ପ୍ରକାଶ କରିଛନ୍ତି—"ପ୍ରଥମେ ଛୋଟ ଛୋଟ କେତେକ କବିତା ପୂର୍ବ ଧରଣରେ ଲେଖିଥିଲି । ତନ୍ମଧ୍ୟରେ ରସରତ୍ନାକର ବଡ଼" । ଏହି "ପୂର୍ବ ଧରଣ" ହିଁ ପ୍ରାଚୀନ ଓଡ଼ିଆ ସାହିତ୍ୟ ପ୍ରେରଣାର ଦ୍ୟୋତକ । ଉକ୍ତ 'ରସରତ୍ନାକର' ଗ୍ରନ୍ଥାବଳୀରେ ସ୍ଥାନ ପାଇନାହିଁ । ଏହାର ଦ୍ୱିତୀୟ ସର୍ଗର କେତେକାଂଶ ଅଧ୍ୟାପକ ଅସିତ କବି ସଂଗ୍ରହ କରି ତା "ଓଡ଼ିଆଙ୍କର

http://oaob.nitrkl.ac.in

ସାହିତ୍ୟରେ ଗଙ୍ଗାଧର" ପୁସ୍ତକରେ ସନ୍ନିବେଶିତ କରିଛନ୍ତି । ଏହାର ଆଙ୍ଗିକ ତଥା ଆତ୍ମିକ ଗଠନପ୍ରଣାଳୀରେ କାବ୍ୟଯୁଗର ଧର୍ମ ପରିଦୃଷ୍ଟ ହୁଏ । ଉପେନ୍ଦ୍ରଙ୍କ 'କଳାକଉତୁକ' ଏବଂ ଦୀନକୃଷ୍ଣଙ୍କ 'ରସକଲ୍ଲୋଳ'ର ପ୍ରଥମ ଗ୍ରନ୍ଥ ଚଉପଦର ଆଦ୍ୟ ପ୍ରାନ୍ତରେ 'କ' ଥାଇ ରଚିତ ହୋଇଅଛି 'ରସରତ୍ନାକର' ରେ ଗଙ୍ଗାଧର ସେହି ଶୈଳୀ ଅନୁସରଣ କରିଛନ୍ତି । ଆଦ୍ୟ ପ୍ରାନ୍ତ 'ର' ପ୍ରୟୋଗରେ ରସ-ରତ୍ନାକରରେ ଊଷା ଓ ଅନିରୁଦ୍ଧଙ୍କର ପ୍ରଣୟ କାହାଣୀ ବର୍ଣ୍ଣିତ ହୋଇଅଛି । ଏହାମଧ୍ୟରେ ଉପେନ୍ଦ୍ର—ଶିଳ୍ପ-ଶୁଶ୍ରୂଷା ପ୍ରଭାବର ସ୍ପଷ୍ଟ ପରିଚୟ ମିଳେ । ଗଙ୍ଗାଧରଙ୍କ କାବ୍ୟ ବିଗ୍ରହ ପ୍ରଦାନରେ ଆଧୁନିକତା ଦେଖାଦେଲେ ହେଁ ବିଗ୍ରହ ମଣ୍ଡନ ପାଇଁ ଯେଉଁ ଅଳଙ୍କାର ପିନ୍ଧାଇଛନ୍ତି ତାହା କାବ୍ୟଯୁଗର ପରମ୍ପରା ଉପରେ ପ୍ରତିଷ୍ଠିତ । ରାଧାନାଥଙ୍କ ପ୍ରଭାବରେ ଇନ୍ଦୁମତୀ ଓ ପ୍ରଣୟବଲ୍ଲରୀକୁ ପୂର୍ଣ୍ଣଭାବେ ବଙ୍ଗଳାଶ୍ରୀ ରାଗରେ ଲେଖିଥିଲେ ହେଁ ଅନ୍ୟ ପ୍ରସିଦ୍ଧ କାବ୍ୟଗୁଡ଼ିକରେ ସେ ବିଭିନ୍ନ ରାଗ ରାଗିଣୀର ପ୍ରୟୋଗ କରିଛନ୍ତି । ଏ କ୍ଷେତ୍ରରେ କାବ୍ୟଯୁଗର ସ୍ରଷ୍ଟା ଓ ସୃଷ୍ଟି କବିସମ୍ରାଟହିଁ କବିଙ୍କର ମୁଖ୍ୟ ପ୍ରେରଣା ଦାତା ଅଟନ୍ତି । ବିଶିଷ୍ଟ କାବ୍ୟଗୁଡ଼ିକର ବିଷୟ ନିର୍ବାଚନରେ ମେହେର କବି ମହାଭାରତ ଓ ରାମାୟଣର ଶିକ୍ଷାପ୍ରଦ ଉପାଖ୍ୟାନମାନ ବାଛି ନେଇଛନ୍ତି । ଏଥିପାଇଁ ଆଦର୍ଶ କବିମାନସ ତଥା ଉଚ୍ଚାଙ୍ଗ ସଂସ୍କୃତ ସାହିତ୍ୟ ଦାୟୀ ହୋଇପାରେ ମାତ୍ର ଓଡ଼ିଶାର ଜନପ୍ରିୟ ଶାରଳାମହାଭାରତ ଏବଂ ବଳରାମଙ୍କ ଦାଣ୍ଡି ରାମାୟଣର ପ୍ରେରଣା କମଥିଲାପରି ମନେହୁଏ ନାହିଁ । ଅଳଙ୍କାର ଏବଂ ରାଗରାଗିଣୀ ପ୍ରୟୋଗରେ ଗଙ୍ଗାଧର କିପରି ପ୍ରାଚୀନ କାବ୍ୟ ସାହିତ୍ୟର ପନ୍ଥା ଅନୁସରଣ କରିଛନ୍ତି ତାହା ତାଙ୍କର 'ତପସ୍ୱିନୀ' ଓ କୀଚକ ବଧ କାବ୍ୟ ବିଶେଷଭାବେ ପ୍ରମାଣ କରିବ । ଆଧୁନିକ ଯୁଗପ୍ରବର୍ତ୍ତକ

http://oaob.nitrkl.ac.in

କବିବର ରାଧାନାଥଙ୍କ ପ୍ରଭାବରେ ଗଙ୍ଗାଧର ତାଙ୍କର ଇନ୍ଦୁମତୀ ଓ କୀଚକବଧ ପ୍ରଭୃତି କାବ୍ୟରେ ପ୍ରାଚୀନ ପରମ୍ପରା ଅନୁଯାୟୀ "ଆଶୀ, ନମସ୍କ୍ରିୟା ଓ ବସ୍ତୁନିର୍ଦ୍ଦେଶ"ର କ୍ରମ ରକ୍ଷାକରି ନ ଥିଲେହେଁ ତପସ୍ୱିନୀ ଓ ପ୍ରଣୟ ବଲ୍ଲରୀରେ ସେ ତାହା ରକ୍ଷାକରିଛନ୍ତି ।

ଗଙ୍ଗାଧର ଥିଲେ ପ୍ରାଚୀନତା ଓ ଆଧୁନିକତାର ମିଳନ ସେତୁ । 'ସେଥିପାଇଁ ସ୍ୱଭାବକବି ଆଜି ଏତେ ଲୋକପ୍ରିୟ ହୋଇ ପାରିଛନ୍ତି । ସେ ତତ୍କାଳୀନ ଓଡ଼ିଶାର ଜନସାଧାରଣ ହୃଦୟର ବାସ୍ତବ ପରିକ୍ଷିକ ଥିଲେ । ରାଧାନାଥ ସାହିତ୍ୟରେ ନୂତନତା ବିରୁଦ୍ଧରେ ପ୍ରତିକ୍ରିୟାଶୀଳ ଜନସାଧାରଣଙ୍କ ହୃଦୟ ପରୀକ୍ଷାକରି ସେ ତାଙ୍କ ସାହିତ୍ୟ-ଗନ୍ତାଘରକୁ ପରିପୂର୍ଣ୍ଣକଲେ ପ୍ରାଚୀନ ତଥା ଆଧୁନିକ ଭାବସମ୍ପଦରେ । ତାଙ୍କ କାବ୍ୟ ସାହିତ୍ୟର ଗଠନ କୌଶଳ ରେ ଯେଉଁ ନୂତନ ସମ୍ପଦ ଦେଖାଯାଏ ତାହା କବି ଏ ଦେଶର ନାୟାଦ ସୁହେ କବିବରଙ୍କଠାରୁ ପାଇଛନ୍ତି । ମାତ୍ର ଉତ୍ତରାଧିକାରୀ ଭାବେ ସେ ପୂର୍ବଅର୍ଜିତ ସମ୍ପତ୍ତି ଭିତରେ ବୁଡ଼ିଯାଇ ନାହାନ୍ତି । ପୂର୍ବ ଅର୍ଜିତ ସମ୍ପତ୍ତିକୁ ମୂଳଧନରୂପେ ଗ୍ରହଣ କରି ସେ ଯେଉଁ ବଣିଜ ଆରମ୍ଭ କରିଥିଲେ ତାର ଲାଭଫଳ ଆମ ଆଗରେ ଥୋଇ ଯାଇଛନ୍ତି ।

ଏଯୁଗର ଶ୍ରେଷ୍ଠକବି ରାଧାନାଥଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ସାହିତ୍ୟରଚନା କରିଥିଲେହେଁ ତାଙ୍କ ସ୍ୱକୀୟତା ପାଇଁ ସେ ରାଧାନାଥଙ୍କ ପରି ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହେବେ ।

୧୮୯୩ ଖ୍ରୀଷ୍ଟାବ୍ଦ ପୂର୍ବରୁ ମେହେର କବି ସଂସ୍କୃତ "ଶାର୍ଦ୍ଦୂଳ ବିକ୍ରୀଡ଼ିତ ଛନ୍ଦ"ରେ ଅଭିଳାଷସ୍ତବ ରଚନାକରି ରାଧାନାଥଙ୍କ ନିକଟକୁ ପଠାଇଥିଲେ । ରାଧାନାଥଙ୍କ ନିର୍ଦ୍ଦେଶ କ୍ରମେ ତାହାପରେ ବଙ୍ଗଳାକ୍ଷରରେ ଲେଖାଯାଇ ପ୍ରକାଶିତ ହେଲା । ରାଧାନାଥଙ୍କ ପ୍ରେରଣା ଲାଭକରି ଗଙ୍ଗାଧର ତାଙ୍କର ଗତିପଥ ନିର୍ଦ୍ଧାରଣ କରିଥିଲେ ।

http://oaob.nitrkl.ac.in

ଏହାପରେ ଆଧୁନିକ ଭାବଧାରାର ବଶବର୍ତ୍ତୀ ହୋଇ କବି ଇନ୍ଦୁମତୀ କାବ୍ୟ ପ୍ରକାଶ କରିଥିଲେ । ଏହି କାବ୍ୟ ପାଠ ପରେ ରାଧାନାଥ ଯେଉଁ ମତ ଦେଇଥିଲେ ତାହା ନିମ୍ନମତେ ପ୍ରକାଶ କରାଯାଇ ପାରେ । ଯଥା —"ଇନ୍ଦୁମତୀର ଆଉଗୋଟିଏ ପ୍ରଧାନ ଗୁଣ ଏହି ଯେ ଏଥିରେ ଏପରି କୌଣସି ଭାବ ନାହିଁ ବା ଶବ୍ଦ ନାହିଁ ଯାହା ଆଧୁନିକ ରୁଚି ଅନୁସାରେ ବର୍ଜନୀୟ ବୋଲି ବିବେଚିତ ହେବ ।" ପ୍ରଥମ ରଚନା ପାଇଁ ରାଧାନାଥଙ୍କ ସମାନ ନିର୍ଦ୍ଦେଶ 'ଇନ୍ଦୁମତୀ' ପରି ଆଧୁନିକ ଭାବସଂପଦଭରା କାବ୍ୟର ସଫଳତା ପାଇଁ ଯେ ଯଥେଷ୍ଟ ଥିଲା ତାହା ମେହେର କବି ପ୍ରମାଣିତ କରିଛନ୍ତି । ଅନେକ ଅସହିଷ୍ଣୁ ସମାଲୋଚକ ଆଧୁନିକ ସାହିତ୍ୟ ରାଜ୍ୟରେ ରାଧାନାଥଙ୍କ ଅସ୍ତିତ୍ୱକୁ ବରଦାସ୍ତ କରି ନପାରିଲେ ମଧ୍ୟ ରାଧାନାଥଙ୍କ ସର୍ବଗ୍ରାସୀ ପ୍ରତିଭାର ପ୍ରଭାବରୁ ସେ ଯୁଗର କୌଣସି କବି ଯେ ମୁକ୍ତ ନୁହନ୍ତି ଏହା ଯେ କୌଣସି ସମାଲୋଚକ ଅକ୍ଲେଶରେ ପ୍ରମାଣ କରିପାରେ । ରାଧାନାଥ ଓଡ଼ିଆ ସାହିତ୍ୟରେ ଯେଉଁ ଉପଧା ମିଳନ ପ୍ରବେଶ କରାଇଲେ ତାହା ସେ ଯୁଗ କାହିଁକି ବର୍ତ୍ତମାନ ପର୍ଯ୍ୟନ୍ତ ବହୁଲେଖକଙ୍କୁ ପ୍ରଭାବିତ କରିଛି ଏଥିରେ ସନ୍ଦେହ ନାହିଁ । ଗଙ୍ଗାଧର ତାଙ୍କର ପ୍ରତ୍ୟେକ କାବ୍ୟ କବିତାରେ ରାଧାନାଥଙ୍କୁ ଏ ଦିଗରେ ଅନୁସରଣ କରିଛନ୍ତି । ରାଧାନାଥ ଥିଲେ ଜାତୀୟବାଦୀ କବି । ତାଙ୍କର ପ୍ରେରଣାରେ ଗଙ୍ଗାଧରଙ୍କ ଲେଖନୀ ଏ ଦେଶର ମାଟି ଓ ମଣିଷର ବହୁବିଧ ସମସ୍ୟା ଚିତ୍ରଣ କରିବାରେ ବ୍ୟସ୍ତ ହୋଇ ଉଠିଛି । ଗଙ୍ଗାଧରଙ୍କ ଭାରତୀଭାବନା ଓ ଉତ୍କଳଲକ୍ଷ୍ମୀ ଯଥାକ୍ରମେ ଦରବାର ଏବଂ ଚିଲିକା କାବ୍ୟର ପ୍ରେରଣାର ଫଳ । ଏହାବ୍ୟତୀତ ଗଙ୍ଗାଧର 'ବେଦବ୍ୟାସ' ପରି ପ୍ରକୃତିବିଷୟକ ଖଣ୍ଡ କାବ୍ୟ ଏବଂ 'ବୁଢ଼ାରଜା, ଓ 'ପାପକ୍ଷୟ' ପରି କବିତା ରଚନା କରିବା ଦିଗରେ

http://oaob.nitrkl.ac.in

ରାଧାନାଥଙ୍କୁ ଆଦର୍ଶ କରିଛନ୍ତି । ବେଦବ୍ୟାସ ଭିତରେ ସମ୍ବଲପୁର ପ୍ରକୃତିର ଏକ ସୁନ୍ଦର ଆଲେଖ୍ୟ ପ୍ରଦତ୍ତ ହୋଇଅଛି । ପ୍ରକୃତି ବର୍ଣ୍ଣନାରେ ଗଙ୍ଗାଧର ମୌଳିକତା ଦର୍ଶାଇ ଥିଲେ ହେଁ ଏ ଦିଗରେ ପ୍ରଥମ ପ୍ରେରଣା ସେ ରାଧାନାଥଙ୍କଠାରୁ ପାଇଛନ୍ତି । ରାଧାନାଥ 'ଇନ୍ଦୁମତୀ' ଓ 'କୀଚକ ବଧ' କାବ୍ୟ ଉପରେ ନିଜର ମନ୍ତବ୍ୟ ଦେଇ ଗଙ୍ଗାଧରଙ୍କୁ ପ୍ରକୃତି ବର୍ଣ୍ଣନା ପାଇଁ ଯେପରି ଆଲୋଚନା କରିଛନ୍ତି ତାହା ତାଙ୍କୁ 'ତପସ୍ୱିନୀ'ର ପ୍ରକୃତିକୁ ଏତେ ପ୍ରିୟ ଭାବରେ ରୂପ ଦେବାକୁ ପ୍ରେରଣା ଦେଇଛି ।

ସେତିକି ନୁହେଁ, କୀଚକବଧ କାବ୍ୟରେ ଗଙ୍ଗାଧର ଦ୍ରୌପଦୀଙ୍କ ପଛରେ ପ୍ରବଳ ପରାକ୍ରମଶାଳୀ ପାପାଭିଳାଷି କୀଚକକୁ ଯେପରି ଦଉଡ଼ାଇଛନ୍ତି ଏହା ମଧ୍ୟରେ ରାଧାନାଥଙ୍କ ଚନ୍ଦ୍ରଭାଗା ପଛରେ ସୂର୍ଯ୍ୟଦେବଙ୍କ ଦୌଡ଼ିବା ବିଷୟର ଯେ ପ୍ରେରଣା ରହିଛି ଏଥିରେ ସନ୍ଦେହ ନାହିଁ । ରାଧାନାଥଙ୍କ ପ୍ରଥମ ବଙ୍ଗଳା ଲେଖା 'ଲେଖାବଳୀ' ରାମଚନ୍ଦ୍ରେର ପ୍ରତି ଜାନକୀ, ଦେବଯାନୀର ପ୍ରତି କଚ, ପୁଣ୍ଡରୀକେର ପ୍ରତି ମହାଶ୍ୱେତା, ମଦନପ୍ରତି ମାୟାବତୀ, କୁମାର ନାଯେର ପ୍ରତି କମଳକାମିନୀ, ଅର୍ଜ୍ଜୁନେର ପ୍ରତି ସୁଭଦ୍ରା ପରି ଛ'ଅ ଗୋଟି ଚିଠାଉର ସଂକଳନ ମାତ୍ର । ରାମଚନ୍ଦ୍ରର ପ୍ରତି ଜାନକୀ'ର ଅନୁସ୍ୱର ତପସ୍ୱିନୀ କାବ୍ୟର ଶେଷ ସର୍ଗରେ ସୀତା ଦେବୀଙ୍କର ରାମଚନ୍ଦ୍ରଙ୍କ ନିକଟକୁ ଲେଖିବା ଚିଠି ଭିତରେ ଧରାପଡ଼େ । ତୁଳନାତ୍ମକ ବିଚାର ପାଇଁ ଏଠାରେ ପ୍ରତ୍ୟେକ କାବ୍ୟରୁ କିଛିଅଂଶ ନିମ୍ନମତେ ଉଦ୍ଧାର କରାଯାଇ ପାରେ ।

ଯଥା :—ରାମଚନ୍ଦ୍ରେର ପ୍ରତି ଜାନକୀ

ନମେ ରାଜପଦେ ତବ ହେ ରାଜେନ୍ଦ୍ର ଆଜି
କାଙ୍ଗାଲିନୀ ପ୍ରଜା ତବ କୃତାଞ୍ଜଳି ପୁଟେ

http://oaob.nitrkl.ac.in

ବନବାସୀ ଭିକାରୁଣୀ ଜାନକୀ ଦୁଃଖିନୀ
ପାଉଛନ୍ତି ପ୍ରଭୁ ଦୁଃଖୀନରେ ଏବେ

\+ + +

ଅଭାଗିନୀ ଜାନକୀର ଦୁଃଖ ଶିଶୁ ଦୁଇ
ଆଜନ୍ମ ଅନାଥ ତାହା ତବ ଅଙ୍କାସନ ।

\+ + +

ଶିଶୁଦ୍ୱୟ ଶିଖିଆଛେ ତାହାର ପ୍ରସାଦେ
ଧନୁର୍ବେଦ ଶିଖିଆଛେ ଗାଇବେ ମଧୁରେ
ତବକଥା ଶିଖିଆଣ୍ଡ ହାସ୍ୟ ଜାଗାଏବେ
ଦୁଃଖସ୍ମୃତି ଦୁଃଖିନୀର ଆହତ ହୃଦୟେ ।

ତପସ୍ୱିନୀ (ଏକାଦଶ ସର୍ଗ)

ରାଜରାଜେଶ୍ୱରଙ୍କ ସେ ପଦପଦ୍ମ ତଳେ
ଧନଖାରଣୀ ଦୂରୁ ନତଶିରେ ବଳେ ।

\+ + +

ଦୁଃଖିନୀର ପୁତ୍ର ଯୁଗ ଅତ୍ୟନ୍ତ ଅବୋଧ
ନାହିଁ ତାଙ୍କ ପିତୃକୋଳ ଆରୋହଣ ଭାଗ
ନ ଜାଣନ୍ତ ଜନ୍ମକାଳୁ ପିତୃ ଅନୁରାଗ
ଜାଣିଛନ୍ତି ଜନନୀର ଜୀବନ କହାଇ
ବୀଣା-ତନ୍ତ୍ରୀ ସହକାରେ ରାମାୟଣ ଗାଇ ।

ରାଧାନାଥଙ୍କର କପିକାବ୍ୟ'ର ପ୍ରଭାବ ଗଙ୍ଗାଧର ଏଡ଼ାଇ ଦେଇ ପାରିନାହାନ୍ତି । ଭକ୍ତକବି ମଧୁସୂଦନଙ୍କ 'ସୀତା ବନବାସ' କବିତାର ଭାବ ତପସ୍ୱିନୀକାବ୍ୟର ପ୍ରଥମ ଓ ଦ୍ୱିତୀୟ ସର୍ଗର କେତେକ ସ୍ଥାନରେ ପ୍ରକଟିତ ହେବାର ଦେଖାଯାଏ । ତେଣୁ କବି ଏଥିପାଇଁ ସଂସ୍କୃତ

http://oaob.nitrkl.ac.in

ସାହିତ୍ୟ ନିକଟରେ ଋଣୀ । ତଥାପି ଆଦର୍ଶବାଦୀ ଗଙ୍ଗାଧରଙ୍କୁ ଭକ୍ତ କବିଙ୍କର ପବିତ୍ର ରଚନା ଯେ ଯଥେଷ୍ଟ ପ୍ରେରଣା ଯୋଗାଇଛି ଏଥିରେ ସନ୍ଦେହ ନାହିଁ । କାବ୍ୟ ରଚନାରେ ଗଙ୍ଗାଧର ଓ ନନ୍ଦକିଶୋର ସମଧର୍ମୀ । କାବ୍ୟସୌଧନିର୍ମାଣରେ ଏମାନେ ରାଧାନାଥଙ୍କୁ ଅନୁସରଣ କରି ଗଠନ ଶୈଳୀରେ ନୂତନତା ଆଣିଥିଲେହେଁ କାବ୍ୟର ଆତ୍ମପ୍ରକାଶରେ ପ୍ରାଚୀନ ପନ୍ଥା ଅନୁସରଣ କରିଛନ୍ତି । ନନ୍ଦକିଶୋରଙ୍କର ଉତ୍ସାହ ପୂର୍ଣ୍ଣ ଲେଖା ଗଙ୍ଗାଧରଙ୍କୁ ତାଙ୍କ ନିର୍ଦ୍ଧାରିତ ପଥରେ ଅଧିକ ବଳିଷ୍ଠ ପଦକ୍ଷେପ ନେବାକୁ ପ୍ରେରଣା ଦେଇଛି । ରାଧାନାଥଙ୍କର 'ତୁଳସୀସ୍ତବକ' ଗଙ୍ଗାଧରଙ୍କୁ ମହିମା ଲେଖିବାକୁ ଯେ ପ୍ରେରଣା ଦେଇଛି ଏହା ଯେ କୌଣସି ସମାଲୋଚକ ସହଜରେ ଅବଧାରଣା କରିପାରିବ, ଗଙ୍ଗାଧରଙ୍କର ଭାରତୀ ଭାବନା, ଉଦ୍‌ବୋଧନ, ନବବର୍ଷ ଉତ୍କଳ ଭାରତୀଙ୍କ ଭକ୍ତି ଇତ୍ୟାଦି କବିତା ଭିତରେ ଗଭୀର ଦେଶାତ୍ମବୋଧର ଯେଉଁ ଉଚ୍ଛଳ ସ୍ରୋତ ପ୍ରବାହିତ ହେବାର ଦେଖାଯାଏ ତାହା ଭିତରେ ଆଧୁନିକ ଯୁଗସ୍ରଷ୍ଟା ଜାତୀୟବାଦୀ କବି ରାଧାନାଥଙ୍କର 'ଶିବାଜୀଙ୍କ ଉତ୍ସାହବାଣୀ' ପରିକବିତା ଏବଂ ଦରବାର ଓ ମହାଯାତ୍ରା ଭଳି କାବ୍ୟର ପ୍ରେରଣା ଯଥେଷ୍ଟ ରହିଛି ।

ଯେକୌଣସି ଜାତୀୟ କବିର ସାହିତ୍ୟଉପରେ ସେହିଜାତିର ଶିକ୍ଷା, ସଂସ୍କୃତି ଓ ସାହିତ୍ୟର ଛାପ ପଡ଼ିଥାଏ । ସାହିତ୍ୟ ସମନ୍ୱୟଶୀଳ । ଏହା ଅନ୍ୟର ପ୍ରେରଣାର ଅପେକ୍ଷା ରଖେ । ଏହା ଚିରପ୍ରବାହି ସ୍ରୋତସ୍ୱିନୀପରି ଗତିଶୀଳ । ଗତିଶୀଳତାହିଁ ଜୀବନ୍ତ ସାହିତ୍ୟର ଲକ୍ଷଣ ପୂର୍ବବର୍ତ୍ତୀ ସାହିତ୍ୟର ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ କବି ସାହିତ୍ୟ ସରଣୀକୁ ଅଧିକ ପ୍ରଶସ୍ତ କରିଥାଏ । କବିର ମୌଳିକତାହିଁ ତାକୁ ଏଦିଗରେ ସାହାଯ୍ୟକରିଥାଏ । କବି ତାର ମାତୃ ସାହିତ୍ୟକୁ ବିସ୍ତୃତ ଭାବରେ ବିଶ୍ଳେଷଣକରି ବିଚାର କରି ଯେଉଁ ଅଭ୍ରାନ୍ତ ସତ୍ୟରେ

http://oaob.nitrkl.ac.in

ଉପଯୋଗୀ ହୁଏ ତାଙ୍କୁହିଁ ତାର ସାହିତ୍ୟର ପ୍ରେରଣା ଭାବେ ଗ୍ରହଣ କରିଥାଏ । ଗଙ୍ଗାଧର ଥିଲେ ପ୍ରତିଭାବାନ୍ କବି । ତେଣୁ ସମସାମୟିକ ପରିସ୍ଥିତି ଓ ଲୋକରୁଚିର ଅନୁଧ୍ୟାନ କରି ସେ ଯେଉଁ ପ୍ରେରଣା ଲାଭ କଲେ ସେଥିରେ ଉଦ୍‌ବୁଦ୍ଧ ହୋଇ ଜାତୀୟ ସାହିତ୍ୟର ଆଦର୍ଶ ମଧ୍ୟରେ ସ୍ୱକୀୟ ଆଦର୍ଶର ପ୍ରଲେପ ଦେଇ ଏକ ସ୍ୱତନ୍ତ୍ର ସାହିତ୍ୟର-ସରଣୀ ଉଦ୍‌ଘାଟନ କରିଗଲେ । ଗଙ୍ଗାଧର ଯଥାର୍ଥରେ ଥିଲେ ସେ ଯୁଗର ପ୍ରତିନିଧି ।

---

http://oaob.nitrkl.ac.in

ମେହେରଙ୍କ ସାହିତ୍ୟରେ ସ୍ୱାଭାବିକତା

ଶ୍ରୀ ରବୀନ୍ଦ୍ର କୁମାର ପ୍ରହରାଜ

ଉତ୍କଳ ସାରସ୍ୱତ-ପୀଠର ଅନ୍ୟତମ ଏକନିଷ୍ଠ ପୂଜାରୀ ଗଙ୍ଗାଧର ତାଙ୍କର ମୌଳିକ ସୃଜନାଶୀଳ ପ୍ରତିଭା ଲାଗି ଯେତିକି ସମ୍ମାନିତ ହୁଅନ୍ତି ତଦପେକ୍ଷା ସମଧିକ ଗୌରବ ମଣ୍ଡିତ ହୁଅନ୍ତି ବିଭିନ୍ନ ଅନୁକୃତିରେ ସ୍ୱକୀୟ ବୈଶିଷ୍ଟ୍ୟର ଏକ ଲଳିତ ମଧୁର ପ୍ରତିଫଳନ ଲାଗି । ତଦାନୀନ୍ତନ ପ୍ରତିଷ୍ଠିତ କବି ରାଧାନାଥ, ମଧୁସୂଦନ, ନନ୍ଦକିଶୋରଙ୍କ ଭଳି ପାଶ୍ଚାତ୍ୟ ସାହିତ୍ୟରେ ଧୁରୀଣତା ଲାଭ କରି ନଥିଲେହେଁ ତାଙ୍କର ପ୍ରତ୍ୟେକ କାବ୍ୟରେ ଜୀବନ-ଶିଳ୍ପର ସୁନ୍ଦର, କମନୀୟ ପ୍ରକାଶ ସହୃଦୟ ପାଠକର ଦୃଷ୍ଟି ସ୍ୱତଃ ଆକର୍ଷଣ କରିଥାଏ । ଜୀବନରେ ଯେତିକି ଶିକ୍ଷା ସେ ଲାଭ କରିଥିଲେ ଏବଂ ଯେତିକି ଅନୁଧ୍ୟାନ କରିବାର ଅବସର ସେ ପାଇଥିଲେ ତାକୁହିଁ ଗଭୀର ଅନ୍ତର୍ଦୃଷ୍ଟି ଏବଂ ସରସ କଳ୍ପନାର ଅର୍ଘ୍ୟଦେଇ ବାଢିଛନ୍ତି ସେ । ତାଙ୍କର କବି ପ୍ରତିଭାର ଚାରଣଭୂମି ପୁରାଣ, ଇତିହାସ ତଥା ସଂସ୍କୃତ କାବ୍ୟ ସମୂହ ଭିତରେ ସୀମାବଦ୍ଧ ହୋଇଯାଇଥିଲେହେଁ ସ୍ଥଳବିଶେଷରେ ଯେଉଁ ସ୍ୱଭାବସୁଲଭ ଜୀବନର ବାଣୀ ତାଙ୍କ ରଚନାରେ ଝଂକୃତ ତାହା ଯେପରି ତାଙ୍କର ମୌଳିକତାର ଶ୍ରେଷ୍ଠ ନିଦର୍ଶନ ରୂପେ ପ୍ରତୀୟମାନ ହୋଇଛି ସେହିପରି ପ୍ରକାଶ ଭଙ୍ଗୀରେ ବିଚକ୍ଷଣତାର ପରିପୃକ୍ତ ହୋଇ ପାରିଛି ବୋଲି ଧାରଣା ହୋଇଥାଏ ।

ନୀତି, ଆଦର୍ଶ ତଥା ସତ୍ୟର କ୍ଷୁରଧାର ଉପରେ ଏଜୀବନ ପ୍ରତିଷ୍ଠିତ ନୁହେଁ । ତ୍ରୁଟି, ବିଚ୍ୟୁତି; ସ୍ପନ୍ଦନ, ଚେତନ ଏବଂ

http://oaob.nitrkl.ac.in

ଅନୁରାଗର ବନ୍ଧନ ଭିତରେ ପ୍ରକୃତ ମାନବ ଜୀବନର ବଳିଷ୍ଠ ସତ୍ତା ଅବଧାରିତ । ତେଣୁ ଜୀବନର ମୁକୁର ରୂପେ କାବ୍ୟ କେବଳ ସତ୍ୟ, ଶାନ୍ତି ଓ ଆଦର୍ଶର ବାଣୀ ଗ୍ରହଣ କରି ଜୀବନକୁ ପ୍ରକୃଷ୍ଟ ସନ୍ଦେଶ ଦେଇ ପାରେ ନାହିଁ । ସ୍ୱାଭାବିକ ଦୋଷ, ଦୁର୍ବଳତା ଏବଂ ଆଶା ଆକାଂକ୍ଷାର ବାର୍ତ୍ତା ବହନ କରି ତାହା ଅଧିକ ହୃଦୟକୁ ସ୍ପର୍ଶ କରିଥାଏ । ଗଙ୍ଗାଧର ତାଙ୍କର ଶ୍ରେଷ୍ଠ କୃତିରେ ତାହାହିଁ କରିଛନ୍ତି ।

ରାଜକାର୍ଯ୍ୟ ଅନୁରୋଧରେ ଏବଂ ଆଦର୍ଶଗତ ଅଭିମାନରେ ପ୍ରାଣାଧିକା ପତ୍ନୀଙ୍କୁ ନିର୍ବାସନ କରି ରାମଚନ୍ଦ୍ର ଯେଉଁ ଗଭୀର ଅଶାନ୍ତି ଏବଂ ମାନସିକ ବ୍ୟଥା ବରଣ କରିଛନ୍ତି ତାହା ଏକାନ୍ତ ମାନବିକ । ବିଦ୍ରୋହ ଓ ବିପ୍ଳବର ଯେଉଁ ଅଗ୍ନିକଣା ଝରିଛି ତାଙ୍କ ହୃଦୟରେ ସେଥିରେ

"ହୃଦ ପଚ୍ଛେ ଜଳେ ବିଦ୍ୟୁତ ଅନଳେ
ଜଳଦାନେ ଘନ ବାଧି
ସୁଖ ତେଜି ରାଜା ତୋଷିବ ପରଜା
ତେବେବି ପରମାରାଧି ।"

ଅତି ମର୍ମଦାହୀ ପ୍ରତିଦ୍ୱନ୍ଦ୍ୱୀର ସୂଚନା ରୂପେ ପ୍ରକାଶକରିଛି । ଅଯୋଧ୍ୟାର ପ୍ରଜାପୁଞ୍ଜ ରାମ-ରାଜ୍ୟର ସୁଖଭୋଗ କରିବା ସଙ୍ଗେ ସଙ୍ଗେ ରାମଚନ୍ଦ୍ରଙ୍କ ପ୍ରଜାପାଳନରେ ନିଷ୍ଠା ଏବଂ ଆଦର୍ଶରେ ଏକାନ୍ତ ଅନୁଗୃହୀତ ହୋଇଯାଇଛନ୍ତି । ଆଦର୍ଶର ଶ୍ରେଷ୍ଠ ପ୍ରତୀକ ରୂପେ ସମସ୍ତେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି—କିନ୍ତୁ ସେହି ନୀରସ ଶୁଷ୍କ ଆଦର୍ଶର ପ୍ରତିଷ୍ଠାପନ ତାଙ୍କ ପାଇଁ ଅଶାନ୍ତି, ଅସନ୍ତୋଷ; ଅନ୍ତର୍ଦାହ ବ୍ୟତୀତ ଆଉ କି ବାର୍ତ୍ତା ବହନକରି ଆଣିଛି ? ସେଥିପାଇଁ ପ୍ରାତଃସ୍ମରଣୀୟ ହୋଇଥିଲେହେଁ ରାମଚନ୍ଦ୍ର ନିଜକୁ ଧର୍ମମନେକରି

http://oaob.nitrkl.ac.in

ନାହାନ୍ତି । ବରଂ ସନ୍ତପ୍ତ ପ୍ରାଣରେ ସାମାନ୍ୟ ସହାନୁଭୂତି ସେ କାମନା କରିଛନ୍ତି । ରାତ୍ରିର ଅର୍ଦ୍ଧ ଯାମରେ ନୀରବ, ନିର୍ଜନ ରାଜ ଅଙ୍ଗନର ପ୍ରତି ଇଷ୍ଟକ ଖଣ୍ଡରେ ପ୍ରାଣାଧିକା ଅର୍ଦ୍ଧାଙ୍ଗିନୀର ପ୍ରଣୟସିକ୍ତ ସ୍ମୃତିକୁ ସ୍ୱପ୍ନାଛନ୍ନ ଭାବରେ ଆଲୋଚନାକରି କରି କି ଅସହ୍ୟ ଯନ୍ତ୍ରଣା ସେ ଅନୁଭବ କରୁନାହାନ୍ତି ? ଅନ୍ତରର ସହସ୍ର ଆକୁଳ ପ୍ରତିବାଦ ସତ୍ତ୍ୱେ ରାଜଧର୍ମରୂପୀ ନିର୍ମମ କଷାଘାତ ସହ୍ୟକରି ସେ ନୀରବରେ ଅଶ୍ରୁ ମୋଚନ କରି ଚାଲିଛନ୍ତି । ଆଦର୍ଶର ପ୍ରତିଭୂ ହେଲେହିଁ ସାଧାରଣ ମାନବର ଦୁଃଖ ସମବେଦନା ସେ ପ୍ରାଣେ ପ୍ରାଣେ ଅନୁଭବ କରିପାରନ୍ତି । ଏହାହିଁ ଯେପରି 'ତପସ୍ୱିନୀ'ର ଚତୁର୍ଥ ସର୍ଗରେ ଏକାନ୍ତ ସତ୍ୟଭାବକୁ ନେଇ ଫୁଟିଉଠିଛି ।

ସୀତା ବାଲ୍ମୀକି ଆଶ୍ରମରେ ଅତିଥି ହେଲାବେଳେ ତାଙ୍କର ଗର୍ଭାବସ୍ଥାକୁ ଲକ୍ଷ୍ୟ କରି ଅନୁକଂପାଙ୍କିତ ମାତୃସୁଲଭ ସ୍ନେହସିକ୍ତ ସମ୍ଭାଷଣ ।

"ହିନ ଯାକ କରି ନଥିବୁ
ପଥ କାଟି ଆହାର
ଘୁଅ କରୁଥିବ ଗରଭେ
ଚଳି ପାଦ-ପ୍ରହାର ।"

ଅତି ପ୍ରାକୃତିକ ଓ ଜୀବନ୍ତରୂପେ ପ୍ରକାଶ ଲାଭ କରିଛି । ବୋଲେଇ ବୋଲେଇ "ଖାଅ ମା', ଖାଅ ମା' ଅନୁକଂପାଙ୍କ ମୁଖରେ କୁହାଇବାରେ କବି ଏକାନ୍ତ ସ୍ୱାଭାବିକ ଭାବ ପ୍ରକାଶରେ ଅକୁଣ୍ଠ ହୋଇ ପଡ଼ିଛନ୍ତି ।

http://oaob.nitrkl.ac.in

ଅଶ୍ୱମେଧ ଯଜ୍ଞ ଅନୁଷ୍ଠାନ ବାର୍ତ୍ତା ଆଶ୍ରମ ବାସିନୀ ସୀତାଙ୍କର କର୍ଣ୍ଣଗୋଚର ହେବା ସଙ୍ଗେ ସଙ୍ଗେ ତାଙ୍କ ମନରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୋଇଛି, ତାର ତୁଳନା ନାହିଁ । ଯେଉଁ ରାମଚନ୍ଦ୍ର ଦୀର୍ଘ ଚତୁର୍ଦ୍ଦଶ ବର୍ଷର ସାଧନା ପରେ ରାବଣପୁରୀରୁ ତାଙ୍କୁ ଉଦ୍ଧାର କରିଛନ୍ତି ତାଙ୍କର ଏକନିଷ୍ଠତା ସମ୍ପର୍କରେ ସୀତାଙ୍କର ସନ୍ଦେହ ତେଣୁ ବିଚଳିତା ସାଧାରଣ ରମଣୀ ପରି ସେ "ଭାବିଲେ ନିଷ୍ଠୁର ରଘୁକୁଳ ଚୂଡ଼ାମଣି, ଅଙ୍କେ ବସାଇଲେ ଆଣି ଦ୍ୱିତୀୟା ରମଣୀ ।" ଖାଲି ସେତିକି ନୁହେଁ ଆଦର୍ଶ ପ୍ରେମ, କରୁଣା, ତିତିକ୍ଷାର ବନ୍ଧ ଭାଙ୍ଗି ଦେଇ ସେ ଅସୂୟାରେ ଅସ୍ଥିର ହୋଇ ପଡ଼ିଛନ୍ତି ସେ ଦ୍ୱିତୀୟା ରମଣୀ କିଏ ? ଏବଂ ଠିକ୍ ତାରି ଭଳି ହେବାକୁ ସେ ତପସ୍ୟା କରିବାକୁ ଚାହାନ୍ତି । ଏହା ଏକାନ୍ତ ମାନବିକ ହୋଇଥିବାରୁ ସୀତା ଆଦର୍ଶର ପ୍ରତିମୂର୍ତ୍ତି ରୂପେ ଯେତିକି ଜୀବନ୍ତ ହୋଇ ନାହାନ୍ତି ସାଧାରଣ ନାରୀ ସୁଲଭ ଦୁର୍ବଳତା ବରଣ କରି ସେତିକି ସ୍ପଷ୍ଟ ଏବଂ ସାର୍ଥକ ହୋଇ ପାରିଛନ୍ତି । ଏହାହିଁ ମେହେର-ପ୍ରତିଭାର ଶ୍ରେଷ୍ଠତର ବୈଶିଷ୍ଟ୍ୟ ।

ପତିଗୃହଯାନୀ ଶକୁନ୍ତଳାଙ୍କୁ କଣ୍ୱଙ୍କର ଉପଦେଶ ଅତି ମାତ୍ରାରେ ପ୍ରତ୍ୟକ୍ଷ ଅନୁଭୂତିର କଥା । ବିନା ବେତନରେ ଥିବା ଦାସୀକୁ ବାହାର କରିଦେବା; ଉପରେ ପଡ଼ି ଆସି ପ୍ରଶଂସା କରୁଥିବା ଲୋକଠାରୁ ଦୂରରେ ରହିବା ଇତ୍ୟାଦି ଉପଦେଶ ପ୍ରତ୍ୟେକ ଘରେ କନ୍ୟା ଶାଶୁଘରକୁ ଗଲାବେଳେ ଗୁରୁଜନମାନେ ଦେଇଥାନ୍ତି । ସେହି ସମସ୍ତ ଉପଦେଶକୁ ପାଳନ କରି କନ୍ୟା ଆଦର୍ଶ ବଧୂ ରୂପେ ପ୍ରତ୍ୟେକଙ୍କଠାରୁ ଆଦର ପାଇ ଥାଏ । ଏଥିରେ କବିଙ୍କର ଅନୁସରଣ ଓ ଅନୁକରଣ ଯେତିକି ବିଦ୍ୟମାନ ତଦପେକ୍ଷା

http://oaob.nitrkl.ac.in

ପ୍ରତ୍ୟକ୍ଷ ଅନୁଭୂତ ଓ ଜ୍ଞାନର ପ୍ରକାଶ କେବେହେଲେ ଊଣା ନୁହେଁ । ସେହିପରି କଣ୍ୱମୁନିଙ୍କ ଆଦେଶ ପାଳନ କରି ଶକୁନ୍ତଳାକୁ ଗ୍ରହଣ କରିବା ଦୁଷ୍ମନ୍ତଙ୍କ ପକ୍ଷରେ ଅସମ୍ଭବ ହୋଇ ନଥାନ୍ତା । ରାଜ ଅନ୍ତଃପୁରର ପ୍ରମଦା-ଅରଣ୍ୟ ଭିତରେ ସେ ହୁଏତ ଆଜ ଗୋଟିଏ ଲୋଭନୀୟ ବ୍ରତତି ରୂପେ ଶୋଭା ପାଇଥାନ୍ତେ । କିନ୍ତୁ ଅନ୍ତଃସତ୍ତ୍ୱା ହୋଇଥିବାରୁ ତାଙ୍କର ସ୍ଥାନ ସେଠାରେ ନାହିଁ । ଏଣେ ସେଇ ଅପୂର୍ବ ରୂପସୀ ତାଙ୍କଠାରେ ନିଜକୁ ସଂପୂର୍ଣ୍ଣ ରୂପେ ନିବେଦନ କରୁଛି । ପରିସ୍ଥିତିର ତାଡ଼ନାରେ ଦୁଷ୍ମନ୍ତ ନାଗକଣ୍ଠରେ ଚୁଚୁନ୍ଦ୍ରୀ ପ୍ରବେଶ କରିବାର ବିଷମ କଷ୍ଟରେ ଏକାନ୍ତ 'ମ୍ରିୟମାନ ହୋଇ ଯାଇଛନ୍ତି । ଏଥିରେ ତାଙ୍କର ରାଜୋଚିତ ଆଦର୍ଶ-ପ୍ରଭାର ସ୍ଫୁରଣ ଯେତିକି ଘଟିଛି ତାଠାରୁ ମାନବିକ ବୃତ୍ତିର ବିଭ୍ରାଟର ମାତ୍ରା ସମଧିକ ପ୍ରସ୍ଫୁଟମାନ ହୋଇଛି ।

ଅନ୍ୟତ୍ର 'କୀଚକ ବଧ'ରେ ଚପଳାର ସାଆନ୍ତାଣୀ ଭକ୍ତି ଗଙ୍ଗାଧରଙ୍କ ସ୍ୱଭାବସୁଲଭ ଦୃଷ୍ଟିଭଙ୍ଗୀର ଅନ୍ୟତମ ନିଦର୍ଶନ ରୂପେ ପ୍ରକଟିତ । ଯେଉଁ ଗୃହରେ ଗୃହକର୍ତ୍ତ୍ରୀ ବଳିଷ୍ଠ ଧର୍ମାନୁଗତ ଆଦର୍ଶର ଅନୁସାରିଣୀ, କର୍ତ୍ତବ୍ୟାକର୍ତ୍ତବ୍ୟ ନିର୍ଦ୍ଧାରଣରେ ପ୍ରବୁଦ୍ଧା, ସେଠାରେ ଦାସ, ଦାସୀ ସହଜରେ କୌଣସି ଅପକର୍ମ କରିବାକୁ ସାହସୀ ହୁଅନ୍ତିନାହିଁ । ତେଣୁ ସୁଦେଷ୍ଣାଙ୍କର ଜ୍ଞାତସାରରେ କୀଚକର ଦୌତ୍ୟ କରିବା ପାଇଁ ଚପଳା ସାହସ କରି ନାହିଁ । ଏକଥା ସାଆନ୍ତାଣୀଙ୍କର କର୍ଣ୍ଣଗୋଚର ହେଲେ ତା'ର ଦାନାପାଣି ଉଠିଯିବ-କୀଚକ ପ୍ରଦତ୍ତ ଶାଢ଼ୀ କମ୍ବା ଅଳଙ୍କାର ପିନ୍ଧିଲେ ତାମ୍ରଣ୍ଡରେ ବାଡ଼ି ପଡ଼ିବ-ଏ ଗୁଡ଼ିକ ମେହେରଙ୍କ କଳ୍ପନାର ଚମତ୍କାରିତା ତଥା ସ୍ୱାଭାବିକତାର ଅପୂର୍ବ ସଙ୍କେତ ବହନ କରିଥାଏ । ଅନ୍ୟପକ୍ଷରେ ବସ୍ତୁ ସଂଘଟନରେ ଏବଂ ତାର ପରିଣତିରେ

http://oaob.nitrkl.ac.in

ସ୍ୱାଭାବିକତା ଗଙ୍ଗାଧରଙ୍କ ସ୍ୱକୃତ । ଅହର୍ନିଶି ଯେଉଁ ସୈରିନ୍ଧ୍ରୀଙ୍କର ରୂପ କଳ୍ପନାକରି କାମ-ଯୁଦ୍ଧରେ ରଥ କରିବା ପାଇଁ କୀଚକ ଖରା ଲାଳସା ପୋଷଣ କରିଛି ତାଙ୍କୁ ଅତି ନିକଟରେ ପାଇ ମଧ୍ୟ ସ୍ପର୍ଶ କରିବାର ସୌଭାଗ୍ୟରୁ ବଞ୍ଚିତ ହୋଇ ସେ ଉତ୍‌କ୍ଷିପ୍ତ ହୋଇ ପଡ଼ିଛି । ପଳାୟମାନା ସୈରିନ୍ଧ୍ରୀଙ୍କର ପଶ୍ଚାଦ୍ଧାବନ କରିଛି ସେ ଅନ୍ତରର ସହସ୍ର ଆକୁଳତା ନେଇ-ପ୍ରବଳ ବିକ୍ରମୀ କୀଚକ ପକ୍ଷରେ ତାଙ୍କୁ ଧରି ପାରିବା ଆଦୌ କଷ୍ଟକର ହୋଇ ନାହିଁ-ଠିକ ଅଞ୍ଚଳରେ କରି ବାଜୁ ନ ବାଜୁଣୁ ମୁଣ୍ଡରେ ଭେଟିଛି ଏକ ପ୍ରକାଣ୍ଡ ତରୁର ଶାଖା, ଏଠାରେ ଲକ୍ଷ୍ୟ କରିବାର କଥା ଯେ କାମାନ୍ଧ ପୁଣି ନୈରାଶ୍ୟରେ ଏକାନ୍ତ ଉତ୍‌କ୍ଷିପ୍ତ ତଥା ଉତ୍ତେଜିତ ଯେ କୌଣସି ଲୋକ ପକ୍ଷରେ ଚତୁର୍ଦ୍ଦିଗକୁ ନିରୀକ୍ଷଣ କରି ଗତି କରିବା ଏକାନ୍ତ ଅସ୍ୱାଭାବିକ- ତେଣୁ କୀଚକର ମୁଣ୍ଡରେ ତରୁଶାଖା ବାଜିବା ଏଠାରେ ଆକସ୍ମିକ ନୁହେଁ ଏକାନ୍ତ ସ୍ୱାଭାବିକ ଏବଂ ମେହେରଙ୍କ କଳ୍ପନାର ସାର୍ଥକ ପ୍ରକାଶ ।

ରାଧାନାଥ-ପ୍ରତିଭାର ଉଜ୍ଜ୍ୱଳ ବିକାଶ ଏବଂ ବ୍ୟାପକ ପ୍ରତିଷ୍ଠା କାଳରେ ମେହେର-ସାହିତ୍ୟର ପ୍ରସୂତି । ତେଣୁ ବହୁ ସ୍ଥଳରେ ତତ୍କାଳୀନ ଯୁଗୀୟ ପ୍ରଭାବ ହୁଏତ ଅପ୍ରତିହତ ରୂପେ ଏଥିରେ ପ୍ରକାଶ ଲାଭ କରିଛି । କିନ୍ତୁ ସ୍ଥଳବିଶେଷରେ ଗଙ୍ଗାଧର ଚଳନ୍ତିକା ପ୍ରବାହରୁ ନିଜକୁ ମୁକ୍ତ କରି ଯେଉଁ ସ୍ୱାଧୀନ ଚିନ୍ତାଧାରାର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି, ସେଥିପାଇଁ ତାଙ୍କୁ କମ୍ ସାହସିକତାର ସହିତ ଗତି କରିବାକୁ ପଡ଼ିନାହିଁ । ନିର୍ଦ୍ଦିଷ୍ଟ, ପରମ୍ପରାଗତ, ଚିରାଚରିତ ଆଚରିତ ବର୍ଣ୍ଣନାଶୈଳୀ ଏବଂ ପ୍ରକାଶଭଙ୍ଗୀରୁ ବିଚ୍ୟୁତ ହୋଇ ସଂପୂର୍ଣ୍ଣ ନୂତନ ଏବଂ ବାସ୍ତବ-ମୁଖୀ ରସ ଦେବାରେ ସେ ସ୍ୱକୀୟ ମୌଳିକତାର ବଳିଷ୍ଠ ନିଦର୍ଶନ ଦେଇ ସେଇଠି ପ୍ରଥମେ କହିଛନ୍ତି—

http://oaob.nitrkl.ac.in

"ଛବ, ଅଙ୍ଗ; ତେଲ ସଙ୍ଗରେ
ସେହ୍ନ ନଦୀ ଯେସନ
କୁମାରୀଙ୍କି ଠାଇ ବଢିଲା
ସୀତା ଶୋକ ତେସନ ।"

ପରବର୍ତ୍ତୀ କାଳରେ ଠିକ୍ ଏହିପରି ଉପମା 'କୋଣାର୍କ'ରେ

"ବିହଗ ଆଦର ଜଳେ ଜଳେ ପଥେ
ଯାଉଛନ୍ତି ସେନା ବଟିନେ ମିଶି
ନବୀନ ବଇଜ ମହାନନ୍ଦ ସେ କ
ଶାଖେ ଶାଖେ ଯାଏ ଅନ୍ୟପେ ଦଶି ।"

ଆତ୍ମପ୍ରକାଶ କରିଛି । ଅନ୍ୟନ୍ତ ସୈରିନ୍ଧ୍ରୀଠାରୁ ନୈରାଶ୍ୟଜନକ ଉତ୍ତର ପାଇ "କୃଷିରକ୍ଷୀ-ଲୋଷ୍ଟ୍ରେଶସ୍ୟଭକ୍ଷୀ-ମୃଗ" ପରି ଚପଳା ପଳାୟନ କରିଛି । ତାଙ୍କୁ ଅପକର୍ମ ଲାଗି ସମ୍ମତ କରାଇବାର କୁତ୍ସିତ ଉଦ୍ଦେଶ୍ୟ ନେଇ କୀଚକର ଦୂତୀ ରୂପେ ଚପଳାର ଆଗମନ-ଏକଥା ଜାଣି ପାରି ଯେତେବେଳେ ସୈରିନ୍ଧ୍ରୀ ଅତି ରୁକ୍ଷ ଏବଂ ଦୃଢ଼ ଭାବରେ ତା'ର ସମସ୍ତ କାମନାକୁ ଚୂର୍ଣ୍ଣ କରିଦେଇଛନ୍ତି ସେତେ-ବେଳେ ସେ ଅନ୍ୟ ଉପାୟ ନଦେଖି ପଳାଇ ଯାଇଛି, ଠିକ୍ ଯେପରି ସାମାନ୍ୟ ସୁବିଧା ପାଇ ଶସ୍ୟକ୍ଷେତ୍ରରେ ପ୍ରବେଶ କରିଥିବା ମୃଗ କୃଷିରକ୍ଷୀର ଲୋଷ୍ଟ୍ରାଘାତରେ ପ୍ରାଣବିକଳରେ ପଳାଇ ଯାଏ । ପରିସ୍ଥିତି, ପରିବେଶ ଏବଂ ଚପଳାର ମନସ୍ତାତ୍ତ୍ୱିକ ଅବସ୍ଥାକୁ କେନ୍ଦ୍ର କରି ତା'ର ପ୍ରକାଶଭଙ୍ଗୀ ପାରଂପରିକ ରୀତିକୁ ଆଶ୍ରୟ କରିଥିଲେ ହୁଏତ ଏ ବର୍ଣ୍ଣନା ଯେତିକ ବାସ୍ତବ, ଯେତିକ ସାର୍ଥକ ହୋଇ ପାରିଛି, ସେପରି ହୋଇ ନଥାନ୍ତା ।

http://oaob.nitrkl.ac.in

ସ୍ୱକୀୟ ଅନୁଭୂତ ତଥା ଦୈନନ୍ଦିନ ଜୀବନର ଚିତ୍ର ସ୍ୱକୃତରେ ପ୍ରକାଶ କରିବା ବଳିଷ୍ଠ ଲେଖମାନର ଅପେକ୍ଷା ରଖିଥାଏ । ଗଙ୍ଗାଧରଙ୍କ ସାହିତ୍ୟରେ ତାହା ଏକାନ୍ତ ଅଲଭ୍ୟ ନୁହେଁ । ଇନ୍ଦୁମତୀର ପ୍ରାଣଶୂନ୍ୟ ଜଡ଼ପିଣ୍ଡକୁ ସ୍ପର୍ଶ କରି ଅଜ ଅନୁଭବ କରିଛନ୍ତି ହିମ ଶୀତଳତା । ତାକୁ ଗଙ୍ଗାଧର ବର୍ଣ୍ଣନା କଲେ—

"ଅନାବୃତ ସ୍ଥାନେ ଥିଲେ ଯଥା ଶୀତ-
ନିଶାନ୍ତେ ଲୌହ ଶାବଳ ।"

ଅଣ୍ଟାର ଉପମା ସ୍ୱରୂପ "ଶୀତ-ନିଶାନ୍ତଲୌହଶାବଳ' କବିଙ୍କର ଗଭୀର ଅନ୍ତର୍ଦୃଷ୍ଟିର ପରିଚୟ ଦେବା ସଙ୍ଗେ ସଙ୍ଗେ ପ୍ରତ୍ୟକ୍ଷ ବସ୍ତୁ-ବିନ୍ୟାସ-ଜୀବନର ଏକ ବଳିଷ୍ଠ ପରିଚୟ ଦେଇଥାଏ ।

ଅତ୍ୟନ୍ତ ସ୍ୱାଭାବିକ ଏବଂ ବାସ୍ତବ ପରିବେଶ ଓ ପରିସ୍ଥିତି ସୃଷ୍ଟି କରିବାରେ ଗଙ୍ଗାଧର ସମସାମୟିକ କବିମାନଙ୍କ ମଧ୍ୟରେ ଅତୁଳନୀୟ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ତାଙ୍କର ପ୍ରକୃତି ଚିତ୍ରଣ ପାଠବିତା ତାହାଁର ଶ୍ରେଷ୍ଠ ନିଦର୍ଶନ । ରାଧାନାଥ, ମଧୁସୂଦନ ପ୍ରଭୃତି ପ୍ରକୃତିକୁ ଯେଉଁ ଚକ୍ଷୁରେ ଦେଖିଛନ୍ତି, ଗଙ୍ଗାଧର ସମ୍ପୂର୍ଣ୍ଣ ନୂତନ ଦୃଷ୍ଟିଭଙ୍ଗୀରେ ତାହାର ଅନ୍ତର୍ଭେଦ କରିଛନ୍ତି । ତାଙ୍କର ପ୍ରକୃତି ମାନବିକ ସମସ୍ତ ଉଚ୍ଛଳ, ସହଜ ତଥା ସରଳ ଭାବୋଚ୍ଛ୍ୱାସରେ ସ୍ଫୂର୍ତ୍ତିମନ୍ତ ହୋଇ ଉଠିଛି । ପରମା ସାଧ୍ୱୀ ଜାନକୀଙ୍କୁ ଲାଭ କରି ବାଲ୍ମୀକି ଆଶ୍ରମର ତଟପୀଚଳ୍ଲୀ, ସୁମନ, ତଟିନୀ ସମସ୍ତେ ନିଜ ନିଜକୁ ଧନ୍ୟ ମନେ କରିବା ସଙ୍ଗେ ସଙ୍ଗେ ବିଭିନ୍ନ କ୍ରିୟା କଳାପ ମାଧ୍ୟମରେ ସମସ୍ତ ବ୍ୟଗ୍ରତା, ଓ ଆତିଥେୟତା ପ୍ରକାଶ କରିଛନ୍ତି । ଚିତ୍ରକୂଟ, ମନ୍ଦାକିନୀ, ଗୋଦାବରୀ, ଅଯୋଧ୍ୟା, ଲଙ୍କା ପ୍ରତ୍ୟେକ ଏକ

http://oaob.nitrkl.ac.in

ସ୍ୱପ୍ନାଚ୍ଛନ୍ନ ପରିବେଶ ଭିତରେ ମାନବିକ ବିଗ୍ରହ ନେଇ ନିଜ ନିଜର ଉଦ୍ଦେଶ୍ୟ ସାଧନରେ ତତ୍ପର ହୋଇ ଉଠିଛନ୍ତି । ଶକୁନ୍ତଳାର ପତିଗୃହ ଯାତ୍ରାରେ ତରୁଲତାଙ୍କର ଲୋମହର୍ଷଣ, ଲୋତକ ମୋଚନ ଅତି ପ୍ରାକୃତିକ ହୋଇଛି । କପୋତ ପକ୍ଷୀର କରୁଣ ସ୍ୱନ ସହିତ ସମସ୍ୱରରେ ବନ ପ୍ରକୃତି ଅଧୀର ଆକୁଳରେ କାନ୍ଦୁଛି । ହରିଣ, ହରିଣୀ, ମୟୂର, ମୟୂରୀ ବିଦାୟ କାଳୀନ ଶୋକୋଚ୍ଛ୍ୱାସନେଇ ପଥ-ପାର୍ଶ୍ୱରେ, ଶକୁନ୍ତଳାକୁ ଅନାଇ ରହିଛନ୍ତି । ସେହିପରି ଅନୁତାପ ଦ୍ୱାରା ଦୁଷ୍ମନ୍ତଙ୍କ ଦୃଷ୍ଟିରେ ପ୍ରକୃତି ତାଙ୍କୁ ଉପହାସ କରୁଛି, ସାନ୍ତ୍ୱନା ଦେଉଛି 'ଉତ୍କଳ-ଲକ୍ଷ୍ମୀ'ରେ ଉତ୍କଳର ସମସ୍ତ ପ୍ରାକୃତିକ ଶୋଭା ସମ୍ପଦ ଅରଣ୍ୟ ତଟିନୀ, ମନ୍ଦିର, ପର୍ବତ ଭିତରେ ଅପୂର୍ବ ମାନବିକ ଦୀପ୍ତି ଏବଂ ସ୍ଫୂର୍ତ୍ତିର ସମନ୍ୱୟ ଘଟି ପ୍ରତ୍ୟେକଙ୍କୁ ଗୋଟିଏ ଗୋଟିଏ ଜୀବନ୍ତ ବିଗ୍ରହ ରୂପେ ପ୍ରକଟିତ କରୁଛି । 'କୀଚକ-ବଧ'ର ବସନ୍ତ ବର୍ଣ୍ଣନା କେବଳ ଏହି ଗୁଣ ବହନ କରିଥିବାରୁ ଅତିମାତ୍ରାରେ ଲୋକପ୍ରିୟତା ଲାଭ କରିଛି । କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ ଗଙ୍ଗାଧରଙ୍କ ସମସ୍ତ ମୌଳିକତା ଏବଂ ବିଶେଷତ୍ୱ ଏହି ସ୍ୱଭାବ ସୁଲଭ ଚୟନ-ପଟୁତାରେ ଉତ୍କୃଷ୍ଟ ଆତ୍ମପ୍ରକାଶ କରିଛି ।

ରାଧାନାଥ-ଭାସ୍କରର ପ୍ରଚଣ୍ଡ ପ୍ରଭାରେ ସମସାମୟିକ ଅନେକ ପ୍ରତିଭା ଯେପରି ମ୍ଲାନପ୍ରଭ ହୋଇ ଯାଇଚନ୍ତି ଗଙ୍ଗାଧର-ପ୍ରତିଭା ଉପଯୁକ୍ତ ବ୍ୟକ୍ତିତ୍ୱ ତଥା ସାମାଜିକ ପ୍ରତିଷ୍ଠା ଅଭାବରେ ସମଦଶା ଲାଭ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ଅତି ସତ୍ୟ ଯେ ଅନୁକୂଳ ବାତାବରଣ, ଅବସ୍ଥା ଏବଂ ପରିବେଶ ଲାଭକରି ପାଶ୍ଚାତ୍ୟ ସାହିତ୍ୟ· ଆଲୋଚନାମୂଳକ ନୂତନ ଦୃଷ୍ଟିଭଙ୍ଗୀ ଆଦରଣ କରି ପାରିଥିଲେ ମେହେର ପ୍ରତିଭାର ସର୍ବତୋମୁଖୀ ବିକାଶ ଆଜିର

http://oaob.nitrkl.ac.in

ବାସ୍ତବମୁଖୀ ସାହିତ୍ୟର ସର୍ବପ୍ରଧାନ ଦିଗ୍‌ଦ୍ରଷ୍ଟା ରୂପେ ପ୍ରତିଷ୍ଠିତ ହୋଇଥାନ୍ତି । ଏତିକି କହିଲେ ଯଥେଷ୍ଟ ହେବ ଯେ ଗଙ୍ଗାଧର କାବ୍ୟ-ସୌଧର ପ୍ରତ୍ୟେକ ପ୍ରସ୍ତର ଖଣ୍ଡ ପରିପୂର୍ଣ୍ଣ ଜୀବନ-ଶିଳ୍ପର କାରୁକଳା ବହନ କରି ସ୍ୱକୀୟତାରେ ସମୃଦ୍ଧ ହୋଇଥିଲେ ଅତୁଳ-ନୀୟ ଏକ ମନୋଜ୍ଞ ସମ୍ଭାରନେଇ ମହତ୍ତର ଆସନ ଲଭ କରିଥାନ୍ତି । ନାନା ପ୍ରତିବନ୍ଧକ ସତ୍ତ୍ୱେ ଜୀବନ-ବୀଣାର ଯେ ସ୍ୱଭାବ ସୁଲଭ ଝଙ୍କାର ସ୍ୱଳ୍ପବିଶେଷ୍ୟରେ ତାଙ୍କ କାବ୍ୟ କୃତିରେ ବାଜି ଉଠିଛି ସହୃଦୟ ପାଠକର ଅନ୍ତଃସ୍ଥଳକୁ ମନ୍ଥିତ କରିବାରେ ତାର ସାର୍ଥକତା ଅନବଦ୍ୟ ।

---

http://oaob.nitrkl.ac.in

ସାହିତ୍ୟିକ ଗଙ୍ଗାଧର

ଶ୍ରୀ ପୂର୍ଣ୍ଣଚନ୍ଦ୍ର କର,

ଅନେକ ସମାଲୋଚକ କହନ୍ତି, ସାହିତ୍ୟ ଜୀବନର ପ୍ରତିଛବି । କିନ୍ତୁ ପ୍ରକୃତ ପକ୍ଷେ ସାହିତ୍ୟ ଓ ଜୀବନ ଏକ ନୁହନ୍ତି, ସାହିତ୍ୟିକ ଜୀବନକୁ ଯେପରି ଭାବରେ ଦେଖେ ଠିକ୍ ସେହିପରି ଭାବରେ ତାକୁ ପ୍ରକାଶ କରେ ନାହିଁ । କଳ୍ପନା ସାହିତ୍ୟର ପ୍ରାଣ, କଳ୍ପନାହୀନ, ରଚନା ସାହିତ୍ୟ ନୁହେଁ । ତାହା ଘଟଣା ପ୍ରବାହର ଶୁଷ୍କ ତାଲିକା ହୋଇପାରେ ଯାହା ରସାଳ, ପ୍ରାଣବନ୍ତ ମଧୁର ଓ ସ୍ୱାଦ୍ୟ-ତାହାହିଁ ସାହିତ୍ୟ । ଇତିହାସ, ଭୂଗୋଳ, ଦର୍ଶନ ପ୍ରଭୃତି କେବଳ ନୀରସ ତଥ୍ୟ ନିର୍ଦ୍ଦେଶକ, ତାହା ପ୍ରକୃତ ସାହିତ୍ୟ ପଦବାଚ୍ୟ ନୁହେଁ । ଜୀବନରେ ଏପରି ଅନେକ ଘଟଣା ଅଛି ଯାହା ସାହିତ୍ୟରେ ସ୍ଥାନ ପାଇ ନପାରେ, ସାହିତ୍ୟ ଶୁଭଙ୍କରୀ, ଅଶୁଭର ସଙ୍କେତ ଯେ ସାହିତ୍ୟ ବହନ ନକରେ, ତା ନୁହେଁ, ଅଶୁଭର ସୂଚନା ସାହିତ୍ୟରେ ଅଛି ଓ ରହିବ କିନ୍ତୁ ଏ ଅଶୁଭ ଓ ଅଶ୍ଳୀଳତା ଯେଉଁ ରଚନାରେ ଯେତେ କମ୍ ସେ ରଚନା ସେତିକି ଉନ୍ନତ, ବୁଦ୍ଧିମନ୍ତ ଓ ସମୃଦ୍ଧ, ସାହିତ୍ୟ କେବଳ ଶୁଭର ସଙ୍କେତ ବହନ କରେ ନାହିଁ, ଶୁଭର ପ୍ରଚାର ଓ ପ୍ରସାର ପାଇଁ ସର୍ବଦା ଜାଗ୍ରତ ଚେଷ୍ଟିତ, ପରିବେଶ ଓ ବର୍ଣ୍ଣନା ପାଇଁ ବାଧ୍ୟ ହୋଇ ଯେଉଁଠି ଅଶୁଭର ବାର୍ତ୍ତା ପ୍ରଚାର କରିବାକୁ ହୁଏ, ସେଠାରେ ଉନ୍ନତ ସାହିତ୍ୟିକର ଲେଖନୀ ସଂଯତ, ସୂଚନାତ୍ମକ ବା ଧ୍ୱନ୍ୟାତ୍ମକ ହୁଏ । ଏହିଠାରେହିଁ ସାହିତ୍ୟିକ ସ୍ୱପ୍ରତିଭାର ଉନ୍ନତ ପରାକାଷ୍ଠା ପ୍ରଦର୍ଶନର ସୁଯୋଗ ପାଏ । ପ୍ରତିଭାବଳରେ ସଂଯତ ବର୍ଣ୍ଣନା ମାଧ୍ୟମରେ ସୂଚନାତ୍ମକ ଭାବେ ନିଜର ବର୍ଣ୍ଣନୀୟ ବସ୍ତୁର ପରିପ୍ରକାଶ କରି ସେ ହୁଏ ନମସ୍ୟ—ତାର ସ୍ଥାନ ପ୍ରତିଷ୍ଠିତ ହୁଏ

http://oaob.nitrkl.ac.in

ଶ୍ରେଷ୍ଠ କୃତିମାନଙ୍କ ମଧ୍ୟରେ । ନଚେତ୍ ସେ ହୁଏ ପାଠକ ଓ ସମାଲୋଚକର ଚକ୍ଷୁଶୂଳ ଓ ଶରବ୍ୟ। ଏହିଠାରେହିଁ ଉଠେ ନୀତିର ପ୍ରଶ୍ନ। ଆନନ୍ଦ ଦାନ ସାହିତ୍ୟିକର ଚରମଉଦ୍ଦେଶ୍ୟ, ଏହି ଆନନ୍ଦଦାନ କିନ୍ତୁ ଶସ୍ତା, ମନୋରଞ୍ଜକ ଇତର ବର୍ଣ୍ଣନାରେ ସୀମାବଦ୍ଧ ହେଲେ ସାହିତ୍ୟର ଉଦ୍ଦେଶ୍ୟ ବିଫଳ ହୁଏ-ତାହା ସାହିତ୍ୟ ପଦବାଚ୍ୟ ହୁଏ ନାହିଁ । ତେଣୁ ନୀତି ସାହିତ୍ୟରେ ଅପରିହାର୍ଯ୍ୟ, ନୀତିର ନିଗଡ଼ ବନ୍ଧନ କିନ୍ତୁ ସାହିତ୍ୟର ସୌନ୍ଦର୍ଯ୍ୟ ବିଧାୟକ ହୁଏ ନାହିଁ । ନୀତିର ବନ୍ଧନରେ ସାହିତ୍ୟ ସୃଷ୍ଟି ବ୍ୟାହତ ହୁଏ । ହେଲେହେଁ ନୀତିହୀନ ସାହିତ୍ୟ ସାହିତ୍ୟ ନୁହେଁ । ସାହିତ୍ୟ ଅନୀତିର ପୃଷ୍ଠପୋଷାକତା କରି ନପାରେ । ପୁନଶ୍ଚ ସାହିତ୍ୟ ଘଟଣା ପ୍ରବାହର କ୍ରମିକ ଇତିହାସ ନୁହେଁ, ଘଟଣା ସାହିତ୍ୟର ମୂଳପିଣ୍ଡ, ସେହିପରି ସାହିତ୍ୟ ଜୀବନର ଇତିହାସ ନୁହେଁ । ଜୀବନହିଁ ସାହିତ୍ୟର ମୂଳ ଉତ୍ସ, ବାସ୍ତବ ଜୀବନକୁ କଳ୍ପନାମୁଖର କରି ସୁନ୍ଦର, ମଧୁର ଓ ମାର୍ଜ୍ଜିତ କରି ତାହାର ମାଧ୍ୟମରେ ରସାନୁଭୂତି ଓ ଆନନ୍ଦ ପ୍ରଦାନ କରିବା ସାହିତ୍ୟର ଲକ୍ଷ୍ୟ । ଜୀବନର କଠୋର ବାସ୍ତବତା ଓ ସାହିତ୍ୟର ବାସ୍ତବବାଦ ତେଣୁ ଏକ ହୋଇ ନ ପାରନ୍ତି, ଜୀବନ ଓ ସାହିତ୍ୟ ପରି ସେମାନେ ମଧ୍ୟ ସମାନ୍ତରାଳ ।

ପ୍ରତ୍ୟେକ ମନୁଷ୍ୟର ଜୀବନରେ ତ୍ରୁଟି ବିଚ୍ୟୁତି ଅଛି-ଦୁର୍ଗୁଣ ଅଛି ସୁଗୁଣର ବି ଅଭାବ ନାହିଁ । ମନୁଷ୍ୟ ହେଉଛି ସୃଷ୍ଟିର ଶ୍ରେଷ୍ଠ ଜୀବନ ପ୍ରାଣୀସୁଲଭ ପ୍ରବୃତ୍ତିର ଚେତନା ନେଇ ମଧ୍ୟ ସେ ବିବେକର କଷ୍ଟିପଥରରେ ନିଜକୁ ପରଖିବାକୁ ଭୁଲେ ନାହିଁ । ତେଣୁ ସେ "ମିଶ୍ରିତ ଚେତନଶୀଳ ପ୍ରାଣୀ" "Black is black and White is white" ନିୟମ ତା ନିକଟରେ ମୂଲ୍ୟହୀନ, ଆମେ ଯେଉଁ ମଣିଷକୁ

http://oaob.nitrkl.ac.in

ମଣ୍ଡୁ କନ୍ତୁ ତା ହୃଦୟ୍ତରେ ମଧ୍ୟ ଅନ୍ତର୍ନିହିତ ସୌନ୍ଦର୍ଯ୍ୟର ସତ୍ତା ବିଦ୍ୟମାନ । ଆମେ ଯାହାକୁ ଦେବତା ବା ଅତିମାନବ ବୋଲି କହୁଁ ତାର ଅନ୍ତରରେ ମଧ୍ୟ ପଶୁପ୍ରବୃତ୍ତିର ତାଡନା ଓ ଦୁର୍ବଳତାର ଆଭାସ ବିରଳ ନୁହେଁ, କେବଳ ସଦ୍‌ଗୁଣ ବା ଅସଦ୍‌ଗୁଣର ମାତ୍ରାନୁଯାୟୀ ସେ ପଶୁ ବା ମହାତ୍ମା ରୂପେ ଚିତ୍ରିତ ହୁଏ । ଉଭୟ ସମମାତ୍ରାରେ ନ୍ୟୂନାଧିକେ ଯାହାଠାରେ ପ୍ରକାଶ ପାଏ ସେ–ମନୁଷ୍ୟ–ସାଧାରଣ ମୋହଗ୍ରସ୍ତ ମାନବ । ଜୀବନରେ ତାର ଆଶା ଓ ଆକାଙ୍କ୍ଷା ରହିଛି–ଉନ୍ନତ ହେବାର ପ୍ରଚେଷ୍ଟା ରହିଛି, ହେଲେହେଁ ପଶୁ ପ୍ରବୃତ୍ତିର ଚରିତାର୍ଥ ପାଇଁ ସେ ମଧ୍ୟ ସମଭାବରେ ବ୍ୟାକୁଳ । ଆତ୍ମାଭିମାନ, ସ୍ୱାର୍ଥପରତା, "ମୁଁ" କାରର ମୋହ ସେ ତ୍ୟାଗ କରିପାରେ ନା । ବିଭାଗ ଲାଳସା ତାର ଅଦମ୍ୟ କାମନା ଓ ପ୍ରେରଣାର ବାଟ ଦେଇ ସେ ତାର ଆଶା ଆକାଙ୍କ୍ଷାର ପରିପୂର୍ଣ୍ଣତା କାମନା କରେ । ଏ ସବୁର ବର୍ଣ୍ଣନା ସାହିତ୍ୟରେ ବାସ୍ତବତା ନାମରେ ନାମିତ ହେଲେହେଁ ଏହା ଜୀବନର କଠୋର ବାସ୍ତବତା ନୁହେଁ । ପ୍ରାଣୀ ଭ୍ରୂଣ ଅବସ୍ଥାରୁ ବର୍ଦ୍ଧନ ପର୍ଯ୍ୟାୟ ମଧ୍ୟ ଦେଇ ଶିଶୁରୂପେ ଜନ୍ମ ନିଏ, ଏହା ବାସ୍ତବ ଘଟଣା । କିନ୍ତୁ ସାହିତ୍ୟ ଏ ସବୁକୁ ତନ୍ନ ତନ୍ନ କରି ବର୍ଣ୍ଣନା କରି ନ ପାରେ; ସାହିତ୍ୟର ବାସ୍ତବତାର ଓ ଜୀବନର ବାସ୍ତବତା ମଧ୍ୟରେ ପାର୍ଥକ୍ୟ ଏହିଠାରେ; ସାହିତ୍ୟର ନୀତି ଓ ଅନୀତିର ସ୍ଥାନ ମଧ୍ୟ ଏହିଠାରେ ।

ଗଙ୍ଗାଧରଙ୍କ ସାହିତ୍ୟ ସୃଷ୍ଟି ପର୍ଯ୍ୟାଲୋଚନା କଲେ ଆମେ ଦେଖୁ କବି ସାହିତ୍ୟର ସ୍ୱଷ୍ଟତମ ବିଭାଗ ଗୁଡିକୁ ସ୍ୱରଚନାରେ ଉତ୍ତମ ରୂପେ ଚିତ୍ରିତ କରି ନିଜକୁ ସୁସାହିତ୍ୟିକ ଭାବରେ ପ୍ରତିଷ୍ଠିତ କରାଇବାରେ ପୂର୍ଣ୍ଣ ସଫଳକାମ ହୋଇଛନ୍ତି ।

http://oaob.nitrkl.ac.in

ରାଧାନାଥଙ୍କ ସାହିତ୍ୟ ପ୍ରତି ଦୃଷ୍ଟି ଦେଲେ ଆମେ ଦେଖୁଁ ସାହିତ୍ୟର ସମସ୍ତ ମୂଲ୍ୟବାନ୍ ବିଭାବରେ ତାହା ରସାଣିତ ଓ ଧାର୍ମି-ମନ୍ତ ହେଲେହେଁ ତାହା ନୀତିହୀନ, ଅନୀତିର ବାର୍ତ୍ତା ସେଥିରେ ସ୍ପଷ୍ଟ। ନୀତି ଓ ସଂଯମର ବାଧା ନ ମାନି ତାଙ୍କର ନାୟକ ନାୟିକା ଉଚ୍ଛୃଙ୍ଖଳ ହୋଇ ପଡ଼ିଛନ୍ତି, କାମନାର ଲାଳସା ସେମାନଙ୍କର ଅପ୍ରତି-ଅଦମ୍ୟ। ମର୍ଯ୍ୟାଦାହୀ ଅଶୁଭ ଚରିତରେ ତାଙ୍କର କାବ୍ୟ ପୂର୍ଣ୍ଣ। ସେଠି ଅଛି ପିତା ଓ ପୁତ୍ରୀର ଅବୈଧ, ଘୃଣ୍ୟ, ପାଶବିକ ପ୍ରଣୟ, ଉଚ୍ଚ-କାମନା ତାଡ଼ିତ ପ୍ରେମିକାର ପ୍ରେମିକ ନିକଟରେ ଲଜ୍ଜାକର ପ୍ରେମ ନିବେଦନ ଓ ପ୍ରତ୍ୟାଖ୍ୟାନ, ସମାଜ ବିରୋଧୀ ପ୍ରେମର ଉଚ୍ଛୃଙ୍ଖଳ ପ୍ରବାହ।

"ଯେ ଯେତେ ତେଜସ୍ୱୀ ତା ତେଜ ମୋତେ ଅଛଇ ଜଣା
ଫୁଲଶର ଆଗେ ପଡ଼ିଲେ ବୁଦ୍ଧି ହୁଅଇ ବଣା"

ମନେହୁଏ ସ୍ୱରଚିତ ଏହି ପଂକ୍ତିରେ ଯେପରି ରାଧାନାଥ ତାଙ୍କର ଚରିତ୍ରମାନଙ୍କ ସମ୍ବନ୍ଧରେ ଯାହାକିଛି କହିବାର କଥା ସବୁ କହି ଯାଇଛନ୍ତି। ତାହାହିଁ ତାଙ୍କର ଚରିତ୍ରମାନଙ୍କର ପ୍ରାଣବାଣୀ–ହେଉପଛେ ତାହା ନୀତିବିରୁଦ୍ଧ ଓ ଅସାମାଜିକ। ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ତାଙ୍କର ବହୁ ଚରିତ୍ର ଏ ପ୍ରାଣବାଣୀରେ ମୂର୍ତ୍ତି ପ୍ରତୀକ ହେଲେହେଁ କେତେକ ଏ ନିୟମର ବହିର୍ଭୂତ। ରାଜନନ୍ଦିନୀ, ରୂପସୀ, ଯୁବତୀ ନନ୍ଦିକା ରୂପ ଓ ରସର ସମ୍ଭାର ନେଇ ଯୁବକ ରାଜକୁମାରଙ୍କ ସମ୍ମୁଖରେ ଗଭିର ନିର୍ଜ୍ଜନତା ମଧ୍ୟରେ ସ୍ୱୟଂ ଦୂତିକା ଭାବେ ଦଣ୍ଡାୟ-ମାନ ହେଲେହେଁ ରାଜକୁମାରଙ୍କ ଅବିଚଳିତମନରେ ବିକାର ଆଭାସ ନାହିଁ-ପରନ୍ତୁ ସେ ନନ୍ଦିକାକୁ ଜାତିଦ୍ରୋହୀ ଦେଶଦ୍ରୋହୀ ଓ ପିତୃଦ୍ରୋହୀ

http://oaob.nitrkl.ac.in

ବୋଲି ଭର୍ତ୍ସନା କରିଛନ୍ତି । ଏ ଦୁଇ ଚରିତ୍ରର ପାର୍ଥକ୍ୟ ସୀମାହୀନ-ଅନନ୍ତ, ଜଣେ ଅନୈତିକତାର ପ୍ରତିମୂର୍ତ୍ତି, ଅନ୍ୟଜଣେ ନୈତିକତାର ମୂର୍ତ୍ତିମନ୍ତ ପ୍ରକାଶ, ଜଣେ ପିତା, ମାତା, ସ୍ୱଜନ ପରିବାରର ସ୍ନେହ ମମତାକୁ ତୁଚ୍ଛ କରି ଧାବମାନ ଅନ୍ୟଜଣେ କର୍ତ୍ତବ୍ୟର ନିଗଡ଼, ବନ୍ଧନରେ ବଦ୍ଧ । ଜଣେ ପ୍ରେମବାତ୍ୟାରେ ଶୁଷ୍କ ପତ୍ରତୁଲ୍ୟ ଉଡ୍ଡୀୟମାନ, ଅନ୍ୟର ହୃଦୟରେ ଯୌବନର ମାଦକତାର ଅଙ୍କୁରୋଦ୍‌ଗମର ଆଭାସ ବି ନାହିଁ । ବାସ୍ତବତାର କେତେ ଦୂରରେ ସେମାନେ ଜୀବନର ନିଷ୍ଠୁର ବାସ୍ତବତା, ସାହିତ୍ୟର ବାସ୍ତବତା ଠାରୁ ଦୂରରେ ହେଲେହେଁ ପଶୁ ଆଉ ଦେବତାର ଜୀବନ୍ତ ପ୍ରତିମୂର୍ତ୍ତି ରୂପେ ନନ୍ଦିକା ଓ ଶ୍ରୀହରିଙ୍କୁ ଯଥାକ୍ରମେ ଚିତ୍ରିତ କରିବା କଣ ବାସ୍ତବତାର ପରିପୂରକ ? ଏହାର ଠିକ୍ ବିପରୀତମୁଖୀ ସମାନ୍ତରାଳ ଚରିତ୍ର ଚନ୍ଦ୍ରଭାଗା ଓ ସୂର୍ଯ୍ୟ । ଚନ୍ଦ୍ରଭାଗା ଯୁବତୀ, ସୂର୍ଯ୍ୟ ଯୁବକ ବ୍ରାହ୍ମଣ । ବେଳାରେ ଧାବମାନ-ସିନ୍ଧୁ କୂଳରେ, ମନୋରମ ବାଲୁକା ପ୍ରଦେଶ-ସନ୍ଧ୍ୟାକାଳ,-ପ୍ରକୃତିରେ ଉଚ୍ଛ୍ୱାସର ପ୍ରାବଲ୍ୟ-ହେଲେହେଁ ମିଳନ ନାହିଁ-ଅଛି ମୃତ୍ୟୁ-ମର୍ମଦାହ-ବ୍ୟଥାର ଏକ କରୁଣ ପ୍ରକାଶ, ଚନ୍ଦ୍ରଭାଗା, ନନ୍ଦିକାର ଦୃଢ଼ ପ୍ରତିବାଦ । ଶ୍ରୀହରିଙ୍କ ସୂର୍ଯ୍ୟଙ୍କର ନମସ୍ୟ, ଉଭୟଙ୍କ ବାସ୍ତବତାର ଆଭାସ ପର୍ଯ୍ୟନ୍ତ ବି ନାହିଁ । ଗୋଟିଏ ଅନ୍ୟଟିର ସମ୍ପୂର୍ଣ୍ଣ ବିପରୀତ ଛବି ମାତ୍ର ଏଥିରେ ନୂତନତ୍ୱର ସାମାନ୍ୟ ଆଭାସ ବି ଦୃଷ୍ଟିପଥାରୂଢ଼ ହୁଏନାହିଁ । ପାର୍ଥକ୍ୟ କେବଳ ବର୍ଣ୍ଣନା ରୀତିର ଓ ଭାଷା ମାଧୁର୍ଯ୍ୟ ମଧ୍ୟରେ ସୀମାବଦ୍ଧ,ଯଯାତି କେଶରୀରେ ବିମଳାକୁ ସ୍ତ୍ରୀ ବୋଲି ଜାଣି ମଧ୍ୟ ଲଳିତାର ସମ୍ଭୋଗ କାମନା ଓ ତଦନୁସାରି କାର୍ଯ୍ୟାବଳୀ କେତେଦୂର ସମୀଚୀନ ଓ ବାସ୍ତବ ତାହା ଅନୁଧ୍ୟାନ ଯୋଗ୍ୟ, ପାଠକଙ୍କ ପ୍ରସଙ୍ଗ ଉତ୍ଥାପନ ନ କରିବା ହିଁ ଭଲ, କେବଳ ବର୍ଣ୍ଣନା ପାଟବ, ଭାଷା ସୌନ୍ଦର୍ଯ୍ୟ ଓ ପ୍ରକୃତି ଚିତ୍ରଣ ମାଧ୍ୟମରେ କବି ରାଧାନାଥ ଅମର

http://oaob.nitrkl.ac.in

ରହିଛନ୍ତି ହେଲେହେଁ ବାସ୍ତବତା ଓ ନୀତି ବହୁଛି ବିଷୟରେ ତାଙ୍କ ରଚନାବଳୀ ଦୁଷ୍ଟ ।

ଗଙ୍ଗାଧରଙ୍କ ସମସାମୟିକ ଅନ୍ୟତମ କୃତିକବି ମଧୁସୂଦନଙ୍କ ପ୍ରତି ଦୃଷ୍ଟିପାତ କଲେ ଆମେ ଦେଖୁଁ ସେ ଅତି ମାତ୍ରାରେ ନୀତିବାଦୀ । ନୀତିର ନିଗଡ଼ ମଧ୍ୟରେ ତାଙ୍କ ସାହିତ୍ୟର ଗୌରବ ମ୍ଳାନ ନ ହେଲେ ବି ସାହିତ୍ୟିକ ସୌନ୍ଦର୍ଯ୍ୟ ଓ ରସାନୁଭୂତିରୁ ବହୁପରିମାଣରେ ବଞ୍ଚିତ, ଆମେ ତାଙ୍କ କବିତାକୁ ସମ୍ମାନ ଦେଉ-ଗୌରବ ଦେଉ-ହେଲେହେଁ ତାଙ୍କ ରଚନା ଆମ ହୃଦୟକୁ ସ୍ପର୍ଶ କରେ ନାହିଁ । ତାହା ଆମକୁ ଅଭିଭୂତ କରେ, ଆଶ୍ଚର୍ଯ୍ୟାନ୍ୱିତ କରେ ହେଲେହେଁ ବିଶେଷ ଆନନ୍ଦ ପ୍ରଦାନ କରି ପାରେ ନାହିଁ । ଜଳ, ସ୍ଥଳ, ବାୟୁ, ପଦ୍ମ-ସବୁ ମଧ୍ୟରେ ଈଶ୍ୱରାନୁଭୂତି-ଅତିନ୍ଦ୍ରିୟ ବାସ୍ତବ ନୁହେଁ, ଇନ୍ଦ୍ରିୟାଶ୍ରିତ ଅନୁଭୂତିରେ ତାହା ବାସ୍ତବ ସତ୍ୟ ଓ ଚିରସୁନ୍ଦର ହେଲେହେଁ ଇନ୍ଦ୍ରିୟାନୁଭୂତିରେ ତାହା ଅବାସ୍ତବ, ବିସ୍ମୟକର ଓ ଚିତ୍ତୋଲ୍ଲାସକ ।

ଗଙ୍ଗାଧର ଏ ଦୁହିଁଙ୍କର ସମନ୍ୱୟ । ତାଙ୍କ ସାହିତ୍ୟରେ ବାସ୍ତବତା ଅଛି, ନୀତି ଅଛି, ଜୀବନର ଉନ୍ନତ ଚିତ୍ର ଅଛି- ସାହିତ୍ୟରେ ଯାହା ରହିବାର କଥା ତାହା ଅଛି-ଯେପରି ରହିବାର କଥା ଠିକ୍ ସେହିପରି ନ ହେଲେହେଁ ବହୁପରିମାଣରେ ସେହିପରି ରହିଛି । ନିର୍ଦ୍ଦୋଷ କାବ୍ୟ ନାହିଁ-ଥାଇ ନ ପାରେ । ସ୍ୱୟଂ ଈଶ୍ୱର ନିର୍ଗୁଣ ହେଲେ ବି ସଗୁଣ । ସେହିପରି ଗଙ୍ଗାଧରଙ୍କ କାବ୍ୟ ବହୁପରିମାଣରେ ନିର୍ଦ୍ଦୋଷ ହେଲେହେଁ ଦୋଷଶୂନ୍ୟ ନୁହେଁ । ହେଲେହେଁ ଗୁଣ ତୁଳନାରେ ଦୋଷ ନଗଣ୍ୟ ବୋଲି ଦୃଢ଼ ଭାବରେ କୁହାଯାଇ ପାରେ ଗଙ୍ଗାଧର ସୁ-ସାହିତ୍ୟିକ । ସାହିତ୍ୟର ବନ୍ଧୁର ବନ୍ଧୁର ମଞ୍ଜୁଳତା,

http://oaob.nitrkl.ac.in

ପ୍ରାଣର ଆବେଗ ଓ ଆବେଗର ଉଚ୍ଛ୍ୱାସ ନେଇ ତାଙ୍କର ରଚନା ମନୋଜ୍ଞ, ରସାଳ, ଶ୍ରୁତି ସୁଖକର, ଚିତ୍ତାକର୍ଷକ ଓ ହୃଦୟସ୍ପର୍ଶୀ ସବୁ। ତାହା ପାଠକକୁ ପ୍ରେମର ସନ୍ଧାନ ଦିଏ । ପ୍ରେମ ତ୍ୟାଗ କରିବାକୁ ନିର୍ଦ୍ଦେଶ ଦିଏ-ହୃଦୟକୁ ବିସ୍ଫାରିତ କରେ, ସବୁ ଉନ୍ନତ ସାହିତ୍ୟ ଭଳି ଏହା ଆତ୍ମାର ଉନ୍ନତି କାମନା କରେ।

ଗଙ୍ଗାଧରଙ୍କ ସାହିତ୍ୟରେ ଅଶ୍ଳୀଳତା ନାହିଁ, କେଉଁଠାରେ ବି ହେଲେ ଅନ୍ୟାୟ, ଅବୈଧ ବା ଅସାମାଜିକତାର ଚିତ୍ର ସେ ଦେଇ ନାହାନ୍ତି । ଯେଉଁଠାରେ ଦେଇଛନ୍ତି ସେଠାରେ ତାଙ୍କର ଲେଖନୀ ସଂଯତ, ନୀତିର ବିରୁଦ୍ଧାଚରଣ କରି ଉଚ୍ଛୃଙ୍ଖଳ ପ୍ରେମର ଅବାଧ୍ୟତା ତାଙ୍କ ସାହିତ୍ୟରେ ନାହିଁ । ତାଙ୍କର ରାମଚନ୍ଦ୍ର ଓ ସୀତା ପ୍ରକୃତ ପତି ପତ୍ନୀ । ଦୈହିକ ମିଳନ ଅପେକ୍ଷା ମାନସିକ ମିଳନହିଁ ସେମାନଙ୍କ ଚରିତ୍ରର ବୈଶିଷ୍ଟ୍ୟ । ରାମଚନ୍ଦ୍ର କର୍ତ୍ତବ୍ୟାନୁରୋଧରେ ପ୍ରାଣସମା ପତ୍ନୀଙ୍କୁ ତ୍ୟାଗ କରିଛନ୍ତି, ହେଲେହେଁ ମାନବସୁଲଭ ଗୁଣରାଜିରେ ସେ ବିଭୂଷିତ, ମର୍ମାହତ । ନୟନର ଅଶ୍ରୁ ଓ ପ୍ରାଣର ଆବେଗ ତାର ପ୍ରକୃତ ପରିଚୟ ଦିଏ । ପ୍ରକୃତ ପ୍ରେମିକ ହୃଦୟର ପରିଚୟ ଓ ଅନ୍ତର ମନୋଭାବ ଏଠାରେ ପ୍ରକଟିତ । ରାମଚନ୍ଦ୍ର ରାଜା ହେଲେହେଁ ସେ ପତ୍ନୀବତ୍ସଳ ସ୍ୱାମୀ-ପ୍ରେମିକ । ସୁତରାଂ କର୍ତ୍ତବ୍ୟ ପାଇଁ ପତ୍ନୀକୁ ବିସର୍ଜନ କଲେହେଁ ତାଙ୍କ ହୃଦୟର ଆବେଗ ଓ ପ୍ରାଣସ୍ପନ୍ଦନ ମୃତ ନୁହେଁ । ଏ ବର୍ଣ୍ଣନା ସାମାଜିକ, ସୁତରାଂ ବାସ୍ତବ । ପତ୍ନୀ ପାଇଁ ରାଜ୍ୟ ତ୍ୟାଗ କିମ୍ବା ପ୍ରଜାର ବିରୁଦ୍ଧାଚରଣ ସାମାଜିକ ନୁହେଁ ସୁତରାଂ ଅବାସ୍ତବ । ଯେଉଁମାନେ ରାମଚନ୍ଦ୍ରଙ୍କର ଏତାଦୃଶ ଆଚରଣକୁ ଅବାସ୍ତବ ଓ ଆଦର୍ଶ ପରତନ୍ତ୍ର ବୋଲି କହନ୍ତି ସେମାନେ ହୁଏତ ଜାଣନ୍ତି ନାହିଁ ଯେ ସାମାଜିକତାହିଁ ବାସ୍ତବତା ଓ

http://oaob.nitrkl.ac.in

ଅସାମାଜିକତାହିଁ ଅବାସ୍ତବତା । ସୀତାଙ୍କର ଚରିତ୍ର ବିଶ୍ଳେଷଣ କଲେ ମନେହୁଏ ଏ ଚରିତ୍ର ବାସ୍ତବମୁଖୀ ନ ହୋଇ ଅନେକାଂଶରେ ଆଦର୍ଶାଭିମୁଖୀ ହୋଇ ପଡ଼ିଛି, କିନ୍ତୁ ପ୍ରକୃତପକ୍ଷେ ଏହା ସତ୍ୟ ନୁହେଁ । ମୁନି ମୁଖରୁ ଅଶ୍ୱମେଧ କଥା ଶ୍ରବଣ ମାତ୍ରେ ସୀତା ବ୍ୟଥିତ ହୋଇଛନ୍ତି । ବ୍ୟଥାର କାରଣ ରାମଚନ୍ଦ୍ରଙ୍କର ଅନ୍ୟ ପତ୍ନୀଗ୍ରହଣର ସମ୍ଭାବନା । ତେବେ ପ୍ରଶ୍ନ ଉଠେ ସୀତା ରାମଙ୍କ ଉପରେ କ୍ରୋଧ ପ୍ରକାଶ ନ କରି ବିଶ୍ୱସ୍ତା ପତ୍ନୀର ତପସ୍ୟାର କଠୋରତା ବିଷୟ ଜିଜ୍ଞାସା କଲେ କାହିଁକି ? ସପତ୍ନୀର ଅସୂୟାଭାବ ତାଙ୍କୁ ଗ୍ରାସ ନ କଲା କାହିଁକି ?

> "ଧୀରବର ସେ କଥାକୁ ଯେବେ ଭୂମି ଶ୍ରୁତି
> ଆଣିବ ଯଦ୍ୟପି ଧୀମା ବୈଦେହୀର ସ୍ମୃତି
> ବୈଦେହୀର ପ୍ରତିମୂର୍ତ୍ତି ମଣିବ ସ୍ୱପନ
> ରହିଁ ନବ ପ୍ରଣୟି ମା ପ୍ରଫୁଲ୍ଲ ଲପନ ।"

ଏହି ପଂକ୍ତି ମଧ୍ୟରେ ପ୍ରଚ୍ଛନ୍ନ ଅସୂୟାର ଇଙ୍ଗିତ ରହିଛି । ଏହା ପ୍ରକୃତରେ ଅସୂୟା ନୁହେଁ-ଗଭୀର ଅଭିମାନର ଇଙ୍ଗିତ । ଅଭିମାନର ପାହାଡ଼ ତଳେ ଚାପି ହୋଇ ରୁଦ୍ଧଶ୍ୱାସ ହୋଇଛନ୍ତି ପତିସ୍ନେହ-ସୋହାଗାଭିମାନିନୀ ସୀତା । ସୀତା ସଦ୍‌ବଂଶଜା, ସତ୍‌ଶିକ୍ଷା ଗ୍ରହିଣୀ, ତେଣୁ ଇତର ଲୋକ ପରି ସେ ପତିଙ୍କ ପ୍ରତି କ୍ରୋଧ ପ୍ରକାଶ କରି ନ ପାରନ୍ତି । ଅଭିମାନ ହିଁ ତାଙ୍କର ପ୍ରଧାନ ସମ୍ବଳ । ନିର୍ବାସିତ ହୋଇ ମଧ୍ୟ ପତିଙ୍କୁ ସେଥି ପାଇଁ ଦାୟୀ ନ କରିବା ମହତ୍ ହୃଦୟର ପରିଚୟ । ହୃଦୟ ସହିତ ହୃଦୟର ଯେଉଁଠି ମିଳନ-ମନ ସହିତ ମନର ଯେଉଁଠି ମିଳନ—ସେଠି ନିଜକୁ ଦୋଷୀ ସାବ୍ୟସ୍ତ କରିବା ସ୍ୱାଭାବିକ ଓ ତାହା ଅଭିମାନ ବ୍ୟତୀତ ଅନ୍ୟ କିଛି ନୁହେଁ, ସେଠି

http://oaob.nitrkl.ac.in

ଅଭିମାନ ମାଧ୍ୟମରେ ଦୈହିକ ବା ପାର୍ଥିବ ନୁହେଁ, ଅଧିକ ମାନସିକ ସ୍ନେହ ପାଇବାର ସ୍ପଷ୍ଟ ଦାବୀ ବହନକରୁଛି । ସାଧାରଣ ଦୃଷ୍ଟି କୋଣରୁ 'ଏହା ଅବାସ୍ତବ ମନେ ହେଲେହେଁ ମନସ୍ତାତ୍ତ୍ୱିକ ଦୃଷ୍ଟି କୋଣରୁ ଏହା ନିହାତି ବାସ୍ତବ । ଉଦଦ୍ଧୃତ ଶିକ୍ଷା ଓ ଅନ୍ତରର ସ୍ନେହ ନେଇ ସୂକ୍ଷ୍ମ ଦୃଷ୍ଟିରେ ପର୍ଯ୍ୟାଲୋଚନା କଲେ ସୀତାଙ୍କର ଚରିତ୍ର ବାସ୍ତବମୁଖୀ ବୋଲି ମାନିବାକୁ ବାଧ୍ୟ ହେବାକୁ ହୁଏ ।

"କୀଚକ ବଧ" ପ୍ରତି ଦୃଷ୍ଟି ଦେଲେ ଆମେ ଦେଖୁଁ ଚପଳା ଅନ୍ୟାୟ ପ୍ରେମରେ କୀଚକକୁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତ ହେଲେହେଁ ସୁଦେଷ୍ଣାଙ୍କ ଉପ୍ପରେ ସେ ଉପୃଥିତ, ପାର୍ଥିବ ଉନ୍ନତି ଆଶାରେ ଅନୀତି ପଥରେ ଅଗ୍ରସର ହେବା ଏବଂ ଅଗ୍ରସର ହେଲେ ମଧ୍ୟ ପରବର୍ତ୍ତି ପ୍ରତି ଦୃଷ୍ଟି ଦେଇ ଉପୃଥିତ ହେବା—ନୀତି ଓ ଅନୀତିର ଏ ଦ୍ୱନ୍ଦ୍ୱ ବାସ୍ତବିକ ହୃଦୟସ୍ପର୍ଶୀ, ବାସ୍ତବ ଓ ସାମାଜିକ ।

ସୁଖ, ଦୁଃଖ, ହର୍ଷ, ବିଷାଦ, ଉଚ୍ଚ, ନୀଚ, କୁପୁରୁଷ ଏସବୁର ସମଷ୍ଟିରେ ସମାଜ ଗଠିତ, ସାହିତ୍ୟରେ ମଧ୍ୟ ଏସବୁର ସ୍ଥାନଅଛି । ଗଙ୍ଗାଧରଙ୍କ କାବ୍ୟରେ ରାମଚନ୍ଦ୍ରଙ୍କପରି ଧାର୍ମିକ, ପତ୍ନୀପ୍ରେମୀ, ସଚ୍ଚରିତ୍ର, ପୁରୁଷ, କାମୁକ, ନୀଚଗୁଣାଶ୍ରିତ କୀଚକ ପରି କୁପୁରୁଷ ସୀତା ଓ ସୁଦେଷ୍ଣାଙ୍କ ପରି ସୁଗୁଣସମ୍ପନ୍ନା ନାରୀ ଓ ଚପଳାପରି କୁଚକ୍ରୀ ଅନ୍ୟାୟବ୍ରତା ଦାସୀ ଚରିତ୍ରର ଅଭାବ ନାହିଁ । ବନବାସ କାଳରେ ରାମ ସୀତାଙ୍କର, ଆଶ୍ରମରେ ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କର ସୁଖମୟ ପ୍ରେମର ବର୍ଣ୍ଣନା ସାଙ୍ଗକୁ ନିର୍ବାସିତା ସୀତା ଓ ପତି ପରିତ୍ୟକ୍ତା ଶକୁନ୍ତଳାରେ ମର୍ମଦାହୀ ଦୁଃଖର ମନୋରମ ଅଥଚ କରୁଣ ଚିତ୍ର ରହିଛି । ସେକ୍ସପିଅରଙ୍କ ପରି ସମାଜର ଅଧିକାଂଶ ଚରିତ୍ରର ଯଥାଯଥ ଓ ମନୋରଞ୍ଜନ ଚିତ୍ରଣରେ ସିଦ୍ଧହସ୍ତତା ଲଭିକରି

http://oaob.nitrkl.ac.in

ନଥିଲେହେଁ ଗଙ୍ଗାଧର ଆମ ସମାଜର ବହୁବିଧ ଚରିତ୍ରମାନଙ୍କର ସମାନ୍ତରାଳ ଚିତ୍ର ଦେବାରେ ଅନେକାଂଶରେ ସଫଳକାମ ହୋଇଛନ୍ତି; ବିଭିନ୍ନ ଚରିତ୍ର ଚିତ୍ରଣରେ ସିଦ୍ଧହସ୍ତତା ଦୃଷ୍ଟିରୁ କେବଳ ଫକୀରମୋହନହିଁ ତାଙ୍କୁ ଅତିକ୍ରମ କରିପାରନ୍ତି ।

ବିଷୟବସ୍ତୁ ଗ୍ରହଣ, ବର୍ଣ୍ଣନା ପାଟବ, ଭାଷାସମ୍ଭାର ପ୍ରକୃତି ଚିତ୍ରଣ ଓ ଛନ୍ଦ ପ୍ରଭୃତି ଦିଗରୁ ଗଙ୍ଗାଧର ତାଙ୍କର ପୂର୍ବବର୍ତ୍ତୀ, ସମସାମୟିକ ଓ ପରବର୍ତ୍ତୀ, ସାହିତ୍ୟିକମାନଙ୍କଠାରୁ କୌଣସି ଦିଗରୁ ନ୍ୟୂନ ନୁହନ୍ତି । ବିଷୟବସ୍ତୁ ଦିଗରୁ ବିଚାରକଲେ ଆମେ ଦେଖୁଁ ରାଧାନାଥଙ୍କ ପରି ଗଙ୍ଗାଧର ମଧ୍ୟ ମୌଳିକ ପ୍ରତିଭାର ଅଧିକାରୀ ନୁହନ୍ତି । ହେଲେହେଁ ରାଧାନାଥଙ୍କ ପରି ବୈଦେଶିକ ବିଷୟବସ୍ତୁ ଗ୍ରହଣ ନ କରି ସେ ଦେଶୀୟ କଥା ବସ୍ତୁ ପ୍ରତି ଦୃଷ୍ଟିପାତ କରି ତାଙ୍କ ଦେଶପ୍ରେମର ପରିଚୟ ଦେଇଛନ୍ତି । ବିଷୟବସ୍ତୁ ନିର୍ବାଚନ, ଚରିତ୍ର ଚିତ୍ରଣ ସର୍ବ ଦୃଷ୍ଟିରୁ ସେ ରାଧାନାଥ ସାହିତ୍ୟର ମୌଳ ପ୍ରତିବାଦ ହେଲେହେଁ ବିଷୟବସ୍ତୁ ଗ୍ରହଣ ଦୃଷ୍ଟିରୁ ଅନୁସରଣ ଓ ଅନୁକରଣ ମାଧ୍ୟମ ଗ୍ରହଣ ନକରି ରଚନାକୁ ବହୁପରିମାଣରେ ନିଜସ୍ୱ ଅଭିଜ୍ଞତା, ପରିସ୍ଥିତି ଓ ପରିବେଶ ଦୃଷ୍ଟିରୁ ଚିତ୍ରଣ କରି ରାଧାନାଥ ଓ ଗଙ୍ଗାଧର ତାହାକୁ ମୌଳିକ ରଚନାଭାବେ ପରିଚିତ କରାଇବାରେ କମ୍ ଚେଷ୍ଟାକରି ନାହାନ୍ତି । ସେମାନଙ୍କର ସେ ଚେଷ୍ଟା ବହୁ ପରିମାଣରେ ସଫଳ ହୋଇଛି କହିଲେ ହୁଏତ ଠିକ୍ ହେବ ।

ପ୍ରକୃତି ଚିତ୍ରଣ ଦିଗରୁ ତାଙ୍କର ପୂର୍ବବର୍ତ୍ତୀ ଓ ସମସାମୟିକ ଓଡ଼ିଆ କବିମାନଙ୍କ ଅପେକ୍ଷା ଗଙ୍ଗାଧର ସ୍ୱତନ୍ତ୍ର ଓ ନୂତନ ପଥର ଯାତ୍ରୀ । ପ୍ରକୃତିକୁ ଚେତନାଶୀଳ ଓ ଗତିଶୀଳ କରି ଦେଖିବାରେ ଗଙ୍ଗାଧର ଆମ ସାହିତ୍ୟରେ ପ୍ରଥମ । ପ୍ରକୃତିମଧ୍ୟରେ

http://oaob.nitrkl.ac.in

ମାନବିକ ଗୁଣରାଜିର ଆଶ୍ରୟ ପ୍ରଦାନ କରିବାରେ ଗଙ୍ଗାଧରହିଁ ଅଗ୍ରଣୀ ତାଙ୍କର । ପ୍ରକୃତ Friend, ' Philosopher and guide କେବଳ ଚରିତ୍ର ଚିତ୍ରଣ ନୁହେଁ ଉଭୟ ପ୍ରକୃତର ଏକ ମନୋଜ୍ଞ ସମନ୍ୱୟ ସାଧନ ମେହେରଙ୍କର ବୈଶିଷ୍ଟ୍ୟ । ଏଥିପାଇଁ ଗଙ୍ଗାଧର ସଂସ୍କୃତ ସାହିତ୍ୟ ନିକଟରେ ଋଣୀ, ନିଶ୍ଚିତ କଥା । ହେଲେହେଁ ଋଣଆଣି ବ୍ୟବସାୟ କରିବାର ସାହସ ଓ ଦମ୍ଭ କେତେଜଣଙ୍କର ଥାଏ ? ଏବଂ ସେହି ବ୍ୟବସାୟରେ ଧନ ଓ ପ୍ରତିଷ୍ଠାଲାଭ କରିବା କେତେଜଣଙ୍କ ଭାଗ୍ୟରେ ଘଟେ ? ଗଙ୍ଗାଧର ବାସ୍ତବିକ୍ ଭାଗ୍ୟବାନ ! ବିଭୂଦତ୍ତ ଟଙ୍କାନେଇ ତାଙ୍କର ଜନ୍ମ;ସେ ସ୍ୱଭାବ କବି, ଋଣ କରି ସେ ଯେଉଁ ବ୍ୟବସାୟ ଆରମ୍ଭକରିଥିଲେ ତାହା ତାଙ୍କୁ ପ୍ରତିଷ୍ଠା ଆଣିଦେଇଛି—ଏହା କମ ଗୌରବର କଥା ନୁହେଁ ।

ଗଙ୍ଗାଧର ଉତ୍କଳରେ ବେଶୀ ଜନପ୍ରିୟ ତାଙ୍କର ଛନ୍ଦ ମାଧୂର୍ଯ୍ୟ ଯୋଗୁଁ । ତାଙ୍କ ସାହିତ୍ୟ ସଙ୍ଗୀତମୟୀ, ଶ୍ରୁତିସୁଖକର ଓ ସୁଲଳିତ କିନ୍ତୁ ଛନ୍ଦ ସାହିତ୍ୟର ଏକ ଗୌଣ ବିଭାଗ । ସୁତରାଂ ତାହାର ସବିଶେଷ ବିଚାର ଏଠାରେ ନିଷ୍ପ୍ରୟୋଜନ । ରଚନାର ଅନ୍ୟ ଏକ ପ୍ରଧାନ ବିଭାବ ଭାବ ଓ ଭାଷା ସଙ୍ଗତି, ଗଙ୍ଗାଧର ସାହିତ୍ୟ କିପରି ଭାବ ସମ୍ପଦରେ ମହୀୟାନ ତାର ବିଚାର ପୂର୍ବରୁ କରାଯାଇଅଛି । ଭାଷା ଭାବର ଏକ ଉପାଦାନ । ଭାଷା ଦୃଷ୍ଟିରୁ ଗଙ୍ଗାଧରଙ୍କ କାବ୍ୟ କବିତା ସୁଧାନାଥୀୟ ପ୍ରସାଦ ଗୁଣ ସାଂଗକୁ ପ୍ରାଚୀନ କାବ୍ୟର ବଚନ ଚାତୁରୀର ଏକ ମନୋହର ମିଶ୍ରଣ ।

ଇତର କବିପରି ଦୁଇଟା ମିଠାକଥା କହି ସ୍ତ୍ରୋ ନାମ ନେବାରେ ତାଙ୍କର ବ୍ୟକ୍ତିତ୍ୱ ସୀମାବଦ୍ଧ ନୁହେଁ । ତାଙ୍କର

http://oaob.nitrkl.ac.in

ସମଗ୍ର ରଚନାରେ ଆମେ ଏକ ବିରାଟ ପ୍ରତିଭାର ପରିଚୟ ପାଉଁ । ନାନା ବାଧା ବିପଦ ମଧ୍ୟରେ ଗତି କରି ମଧ୍ୟ ସେ ଚିରପରିବର୍ତ୍ତମାନ କ୍ଷଣସ୍ଥାୟୀ ଦୈନନ୍ଦିନ ଘଟଣାପ୍ରବାହରେ ଇତର ଲୋକପରି ମୁହ୍ୟମାନ ହୋଇ ପଡ଼ିନାହାନ୍ତି । ଜୀବନରେ ଯାହା କିଛି ସତ୍ୟ, ଚିରନ୍ତନ, ତାର ସନ୍ଧାନ ସେ ଦେଇଛନ୍ତି । ଶୁଣା କଥାରେ ଭାସି ନଯାଇ ସେ ନିଜେ ଜଗତକୁ ଯେପରିଭାବରେ ଦେଖିଛନ୍ତି ତାର ଏକ ସୁନ୍ଦର ଓ ମାର୍ଜିତ ରୂପ ଦେବାରେ ଯଥେଷ୍ଟ କୌଶଳ ଦର୍ଶାଇଛନ୍ତି ଓ ବହୁପରିମାଣରେ ସଫଳକାମ ହୋଇଛନ୍ତି ।

କବିଙ୍କ ଦେଶାତ୍ମବୋଧ ତାଙ୍କ ସାହିତ୍ୟରେ ବହୁଭାବରେ ପ୍ରକଟିତ । ନିଜ ଜନ୍ମଭୂମି ଉତ୍କଳକୁ ସେ କିପରି ଭଲପାଉଥିଲେ ତାହା 'ଉତ୍କଳ ଲକ୍ଷ୍ମୀ'ରେ ପରିସ୍ଫୁଟ । କଳ୍ପନା ଜଗତରେ କବିଙ୍କ ଆଖିକୁ ଉତ୍କଳ ସର୍ବସୁନ୍ଦର ଦିଶିଲେ ହେଁ ଓଡ଼ିଆ ଜାତି କେଉଁ ନିମ୍ନସ୍ତରରେ ପଡ଼ି ରହିଥିଲା, କବି ତାହା ହୃଦୟଙ୍ଗମ କରିଥିଲେ । ସେଥିପାଇଁ ବହୁ କବିତାରେ ଦେଶବାସୀଙ୍କୁ ସେମାନଙ୍କ ଦୋଷ ଦୁର୍ବଳତା ଦର୍ଶାଇବାରେ ସେ କୁଣ୍ଠାବୋଧ କରିନାହାନ୍ତି । "ଉଦ୍‌ବୋଧନ" କବିତାଟି ଏ ଦୃଷ୍ଟିରୁ ଦ୍ରଷ୍ଟବ୍ୟ । "ତାଙ୍କୁ ମଧ୍ୟ ବୋଲିଆନ୍ତି ଧର୍ମ ଅବତାର" କବିତାରେ ସାମାଜିକ ଅନ୍ୟାୟ ଓ ଅତ୍ୟାଚାରର ଏକ ନିଷ୍ଠୁର ଚିତ୍ର ପ୍ରଦାନ କରିଅଛନ୍ତି ଏବଂ ସେଗୁଡ଼ିକ ପ୍ରତି ତୀକ୍ଷ୍ଣ ବାଣ ପ୍ରୟୋଗ କରିଛନ୍ତି ।

ଗଙ୍ଗାଧରଙ୍କ ଜନ୍ମ ସମୟକୁ ଓଡ଼ିଶାର କୌଣସି ସ୍ୱତନ୍ତ୍ର ସତ୍ତା ନଥିଲା । ଓଡ଼ିଆ ଭାଷାର ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଥିଲା । ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, କବିସୂର୍ଯ୍ୟ, ଗୋପାଳକୃଷ୍ଣ ଏବଂ ବନମାଳୀ ପ୍ରମୁଖଙ୍କ ଲେଖା ଅଙ୍କିତହୋଇ ପଡ଼ିଥିଲା । ଚଉତିଶୀ

http://oaob.nitrkl.ac.in

ରାଜ୍ୟର ଲୋକେ ଓଡ଼ିଶା ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ଏକ ନିଷ୍ଠୁର ଅପପ୍ରଚାର ଚଳାଇଥିଲେ । ଗଙ୍ଗାଧରଙ୍କ ନିଜ 'ଜିଲ୍ଲାର' ସଂରକ୍ଷଣ ଭାଷାଥିଲା-ହିନ୍ଦୀ, କାରଣ ତାହା ମଧ୍ୟପ୍ରଦେଶର ଏକ ଅଙ୍ଗ ବିଶେଷ ଥିଲା ।

ବାଲେଶ୍ୱର ଜିଲ୍ଲାରୁ ରାଧାନାଥ, ଫକୀରମୋହନ କଟକରୁ ମଧୁସୂଦନଙ୍କ ଭଳି ସମ୍ବଲପୁରରୁ ମେହେର ମନୋହୁଏ ସତେ ଯେପରି ମୃତପ୍ରାୟ ଓଡ଼ିଆ ଭାଷାକୁ ଓ ମ୍ରିୟମାଣ ଓଡ଼ିଆ ଲୋକଙ୍କୁ ପୁନର୍ଜୀବନ ଦେବାପାଇଁ ଦେବପ୍ରେରିତ ହୋଇ ଜନ୍ମଗ୍ରହଣ କଲେ । ସେ ତାଙ୍କର ମୃତ୍ୟୁ ବେଳକୁ ଓଡ଼ିଆ ନିଜର ଭାଷାଲାଗି ଯେପରି ଗର୍ବ ଅନୁଭବ କରିପାରିବ ଓ ସମ୍ମାନ ଲାଭ କରିପାରିବ, ସେଭଳି ସରସ ସୁନ୍ଦର ଓ ଜୀବନ୍ତ ସାହିତ୍ୟ ସୃଷ୍ଟି କରିଯାଇଥିଲେ । ଆଧୁନିକ କବି ଓ ସାହିତ୍ୟିକମାନଙ୍କ ମଧ୍ୟରୁ ଆମେ ଗଙ୍ଗାଧରଙ୍କ ବିଷୟ ଯେତେବେଶୀ ଚିନ୍ତାକରୁ ସେତିକି ଅଧିକ ଗର୍ବ ଅନୁଭବ କରୁ ।

ଓଡ଼ିଶାର ଐକ୍ୟ ପ୍ରତିଷ୍ଠା ଦିଗରେ କବି ଗଙ୍ଗାଧରଙ୍କ ଦାନ— ଯଥେଷ୍ଟ । ଆଜିକାଲି ଆମେ ବୃହତ୍ତର ଦୃଷ୍ଟିକୋଣରୁ ଦେଶ ଦେଶ ମଧ୍ୟରେ, ଜାତି ଜାତି ମଧ୍ୟରେ ଏକତା ଓ ସଂହତି ରକ୍ଷାକରି ବିଶ୍ୱମୈତ୍ରୀ ପ୍ରତିଷ୍ଠା ପାଇଁ ଚିନ୍ତା କରୁଥିଲା ବେଳେ ଉପକୂଳବର୍ତ୍ତୀ ଓଡ଼ିଶା ଓ ପଶ୍ଚିମ ଓଡ଼ିଶା ମଧ୍ୟରେ ଭାବଗତ ସଂହତି ରକ୍ଷା ସମ୍ବନ୍ଧରେ ସଚେତନ ନୋହୁଁ । ସେ ବିଷୟରେ ଚିନ୍ତା କରିବାର ଅବକାଶ ଆମର ଅଛି କି ନା ସନ୍ଦେହ । ଗଙ୍ଗାଧର ପଶ୍ଚିମ ଓଡ଼ିଶାର ଲୋକହୋଇ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ସାହିତ୍ୟ ସୃଷ୍ଟିକରି ଓଡ଼ିଶାବାସୀ ଓ ଓଡ଼ିଆଭାଷାର ଯେଉଁ ସେବା କରିଛନ୍ତି ଓ ଏହି ଦୁଇ ଅଞ୍ଚଳ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ପାଇଁ ଯେଉଁ ଅକ୍ଳାନ୍ତ

http://oaob.nitrkl.ac.in

ଚେଷ୍ଟା କରିଛନ୍ତି ତାହା ବାସ୍ତବିକ ଅପୂର୍ବ, ଅଭିନବ ଓ ପ୍ରଶଂସାର୍ହ ।

ଗଙ୍ଗାଧର ବାସ୍ତବିକ୍ ପ୍ରତିଷ୍ଠାବାନ ସାହିତ୍ୟିକ । ବିଦ୍ଵତ୍ତା ବ୍ୟତିରେକେ ଏ ପ୍ରତିଷ୍ଠା ସମ୍ଭବ ନୁହେଁ । ଗଙ୍ଗାଧରଙ୍କର ସାଧନା ଅଛି, ହେଲେହେଁ ସାଧନା କ୍ଳିଷ୍ଟ ସାହିତ୍ୟ ରଚନାର କାରଣ ନୁହେଁ । ଈଶ୍ଵର ଭକ୍ତିକୁ ପ୍ରଧାନ ପାଥେୟ ଓ ସମ୍ବଳକରି ସେ ଗଢ଼ିଛନ୍ତି ବିଶାଳ ପ୍ରାସାଦୋପମ ତାଙ୍କର ସାହିତ୍ୟିକ କୃତି । ଏହି ଈଶ୍ଵରଭକ୍ତି ତାଙ୍କ କାବ୍ୟ କବିତାର ଛତ୍ରେ ଛତ୍ରେ ପ୍ରତିଫଳିତ । ଜୀବନ ଓ ପରମସ୍ରଷ୍ଟାଙ୍କ ନିକଟରେ ପ୍ରଣତ ହେବାର ବୀଜ ତାଙ୍କର ରକ୍ତଗତ । ଗଙ୍ଗାଧରଙ୍କ ପ୍ରାଥମିକ ରଚନା 'ଅହଲ୍ୟାସ୍ତବ' ଏହାର ଏକ ଉଜ୍ଜ୍ଵଳ ଦୃଷ୍ଟାନ୍ତ । ଉଦାତ୍ତତତ୍ତ୍ଵ ସଙ୍ଗେ ଚିନ୍ତାର ଭକ୍ତି ଓ ମଧୁର ସଙ୍ଗୀତର ତ୍ରିବେଣୀ ସଂଯୋଗ ଘଟିଛି ତାଙ୍କର ଭକ୍ତି କବିତାରେ । "ଭକ୍ତି" କବିତାଟି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ବାସ୍ତବିକ ଏକ ଅମୂଲ୍ୟ ରତ୍ନ । ଏକ ଦୁଃସ୍ଥ ଦରିଦ୍ର ପରିବାରରେ ଗଙ୍ଗାଧରଙ୍କର ଜନ୍ମ—ଶିକ୍ଷାଲାଭର କୌଣସି ସୁଯୋଗ ବା ସମ୍ବଳ ତାଙ୍କର ନଥିଲା । ରାଧାନାଥ ମଧୁସୂଦନ ଜୀବଦ୍ଦଶାରେ ଉଚ୍ଚ ପଦାଧିଷ୍ଠିତ ବ୍ୟକ୍ତିଥିଲେ । ଫକୀର ମୋହନ କେତେକ ସାମନ୍ତ ରାଜ୍ୟର ଦେଓ୍ଵାନ ଥିଲେ । ନନ୍ଦକିଶୋର ଓ ଚନ୍ଦ୍ରମୋହନଙ୍କ ଅବସ୍ଥା ମଧ୍ୟ ସ୍ଵଚ୍ଛଳ ଥିଲା । କିନ୍ତୁ ଗଂଗାଧର ଅବସ୍ଥା ଶୋଚନୀୟ ଥିଲା, ହେଲେହେଁ କବୀରଙ୍କ ପରି ସେ—

ସାଇଁ ଏତୋ ଦିଜିଓ ଯା ମେ
କୁଟୁମ୍ବ ବାଁଟ୍‌ୟା
ମୈଁ ଭି ଭୁଖା ନା ରହୁଁ
ସାଧୁ ଭୁଖା ନ ଯାୟ—

http://oaob.nitrkl.ac.in

ବୋଲି କେବେହେଲେ ଗାଇ ନାହାନ୍ତି, ଗଭୀର ଆଧ୍ୟାତ୍ମିକ ଭାବ କବିଙ୍କୁ ସମସ୍ତ ଅଭାବ ଅସୁବିଧା ଓ ଅଭିଯୋଗକୁ ଭୁଲି ଯିବାକୁ ପ୍ରେରଣା ଦେଇଛି । ଯେ ନିଜକୁ ଅମୃତସନ୍ତାନ ବୋଲି ମନେ କରିଛନ୍ତି, ଜୀବନ ଓ ଜଗତକୁ ଈଶ୍ୱରମୟ, ଆନନ୍ଦମୟ ଓ ଅମୃତମୟ ମନେ କରିବା କେତେଜଣଙ୍କ ପକ୍ଷେ ସମ୍ଭବ ? ପ୍ରକୃତପକ୍ଷେ ଗଂଗାଧର ଉଚ୍ଚକୋଟୀର ସାହିତ୍ୟିକ—ଈଶ୍ୱର ଦତ୍ତ ପ୍ରତିଭା, ଜ୍ଞାନାହରଣର ସ୍ୱଳ୍ପତାକୁ ଅତିକ୍ରମ କରି ତାଙ୍କୁ ପ୍ରତିଷ୍ଠା ଆଣି ଦେଇଛି, ସେ ପ୍ରକୃତରେ ଆଜିର ଓଡ଼ିଆ ସାହିତ୍ୟର ଦିଗ୍‌ଦ୍ରଷ୍ଟା ଓ ପ୍ରତ୍ୟେକ ଓଡ଼ିଆର ନମସ୍ୟ ।

ତାଙ୍କର ସମସାମୟିକ ସାହିତ୍ୟସେବୀ ରାଧାନାଥ, ମଧୁସୂଦନ ଓ ଫକୀର ମୋହନଙ୍କ ପରି ସେ ମଧ୍ୟ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସୁପ୍ରତିଷ୍ଠିତ । ରାଧାନାଥ ପ୍ରେୟ ସାହିତ୍ୟ ପ୍ରଚୁର ଦିଗରୁ, ମଧୁସୂଦନ ଶ୍ରେୟ ସାହିତ୍ୟର ମନୋରମ ପ୍ରକାଶ ଦୃଷ୍ଟିରୁ ଓ ଫକୀରମୋହନ ଚରିତ୍ର-ଚିତ୍ରଣ କଳାରେ ତାଙ୍କୁ ଅତିକ୍ରମ କରି ଯାଇଛନ୍ତି, ହେଲେହେଁ ସମଗ୍ର କୃତିର ବିଚାରରେ ଗଂଗାଧର ସେମାନଙ୍କଠାରୁ ମହତ୍ତର ଓ ଉଚ୍ଚତର ଆସନରେ ଆସୀନ ହେବେ ଏଥିରେ ସନ୍ଦେହ ନାହିଁ । ଗଂଗାଧର ପ୍ରକୃତପକ୍ଷେ ସୁସାହିତ୍ୟିକ, ତାଙ୍କର ସାହିତ୍ୟିକ ପ୍ରତିଭାର ସମୁଚିତ ବିଚାର ହେଲେ ତାଙ୍କ ପ୍ରତିଭାର ପ୍ରକୃତ ପୂଜା ହୋଇ ପାରିବ ।

---

http://oaob.nitrkl.ac.in

ଗଙ୍ଗାଧରଙ୍କ ଗଦ୍ୟ ଓ ପଦ୍ୟ ସାହିତ୍ୟ

ଶ୍ରୀ ବ୍ରହ୍ମାନନ୍ଦ ସିଂହ

ଗଙ୍ଗାଧରଙ୍କ ଗଦ୍ୟରଚନା ଅତି ଅଳ୍ପ । ପ୍ରକାଶିତ ଗ୍ରନ୍ଥାବଳୀରେ କେବଳ ଚାଳିଶି ପୃଷ୍ଠାରେ ଏହା ସୀମିତ ହୋଇଅଛି । ଏହାଛଡ଼ା 'ଇ' କାର ଭେଦ ଓ 'ର୍' 'ରୁ' ଭେଦର ପାର୍ଥକ୍ୟ ଦର୍ଶାଇ ଅନ୍ୟଦଓଟି ଗଦ୍ୟ ଉତ୍କଳ ହିତୈଷିଣୀ ପତ୍ରିକାରେ ପ୍ରକାଶିତ ହୋଇଥିଲା । ଗ୍ରନ୍ଥାବଳୀରେ ଏହି ଅଳ୍ପ କେତୋଟି ଗଦ୍ୟରଚନା ତାଙ୍କ ପୂର୍ଣ୍ଣ ଜୀବନବ୍ୟାପୀ କାବ୍ୟ ସାହିତ୍ୟର ଅନ୍ତରାଳରେ ରହିଥିଲେହେଁ ତାହାର ଜ୍ୱଳନ୍ତ ପ୍ରଭା ସ୍ୱତଃ ଫୁଟି ଉଠିଛି । ଆତ୍ମଜୀବନୀ, ଶ୍ରୀ ନୃପରାଜ ସିଂହ, ପୁରାଣ କବି ଫକୀର ମୋହନ, ସ୍ୱର୍ଗୀୟ କାଶୀନାଥ ପଣ୍ଡା, ଏହିକ ପୃଥିବୀର ଲକ୍ଷ୍ୟ ? ଏବଂ ଶିକ୍ଷିତ ଅଶିକ୍ଷିତ ଓ ଶିକ୍ଷାଭିମାନୀ ତାହାଙ୍କ ବିଶେଷ ବିଶେଷ ଗଦ୍ୟରଚନା ।

ରଙ୍ଗାଜୀବ ଗଙ୍ଗାଧର ପାଠକଙ୍କଠାରେ ସୁପରିଚିତ, ସ୍ୱଭାବ-କବି ଭାବେ ସ୍ୱୀକୃତ । କିନ୍ତୁ ତାଙ୍କ ଗଦ୍ୟରଚନାର ବୈଶିଷ୍ଟ୍ୟ କାହାରି ଚିତ୍ତ ଆକର୍ଷଣ କରିନି । ଏ ପ୍ରକାର ଏକଦେଶଦର୍ଶୀ ଆଲୋଚନାର ପ୍ରଧାନ କାରଣ ଆମର କାବ୍ୟମୁଖୀ ଭାବଧାରା ଅଥବା ଗଙ୍ଗାଧରଙ୍କ ଗଦ୍ୟ ସାହିତ୍ୟର ସ୍ୱଳ୍ପତା ହୋଇପାରେ । ମାତ୍ର ଶେଷୋକ୍ତ କାରଣଟି ସେତେ ବଳିଷ୍ଠ ବୋଧ ହୁଏନି । କାରଣ ହଜାର ହଜାର ପୃଷ୍ଠାର ଗଦ୍ୟଲେଖି ଓଡ଼ିଆ ସାହିତ୍ୟରେ ଚିନ୍ତାମଣି ମହାନ୍ତି ଏବେବି ଅବହେଳିତ ହୋଇ ରହିଛନ୍ତି । ଗଳ୍ପ ପ୍ରବନ୍ଧ ଇତ୍ୟାଦି ଗଦ୍ୟରଚନା, ଅପେକ୍ଷା ରାଧାନାଥ ଓ ମଧୁସୂଦନଙ୍କ କାବ୍ୟସାହିତ୍ୟର ଅଧିକ ଆଲୋଚନା ହୋଇଛି । ତେଣୁ କାବ୍ୟିକ ମନୋବୃତ୍ତି ଫଳରେ ଆମର ଗଦ୍ୟ ସାହିତ୍ୟର ଆଲୋଚନା ଯେପରି ଅପାଙ୍କ୍ତେୟ ହୋଇ

http://oaob.nitrkl.ac.in

ପଡ଼ିଛି ଗଦ୍ୟ ସାହିତ୍ୟର ବିକାଶ ମଧ୍ୟ ସେପରି ବହୁ ପଛରେ ହୋଇଛି ।

ଗଙ୍ଗାଧରଙ୍କ ପ୍ରତିଭାର ବିକାଶ (୧୮୯୦) ବେଳକୁ ଓଡ଼ିଶାର ଗଦ୍ୟ ସାହିତ୍ୟ ପୂର୍ଣ୍ଣମାତ୍ରାରେ ବିକାଶ ଲାଭ କରି ସାରିଥିଲା । ପ୍ରାଚୀନ ପରଂପରାଗତ ସାହିତ୍ୟର କ୍ଲିଷ୍ଟ କଳ୍ପନା, ଶବ୍ଦ କସରତ, ଓ ଦୀର୍ଘ କାବ୍ୟ ପ୍ରବାହରେ ପାଠକ ଯେତେବେଳେ ଅଣନିଶ୍ୱାସୀ ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବ ଓ ପ୍ରସାର ସେତେବେଳେ ନବୀନଯୁଗର ସୂତ୍ରପାତ କରିଛି । ଗଦ୍ୟ ରଚନା ଏହି ସମୟରେ ଏକ ନୂତନ ପଦକ୍ଷେପ । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଗଢ଼ି ଉଠିଥିବା ପତ୍ରିକା ଏହାର ବିସ୍ତୃତ ଭୂମିକା । ସମକାଳରେ ବ୍ୟାକରଣାନୁଯାୟୀ, ସଂସ୍କୃତ ଶବ୍ଦ ବିମଣ୍ଡିତ ମଧୁସୂଦନଙ୍କ ଗଦ୍ୟସାହିତ୍ୟ ସହିତ ଫକୀରମୋହନଙ୍କ ଗ୍ରାମ୍ୟଭାଷାର ଫଲ୍‌ଗୁ ସ୍ରୋତ ପ୍ରବାହିତ । ଗଙ୍ଗାଧର କାବ୍ୟ ସାହିତ୍ୟରେ ଯେପରି ପ୍ରାଚ୍ୟ ପାଶ୍ଚାତ୍ୟର ଏକ ସମ୍ମେଳନ ସ୍ଥଳ ଠିକ୍ ସେହିପରି ଗଦ୍ୟ ସାହିତ୍ୟରେ ମଧ୍ୟ ପୂର୍ଣ୍ଣମାତ୍ରାରେ ମଧୁସୂଦନଙ୍କୁ ଅନୁସରଣ କରି ଗଦ୍ୟ ରଚନା କରି ନାହାନ୍ତି ଅଥବା ଫକୀରମୋହନଙ୍କୁ ପୂର୍ଣ୍ଣଭାବେ ଅନୁସରଣ କରି ନାହାନ୍ତି । ତାଙ୍କର ପନ୍ଥା ନିଜସ୍ୱ-ସ୍ୱତନ୍ତ୍ର । ତାଙ୍କର ସମସ୍ତ ଗଦ୍ୟରଚନାକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ । (କ) ଆତ୍ମଲିପି ତଥା ଅନ୍ୟାନ୍ୟ ଜୀବନୀ ମୂଳକ ଲେଖା—ସଂକ୍ଷିପ୍ତ ଆତ୍ମଜୀବନୀ, ନୃପରାଜ ସିଂହ ଓ ସ୍ୱର୍ଗତଃ କାଶୀନାଥ ପଣ୍ଡା ଏହି ଶ୍ରେଣୀର ଅନ୍ତର୍ଗତ । (ଖ) ସମାଲୋଚନାତ୍ମକ ମୌଳିକ ପ୍ରବନ୍ଧ—ପୁରାଣ କବି ଫକୀରମୋହନ, ଏହିକି ପୃଥିବୀର ଶଙ୍କ ? ଶିକ୍ଷିତ, ଅଶିକ୍ଷିତ ଓ ଶିକ୍ଷାଭିମାନୀ, 'ବ' କାର ଭେଦ ଏବଂ 'ଋ' 'ରୁ' ଭେଦ ।

http://oaob.nitrkl.ac.in

ଆତ୍ମ ଜୀବନୀ ଓ ଜୀବନୀ ମୂଳକ ଲେଖା—

କୌଣସି ଲେଖକଙ୍କ କୃତି-ସମ୍ଭାରର ଅନୁଶୀଳନ କାଳରେ କବିଙ୍କ ଜୀବନୀ ପରିଶୀଳନ ଏକାନ୍ତ କାମ୍ୟ । ଆତ୍ମଲିପିରୁ କବିଙ୍କର ବ୍ୟକ୍ତିଗତ ଜୀବନର ସ୍ପର୍ଶ ମିଳିବା ସଙ୍ଗେ ସଙ୍ଗେ ବିଭିନ୍ନ ସାହିତ୍ୟିକ କୃତିର ଆଭିମୁଖ୍ୟ, ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ବନ୍ଧରେ ଏକ ଧାରଣା ମିଳିଥାଏ । "ନିଜର ଜୀବନୀ ନିଜେ ଲେଖିଲେ ଜୀବନର ବିବରଣୀ ଯେ ସମ୍ପୂର୍ଣ୍ଣ ହୁଏ ସେଥିରେ ସନ୍ଦେହ ନାହିଁ, ଏତଦ୍ ବ୍ୟତୀତ ଜୀବନୀ ବିଷୟୀଭୂତ ବ୍ୟକ୍ତିଙ୍କ ଭାଷା, ମନୋବୃତ୍ତି, ଧର୍ମ ପ୍ରବୃତ୍ତି, ରୀତି, ନୀତି ପ୍ରଭୃତିର ଅନେକ ଆଭାସର ସୁବିଧା ଓ ସୁଯୋଗ ହୁଏ" (୧) ଗଙ୍ଗାଧର ଆତ୍ମଜୀବନୀ ସଂକ୍ଷିପ୍ତଭାବେ ରଚନା କରିଛନ୍ତି । କିନ୍ତୁ ସେଇ ସଂକ୍ଷିପ୍ତ ରଚନାରେ ବିକ୍ଷିପ୍ତଭାବେ ତତ୍‌କାଳୀନ ଶିକ୍ଷା ପଦ୍ଧତି ଓ ସାମାଜିକ ଚଳଣିର ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ବର୍ଣ୍ଣନା ସୁସଙ୍ଗତଭାବେ ବର୍ଣ୍ଣନା କରିଛନ୍ତି । ଦାରିଦ୍ର୍ୟର ନିର୍ମମ କଷାଘାତରେ ଜୀବନ କିପରି ଦୁର୍ବିସହ ହୋଇଅଛି ତାହାର ଜ୍ୱଳନ୍ତ ପ୍ରମାଣ ମିଳେ ତାଙ୍କ ଆତ୍ମଜୀବନୀରୁ । ଶିକ୍ଷକମାନଙ୍କର ଉଦାରତା, ଛାତ୍ରମାନଙ୍କ ପ୍ରତି ଅପତ୍ୟ ସ୍ନେହର ବର୍ଣ୍ଣନା ତାଙ୍କର ପ୍ରଥମ 'କୁରୁଚା ପିନ୍ଧିବା' କଥାରୁ ସୁସ୍ପଷ୍ଟ । ଋଷି ଆଶ୍ରମ ତୁଲ୍ୟ ଶିକ୍ଷକଙ୍କ ଘରେ ରହି ଛାତ୍ରମାନେ ରାତିରେ ମଧ୍ୟ ପାଠ ପଢ଼ୁଥିଲେ । ଗଙ୍ଗାଧରଙ୍କ ପ୍ରଣାଳୀ କିନ୍ତୁ ସ୍ୱତନ୍ତ୍ର । "୨ୟ ଶ୍ରେଣୀରୁ ଆରମ୍ଭ କରି ୫ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ଯାଏ ମୁଁ ଏକାବେଳେ ଗୃହରେ ଯାଇ ବୟନ କାର୍ଯ୍ୟରେ ପିତାଙ୍କୁ ସାହାଯ୍ୟ ଦେଲି, ନିଜେ ମଧ୍ୟ ଶିଖିଲି । ଗୃହରେ କାର୍ଯ୍ୟ କରିବା ସମୟରେ ସନ୍ଥସବୁ ଠିକ୍ କରି ନେଇଥାଏ । ଯାହା ହୋଇ ନ ପାରେ

---

(୧) ରାଧାନାଥ ଜୀବନୀ—ଭୂମିକା ଦୁର୍ଗାଚରଣ ରାୟ ପୃ ୧

http://oaob.nitrkl.ac.in

ଶିକ୍ଷକଙ୍କ ବସାକୁ ଯାଇ ଅନ୍ୟାନ୍ୟ ଗୁରୁଙ୍କୁ ଓ ଶିକ୍ଷକଙ୍କୁ ପଚାରି ନିଏ । "(୨) ଗଙ୍ଗାଧରଙ୍କ ଆତ୍ମଜୀବନୀ ଫକୀରମୋହନଙ୍କ ପରି ସୁବିସ୍ତୃତ ବିଶାଳ ବର୍ଣ୍ଣନା ନୁହେଁ । ମାତ୍ର ସେନାପତିଙ୍କ ପ୍ରଦର୍ଶିତ ପଥମଧ୍ୟରୁ ଏହା ଏକ ଶୈଶବର ଅଙ୍କାବଙ୍କା ପାହାଡ଼ିଆ ରାସ୍ତା । ବନ୍ଧୁ ଶ୍ରୀଯୁକ୍ତ ବ୍ରଜମୋହନ ପଣ୍ଡାଙ୍କ ଅନୁରୋଧରେ ଆତ୍ମଜୀବନୀ ଲେଖିଥିବାରୁ ତାହା ଅନ୍ୟାନ୍ୟ ଗଦ୍ୟସାହିତ୍ୟ ପରି ସୁସଂଗତ ହୋଇ ପାରିନାହିଁ । ତାହା ଜୀବନୀ ପଦବାଚ୍ୟ ନୁହେଁ । (୩)

ଗଙ୍ଗାଧର, ନୃପରାଜ ସିଂହଙ୍କ ଉଦାରତା, ମହାନୁଭବତା ତଥା କାଶୀନାଥ ପଣ୍ଡାଙ୍କ ଉଚ୍ଚାଶାରେ ଅଭିଭୂତ ହୋଇ ସେମାନଙ୍କର ବିୟୋଗରେ ତତ୍ପାପ୍ତ ସଦ୍‌ଗୁଣାବଳୀ ଉପସ୍ଥାପିତ କରିଛନ୍ତି । ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ଫଳରେ ଉଚ୍ଚକୁଳସମ୍ଭୂତ ଶିକ୍ଷିତ ଯୁବକମାନେ ସୁରା ଓ ସାକୀର ପ୍ରଲୋଭନରେ ଯେତେବେଳେ ବିହ୍ୱଳ ଏବଂ ସ୍ୱସଂସ୍କୃତି, ସ୍ୱଦେଶ, ସ୍ୱଜାତି, ସ୍ୱଭାଷାକୁ ଘୃଣାକରି ନାମମାତ୍ର ତୁଣ୍ଡରେ ଉଚ୍ଚାରଣ କରୁନାହାନ୍ତି ବରଂ ଏଦେଶର ଗରିବ ପ୍ରଜାମାନଙ୍କର ଚୋଟିଚିପି ବିଭିନ୍ନ କର ଆଦାୟକରି ମଉଜ ମଜଲିସରେ ରତ, ସେତେବେଳେ ନୃପରାଜ ସିଂହ ଏହାର ଏକ ବ୍ୟତିକ୍ରମ । ଫକୀରମୋହନ ସେଥିପାଇଁ ଲେଖିଥିଲେ—

"ଲାଲ ନୃପରାଜ ସିଂହ ରାଜା ବରପାଲି
ତୁମ୍ଭର ସୁଖ୍ୟାତି କରୁନାହିଁ ଖାଲି ଖାଲି

---

(୨) ଗଙ୍ଗାଧର ଗ୍ରନ୍ଥାବଳୀ—ଆତ୍ମଜୀବନୀ ପୃ ୪୧୨
(୩) ଗଙ୍ଗାଧର ପତ୍ରାବଳୀ—ଭୂମିକା ପୃ ।୮

http://oaob.nitrkl.ac.in

ପାଣ୍ଡିତ୍ୟ କବିତ୍ୱ ଏକଣେ ହେଉଣେ ରାଜଭୋଗ ।
ଏହାକୁ ବୋଲନ୍ତି ମଣି କାଞ୍ଚନର ଯୋଗ
ପ୍ରଜାଙ୍କ ଉନ୍ନତି ପାଇଁ କରୁଛ ଯତନ
ଏହା ସିନା ଅଟେ ରାଜଧର୍ମ ସନାତନ ।” (୪)

ଆମ ଦେଶରେ କାଶୀନାଥ ପଣ୍ଡାଙ୍କ ପରି ଅନେକ ଲୋକ କୃଷି ଓ କୁସୀଦରେ ସମ୍ପୂ ଅତିବାହିତ କରନ୍ତି, ଧୂଆଁର ସଂଖ୍ୟା ବୃହତରୁ ବୃହତ୍ତର କରନ୍ତି, ଜମିଲୋଭରେ ଅନ୍ୟଠାରୁ ଟଙ୍କା ଋଣକରି ଦୁଃଖିକୁ ଦିଅନ୍ତି । କିନ୍ତୁ ସତ୍ ଉପାୟରେ ନିଜର ବ୍ୟକ୍ତିତ୍ୱ କେତେଜଣ ପ୍ରକାଶ କରନ୍ତି ? କାଶୀନାଥ ପଣ୍ଡା ଶ୍ରାବଣ ଅମାବାସ୍ୟାରେ ଆବିର୍ଭାବ ହୋଇ ଚୈତ୍ର ପୂର୍ଣ୍ଣିମାର ଆଲୋକରେ ସମଗ୍ର ଉତ୍କଳବାସୀଙ୍କୁ ଆଲୋକିତ କରି ମୃତ୍ୟୁବରଣ କରିଛନ୍ତି । (୫)

ପ୍ରବନ୍ଧ ଓ ସମାଲୋଚନାତ୍ମକ ଗଦ୍ୟ—

ଉତ୍କଳବ୍ୟାସ ଫକୀରମୋହନଙ୍କ ବିୟୋଗରେ ଗଂଗାଧରଙ୍କ ପ୍ରାଣ ବ୍ୟଥିତ ହୋଇଛି । ଆଶା ଓ ନୈରାଶ୍ୟର ଅନାସ୍ୱାଦମାୟ ବିଷାଦରେ ହୃଦୟବୀଣା କଂପି ଉଠିଛି । ଜୀବନର ପ୍ରତ୍ୟକ୍ଷ ଗ୍ଲାନି ବହନ କରି ଗଢି ଉଠିଥିବା ସେନାପତି ସାହିତ୍ୟକୁ ଉପେକ୍ଷା କରି ବ୍ୟାସକବି ଫକୀରମୋହନଙ୍କ ମୃତ୍ୟୁକୁ ଗଙ୍ଗାଧର ଗ୍ରହଣ କରନ୍ତେ·

(୪) ଗଙ୍ଗାଧର ଗ୍ରନ୍ଥାବଳୀ—ପୃ ୪୨୭ ଉଦ୍ଧୃତରୁ ସଂଗୃହୀତ
(୫) ଗଙ୍ଗାଧର ଗ୍ରନ୍ଥାବଳୀ—ପୃ ୩୫୨

http://oaob.nitrkl.ac.in

କପର ? ତାଙ୍କର ଭାଷାରେ "ତଥାପି ସେ ଉତ୍କଳରେ ଆଜ ନାହାନ୍ତି, ଏକଥା କହିବାକୁ ମନ ବଳୁନାହିଁ, ଲେଖନୀ ଚଳୁନାହିଁ । ଆଶା ବୋଲୁଅଛି ସେ ଅଛନ୍ତି ; ନୈରାଶ୍ୟ କହୁଅଛି ସେ ନାହାନ୍ତି !" (୬) ପ୍ରତ୍ୟେକେ ସ୍ମୃତି-ତର୍ପଣ କଲାବେଳେ ମହତ୍‌ବ୍ୟକ୍ତିଙ୍କର ମହମାନ୍ୱିତା ଯୋଗୁଁ ସେମାନଙ୍କୁ ଅମର କହିଥାନ୍ତି । ଗଙ୍ଗାଧର ମଧ୍ୟ ସେହି ଅର୍ଥରେ ଫକୀରମୋହନଙ୍କୁ ଅମର ବୋଲି କହିଛନ୍ତି । କିନ୍ତୁ ତାଙ୍କର କହିବା ଭଂଗୀରେ ସ୍ୱତନ୍ତ୍ରତା, ଚରିବେଶରେ ଚମତ୍କାରିତା ଅଛି । ନାଟକୀୟ ଗତିରେ ମାନସିକ ଦ୍ୱନ୍ଦ୍ୱକୁ ଉପସ୍ଥାପିତ କରିଛନ୍ତି । ଏହାହିଁ ତାଙ୍କର ବିଶେଷତ୍ୱ । ପୁରଣକବି ଫକୀରମୋହନଙ୍କୁ ସମାଲୋଚନା କରି ତାଙ୍କ ସାହିତ୍ୟର ବୈଶିଷ୍ଟ୍ୟ ପ୍ରତିପାଦନ କରିଛନ୍ତି । ପ୍ରାଚୀନ ଗ୍ରୀକ୍ ସାହିତ୍ୟରେ ସମାଲୋଚନା ଗୁଡ଼ିକ କଥୋପକଥନ ଭଂଗୀରେ ହେଉଥିଲା । ଗଙ୍ଗାଧର ଆଶା ଓ ନୈରାଶ୍ୟର କଥୋପକଥନ ଭଂଗୀରେ ସେନାପତି ସାହିତ୍ୟର ସମାଲୋଚନା କରିଛନ୍ତି । ଉତ୍କଳ-ସାହିତ୍ୟରେ ଗଂଗାଧରଙ୍କ ଏହି ନୂତନ ପ୍ରକ୍ଷେପ ନିଜସ୍ୱ ।

୧୩୦୬ ଓ ୧୩୦୭ ସାଲ ପ୍ରଥମ ତଥା ସପ୍ତମ ସଂଖ୍ୟା ଉତ୍କଳ-ସାହିତ୍ୟରେ ଯଥାକ୍ରମେ 'ଶିକ୍ଷିତ, ଅଶିକ୍ଷିତ, ଶିକ୍ଷାଭିମାନୀ' ଏବଂ 'ଏହିକି ପୃଥିବୀର ଚଢ଼େ ? ଶିରୋନାମାରେ ପ୍ରକାଶିତ ପ୍ରବନ୍ଧ ଦୁଇଟି ପାଠକଲେ ଲେଖକଙ୍କର ଅନୁଷ୍ଠାନିକ ଶିକ୍ଷା ଅତ୍ୟଳ୍ପ ବୋଲି କିଏ ଧାରଣା କରିବ ? "ମାନବର ଦୃଷ୍ଟିରେ ପରମାୟୁ ବିଂଶାଧିକ ଶତବର୍ଷ ଶିକ୍ଷାର ପ୍ରତୁଳ ସମୟ ନୁହେଁ, ଆଜୀବନ ଯାହା କିଛି ଶିକ୍ଷା ଓ ଜ୍ଞାନ-ଲାଭ ହୋଇପାରେ ତହିଁରେହିଁ ଜୀବନର ସାର୍ଥକତା ସାଧନ କରିବା

---

(୬) ଗଙ୍ଗାଧର ଗ୍ରନ୍ଥାବଳୀ—ପୃ ୪୩୧

http://oaob.nitrkl.ac.in

ମାନବର ପ୍ରଧାନ କର୍ତ୍ତବ୍ୟ, (୭) ଗଂଗାଧର ଅନୁଷ୍ଠାନିକ ଶିକ୍ଷାର ପ୍ରମାଣପତ୍ରକୁ ବିଶ୍ୱାସ କରୁ ନ ଥିଲେ । ସାହିତ୍ୟ ସେବା ଯାହାର ଜୀବନର ଏକମାତ୍ର ସାଧନା ତାହାର ଶିକ୍ଷା ବିଦ୍ୟାଳୟରେ ଶେଷ ହୁଏନା । ଶିକ୍ଷା ମନୁଷ୍ୟର ଜୀବନବ୍ୟାପୀ ମହାବ୍ରତ । ଏହି ଜୀବନ-ବ୍ୟାପୀ ମହାବ୍ରତର କଠୋର ସାଧନା କବିଙ୍କ ନିଜ ଜୀବନରେ ଦେଖା ଦେଇଥିଲା, ଦାରିଦ୍ର୍ୟର କଷାଘାତରେ ଜୀବନତନ୍ତ୍ରୀ କ୍ଷତବିକ୍ଷତ ହେଲା-ବେଳେ କବି ତନ୍ତ୍ରଚର୍ଚ୍ଚା ସହିତ ଗ୍ରନ୍ଥଚର୍ଚ୍ଚା କରୁଥିଲେ ।

ଗଙ୍ଗାଧର ଶିକ୍ଷିତ, ଜ୍ଞାନୀ, ଅଶିକ୍ଷିତ, ଶିକ୍ଷାଭିମାନୀର ପାର୍ଥକ୍ୟ ଦର୍ଶାଇ ସେମାନଙ୍କର ଚାରିତ୍ରିକ ବୈଶିଷ୍ଟ୍ୟ ଦର୍ଶାଇବା ସଂଗେ ସଂଗେ ସମାଜରେ ସେମାନଙ୍କର ସ୍ଥାନ ନିର୍ଣ୍ଣୟ କରିଛନ୍ତି । ସତ୍ପଥରେ ପରିଚାଳିତ ହୋଇ ସ୍ୱଦେଶୋନ୍ନତି ଚିନ୍ତାକରି ପ୍ରକୃତ ମନୁଷ୍ୟତ୍ୱର ପରିଚୟ ଦେବା ଶିକ୍ଷିତ ବ୍ୟକ୍ତିର କାର୍ଯ୍ୟ । ପୁନଶ୍ଚ ସେ ଶିକ୍ଷିତ ଓ ଜ୍ଞାନୀର ପାର୍ଥକ୍ୟ ଦର୍ଶାଇଛନ୍ତି । "ଗୋଟିଏ ପୁଷ୍ପର ସୌନ୍ଦର୍ଯ୍ୟରେ ଓ ସୌରଭରେ ଜ୍ଞାନୀ ଯେପରି ସଂପ୍ରୀତ ହୁଅନ୍ତି, ଜଣେ ରତ୍ନାଳଙ୍କାର-ମଣ୍ଡିତ ଅତର ସୁବାସିତ ରାଜାଙ୍କର ସୌନ୍ଦର୍ଯ୍ୟରେ ତାହାଁର ଶତାଂଶ ପ୍ରୀତିଲାଭ କରିପାରନ୍ତି ନାହିଁ । (୮) ଈଶ୍ୱରଦତ୍ତ ସାହିତ୍ୟାନୁରାଗୀ ଗଙ୍ଗାଧର ପ୍ରକୃତ ସୌନ୍ଦର୍ଯ୍ୟର ଉପାସକ । ବାହ୍ୟ ଚାକଚକ୍ୟର ଅନ୍ତରାଳରେ ବାସ୍ତବତାର ସଂଧାନ ନେଇ ପ୍ରକୃତ ଜ୍ଞାନର ପରିଚୟ ଦେଇଛନ୍ତି । ଶାରୀରିକ ପରିଶ୍ରମ, ଭୋଜନ ଓ ନିଦ୍ରା ଯାହାର

---

(୭) ଗ୍ରନ୍ଥାବଳୀ-ପୃ୪୩୯

(୮) ଗ୍ରନ୍ଥାବଳୀ ୪୪୦

http://oaob.nitrkl.ac.in

ଦୈନନ୍ଦିନ କାର୍ଯ୍ୟ, ଗ୍ରାମ୍ୟଗୀତାବଳୀ ତଥା କୁତ୍ସିତ ଅଶ୍ଳୀଳ ଗାନ ଯାହାର ପ୍ରାଣହରା ସଂଗୀତ, ଜଘନ୍ୟ ବେଶ୍ୟାନୃତ୍ୟାଦି ଯାହାର ପ୍ରଧାନ ଦର୍ଶନୀୟ ଓ ଦ୍ୟୂତକ୍ରୀଡ଼ା ଯାହାର ପ୍ରଧାନ ଆମୋଦ ତାହାକୁ ଲେଖକ ଏକ ଲାଙ୍ଗୂଳବିହୀନ ପଶୁ ତୁଲ୍ୟ ମନେ କରିଛନ୍ତି । ସେହି ଅଶିକ୍ଷିତ ବ୍ୟକ୍ତି ଚକ୍ଷୁଥାଇ ମଧ୍ୟ ଦେଖିପାରେନା-ସେଥିରେ ସ୍ଥିର ଜୀବ ସମାନ । ପୁନଶ୍ଚ ଯେଉଁ ଶିକ୍ଷାଭିମାନୀ ବ୍ୟକ୍ତିମାନେ କେବଳ ଆନୁଷ୍ଠାନିକ ଶିକ୍ଷାର ପ୍ରମାଣ ପତ୍ରରେ ନିଜର ପରିଚୟ ଦେଇ ନିଜକୁ ଜଗତ ଅପେକ୍ଷା ଅଧିକ ମୂଲ୍ୟବାନ ମନେ କରନ୍ତି, ଆତ୍ମବଡ଼ିମାରେ ନିଜକୁ ନିଜେ ପ୍ରଶଂସା କରି ଆନନ୍ଦ ଅନୁଭବ କରନ୍ତି, ନିଜର ବଂଶ ଗାରିମା ଦେଖାଇ ବିକାଳ ଘଟଣାବଳୀ ସ୍ୱକପୋଳ କଳ୍ପିତ ରୂପରେ ଉପସ୍ଥାପିତ କରନ୍ତି ଲେଖକ ସେମାନଙ୍କୁ ରାକ୍ଷସ ପଦବୀରେ ଭୂଷିତ କରିଛନ୍ତି । ପାଶ୍ଚାତ୍ୟ ସାହିତ୍ୟର ପ୍ରସାର ଫଳରେ ଏ ଦେଶର ସଂସ୍କୃତି, ଏ ଦେଶର ଗୃହଚଳଣୀକୁ ଲକ୍ଷ୍ୟ କରି ଗଙ୍ଗାଧର ଏ ପ୍ରକାର ବ୍ୟଙ୍ଗୋକ୍ତି ପ୍ରକାଶ କରିଛନ୍ତି । ପାଶ୍ଚାତ୍ୟ ସାହିତ୍ୟ ପ୍ରବର୍ତ୍ତନ ଫଳରେ ଏ ଦେଶର ଯୁବକମାନଙ୍କ ମନରେ କି ପ୍ରତିକ୍ରିୟା ଦେଖା ଦେଇଥିଲା ସେନାପତିଙ୍କ ସାହିତ୍ୟରେ ତାହାର ବିସ୍ତୃତ ବିବରଣୀ ଦେଖିବାକୁ ମିଳେ । ଗଂଗାଧର ଏଇ ପରିଚ୍ଛେଦାଡ଼ମ୍ବର ଶିକ୍ଷାର ନିଦର୍ଶନ ସ୍ୱରୂପ ଭିନ୍ନ ଗୃହ ଭାଷାର ସମ୍ମିଶ୍ରଣରେ କଥା କହିବା, ମଦ୍ୟମାଂସାଦିଯୁକ୍ତ ସାହେବୀ ଭୋଜୀ ସଭ୍ୟତାକୁ ଘୃଣା କରିଛନ୍ତି ଏବଂ ମାତୃ ଭାଷାର ଏହି ଅନାଦରକାରୀ ଏବଂ ଅବଜ୍ଞାକାରୀ ଜାତିର ଅବନତି ଓ ବିନାଶର ଆଶୁ ପ୍ରତିକାର ନିମନ୍ତେ ପ୍ରୋକ୍ତ ସଭ୍ୟ ସମାଜକୁ ଗଂଗାଧର ଚେତାବନୀ ଶୁଣାଇଛନ୍ତି ଏଇ ଆଦର୍ଶ ତାଙ୍କର ଅନ୍ୟାନ୍ୟ କ୍ଷୁଦ୍ର ଗୀତ, କବିତାରେ ମଧ୍ୟ ପରିବେଶିତ । ଗଦ୍ୟରେ ପ୍ରକାଶିତ ଏଇ ମୌଳିକ ଚିନ୍ତାଧାରାର ଆଦର୍ଶରେ ତାଙ୍କର କବିତା—ମିନାର ଗଢିଉଠିଛି ।

http://oaob.nitrkl.ac.in

ଗଂଗାଧର 'ଗ୍ରାମ୍ୟ ଗୃହଶାଳୀର ୫ମ ସୋପାନ ପର୍ଯ୍ୟନ୍ତ ପଢ଼ିଥିଲେ । ତାଙ୍କର ଜ୍ଞାନ, ବିଜ୍ଞାନର ଗତି ଓ ପ୍ରକୃତିର ସୀମା ବାହାରେ । ବାୟୁର ତରଙ୍ଗରେ କୌଣସି ଚଳମାନ ପଦାର୍ଥର ଅଗ୍ରଗତିରେ ଶବ୍ଦ ସୃଷ୍ଟି ହେଉଥିଲେ ହେଁ ୨୫,୦୦୦ ମାଇଲ୍ ପରିଧି ବିଶିଷ୍ଟ ବାୟୁକାୟ ପୃଥିବୀର ଅନନ୍ତମାର୍ଗରେ ଅଗ୍ରଗତି ଫଳରେ ଶବ୍ଦ ସୃଷ୍ଟି ନ ହେବା ଯେ କୌଣସି ଲୋକକୁ ଆଶ୍ଚର୍ଯ୍ୟାନ୍ୱିତ କରିବ । ଗଙ୍ଗାଧର ବୈଜ୍ଞାନିକ ତଥା ଭୌଗୋଳିକ ମନୋବୃତ୍ତି ନେଇ ଏଇ ସମସ୍ୟାର ସମାଧାନ କରି ମଧ୍ୟ କରି ପାରି ନାହାନ୍ତି । ଜିଜ୍ଞାସୁ ମନରେ ଆନ୍ଦୋଳନ ଦେଖା ଦେଇଛି । ଭୌଗୋଳିକ ସତ୍ୟତାର ପ୍ରମାଣ କରିବାକୁ ଯାଇ ଲେଖକ ପୁନଶ୍ଚ ବାୟୁମଣ୍ଡଳର ବିଭିନ୍ନ ସ୍ତରକଥା ଉଲ୍ଲେଖ କରିଛନ୍ତି । ପୃଥିବୀର ଗତି ବାୟୁହୀନ ଅନନ୍ତମାର୍ଗରେ ତେଣୁ କୌଣସି ପ୍ରକାର ଶବ୍ଦ ଗଙ୍ଗାଧରଙ୍କ ପ୍ରାଣରେ ଆଲୋଡ଼ନ ଆଣିଛି ଏବଂ ଏହି ଶବ୍ଦ ପୃଥିବୀସ୍ଥିତ ବାୟୁ ପ୍ରବାହର ସ୍ରୋତ ବୋଲି ଅନୁମାନ କରିଛନ୍ତି । ସେହି ଅନୁମାନର ସତ୍ୟତା ଜାଣିବା ପାଇଁ ଓ ମନର ଭ୍ରାନ୍ତଧାରଣା ଦୂରକରିବା ଉଦ୍ଦେଶ୍ୟରେ ଲେଖକ କବିଗୁରୁ ରାଧାନାଥଙ୍କୁ ଏ ପ୍ରଶ୍ନ ପଚାରିଛନ୍ତି ଓ ଏକାପ୍ରକାର ଉତ୍ତର ପାଇଛନ୍ତି । (୯) ଗଂଗାଧରଙ୍କ ଶିକ୍ଷାର ସ୍ୱଳ୍ପତା ସତ୍ତ୍ୱେ ତାଙ୍କର ଚିନ୍ତାର ବିସ୍ତାର ଅନୁସଂଧାନ ପ୍ରବୃତ୍ତି ଓ ବୈଜ୍ଞାନିକ ଦୃଷ୍ଟିକୋଣର ସୂଚନା ମିଳେ । ଗ୍ରନ୍ଥାବଳୀରେ ଅପ୍ରକାଶିତ ପ୍ରବନ୍ଧ "ବ'କାର ଭେଦ ଓ 'ଲୁ', 'ର' ଭେଦ" ପ୍ରବନ୍ଧରୁ ଗଂଗାଧରଙ୍କ ଭାଷାତତ୍ତ୍ୱ ଉପରେ ଦକ୍ଷତା ସହଜରେ ଅନୁମେୟ । ଏତଦ୍‌ବ୍ୟତୀତ ରାଧାନାଥ ମଧ୍ୟ ବ୍ୟାକରଣ ପୁସ୍ତକର ସଂଶୋଧନ କରିବା ନିମନ୍ତେ

(୯) କବିଲିପି—ଚିଠି ୩୨ ପୃ ୮୪

http://oaob.nitrkl.ac.in

ଗଂଗାଧରଙ୍କ ନିକଟକୁ ପ୍ରେରଣ କରିଥିଲେ । "ଅବସର ମତେ ବ୍ୟାକରଣ ପ୍ରବେଶ'ର ଦୋଷ ଏବଂ ଭୁଲଗୁଡ଼ିକ ବିସ୍ତୃତଭାବେ ଜଣାଇବା ହେବେ ।" (୧୦)

ଚିଠି ସାହିତ୍ୟ –

ଦୁଇ ହୃଦୟର ଭାବ ବିନିମୟକରେ ଚିଠି । ସର୍ବସାଧାରଣଙ୍କ ନିକଟରେ ଏହାର ମୂଲ୍ୟ ଯାହା ଥାଉନା କାହିଁକି, ଜଣକର ବ୍ୟଥିତ ପ୍ରାଣର ଆଶା, ଆକାଂକ୍ଷା ଆନନ୍ଦର ଉଚ୍ଛଳ ଢେଉଁ ପ୍ରବାହ ଏଥିରେ ପ୍ରକାଶ ପାଇ ଅନ୍ୟର ପ୍ରାଣକୁ ସମପରିମାଣରେ ଅଭିଭୂତ କରିଥାଏ । ସେଥିରେ ଆତ୍ମତୃପ୍ତି ମିଳେ—ଆନନ୍ଦ ମିଳେ, ଆଉ କେତେବେଳେ ଶୋକାକୁଳିତ ହୋଇ ପ୍ରାଣ ବିଳପି ଉଠେ । କୀଟସ୍‌ଙ୍କ ଚିଠି ଆଲୋଚନା ପ୍ରସଂଗରେ ବ୍ରାଡ଼ଲେ କହିଥିଲେ । "They clearly reveal those changes in his mind' & temper which appear in his poetry." (୧୧) ଏ ଉକ୍ତି ଗଂଗାଧରଙ୍କ ପତ୍ର ସାହିତ୍ୟ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ । ଗଂଗାଧର ପତ୍ରାବଳୀ ଓ 'କବିଲିପି'ରେ ସନ୍ନିବେଶିତ ପତ୍ରଗୁଡ଼ିକରୁ ଗଂଗାଧରଙ୍କ ସାହିତ୍ୟିକ ଆଦର୍ଶ ଓ ଅଭିମୁଖ୍ୟର ପରିଚୟ ମିଳେ ।

ଅର୍ଥାଭାବରୁ ପାଣ୍ଡୁଲିପିର ପ୍ରକୃତ ଯତ୍ନ ଗଂଗାଧର ନେଇପାରି ନଥିଲେ । ତେଣୁ ଲେଖମା ଆପେ ଆପେ ସ୍ଥବିର ହୋଇପଡ଼ିବା ସ୍ୱାଭାବିକ । କିନ୍ତୁ ହିତାକାଂକ୍ଷୀ ବନ୍ଧୁ ବ୍ରଜମୋହନଙ୍କ

(୧୦) କବିଲିପି ଚିଠି—୩୭ ପୃ ୮୯

(୧୧) କବିଲିପି ଉଦ୍ଧୃତିରୁ ଗୃହୀତ—ପୃ ୧୯

http://oaob.nitrkl.ac.in

ଆନୁକୂଲ୍ୟରେ ପୁନର୍ବାର ଲେଖନୀ ଧାରଣକରିବାର ବଳବତ୍ତର ଇଚ୍ଛା ପ୍ରକାଶ ପାଇଥିଲା । କେଳିକଦମ୍ବ ବସନ୍ତ ଶେଷରେ ଫୁଟେ ସତ୍ୟ କିନ୍ତୁ ବର୍ଷାପାଣି ପାଇଲେ ପୁଣି ଫୁଟେ । ଉର୍ବର ମସ୍ତିଷ୍କ ଗଙ୍ଗାଧରଙ୍କ ନିକଟରେ ଭାଷା ଯେପରି ଏକ କ୍ରୀଡ଼ା କନ୍ଦୁକ । କିନ୍ତୁ ଲେଖକ ଶବ୍ଦବିଭବ ଓ ଭାଷାବିଭବ ଉଭୟରେ ଦରିଦ୍ର ବୋଲି ଲେଖାକୁ ବାରମ୍ବାର ମଜାଘଷା କରୁଥିଲେ । (୧୨) ଏହି ମାର୍ଜିତ ଲେଖା ପୁନଶ୍ଚ ଯଦି ପ୍ରକାଶ ଯୋଗ୍ୟ ନୁହେଁ ତାହାକୁ ପ୍ରକାଶ କରିବାକୁ ଲେଖକ ମନ ବଳାଇ ନାହାନ୍ତି ବରଂ ତାକୁ ବାଦ୍‌ଦେବା ଉଚିତ ମନେକରିଛନ୍ତି ।

ଗଙ୍ଗାଧର ନିଃସ୍ୱ । କିନ୍ତୁ ସେଇ ମନୋବୃତ୍ତି ନେଇ ସାହିତ୍ୟସେବା କରିନାହାନ୍ତି ଅଥବା ସାହିତ୍ୟ-ଲବ୍‌ଧ ଅଂଶରେନିଜର ଉଦର ପୋଷଣ କରିବାର ଅଭିଳାଷ ତାଙ୍କର ଦେଖାଦେଇନି । ବ୍ରଜମୋହନ ପଣ୍ଡାଙ୍କ ଇଚ୍ଛାମ୍ବାର୍ପିତ ସମ୍ପତ୍ତିର ଅଧିକାର-ସତ୍ତ୍ୱକୁ ଗଙ୍ଗାଧର ହେୟ କରିଛନ୍ତି, ଏପରିକି ବୋଡ଼ାସମ୍ବର ଜମିଦାରଙ୍କ ପ୍ରଦତ୍ତ ଚେଣ୍ଡ୍ରାପଦର ଗ୍ରାମ ବା ତାହାର ଆୟ ଉପରେ ନିର୍ଭର କରିନାହାନ୍ତି । ପୁନଶ୍ଚ ସାହିତ୍ୟ-ଲବ୍‌ଧ ଅର୍ଥର ବିନିଯୋଗ କେବଳ ସାହିତ୍ୟ କ୍ଷେତ୍ରରେ କରିବା ପାଇଁ ସେ ଦୃଢ଼ସ୍ୱରରେ ପ୍ରକାଶ କରିଛନ୍ତି । "ସାହିତ୍ୟ ନିମନ୍ତେ ପରଦତ୍ତ ଅର୍ଥ ମୋର ବିଳାସିତାରେ ବ୍ୟୟ କରିବାର ଅଭିପ୍ରାୟ ନାହିଁ । ତାହା କେବଳ ସାହିତ୍ୟ ଉନ୍ନତିରେ ଲଗାଇ ପାରିଲେ ସାହିତ୍ୟ ଚର୍ଚ୍ଚାରୂପ

(୧୨) ଗଂଗାଧର ପତ୍ରାବଳୀ ପୃ ୩୬ ଚିଠି ୯ । ୧୨ । ୧୦

http://oaob.nitrkl.ac.in

ମହାପାପର ପ୍ରାୟଶ୍ଚିତ୍ତ ହୋଇପାରନ୍ତା ।" (୧୩) କବି ସାଧାରଣ ପୁଞ୍ଜିପତିର ମାନ, ଅଭିମାନ, ଆଭିଜାତ୍ୟକୁ ହେୟ ମନେକରି ବରଂ ଯେଉଁମାନଙ୍କର ଧନର ସଦ୍‌ବ୍ୟବହାର ହେଉଛି ସେମାନେ ପ୍ରକୃତ ଧର୍ମାବୋଲି ମଣିଛନ୍ତି ।

ଜୀବନନଦୀର କାଳସମୁଦ୍ର କେତେଦୂର ତାହା କିଏ ଜାଣେ ? ତଥାପି କବି ସ୍ୱୀୟ ଜୀବନ ନୈରାଶ୍ୟରେ ହତୋତ୍ସାହ ନ ହୋଇ ଘରେ, ବାହାରେ, ସ୍ୱଦେଶରେ, ବିଦେଶରେ, ଶୟନେ, ସ୍ୱପନେ, ଜାଗରଣେ ଏକମାତ୍ର ପରମବନ୍ଧୁ ପରମେଶ୍ୱରଙ୍କ ଆଶ୍ରୟ ଗ୍ରହଣ କରିଛନ୍ତି । ଈଶ୍ୱରଙ୍କ ବିଧାନ ମାନବଜ୍ଞାନର ଅନଧିଗମ୍ୟ । ତଥାପି ମନ ତାଙ୍କ ଚରଣତଳେ ସର୍ବଦା ମଙ୍ଗଳଭିଖାରୀ । ବନ୍ଧୁ ବ୍ରଜମୋହନଙ୍କ ଦୁଃଖରେ ଅଭିଭୂତ ହୋଇ ତାଙ୍କ ନିକଟକୁ ଲେଖିଥିଲେ । "ଆପଣ ସେ ସବୁ ଦୁଃଖ ଦୂରକୁ ଫିଙ୍ଗିଦେଇ କର୍ତ୍ତବ୍ୟ ପଥରେ ଅଗ୍ରସର ହେଉନ୍ତୁ । ଈଶ୍ୱର ସତ୍‌ପଥଗାମୀର ନିମନ୍ତେ ବାଧାବିଘ୍ନର ଅନ୍ତରାଳରେ ଭଲ ରଖିଥାନ୍ତି । ଏ କଥାରେ ଦୃଢ଼ ବିଶ୍ୱାସ ରଖିଥିବେ ।" (୧୪) ଆଶାବାଦୀ ଗଙ୍ଗାଧରଙ୍କ ଏଇ ଆଶାପଦ ପୂର୍ଣ୍ଣିମାହାରେ ପ୍ରକାଶ ପାଇଛି ବ୍ୟାସକବି ଫକୀରମୋହନ'ରେ ।

---

(୧୩) ପତ୍ରାବଳୀ ପୃ ୨୦୯ ଚିଠି ୨୦ । ୧୧ । ୧୫
(୨ । ୨ । ୧୬ ଚିଠି ପୃ ୨୧୯ ମଧ୍ୟ ଦ୍ରଷ୍ଟବ୍ୟ)

(୧୪) ପତ୍ରାବଳୀ ପୃ ୨୦୯ ଚିଠି ୪ । ୧ । ୧୬ (୧୫ । ୨ ।୧୩ ଚିଠି ପତ୍ରାବଳୀ ପୃ ୫୩ । ୫୪ । ମଧ୍ୟ ଦ୍ରଷ୍ଟବ୍ୟ)

http://oaob.nitrkl.ac.in

ଏଇଭାବେ ଲେଖିଲେ ଶଠି ସାହିତ୍ୟ ପ୍ରତ୍ୟେକ ବ୍ୟକ୍ତିର ମହତ୍ତ୍ୱ ତଥା ଆଦର୍ଶରେ ବାଧକ ରୂପେ କାର୍ଯ୍ୟ କରିଥାଏ । ରବୀନ୍ଦ୍ର ନାଥଙ୍କ କଥାରେ "ଭାବହୀନ ସହଜ ରସହିଁ ହେଉଛି ଶଠିର ରସ + + + ଯେଉଁମାନେ ଭଲ ଶଠି ଲେଖନ୍ତି ସେମାନେ ମନର ବାତାୟନ ପାଖେ ବସି ଲେଖନ୍ତି—ଆଳାପ କରି ଯାଆନ୍ତି । ତାହାର କୌଣସି ଭାର ନାହିଁ, ବେଗନାହିଁ କିନ୍ତୁ ସ୍ରୋତ ଅଛି ।

+ + +

ଯେଉଁ ମଣିଷ ମଧ୍ୟରେ ପ୍ରାଣସ୍ରୋତର ବେଗ ଅଛି ସେ ମଣିଷ ହସେ, ଅଳାପ କରେ, ସେ ତାର ପ୍ରାଣର ସହଜ କଲ୍ଲୋଳ ।" (୧୯) ଗଙ୍ଗାଧରଙ୍କ କବି-ମାନସର ସମଗ୍ର ଦୃଷ୍ଟି ତାଙ୍କର ଏଇ ସହଜରସାଣିତ ପ୍ରବନ୍ଧାବଳୀରେ ସୁସ୍ପଷ୍ଟ ।

ଗଦ୍ୟରଚନାର ବୈଶିଷ୍ଟ୍ୟ—

ଇଂରାଜୀ ସାହିତ୍ୟରେ ଗଦ୍ୟରଚନାକୁ ସାଧାରଣତଃ ତିନଭାଗରେ ବିଭକ୍ତ କରାଯାଇଛି । I. Prose of feelings. II. Prose of expressions. III. Pictorial prose style. ଗଙ୍ଗାଧରଙ୍କ ସ୍ୱଳ୍ପ ରଚନା ମଧ୍ୟରେ ଏହି ଦ୍ୱିବିଧ ରଚନାଭଙ୍ଗୀ ଦେଖାଯାଏ । ଜୀବନୀମୂଳକ ଗଦ୍ୟଗୁଡିକ ପ୍ରଥମ ଶ୍ରେଣୀର ଏବଂ ଅନ୍ୟାନ୍ୟ ମୌଳିକ ପ୍ରବନ୍ଧଗୁଡିକ ଦ୍ୱିତୀୟ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇ ପାରେ । ସ୍ୱତନ୍ତ୍ର ଭାବେ Pictorial prose ନଥିଲେ ମଧ୍ୟ ଗଙ୍ଗାଧର ସ୍ଥାନେ ସ୍ଥାନେ ଏହି ରୀତିର ପ୍ରୟୋଗ କରିଛନ୍ତି । ହୀରାକୁଦ ଯିବା ମାର୍ଗରେ ଦୁକୁଡିକୋଳରୁ ଯେଉଁ ଅପରୂପ ସୌନ୍ଦର୍ଯ୍ୟ

(୧୯) କବିଲିପି ପୃ ୧୮ । ୧୯ ବଂଗଳା ଉଦ୍ଧୃତର ଅନୁବାଦ ।

http://oaob.nitrkl.ac.in

ପରିଦର୍ଶନ କରିଅଛନ୍ତି ତାହାର ରୂପଦେବାକୁ ଯାଇ ଗଙ୍ଗାଧର ଲେଖିଅଛନ୍ତି "ପ୍ରାକୃତ ଗିରୀ ମାର୍ଗରେ ମହାନଦୀର ପାଷାଣ ପ୍ରାଚୀର ମଧ୍ୟଗାମିନୀ ସୁରମ୍ୟ ଶ୍ୟାମ ଗମ୍ଭୀର ଧାରା, ଶ୍ରୀ ରାମଲକ୍ଷ୍ମଣଙ୍କର ଉପଳାଙ୍କ ଶୋଭିତ ପାଦଚିହ୍ନ, ସମଲେଇ ମୂର୍ତ୍ତି, ବୁଢ଼ା ରାଜାଙ୍କ ଆସନ, ପାଷାଣ ପରିଣତ କୈବର୍ତ୍ତ, ପ୍ରକାଣ୍ଡ ପ୍ରକାଣ୍ଡ ମତ୍ସ୍ୟଖଣ୍ଡ, ଜଳଗର୍ଭସ୍ଥ ମତ୍ସ୍ୟନିବାସ ମାନଙ୍କର ବୈଚିତ୍ର୍ୟର ନିବଡ଼ ବେତସାରଣ୍ୟର ମନୋହାରିତା ଓ କୁମ୍ଭୀରାଦିର ଅବଲୋକନ କରି ଅପରିମେୟ ପ୍ରୀତିଲାଭ କରିଅଛୁ ।" (୧୬) ସଂସ୍କୃତ ରୀତି ଅନୁସରଣରେ ଗଙ୍ଗାଧର ମୁକ୍ତକ ଓ ଚୂର୍ଣ୍ଣକ ରୀତି ପ୍ରୟୋଗ କରିଛନ୍ତି କେତେବେଳେ ସମାସରହିତ ରଚନାର ପ୍ରୟୋଗ ବଳବତ୍ତର ହୋଇ ଉଠିଛି ତ ପୁଣି ଅନ୍ୟ କେତେବେଳେ ଅଳ୍ପ ସମାସ ଯୁକ୍ତ ରଚନାର ପ୍ରୟୋଗ ହୋଇଛି କିନ୍ତୁ ଦୀର୍ଘସମାସଯୁକ୍ତ ଉତ୍କଳିକା-ପ୍ରାୟ ରୀତିର ପ୍ରୟୋଗ କ୍ୱଚିତ ଦେଖାଯାଏ ।

ବାକ୍ୟ ଗଠନ ରୀତି—

ଗଙ୍ଗାଧରଙ୍କ ଆବିର୍ଭାବ ବେଳକୁ ଓଡ଼ିଆ ଗଦ୍ୟ ସାହିତ୍ୟର ବିକାଶ ପୂର୍ବେ ସୂଚିତ । ଏକଦିଗରେ ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ଫଳରେ ଆମର ବାକ୍ୟଗଠନ ଅନୁବାଦ ଭଳି ବୋଧ ହେଲାବେଳେ ଅନ୍ୟପକ୍ଷରେ ମଧୁସୂଦନ ବ୍ୟାକରଣ ନିଗଡ଼ ନିୟମାନୁସାରେ କର୍ତ୍ତା, ମୁଖ୍ୟକର୍ମ ଗୌଣକର୍ମ ଓ ପରେ କ୍ରିୟାର ବ୍ୟବହାର କରି ଗଦ୍ୟ ରଚନା କରୁଥିଲେ । ଫକୀରମୋହନ ଓଡ଼ିଆ ରଚନାର ସ୍ୱାତନ୍ତ୍ର୍ୟ ବଜାୟ ରଖିବାକୁ ପ୍ରୟାସ କରି 'ଇଁ' ପ୍ରତ୍ୟୟର ବ୍ୟବହାର

---

(୧୬) ପଦ୍ୟାବଳୀ ପୃ ୩୪ ଚଠି ୨୩ । ୧ । ୧୧

http://oaob.nitrkl.ac.in

ବାରମ୍ବାର କରିଛନ୍ତି । ଗଙ୍ଗାଧର କବିଙ୍କ ପୂର୍ଣ୍ଣିମାମାନଙ୍କରେ ଏଥିମଧ୍ୟରୁ କାହାକୁ ଜଣଙ୍କୁ ଆଦର୍ଶ କରି ସାହିତ୍ୟ ରଚନା କରିନାହାନ୍ତି । ବ୍ୟାକରଣର ନିୟମାନୁସାରେ ରଚନା (ଈଶ୍ୱର ସତ୍‌ପଥଗାମୀର ନିମନ୍ତେ) ସହିତ ଓଡ଼ିଆର ସ୍ୱାତନ୍ତ୍ୟ ଠିକ ବଜାୟ ରଖିଛନ୍ତି । ବେଳେ ବେଳେ ସଂସ୍କୃତାନୁସାରୀ ମଧ୍ୟ ହୋଇପଡ଼ିଛି । "ଅନନ୍ତ ଆକାଶ, ଅଗାଧ ସମୁଦ୍ର, ନଭଶ୍ଚୁମ୍ବି ହିମାଚଳ ଏବଂ ଆମ୍ଭର ଚନ୍ଦ୍ରାଚଳ ପଣ୍ଡିତ ପାଂଚଗିରି, ଅସ୍ତାଚଳ ଲଙ୍କଣ୍ଡାଗିରି, ପବିତ୍ରସଲିଳା ନଦୀ ଓ ତାହାର ଗୁମ୍ଫସମୂହ, ବହୁବିଧ ଗୁଳ୍ମଲତା, ତରୁଲତା ସମାକୁଳ ବୃନ୍ଦାରଣ୍ୟ ପ୍ରଭୃତି ଆମ୍ଭର ବାକ୍—ମନୋଽତୀତ ପବିତ୍ରକାରୀ ପରମ ତୀର୍ଥ ।" (୧୭) ଉକ୍ତ ଉଦାହରଣଟିରୁ କବିଙ୍କ ଜଟିଳ ବ୍ୟାକରଣ ପଦ୍ଧତି ମଧ୍ୟ ଲକ୍ଷ କରାଯାଇ ପାରେ ।

ଶବ୍ଦ ଯୋଜନା—

ଶବ୍ଦଯୋଜନା, ସାହିତ୍ୟର ମାଧୁର୍ଯ୍ୟ, ଔଦାର୍ଯ୍ୟକୁ ବହୁଭାବରେ ବଢ଼ାଇ ଦେଇଥାଏ । ଉପଯୁକ୍ତ ଶବ୍ଦ ପ୍ରୟୋଗରେ ଭାବର ଗାମ୍ଭୀର୍ଯ୍ୟ ଯେପରି ସମସ୍ତଙ୍କ ପ୍ରାଣରେ ଏକ ଗଭୀର ରେଖାପାତ କରିବ ସେଥିପ୍ରତି ଗଙ୍ଗାଧର ସବୁବେଳେ ସଜାଗ । ତେଣୁ ବେଳେ ବେଳେ ତାଙ୍କ ଲେଖାରୁ କର୍କଶ ଶବ୍ଦ ବାହାରି ପଡ଼ୁଥିଲେ ଗଭୀର ଖେଦ ଜାତ ହେଉଥିଲା ବୋଲି ପ୍ରକାଶ କରିଛନ୍ତି । କେତେକ ଇଂରାଜୀ ଶବ୍ଦର ପ୍ରୟୋଗ ରହିଛି—'ସ୍କୁଲ' 'ଲଂକ୍ଲଥ' 'ଇନସ୍‌ପେକ୍ଟର ଜେନେରାଲ୍' 'ଭର୍ଣ୍ଣାକୁଲାର ସ୍କୁଲ୍' 'ଗଭର୍ଣ୍ଣମେଣ୍ଟ' ଇତ୍ୟାଦି ଉଲ୍ଲେଖ ଯୋଗ୍ୟ ।

---

(୧୭) ପତ୍ରାବଳୀ ପୃ ୧୧୬ ତାରିଖ ୭ । ୨ । ୧୩

http://oaob.nitrkl.ac.in

ରଚନା ଭଙ୍ଗୀ—

ରଚନାରୀତି ସଂପର୍କରେ ପାଶ୍ଚାତ୍ୟ ସମାଲୋଚକ ମୁରେ (Murry) କହନ୍ତି—

"…….highest style is that where is the two current meanings of the world-blend, it is a combination of the maximum of personality with the maximum of impersonality. On the one hand it is a concentration of peculiar and personal emotion. On the other it is a complete projection of this personal emotion is to the creating thing." (୧୮) ଗଙ୍ଗାଧରଙ୍କ ରୀତି ପ୍ରସଙ୍ଗରେ ଏଇକଥା କୁହାଯାଇ ପାରେ। ତାଙ୍କର ରଚନାରୀତି ଦୀର୍ଘ ବାକ୍ୟଯୁକ୍ତ ହୋଇପଡ଼ିଛି। ସମ୍ଭବତଃ ପ୍ରାଚୀନ କାବ୍ୟ ସାହିତ୍ୟର ପ୍ରଭାବ ଫଳରେ ଏପ୍ରକାର ରୀତି ଅନୁସୃତ - ତାଙ୍କର ବର୍ଣ୍ଣନା କେବଳ ସ୍ଥାନ ବର୍ଣ୍ଣନାଠାରୁ କାହାଣୀ ଘଟନାର ବର୍ଣ୍ଣନାରେ, ନିସର୍ଗ ସୌନ୍ଦର୍ଯ୍ୟ ବର୍ଣ୍ଣନାରୁ ମାନସ ସୌନ୍ଦର୍ଯ୍ୟ ଚିତ୍ରଣରେ ଅଧିକତର ପରିସ୍ଫୁଟ ହୁଏ।

ଗଙ୍ଗାଧରଙ୍କ ଗଦ୍ୟରଚନାର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ଆଧୁନିକ ଭାବଧାରାର ବାହକ ହିସାବରେ ଉପାଦେୟତା। ଆଧୁନିକ ସାହିତ୍ୟରେ ଗଦ୍ୟରଚନାର ଆକାଂକ୍ଷା ଯେତେବେଳେ ପ୍ରବଳ ଓ ଏହାର ଅଭାବ ଏକାନ୍ତଅନୁଭୂତ, ସେତେବେଳେ ଫକୀରମୋହନ, ମଧୁସୂଦନ, ରାମଶଂକର ପ୍ରଭୃତି ଗଦ୍ୟରଚନା କରିଥିଲେ ହେଁ ଗଙ୍ଗାଧରଙ୍କ

---

୧୮ । Problem of style-murry.

http://oaob.nitrkl.ac.in

ଶୈଳୀ ଆଉ ଏକ ପାଦ ଆଗକୁ ବଢ଼ାଇ ନେଇଛି । ଆଧୁନିକ ଯୁଗରେ ଆଧୁନିକତାର ଏହି ସ୍ରୋତ ଓଡ଼ିଆ ସାହିତ୍ୟର ଅଭୂତ କଲ୍ୟାଣ ସାଧନ କରିଛି । ଗଙ୍ଗାଧର ବଣର ମାଳତୀ ପରି ଫୁଟି ଆପେ ଆପେ ଝଡ଼ି ପଡ଼ିଛନ୍ତି । ଶିକ୍ଷାକରିବାର ଉପଯୁକ୍ତ କ୍ଷେତ୍ର ପାଇଥିଲେ ତାଙ୍କର ମୌଳିକ ରୂପ ପୂର୍ଣ୍ଣମାତ୍ରାରେ ଦେଖିବାକୁ ମିଳିଥାନ୍ତା । ମାତ୍ର ପୁଷ୍ପର ସୌରଭ ବିକାରଣ ପୂର୍ବରୁ ତାହା ଜୀବନ-ଝଡ଼ରେ ଝଡ଼ିପଡ଼ିଛି । ବାସ୍ତବିକ୍ ଫୁଲ୍ ଫୁଟିଲେ ତାହାର ସୌରଭ ଆପେ ଆପେ ଚତୁର୍ଦ୍ଦିଗରେ ବିକୀର୍ଣ୍ଣ ହୁଏ । ଦରଫୁଟା ଫୁଲକୁ ଫୁଟାଇ ଦେଲେ ତାହା ହୁଏନାହିଁ ।

ଏଥିରେ ସନ୍ନିବେଶିତ ଉଦ୍ଧୃତଗୁଡ଼ିକରେ ଗଙ୍ଗାଧର ଗ୍ରନ୍ଥାବଳୀ ଦ୍ୱିତୀୟ ସଂସ୍କରଣ ପୃଷ୍ଠାଙ୍କ ବ୍ୟବହୃତ ।

http://oaob.nitrkl.ac.in

ଗୀତି କବି ଗଙ୍ଗାଧର

ଶ୍ରୀ ବ୍ରହ୍ମାନନ୍ଦ ଦାସ

ଗଙ୍ଗାଧରଙ୍କର ଅଧିକାଂଶ ଗୀତି କବିତା ୧୯୧୦ରୁ ୧୯୨୩ ମଧ୍ୟରେ ପ୍ରକାଶ ପାଇଛି । ସେତିକିବେଳକୁ ଗଙ୍ଗାଧରଙ୍କର ବାର୍ଦ୍ଧକ୍ୟ ଆସିଯାଇଛି । ଏହି ଗୀତିକବିତା ଲେଖିବା ମୂଳରେ ଦୁଇଟି କାରଣ ନିର୍ଦ୍ଦେଶ କରାଯାଇପାରେ । ସେତେବେଳକୁ ଓଡ଼ିଆ ସାହିତ୍ୟରେ ଆଧୁନିକ ଗୀତିକବିତାର ଉଜ୍ଜ୍ୱଳ ସ୍ୱରୂପ ପ୍ରକାଶ ପାଇ ସାରିଥିଲା । ଊନବିଂଶ ଶତାବ୍ଦୀର ଗୀତିକାର ଗୋପାଳବଲ୍ଲଭ, ଚନ୍ଦ୍ରମୋହନ, ମଧୁସୂଦନ, ରେବା ରାୟ, ଗୋବିନ୍ଦ ରଥ, ଫକୀରମୋହନ ଆଦି ଆପଣାର ଅନ୍ତରର ଭାବନାରାଜିକୁ ନୈର୍ଲିକ ରୂପ ଦେଇସାରିଛନ୍ତି ଏବଂ ଏହି ଧାରାର ଆଦର୍ଶ କବିଗଙ୍ଗାଧରଙ୍କ ପ୍ରାଣର ବାଣୀକୁ ପ୍ରକାଶ କରିବାର ମାଧ୍ୟମ ହୋଇପାରିଛି ! ଦ୍ୱିତୀୟରେ, ତାଙ୍କର ବାର୍ଦ୍ଧକ୍ୟ ହେତୁ ବିରାଟ କାବ୍ୟ ମନ୍ଦିର ନିର୍ମାଣ କରିବାର ଶକ୍ତି ଅପେକ୍ଷାକୃତ କମିଆସିଥିଲା ମାତ୍ର ତାଙ୍କର ସ୍ୱଚ୍ଛପ୍ରାଣ ଗୀତିକବିତା ମାଧ୍ୟମରେ ବିକାଶ ଲାଭକରିଛି ଏବଂ ଏହି ଗୀତିକବିତା କ୍ଷୁଦ୍ର ଅଥଚ ମଞ୍ଜୁଳ ଓ ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ । ସେ ଗୀତିକବିତା ସୃଷ୍ଟି କରୁ କରୁ ଶେଷ ନିଶ୍ୱାସ ନେଇଛନ୍ତି । ତାଙ୍କର 'ଭାରତୀଭାବନା' ଶେଷ ଓ ବଶିଷ୍ଟ ଗୀତିକବିତା । ଓଡ଼ିଆ ସାହିତ୍ୟରେ ତାର ପଟାନ୍ତର ନାହିଁ ।

ଗ୍ରନ୍ଥାବଳୀରେ ଥିବା ଅର୍ଘ୍ୟଥାଳୀ, କବିତା କଲ୍ଲୋଳ, କବିତାମାଳା, ଅହଲ୍ୟାସ୍ତବ, ଭାରତୀଭାବନା ବ୍ୟତୀତ ବହୁ ଗୀତିକବିତା ଏ ପର୍ଯ୍ୟନ୍ତ ଅପ୍ରକାଶିତ ଥିବାର ଜଣାଯାଏ ।

http://oaob.nitrkl.ac.in

ତାଙ୍କର ସମସ୍ତ ଗୀତିକବିତାଗୁଡ଼ିକୁ ନିମ୍ନଲିଖିତ ଭାବରେ ବିଭକ୍ତ କରାଯାଇପାରେ ।—୧— ଭକ୍ତିମୂଳକ (Devotional) —୨— ସ୍ୱଦେଶ ପ୍ରୀତିମୂଳକ (Patriotic)—୩—ଶୋକଗୀତି (Elegy) —୪— ଚତୁର୍ଦ୍ଦଶପଦୀ (Sonnet) —୫— ପ୍ରକୃତିମୂଳକ ଓ ଅନ୍ୟାନ୍ୟ ।

କେବଳ ଗୀତିକବିତାରେ ନୁହେଁ, କାବ୍ୟରଚନାରେ ମଧ୍ୟ ତାଙ୍କୁ ଶିବ ଓ ସୁନ୍ଦରର ପୂଜକ ଭାବରେ ଦେଖିବାକୁ ମିଳେ । ତାଙ୍କ କାବ୍ୟକବିତାଗୁଡ଼ିକ ସୌନ୍ଦର୍ଯ୍ୟ ଓ ନୈତିକତାର ଐକାନ୍ତିକ ମିଳନ, ସୁମଧୁର ପରିଣତି । ଯେପରିକି ଉଦ୍‌ଜାନ ଓ ଅମ୍ଳଜାନର ସମନ୍ୱୟରେ ଜଳର ସୃଷ୍ଟି, ସେହିପରି ସୌନ୍ଦର୍ଯ୍ୟ ଓ ନୈତିକତାରେ ତାଙ୍କର ପ୍ରତ୍ୟେକଟି ଗୀତିକବିତା ପ୍ରତିମଣ୍ଡି । ନୈତିକତା ସହିତ ନୂତନ ଓ ସୁନ୍ଦର ରୂପକଳ୍ପ, ଉପମାର ବିମଳ ସଂଯୋଗ ହୋଇଅଛି ।

ପ୍ରକୃତି ମୂଳକ ଗୀତିକବିତାଗୁଡ଼ିକ ମଧ୍ୟରେ "କବିତା-କଲ୍ଲୋଳ"ର କବିତାଗୁଡ଼ିକ ବ୍ୟତୀତ ମଳୟ ଆବାହନ, ପ୍ରଧାନ ପାଟ, ବୁଢ଼ାରଜା ପ୍ରଭୃତି ଉଲ୍ଲେଖ ଯୋଗ୍ୟ । କବି ରାଧାନାଥ ଉତ୍କଳର ଅନନ୍ତ ବୈଚିତ୍ର୍ୟମୟୀ ପ୍ରକୃତିକୁ ଶୈଳ୍ପିକ ରୂପଦାନ କଲେ ସତ, ପଶ୍ଚିମ ଓଡ଼ିଶାର ବିପୁଳ ସୌନ୍ଦର୍ଯ୍ୟ ପ୍ରତି ସଚେତନ ନ ଥିଲେ; ଫଳରେ ସେ ଅଞ୍ଚଳର ମହିମାମୟ ରୂପ-ବିଭବ ଆଗପରି ଅପରିଚିତ ରହିଗଲା । ମାତ୍ର ଗଙ୍ଗାଧର ଉତ୍କଳ ପ୍ରକୃତିର ସାମଗ୍ରିକ ଐକ୍ୟ ଆଣିବାପାଇଁ ଖଣ୍ଡକାବ୍ୟ ଓ ଗୀତିକବିତା ମଧ୍ୟରେ ସଫଳକାମ ହେଲେ । ଚିଲିକା, ସାତକୋଶିଆ ଗଣ୍ଡ, ସୋଣନଦୀ, ବଙ୍ଗୋପସାଗର, ବାରବାଟୀ ସହିତ ହୀରାକୁଦ, ବୁଢ଼ାରଜା, ତେଲନଦୀ, ପ୍ରଧାନ ପାଟ,

http://oaob.nitrkl.ac.in

ସୋମନାଥ୍ ମନ୍ଦିର ବେଦବ୍ୟାସ ପର୍ବତର ମଞ୍ଜୁଳ ସୌନ୍ଦର୍ଯ୍ୟ ମିଶାଇ ନୂତନଗୀତି ଗାଇଲେ ।

ବସନ୍ତର ସାର୍ବଭୌମ ପ୍ରଭାବ ଶ୍ରୀହୀନ ଓଡ଼ିଶାର ପ୍ରାଣକୁ ସଞ୍ଜୀବିତ କରିବାପାଇଁ ନିହାତି ଆବଶ୍ୟକ; ଏଣୁ ସେ ଉତ୍କଳକୁ ଜାଗ୍ରତ ପ୍ରାଣମନ୍ତ ଓ ସରସ କରିବାପାଇଁ ମଳୟର ଆବାହନ କରିଛନ୍ତି । ଏହି କବିତାରେ ପ୍ରକୃତି—ବର୍ଣ୍ଣନାଠାରୁ ଜାତୀୟତା ଆବେଗର ବଳିଷ୍ଠତା ଅଧିକ ଉପଲବ୍ଧ ହୁଏ । ମଳୟଠାରେ ତାଙ୍କର ଆବେଦନ ଯେ—

"ସତ୍ୱର ପିଆଅ ପଦ୍ମପରିମଳ ମଲ୍ଲିକା ମଧୁର ବାସ ।
ଦିଅ ଦିଅ ଜ୍ୟୋତି-ପ୍ରକାଶିମା ବର୍ତ୍ତୀ ମ୍ଲାନ ହେବ ବେଗେ ନାଶ ।"

ଚନ୍ଦ୍ରରଜନୀ, ବସନ୍ତବାସର ବର୍ଷାରମ୍ଭ ମଧ୍ୟରେ ଯେଉଁ ପ୍ରକୃତି ଚିତ୍ରଣ ହୋଇଅଛି ତାହା ବର୍ଣ୍ଣନାମୂଳକ । ଗୋଟିଏ ଜ୍ୟୋତ୍ସ୍ନାଧୌତ ରାତିର ମଧୁର ପରିବେଶରେ ଯେଉଁ ଉପଭୋଗ ରହିଛି, ତାର ସୂକ୍ଷ୍ମ ବର୍ଣ୍ଣନା କରିଛନ୍ତି କବି "ଚନ୍ଦ୍ର ରଜନୀ"ରେ ।

ଭକ୍ତିରସାଶ୍ରିତ ଗୀତିକବିତା ସେ ଅଧିକ ନ ଲେଖିଥିଲେ ହେଁ ଯେଉଁ କେତୋଟି ଲେଖିଛନ୍ତି, ସେଗୁଡ଼ିକ ଅତି ଉଚ୍ଚକୋଟିର । ତାଙ୍କର "ଭକ୍ତି" କବିତାଟି ଓଡ଼ିଆ ଗୀତିକବିତାର ଅକ୍ଷୟ ସମ୍ପଦ । ଏହି କବିତାଟିରେ ଦ୍ୱୈତବାଦ ସ୍ପଷ୍ଟ । ଯେଉଁ ମହାନ ପୁରୁଷଙ୍କ ରୋମ-କୂପରେ ମାଳ ମାଳ ବ୍ରହ୍ମାଣ୍ଡ ଘୂରି ବୁଲୁଛନ୍ତି, ସେହି ଚରଣରୁ ଧୂଳି ନେଇହେବ ? ଯେ ସୂର୍ଯ୍ୟର ସ୍ରଷ୍ଟା, ଅସଂଖ୍ୟ ଗ୍ରହମଣ୍ଡଳ ତାରକାର ନିର୍ମାତା, ସେହି ପଦଧୂଳି ସାମାନ୍ୟ ମଣିଷ ବୋଲିପାରିବ ? ଭସ୍ମ ହୋଇଯିବ ସିନା ! କବି ରବୀନ୍ଦ୍ରନାଥ ଭକ୍ତି ପାଗଳହୋଇ

http://oaob.nitrkl.ac.in

ଯେତେବେଳେ ଭଗବାନଙ୍କୁ ଅନୁରୋଧ କରୁଛନ୍ତି, "ଆମାର ମାଥା ନତକରେ ଦାଓ ହେ ତୋମାର ଚରନ ଧୂଲର ତଲେ" ସେତେବେଳେ ଗଙ୍ଗାଧର ଜଣାଉଛନ୍ତି—

"ଦେଇନାହିଁ ବଳ ପାଦଧୂଳି ଯେନ ପାଇବ ନାହିଁ ମୋ ମସ୍ତ
କୋଟି କୋଟି ରବି ଧୂଳିରୂପେ ତୁମ୍ଭ ପାଦେ ହେ ଛନ୍ତି ଲୁଣ୍ଠ।"

ଆତ୍ମର ମଧ୍ୟ ସମଗ୍ର ବିଶ୍ୱ ଯେତେବେଳେ ସେହି ପରମାତ୍ମାଙ୍କ ଦାନ ମାତ୍ର, ସେଇ ଦେଲ୍ ଜିନିଷରୁ କଣ ଦେଇ ତାଙ୍କୁ ତୃପ୍ତ କରିବାକୁ ହେବ ? ଦେବାଂଶ ଲୋକ ଦେଖାଣିଆ ହୋଇପାରେ, ମାତ୍ର ଅପରାଧ ବ୍ୟକ୍ତିତ ଆଉକଣ। ମଣିଷ ତ କାଠର ବଇଁଶୀ, ଈଶ୍ୱର ସେଥିରେ ଫୁଙ୍କ ଦେଇ ସୁର ଜଗାଉଛନ୍ତି—ଏଣୁ ଭୟ। ଏହି ଭୟକରିବାଠାରୁ ଶ୍ରେଷ୍ଠ ଭକ୍ତି ଆଉ ନାହିଁ। Bible ରେ ଅଛି—

"The fear of the Lord is the beginning of Knowledge ଏଠାରେ fear ଅର୍ଥ ଭକ୍ତି। ଯେଉଁଠି ଭୟ, ସେଇଠି ଭକ୍ତି, ଏବଂ ଏହି ଭୟଭଲେ ଯେଉଁ ଆତ୍ମସମର୍ପଣତା ସମ ପରମ ସାଧନା ଆଉ ନାହିଁ।

ଭକ୍ତ ଦେଖୁଛି ପୃଥିବୀର ସବୁକିଛି ଭଗବାନଙ୍କ ସୃଷ୍ଟି, ତାଙ୍କର ପ୍ରସାଦ। ଚୁରିଆଡ଼େ ପ୍ରେମ, ଅଲୋକ ଆନନ୍ଦ, ହସର ଉତ୍ସ ଫିଟି ଯାଇଛି। ସମଗ୍ର ପୃଥିବୀ ଉଲ୍ଲସିତ। ଭଗବାନଙ୍କ ପବିତ୍ର ସୃଷ୍ଟିରେ ଦୁଃଖନାହିଁ, ଅଶ୍ରୁନାହିଁ, ଶୋକନାହିଁ। ଯେଉଁଠି ଅମୃତ, ସେଠାରେ ମରଣ କପରି ଆସିବ ? ଏଣୁ ଆପଣାର ସମସ୍ତ ବ୍ୟକ୍ତିଗତ ଦୁଃଖ ବେଦନା ଭୁଲି ଭକ୍ତ ଏଇ ଅମୃତ ସ୍ପର୍ଶ ପାଇଁ ପାଗଳ ହୋଇ ନିଜକୁ-

http://oaob.nitrkl.ac.in

ଅମୃତମୟ ବୋଲି ପ୍ରଗ୍ରହ କରିବାରେ ଗର୍ବ ବନ୍ଧପାରେ । ଏଣୁ ସୁଧାମୟ, ମଧୁମୟ ସୃଷ୍ଟିର ବନ୍ଦନା ଗାଇ କହେ—

"ବିଶ୍ୱ ଦେଖ ମଧୁମୟରେ ଜୀବନ,
ବିଶ୍ୱଦେଖ ମଧୁମୟ
ମଧୁର ସ୍ମରଣ କରିବ ହରଣ
ତୋ ପାପ ମରଣ ଭୟରେ ଜୀବନ ?"

ଏହି ପ୍ରକାର ଚିନ୍ତାଧାରା ତତ୍କାଳୀନ ବ୍ରହ୍ମଧର୍ମର ପ୍ରଭାବ ହୋଇପାରେ । ଭକ୍ତକବି ମଧୁସୂଦନ ଏହିପ୍ରକାର ମଧୁମୟ ସୃଷ୍ଟିର ଜୟଗାନ କରି, ତାହାଁର ଅଣୁରେ ଅଣୁରେ ଅନାହତ ବୀଣାବଂଶୀ ସ୍ୱର ଶୁଣି ପାରିଛନ୍ତି ।

କବିତାମାଳାରେ ଯେଉଁ କେତୋଟି ଗୀତି କବିତା ଅଛି ତାହାଁରୁ ଭଗବାନଙ୍କ ଉପରେ କବିଙ୍କର ଯେ ପ୍ରବଳ ଭରସା ଥିଲା ତାହା ସ୍ପଷ୍ଟ ସୂଚିତ ହୁଏ । ଭକ୍ତିରସାଶ୍ରିତ କବିତାର ଅନ୍ୟଏକ ବିଶିଷ୍ଟ ଉଦାହରଣ "ଅହଲ୍ୟା ସ୍ତବ" ।

ନଅଙ୍କ ଦୁର୍ଭିକ୍ଷ (୧୮୬୬), ଭାଷା ବିଲୋପ ଆନ୍ଦୋଳନ (୧୮୭୪) ସମ୍ବଲପୁରରେ ଓଡ଼ିଆ ଭାଷାର ଲୋପ ସାଧନ (୧୮୯୬) ଗଞ୍ଜାମ ସମ୍ମିଳନୀ (୧୯୦୨) ଉତ୍କଳ ସମ୍ମିଳନୀ (୧୯୦୩) ଏ ସମସ୍ତ କାରଣରୁ ଓଡ଼ିଶାରେ ଜାତୀୟ ଚେତନା ତୀବ୍ର ହୋଇ ଉଠିଥିଲା । ଗଂଗାଧର ଜଣେ ବିଶିଷ୍ଟ ଜାତୀୟ ବାଦୀ କବି । ଏ ଦେଶର ଗୋଷ୍ଠ- ମାଟି ପାଣିପବନକୁ ପ୍ରାଣ ଦେଇ ଭଲପାଉଥିଲେ, ଏ ଦେଶରେ ସାହିତ୍ୟର ଉନ୍ନତି ଯେପରି ହେବ—ସମସ୍ତ ଉତ୍କଳ ବାସୀଙ୍କୁ ଆହ୍ୱାନ କରିଥିଲେ । ଓଡ଼ିଆ ଭାଷା, ଓଡ଼ିଶାଦେଶ ଏହାଠାରୁ ବଳି ପବିତ୍ର ସେ

http://oaob.nitrkl.ac.in

ବିଶ୍ବରେ କିଛି ପାଠକ ନାହାନ୍ତି । ଓଡ଼ିଆ ଭାଷାର ବିଲୋପ ସାଧନ (ସମ୍ବଲପୁରରେ) ଲକ୍ଷ୍ୟାର୍ଥରେ ଭାରତେଶ୍ୱରୀଙ୍କ ଆବେଦନ ବନ ଓ ଉତ୍କଳ ଭାରତୀଙ୍କ ନିବେଦନ ନାମକ ଦୁଇଟି କବିତା ତାଙ୍କର ପ୍ରଥମ ଜାତୀୟତାବାଦୀ କବିତା ।

ଉତ୍କଳରେ ଏହି ସମୟରେ ବହୁ ପତ୍ର ପତ୍ରିକା ପ୍ରକାଶିତ ହୋଇଥିଲା ଏବଂ ତାହାର ମାଧ୍ୟମରେ ଭାଷାର ଉନ୍ନତି କରିବା ସଙ୍ଗେ ସଙ୍ଗେ ଦେଶରେ ଜାତୀୟ ଐକ୍ୟ ଆଣିବା ପାଇଁ ପ୍ରବଳ ଚେଷ୍ଟା କରାଯାଇଥିଲା । ସମ୍ବଲପୁର ହିତୈଷିଣୀ, ସ୍ୱରାଜ୍ୟ, ଉତ୍କଳ ସେବକ ମଧୁପ, ଆଦି ବହୁ ପତ୍ରିକାର ଆବିର୍ଭାବରେ ତାଙ୍କ ପ୍ରାଣ ପୂରି ଉଠିଥିଲା । ଏଣୁ ସେ ଗୁଡ଼ିକୁ ନିଜ ଶୁଭେଚ୍ଛା ଓ ଆଶୀର୍ବାଦ ଜଣାଇଛନ୍ତି, କବିତା ମାଧ୍ୟମରେ ।

ଉତ୍କଳ ସମ୍ମିଳନୀ ସେତେବେଳେ ଜାତିର ପ୍ରାଣ କେନ୍ଦ୍ର ଥିଲା ଏବଂ ଏହି ସମ୍ମିଳନୀରେ ତତ୍‌କାଳୀନ ଅଧିକାଂଶ କବି ଜାତୀୟ ମନୋଭାବ ସମ୍ବଳିତ ଗୀତିକବିତାମାନ ପାଠ କରୁଛନ୍ତି । କବି ଗଙ୍ଗାଧର ମଧ୍ୟ ଯେଉଁ କେତୋଟି କବିତା ସମ୍ମିଳନୀ ଉପଲକ୍ଷେ ରଚନା କରିଥିଲେ ଏବଂ ସେ ଗୁଡ଼ିକରେ ଯେଉଁ ବିରାଟ ଆହ୍ୱାନ ଶୁଣାଇଛନ୍ତି ତାହା ଅନନ୍ୟ । ସେ ଜାଣିଥିଲେ ଜ୍ଞାନ ଓ କର୍ମ ମିଶାଇ ଜାତି ଓ ଭାଷାର ଉନ୍ନତି କରିବାହିଁ ଶ୍ରେଷ୍ଠ ଧର୍ମ । ଏଣୁ ସେ କହିଛନ୍ତି ।

ଦେଖ ବହୁଛି ହେ ଈଶ୍ବର ଆଶିଷ ଧାର ।
ଜ୍ଞାନକର୍ମ ଗଙ୍ଗା ଯମୁନା ପରିଏ ଭବୁ କରିବାକୁ ପାର ।"

ଐକ୍ୟ ମନୋଭାବ ସମ୍ପନ୍ନ ହୋଇ କୋଟିଏ ଉତ୍କଳବାସୀ ଗୋଟିଏ ପ୍ରାଣରେ ସମଗ୍ର ଦେଶର ଉନ୍ନତି କରିବାପାଇଁ ସେ

http://oaob.nitrkl.ac.in

ଉଦ୍‌ବୋଧନ ଦେଇଛନ୍ତି । ତାଙ୍କର ଅନ୍ୟ ପ୍ରସିଦ୍ଧ ସ୍ୱଦେଶ ପ୍ରେମ ମୂଳକ ଗୀତିକବିତା ମଧ୍ୟରେ "ମାତୃଭୂମି" ଉଦ୍‌ବୋଧନ, ନବବର୍ଷ ଆଦି ଉଲ୍ଲେଖଯୋଗ୍ୟ । "ମାତୃଭୂମି" ଓ ମାତୃଭାଷାର ମମତା ଯାର ହୃଦୟ କନ୍ଦରରେ ସ୍ପନ୍ଦିତ ହୁଏନାହିଁ ତାଠାରୁ ବଳି ମୂର୍ଖ କେହିନାହାନ୍ତି ଏ କଥା ସେ ଅତି ବଳିଷ୍ଠ ସ୍ୱରରେ କହିଛନ୍ତି । ସେ ବିଶ୍ୱାସ କରୁଥିଲେ ଏ ବିରାଟ ବିଶ୍ୱ ଈଶ୍ୱରଙ୍କର ସୃଷ୍ଟି, ଏ ବିଶ୍ୱର ସମଗ୍ର ପ୍ରାଣୀ ପରସ୍ପରର ପ୍ରେମଦ୍ୱାରା ଛନ୍ଦାଛନ୍ଦି, ଏଣୁ ସମଗ୍ର ବିଶ୍ୱର ମଙ୍ଗଳ କରିବାକୁ ହେଲେ ନିଜଗୃହ, ନିଜଗ୍ରାମ, ନିଜଦେଶ ଏହିପରି ଭାବରେ ସମଗ୍ର ବିଶ୍ୱର ମଙ୍ଗଳ କରିବାକୁ ହେବ । ଏହିଠାରେ ତାଙ୍କର ଦେଶପ୍ରେମ ମନୋବୃତ୍ତି କ୍ରମଶଃ ବିଶ୍ୱ ପ୍ରେମରେ ପରିଣତ ହୋଇଛି । ତାଙ୍କର ଭାଷାରେ—

"ଏହିରୂପେ ଗ୍ରାମ କଥା ରାଜ୍ୟକଥା ଦେଶକଥା ବିଶ୍ୱକଥା
ମାନବଜୀବନେ ପ୍ରଷ୍ଠିତ ହେବାର ଦର୍ଶିତ ହୁଏ ସର୍ବଥା ।"

ପ୍ରକୃତରେ ଗୋଲାପଫୁଲ ସମଗ୍ର ବିଶ୍ୱର ସମ୍ପଦ ହୋଇପାରେ, ତାର ଗନ୍ଧ ସମଗ୍ର ବିଶ୍ୱକୁ ସୁବାସିତ କରିପାରେ, ତଥାପି ସେ ଗୋଟିଏ ଗଛରେ ସଂଶ୍ଳିଷ୍ଟ, ଯେଉଁ ଗଛ ସେହି ଗୋଲାପଫୁଲକୁ ଫୁଟାଇ ପାରିଛି । ଏଣୁ ପ୍ରଥମେ ସେହି ଗଛ ହିତାୟରେ ବିଶ୍ୱ । "ନବବର୍ଷ" ଲେଖାହେଲାବେଳକୁ ଓଡ଼ିଶାରେ ସତ୍ୟବାଦୀ ବିଦ୍ୟାଳୟ ସ୍ଥାପିତ ହୋଇସାରିଛି । ଉତ୍କଳପ୍ରାଣ ଗୋପବନ୍ଧୁ, ନୀଳକଣ୍ଠ ଦାସ ହରିହର, ଗୋଦାବରୀଶ ଓ କୃପାସିନ୍ଧୁ ଜାତୀୟତାର ଭେରୀଫୁଙ୍କି ଜାତିର ତନ୍ଦ୍ରା ଭଙ୍ଗି ଦେଇଛନ୍ତି । ସାହିତ୍ୟ ମାଧ୍ୟମରେ ଜାତିର ସଂସ୍କୃତି; ଇତିହାସର ବିରାଟ ପରମ୍ପରାକୁ ଆବିଷ୍କାର କରି ସମଗ୍ର ଉତ୍କଳବାସୀଙ୍କ ପ୍ରାଣରେ ବିଦ୍ୟୁତ ଖେଳାଇ ଦେଇଛନ୍ତି । ଏହି

http://oaob.nitrkl.ac.in

ସମସ୍ତଙ୍କୁ ଉତ୍କଳଗୌରବ ମଧୁସୂଦନଙ୍କ ଉତ୍କଳ ସମ୍ମିଳନୀ ଓ ଉତ୍କଳମଣି ଗୋପବନ୍ଧୁଙ୍କ ସତ୍ୟବାଦୀ ବିହାର; ଆଶା, ଉତ୍କଳ ସେବକ, ସମ୍ବଲପୁର ହିତୈଷିଣୀ ଆଦି ପତ୍ରିକା, ଦେଶରେ ଯେପରିଭାବରେ ବିରାଟ ଆନ୍ଦୋଳନ ଆଣିଦେଇଥିଲା । ସେଥିରେ ଆତ୍ମହରା କବି ନୂତନ ବର୍ଷକୁ ଆହ୍ୱାନ କରି ଗାଇଛନ୍ତି ।

"ଉତ୍କଳବାସୀଏ, ଉତ୍କଳଭୂମିଏ ସମ୍ପେ ତନ୍ଦ୍ରାପରେ ଥାଅ,
ନବ ପ୍ରତ୍ୟୁଷରେ ନବୀନଭାଷରେ ନବୀନ ସଙ୍ଗୀତ ଗାଅ ।"

ଏହି ନୂତନ ପ୍ରଭାତରେ କେବଳ ଗୀତ ଗାଇବାରେ ମୁଗ୍ଧ-ଚିତ୍ତ ହେବନାହିଁ, ଭବିଷ୍ୟତର ଉନ୍ନତିପାଇଁ ବିଶେଷ କର୍ମ କରିବାକୁହିଁ ହେବ । ଏଣୁ ସେ ସମଗ୍ର ଜାତିକୁ କର୍ମଠ ହେବାକୁ ଆହ୍ୱାନ କରିଛନ୍ତି । 'ଉଦ୍‌ବୋଧନ' କବିତାରେ ମାତୃଭାଷାର ଉନ୍ନତି ଯେ ସମଗ୍ର ଜାତିର ଉନ୍ନତି, ଏହି ସତ୍ୟ ସେ ଆବିଷ୍କାର କରି ସେ କହିଛନ୍ତି :—

"ଉଚ୍ଚ ହେବାପାଇଁ ଯେବେକର ଆଶା
ଉଚ୍ଚକର ଆଗେ ନିଜ ମାତୃଭାଷା ।"

ଏହାଠାରୁ ବଳିଷ୍ଠ ପ୍ରଚୋଦନା ଆଉ କଣ ଅଛି ? ସବୁଠାରୁ ବଡ଼ କଥା ଯେ ଆଜିପର୍ଯ୍ୟନ୍ତ ଓଡ଼ିଶାର ଜାତିପ୍ରାଣ ଲେଖକ, ବକ୍ତା ଓ ସେବକ ଜାତିକୁ ଉଦ୍‌ବୋଧନ ଦେଲାବେଳେ କବିଗୁରୁ ଗଙ୍ଗାଧରଙ୍କର ଏହି କେତୋଟି ଉକ୍ତି ମାଧ୍ୟରେ ମାର୍ଜିବ ପ୍ରାଣରେ ଶକ୍ତିସଞ୍ଚାର କରିବାକୁ, ନିଶ୍ଚେଷ୍ଟ ପ୍ରାଣରେ ଉତ୍ତେଜନା ଆଣିବାକୁ ସମର୍ଥ ହୁଅନ୍ତି ।

http://oaob.nitrkl.ac.in

ଦେଶର ଉନ୍ନତି କରିବାକୁ ହେଲେ ତାର ସଂସ୍କାର କରିବା ଆବଶ୍ୟକ । ସମସ୍ତ ଜୀର୍ଣ୍ଣତା, ରୁଗ୍ଣତା ବିତାଡ଼ିତ କରି ନୂତନ ସୃଷ୍ଟିର ଆନୟନ କରିବା ନିମନ୍ତେ ପ୍ରସ୍ତୁତ ହେବାକୁ ପଡ଼ିବ, ଏହି ସଂସ୍କାର କରିବାକୁ ହେଲେ ନିଜେ କର୍ମକରି, ସାହିତ୍ୟ ମାଧ୍ୟମରେ ବ୍ୟଙ୍ଗ ସୃଷ୍ଟିକରି ଦୋଷ ଦୁର୍ବଳତା ଦେଖାଇ ଦେଶକୁ ଜାଗ୍ରତ କରାଇବାକୁ ପଡ଼ିବ । ଏହି ସଂସ୍କାରମୂଳକ ଚିନ୍ତାଧାରା ତାଙ୍କର କେତେଗୁଡ଼ିଏ ବିଶିଷ୍ଟ ବ୍ୟଙ୍ଗକବିତା 'ତାଙ୍କୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର,' ଉତ୍କଳଭାରତୀଙ୍କ ଉକ୍ତି' ପ୍ରଭୃତି ମଧ୍ୟରେ ଅତି ସ୍ପଷ୍ଟ । କେବଳ ଓଡ଼ିଶାର ଦୁର୍ଦ୍ଦଶା କଥା ନୁହେଁ; ଭାରତର ଦୁର୍ଦ୍ଦଶା କଥା ମଧ୍ୟ କବି ଭାବିଛନ୍ତି । ତାଙ୍କ ପ୍ରାଣରେ ଓଡ଼ିଶା ତଥା ଭାରତପ୍ରତି ପ୍ରୀତି ଗଙ୍ଗା ଯମୁନା ମିଳନ ଭଳି ରହିଥିଲା । କେବଳ ଗଙ୍ଗାଧର କାହିଁକି, ସେ ସମୟର ଅନ୍ୟ କବିଗଣ ବ୍ରିଟିଶ ଶାସନକୁ ପ୍ରଥମତଃ ଅଭିନନ୍ଦନ ଜଣାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୨୧ ପରେ ଏହି ଖୋସାମଦଭାବ ତାଙ୍କ ମନରୁ ଅପସାରିତ ହୋଇ ଆସିଥିଲା ଇଂରେଜ ଶାସନ ବିରୁଦ୍ଧରେ ତୀବ୍ର ବିରୋଧଭାବ । ୧୯୨୧ ବେଳକୁ ଅସହଯୋଗ ଆନ୍ଦୋଳନର ଆହ୍ୱାନ ଆସିଯାଇଛି, ଓଡ଼ିଶାର ଛାତ୍ରସମାଜ ଗୋପବନ୍ଧୁଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ସମଗ୍ର ଭାରତକୁ ବ୍ରିଟିଶ କବଳରୁ ମୁକ୍ତ ହେବାପାଇଁ "ଭାରତୀ-ମନ୍ଦିର" ଜରିଆରେ ଆନ୍ଦୋଳନ ଆରମ୍ଭ କରିଦେଇଛନ୍ତି । ଓଡ଼ିଶା କଂଗ୍ରେସ ସମ୍ମିଳନୀରେ ଯୋଗଦେଇଛି । ଗୋପବନ୍ଧୁ ଚକ୍ରଧରପୁର-ସମ୍ମିଳନୀରେ ବିଶାଳଭାରତର ସ୍ୱାଧୀନତା ପାଇଁ ପ୍ରସ୍ତାବ ବାଢ଼ିଛନ୍ତି, ସର୍ବୋପରି ୧୯୨୧ ମସିହାରେ ମହାତ୍ମାଗାନ୍ଧିଙ୍କର ଉତ୍କଳ ଆଗମନ ଏହି ବିପ୍ଳବକୁ ବହୁଗୁଣିତ କରିଦେଇଛି । ସମଗ୍ର ଉତ୍କଳରେ ତାର ଚେତନା ଖେଳିଯାଇଛି ଏବଂ ଗଙ୍ଗାଧର ଏହି

http://oaob.nitrkl.ac.in

ଆନ୍ଦୋଳନରେ ପ୍ରଭାବିତ ହୋଇ ଅଛନ୍ତି । ଦୁଇଶହ ବର୍ଷର ଇଂରେଜ ଶୋଷକଙ୍କର କ୍ରୂର ଶାସନର ପ୍ରସ୍ତର ସ୍ତୂପତଳେ ନିଷ୍ପେଷିତ କୋଟି ଶୋଷିତର ପ୍ରତିନିଧି ସ୍ୱରୂପ ଏକ ସମ୍ବେଦନଶୀଳ ବିଶାଳ କ୍ଷୁବ୍ଧ ଆତ୍ମା ଗର୍ଜନକରି ଉଠିଛି । ସେ 'ଭାରତୀଭବନା' ମାଧ୍ୟମରେ ଇଂରେଜଶାସନ ବିରୁଦ୍ଧରେ ଯେଉଁ ବାକ୍ୟବାଣ ହାଣିଛନ୍ତି ତାହା ସମସାମୟିକ ଅନ୍ୟାନ୍ୟ କବିମାନଙ୍କ ନିକଟରେ ମିଳେନାହିଁ କହିଲେ ଚଳେ । "ଭାରତୀଭାବନା" ଗୀତି କବିତାଟିରେ ବହିରଙ୍ଗ ଅର୍ଥରେ କୃଷ୍ଣଙ୍କର ବିରହରେ ଗୋପୀ "ଭାରତୀ କିଶୋରୀ"ଙ୍କ କାରୁଣ୍ୟଭରା ବିଳାପ ପ୍ରକାଶ ପାଇଥିଲେ ହେଁ ଏହି ଅର୍ଥର ମୁଖାତଳେ ତାର ପ୍ରକୃତ ଅନ୍ତରଙ୍ଗ ଅର୍ଥ ଯାହାଦେଦୀପ୍ୟମାନ, ତାହା ପ୍ରକୃତରେ ଗୋପୀର କାରୁଣ୍ୟଭରା ବିଳାପ ନୁହେଁ ଭାରତର କୋଟି ଜନତାର ବିଦେଶୀ ଇଂରେଜଶାସନ ପ୍ରତି ତୀବ୍ର ସମାଲୋଚନା ଓ କଟୂକ୍ତି । ଦ୍ୟର୍ଥବୋଧକ ଶବ୍ଦ ସଂଯୋଜନା ମାଧ୍ୟମରେ ସେ ସମୟର ଇଂରେଜ ପ୍ରଭାବିତ ଭ୍ରଷ୍ଟସମାଜର ଚିତ୍ରଣ କରିବା ସଂଗେ ସଂଗେ ସେ ସମକାଳୀନ ପଞ୍ଜାବ ବିଦ୍ରୋହ, ବ୍ରିଟିଶଙ୍କର ଦୁଃଶାସନର ସୂକ୍ଷ୍ମ ଚିତ୍ରଣ କରିଛନ୍ତି । ସେ ନିର୍ଭିକଭାବରେ ଇଂରେଜଙ୍କ ବିରୁଦ୍ଧରେ ସ୍ୱର ଉଠାଇଛନ୍ତି—

"ଡାକିତ ନଥିଲୁ ତୁମ ଘରଯାଇ ଆସିଥିଲ ନିଜ ଲୋଭରେ
ସରଳ ହୃଦୟମଣି ଯିନା ଘରେ ରଖିଥିଲୁଁ ଅତି ସ୍ନେହାଦରେ
ଗୋପେନ୍ଦ୍ର କହିବ କଲ ଉପକାର
ଯାହା କରିଅଛ ନିଜ ସ୍ୱାର୍ଥପାଇଁ ନଥିଲା ଆମ୍ଭ ଦରକାର
ତୁମ୍ଭର ଆଗରେ ତୁମ୍ଭର ପରିଏ ମୁଷଲମାନ ଥିଲେ ଆସି
ଗୋପନ ସ୍ୱଭାବ ହେଲେ ହେଁ ଆମ୍ଭର ସମସ୍ତ ଥିଲେ ତାହାଁ ଗ୍ରାସି

http://oaob.nitrkl.ac.in

କର ସେ, ନଥିଲେ ବସନ ହରଣ
ଦ୍ରୁପଦ ସୁତା ଚନ୍ଦ୍ରକାର ପାଶ କର ନଥିଲେ ସେ ପ୍ରେରଣ ।'

Elegy ବା ଶୋକ କବିତାରେ ମଧ୍ୟ କବି ଗଙ୍ଗାଧର କୃତିତ୍ୱ ଦେଖାଇଛନ୍ତି । ଇଂରେଜି ସାହିତ୍ୟରେ "Elegy written in a Country churchyard," "dycidas," "Adonias"ପ୍ରଭୃତିର ସାହିତ୍ୟିକ ଆବେଦନ ଚିରନ୍ତନ, ବିଶିଷ୍ଟ ବ୍ୟକ୍ତି, ସାଥୀ, ଦେଶପ୍ରେମୀ, କବି, ଶିଳ୍ପୀଙ୍କ ବିୟୋଗରେ ସମଧର୍ମୀ ଅନ୍ୟଏକ ସ୍ରଷ୍ଟାପ୍ରାଣରେ ଯେଉଁ ବ୍ୟାକୁଳ ବେଦନା ଆଲୋଡ଼ିତ ହୁଏ ତାର ଉଜ୍ଜ୍ୱଳ ରୂପ ଏହି ଶୋକ—ଗୀତିରେ ପ୍ରକାଶ ପାଏ । ଗଙ୍ଗାଧରଙ୍କର "ସ୍ୱର୍ଗୀୟ କବିବର ରାଧାନାଥ ରାଏ," "ଫକୀରମୋହନଙ୍କର ମୃତ୍ୟୁଶଯ୍ୟା ନିକଟରେ ଉତ୍କଳମାତାର ରୋଦନ," "ସ୍ୱର୍ଗୀୟ କାଶୀପଣ୍ଡା," "ମଧୁସୂଦନ ରାଓଙ୍କର ସ୍ୱର୍ଗାରୋହଣ" ଗୀତିକବିତା ମଧ୍ୟରେ ଯେଉଁ କାରୁଣ୍ୟ ପ୍ରକାଶପାଇଛି ତାହା ପ୍ରତି ପାଠକ ପ୍ରାଣକୁ ଅଶ୍ରୁରେ ଆପ୍ଲୁତ କରେ । ତନ୍ମଧ୍ୟରେ ଫକୀରମୋହନଙ୍କ ମୃତ୍ୟୁବିଷୟରେ ଲିଖିତ ହୋଇଥିବା କବିତାଟି ଅନବଦ୍ୟ, ସରଳଭାଷା ମଧ୍ୟରେ ଉତ୍କଳ ଜନନୀର ବେଦନାଭରା ପ୍ରାଣର ଆବେଗ ଯେଉଁପରିଭାବରେ ରୂପ ପାଇଛି ମନେହୁଏ ଅନ୍ୟାନ୍ୟ କବିଙ୍କର ଲେଖାରେ ସେପରି ଆବେଗ ମିଳେନାହିଁ । ପ୍ରମାଣ ସ୍ୱରୂପ ଉକ୍ତ କବିତାରେ;

"ଆହା ଫକୀର ମୋର ରତ୍ନମଣି ଧନ
କିମ୍ପା ରହିଲୁ ପଡ଼ି ମୁଦି ନୟନ,

http://oaob.nitrkl.ac.in

ଆକୁଳେ ଡାକୁଅଛି ମୁଁ ତୋ ଜନମ
କମା ନଜୁଠୁ ଏତ ନୁହେଁ ରଜନୀରେ ।

\+ \+ \+ \+

ଏ ରୂପେ ବଧୂ ମଧୂ ଗଲେତ କାହିଁ
ଯେତେ ଡାକଲେ ପଦେ ଶୁଣିଲେ ନାହିଁ
ତୁ ଏବେ ମୋ ଡାକକୁ ହେଲୁ ବଧୀର
କଏ ପୋଛୁବ ମୋର ନୟନ ନୀରରେ ।"

ଏହାଠାରୁ ମର୍ମସ୍ପର୍ଶୀ ବିଳାପ କଣ ଥାଇପାରେ ? Sonnet ବା ଚତୁର୍ଦ୍ଦଶପଦୀ କବିତା ରଚନା ଇଂରେଜୀ ସାହିତ୍ୟ ପ୍ରଭାବରେ ଓଡ଼ିଆ ସାହିତ୍ୟକୁ ଆସିଛି । ଏହାର ପ୍ରଥମ ପ୍ରବର୍ତ୍ତକ ମଧୁସୂଦନ ରାଓ ଏବଂ ଏହି କବିତାଧାରାର ଆଦର୍ଶରେ ସମସାମୟିକ ବହୁକବି ସନେଟ ଲେଖିଛନ୍ତି । ଗଙ୍ଗାଧରଙ୍କର 'ସମ୍ବଲଇ ଦେବୀସ୍ତୁତି' 'ଏଭାରେଷ୍ଟ' 'ପ୍ରଧାନପାଟ', 'ବୁଢ଼ାରଜା,' 'ନୀଳ ପାହାଡ଼,' 'ପାହେଁୟୁ ଘାଟ' ପ୍ରଭୃତି ସନେଟ ବିଶେଷ ଉଲ୍ଲେଖ ଯୋଗ୍ୟ । ସେଗୁଡ଼ିକ 'କଖ, କଖ, ଗଘ; ଙଚ, ଙଚ, ଙଚ, ଛଛ,' ଏହି ମାତ୍ରାରେ ଲେଖାଯାଇଛି । ଅଳ୍ପ ଅବୟବ ଭିତରେ ବଳିଷ୍ଠ ଭାଷା ସଂଯୋଜନଦ୍ୱାରା ଭାବତତ୍ତ୍ୱର ପ୍ରକାଶ ଏ ଗୁଡ଼ିକରେ ହୋଇଅଛି ।

ଅନ୍ୟାନ୍ୟ ଗୀତି କବିତା ମଧ୍ୟରେ ନର ଓ ମୟୂର ଖଦ୍ୟୋତର ଖେଦ, 'ଅନ୍ଧକାରର ଆତ୍ମପ୍ରସାଦ' 'ସୂର୍ଯ୍ୟଚନ୍ଦ୍ରଦୀପ' 'ମହା ଅନ୍ଧକାର'

http://oaob.nitrkl.ac.in

କର୍ମଗୁଣ ପ୍ରଭୃତି ପାଠକଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । ଏ ଗୁଡିକ ସାଧାରଣତଃ ଚିନ୍ତାମୂଳକ, ଗଭୀର ଆତ୍ମଦର୍ଶନ ପ୍ରସୂତ ଏବଂ ନୀତିଶିକ୍ଷା ପୂର୍ଣ୍ଣ, ଗଙ୍ଗାଧର ଭୂଲିଆ ଜାତିର ଥିଲେ, ଶିକ୍ଷା ତାଙ୍କର ଥିଲା ଅଳ୍ପ ଶିକ୍ଷିତ ଏବଂ ଉନ୍ନତ ହିନ୍ଦୁ ସମାଜରେ ତାଙ୍କୁ ସମ୍ମାନ କରିବାକୁ କମ ଥିଲେ । ଜୀବନର ଦୈନ୍ୟ, ଜାତିଗତ କ୍ଷୁଦ୍ରତା, ଅଳ୍ପ ଶିକ୍ଷାର ନମ୍ରତା ଥିଲେ ମଧ୍ୟ ତାଙ୍କର ପ୍ରାଣରେ ଥିଲା ବିରାଟ ଆଶା, ଉଜ୍ଜ୍ୱଳ ସ୍ପୃହା । ସେ ଭାବୁଥିଲେ, ଉଚ୍ଚହେବାକୁ ହେଲେ ଜାତିଗତ ଉଚ୍ଚତାର ମୂଲ୍ୟ କିଛିନାହିଁ,

କାରଣ—

"ଉଚ୍ଚ ସେହୁ ଉଚ୍ଚ କର୍ମ କରେ ଯେଉଁ ଜନ,
କର୍ମର ନିମନ୍ତେ ନାହିଁ ବଂଶ ପ୍ରୟୋଜନ ।"
(କର୍ମଗୁଣ)

ପୁନଶ୍ଚ, କେବଳ ଯେ ଉନ୍ନତ ଜାତି ବିଶ୍ୱର ସମ୍ମାନ ପାଇବାପାଇଁ ହକଦାର ଏବଂ ସେହି ମାନେ ହିଁ କେବଳ ଜାତିର ଭାଗ୍ୟକୁ ନିୟନ୍ତ୍ରଣ କରିବେ ତାର ଅର୍ଥ କିଛି ନୁହେଁ । ଆପଣାର ସାଧନା ଆତ୍ମୋତ୍ସର୍ଗ ଫଳରେ ଯେ କୌଣସି ସାଧାରଣ, ତଥାକଥିତ ସମାଜରେ ଘୃଣ୍ୟ ଉନ୍ନତ କର୍ମ କରି ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରେ । ଏଣୁ ସେ ଲେଖିଛନ୍ତି, "ଅଦ୍ୱିଜର ହୋଇପାରେ ଦ୍ୱିଜ ପରାକ୍ରମ,

.

ବୁଧ ନୁହେଁ କାହାପାଇଁ ବ୍ରକୁଳର ଧର୍ମ । (ଚନ୍ଦ୍ର ରଜନୀ)

ସେ ଖଦ୍ୟୋତ ଚରି କ୍ଷୁଦ୍ରଜୀବ ହୋଇ ପାରନ୍ତି କିନ୍ତୁ ଯେଉଁ ସ୍ପୃହା ଟିକିକ ତାଙ୍କଠାରେ ଥିଲା ସେତିକରେ ଆଜି ଏହି ଓଡ଼ିଶାରେ

http://oaob.nitrkl.ac.in

କୋଟି ପ୍ରାଣରେ ପ୍ରଦୀପ ଜାଳି ଦେଇଛନ୍ତି । ତାଙ୍କ କବିତା ଓ ଆଦର୍ଶ ଏକ ଘାଟାପୂନ, ଏଣୁ ସେ ସମାଜ ପାଖରେ ଅନୁରୋଧ କରି ଅଛନ୍ତି ।

"ନକର ମାନବେ କ୍ଷୁଦ୍ରଜୀବେ ଉପହାସ
ନଜର ଜୀବନ ଜୋତି କର ପରକାଶ ।"
(ଖଦ୍ୟୋତର ଖେଦ)

ସେ ଅନ୍ଧକାରର ସ୍ତୁତି ଗାଇଛନ୍ତି, ଗଭୀର ଅନ୍ଧକାର ମଧ୍ୟରେ ଆଲୋକର ସନ୍ଧାନ ପାଇଛନ୍ତି । 'ମହାନ୍ଧକାର' କବିତା ଏହାର ଅନ୍ୟତମ ବିଶିଷ୍ଟ ଉଦାହରଣ ।

କବିଙ୍କର ଲିଖିତ 'କୃଷକର ସଙ୍ଗୀତ'ରେ ଗୀତି କବିତାର ଉତ୍କୃଷ୍ଟ ସ୍ୱରୂପ ନାହିଁ । ଏ ଗୁଡ଼ିକରେ କେବଳ ଗୀତିମୟତା ଅଛି ସିନା, ଭାବଗାମ୍ଭୀର୍ଯ୍ୟ ନାହିଁ ।

ଗଙ୍ଗାଧରଙ୍କର ବିଭିନ୍ନ କାବ୍ୟରେ ମଧ୍ୟ ଗୀତିକବିତାର ମହତ୍ତ୍ୱ ଉପଲବ୍ଧି ହୁଏ । ତାଙ୍କର ସର୍ବଶ୍ରେଷ୍ଠ 'ତପସ୍ୱିନୀ' କାବ୍ୟ ପ୍ରାଚୀନ ପରମ୍ପରାର ଅନୁସରଣରେ ପ୍ରତ୍ୟେକ ସର୍ଗ ନୂତନ ଛନ୍ଦରେ ରଚିତ । 'ରମକେଶୀ, ଋଷିକୁଲ୍ୟା' 'କଲହଂସ କେଦାର' 'କାମୋଦୀ' 'ବ୍ରେଷ୍ଣୀ' ପ୍ରଭୃତି ରାଗ ଅତି ପ୍ରସିଦ୍ଧ, ଏଥିର ଗୀତିମୟତା ପାଠକ ପ୍ରାଣ ଆକର୍ଷଣ କରେ ।

କବିଙ୍କର ଗୀତିକବିତା ଗଠନ ଏ ମତ ଦ ବିଶ୍ଳେଷଣ କଲେ ଜଣାଯାଏ, ସେ Elegy, Sonnet ବ୍ୟତୀତ ଅମିତ୍ରାକ୍ଷର ଛନ୍ଦରେ

http://oaob.nitrkl.ac.in

ମଧ୍ୟ ଗୀତ କବିତା ରଚନା କରିଛନ୍ତି । ଅହଲ୍ୟାସ୍ତବରେ ସଂସ୍କୃତ 'ଶାର୍ଦ୍ଦୂଳ ବିକ୍ରୀଡ଼ିତ' ଛନ୍ଦ ପ୍ରୟୋଗ ହୋଇଛି ।

"ପୃଥ୍ୱୀମଣ୍ଡଳବନ୍ଦ୍ୟ ଜଗତପତି ହେ ଭକ୍ତଙ୍କ ମୁକ୍ତିଖଣି
ସଂସାରାର୍ଣ୍ଣବ ପାରକାରକକୁ ପଟ୍ଟୁ କୈବର୍ତ୍ତ ଚୂଡ଼ାମଣି
ସାଧୁ ପାଳନ ଦୁଷ୍ଟନାଶ କରଣେ ସମ୍ଭୂତ ଭୂତଳେ
ତୁମ୍ଭ ଶ୍ରୀଚରଣାମ୍ବୁଜେ ରହୁ ସଦା ଚଞ୍ଚଳ ମୋ ନିଶ୍ଚଳେ ।"

ବଣମଲ୍ଲି ବଣରେ ଫୁଟି ଝଡ଼ିଯାଏ, ସାଗର କୋଳରେ ମଣି ଲୁଚି ରହିଯାଏ । ତାକୁ କେହି ସନ୍ଧାନ କରନ୍ତି ନାହିଁ । ଓଡ଼ିଶାରେ କେତେ କବି କାହିଁ ଲୁଚି ହଜି ଯାଇଛନ୍ତି, ତାଙ୍କୁ କେହି ଆଲୋକରେ ଟେକି ଧରିବା ଉଦ୍ୟମ କରୁନାହାନ୍ତି । ଦୈନ୍ୟ, ରୋଗ, ଅଭାବ ମଧ୍ୟରେ ସେମାନେ ଯେଉଁ ସଙ୍ଗୀତ ଶୁଣାଇ ଯାଇଛନ୍ତି, ତାର ଆବିଷ୍କାର ହେଉନାହିଁ । ତଥାପି ଆଜି ଗଙ୍ଗାଧରଙ୍କ ଶତବାର୍ଷିକୀ ପାଳନ କରିବା ବେଳେ ମନେହୁଏ ଏ ଜାତି ଜାଗିଉଠିଲା ପରି !

ଅଭ୍ୟୁଦୟ ସାହିତ୍ୟ ସମାଜ ଆନୁକୂଲ୍ୟରେ ପ୍ରକାଶିତ
ଓଡ଼ିଆ ସାହିତ୍ୟରେ ଅଭିନବ ଆଲୋଚନା ପୁସ୍ତକ

"ସାହିତ୍ୟରେ ରହସ୍ୟବାଦ"

—ସଂକଳନ—

ଶ୍ରୀ ପଠାଣି ପଟ୍ଟନାୟକ ଏମ୍. ଏ.
ଶ୍ରୀ ଭୋଳାନାଥ ରାଉତ ଏମ୍. ଏ.

ଅଭ୍ୟୁଦୟ ସାହିତ୍ୟ ସମାଜର ତୃତୀୟ ଅବଦାନ
ପ୍ରକାଶ ଅପେକ୍ଷାରେ

ଓଡ଼ିଆ
ଉପନ୍ୟାସ ପରିଚୟ

ଷୁଳଶ ଗୋଟି ଅଧ୍ୟାୟକୁ ସମୃଦ୍ଧ କରିଛନ୍ତି ଓଡ଼ିଆ ସାହିତ୍ୟର
ବହୁ ପ୍ରବୀଣ ଏବଂ ଉଦୀୟମାନ ଆଲୋଚକ ଗଣ—

http://oaob.nitrkl.ac.in

ଏକମାତ୍ର ପରିବେଷକ :—

ପ୍ରଗତି ପବ୍ଲିଶର୍ସ

ବାଙ୍କାବଜାର, କଟକ—୨

http://oaob.nitrkl.ac.in